# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org




ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


Vol.13, Issue.108, Thursday, 6 August 2026, Puri, Pages - 20, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୮, ଗୁରୁବାର, ୬ ଅଗଷ୍ଟ ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.108, Thursday, 6 August 2026, Puri, Pages - 20, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୮, ଗୁରୁବାର, ୬ ଅଗଷ୍ଟ ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



Vol.13, Issue.108, Thursday, 6 August 2026, Puri, Pages - 20, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୮, ଗୁରୁବାର, ୬ ଅଗଷ୍ଟ ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


# ପ୍ରବଳ ହଟ୍ଟଗୋଳରେ ବ୍ୟାଙ୍କର୍ସ ବୁକ୍ସ ବିଲ୍ ପାରିତ

## ବ୍ୟାଙ୍କ୍‌ର ଇଲେକ୍ଟ୍ରୋନିକ୍ ରେକର୍ଡକୁ ସାକ୍ଷ୍ୟଭାବେ ଉପସ୍ଥାପନ କରିବା ହେବ ସହଜ



**ନୂଆଦିଲ୍ଲୀ:** ବିରୋଧୀ ଦଳର ହଟ୍ଟଗୋଳ ମଧ୍ୟରେ ବୁଧବାର ଲୋକସଭାରେ କୌଣସି ଆଲୋଚନା ବିନା ବ୍ୟାଙ୍କର୍ସ ବୁକ୍ସ ଏଭିଡେନ୍ସ (ସଂଶୋଧନ) ବିଲ୍ ପାରିତ ହୋଇଛି । ଗୃହରେ ବିରୋଧୀ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ନାରାବାଜି କରୁଥିବା ବେଳେ ସରକାର ବିଲ୍‌ଟିକୁ ଧ୍ୱନିମତରେ ପାରିତ କରିଥିଲେ । ସୂଚନା ଅନୁସାରେ, ବିଲ୍‌ଟି ଲୋକସଭାରେ ଉପସ୍ଥାପନ ହେବାବେଳେ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରୁଥିବାରୁ ବିଲ୍ ଉପରେ ବିସ୍ତୃତ ଆଲୋଚନା ସମ୍ଭବ ହୋଇନଥିଲା । ଏହା ସତ୍ତ୍ୱେ ବାଚସ୍ପତିଙ୍କ ଅନୁମତିକ୍ରମେ ବିଲ୍‌ଟିକୁ ଧ୍ୱନିମତରେ ପାରିତ କରାଯାଇଥିଲା । ଏହି ସଂଶୋଧନ ବିଲ୍‌ର ଉଦ୍ଦେଶ୍ୟ ହେଉଛି ବ୍ୟାଙ୍କର ରେକର୍ଡ ଓ ହିସାବ ପୁସ୍ତକ ସମ୍ବନ୍ଧୀୟ ଆଇନକୁ ଡିଜିଟାଲ୍ ଯୁଗ ସହ ସାମଞ୍ଜସ୍ୟପୂର୍ଣ୍ଣ କରିବା । ବ୍ୟାଙ୍କଗୁଡ଼ିକରେ ଇଲେକ୍ଟ୍ରୋନିକ୍ ରେକର୍ଡ ଓ ଡିଜିଟାଲ୍ ଡକ୍ୟୁମେଣ୍ଟର ବ୍ୟବହାର ବଢ଼ିଥିବାରୁ ସେଗୁଡ଼ିକୁ ଆଇନଗତ ସାକ୍ଷ୍ୟ ଭାବେ ଅଧିକ ସ୍ପଷ୍ଟ ଭାବେ ସ୍ୱୀକୃତି ଦେବା ପାଇଁ ଏହି ସଂଶୋଧନ ଅଣାଯାଇଛି । ଏହା ଫଳରେ ଅଦାଲତରେ ବ୍ୟାଙ୍କର ଇଲେକ୍ଟ୍ରୋନିକ୍ ରେକର୍ଡକୁ ସାକ୍ଷ୍ୟ ଭାବେ ଉପସ୍ଥାପନ କରିବା ପ୍ରକ୍ରିୟା ଅଧିକ ସହଜ ହେବ ବୋଲି ସରକାର କହିଛନ୍ତି ।

### ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇଁ ରାଜ୍ୟସଭାରେ ବିଲ୍ ଗୃହୀତ

ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରିବା ସଂକ୍ରାନ୍ତ ବିଲ୍ ତଥା ସୁପ୍ରିମକୋର୍ଟ (ନମ୍ବର ଅଫ ଜଜେସ୍) ଆମେଣ୍ଡମେଣ୍ଟ ବିଲ୍, ୨୦୨୬ ଆଜି ରାଜ୍ୟସଭାରେ ବାଚନିକ ଭୋଟ୍‌ରେ ଗୃହୀତ ହୋଇଯାଇଛି । ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟାବୃଦ୍ଧି ନେଇ ପୂର୍ବରୁ ସରକାର ଆଣିଥିବା ଅଧ୍ୟାଦେଶକୁ ଆଇନରେ ପରିଣତ କରିବାପାଇଁ ଏହି ବିଲ୍ ଆସିଛି ।ରାଜ୍ୟସଭାରେ ଏହି ବିଲ୍ ଗୃହୀତ ହେବାପରେ ଏହାକୁ ଲୋକସଭାକୁ ଫେରାଯାଇଛି । କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ସହ ଏକ ବିସ୍ତୃତ ଆଲୋଚନା ପରେ ଏହି ବିଲ୍‌କୁ ଲୋକସଭାକୁ ଫେରାଯାଇଛି । ମେଘୱାଲ କହିଛନ୍ତି, ଏହା ନ୍ୟାୟପାଳିକା ସଂସ୍କାରର ଏକ ଅଂଶବିଶେଷ ଏବଂ ପଡ଼ି ରହିଥିବା ମାମଲା ଗୁଡ଼ିକର ଏହାଦ୍ୱାରା ଶୀଘ୍ର ସମାଧାନ ହୋଇପାରିବ । ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ହେବା ଦ୍ୱାରା ନ୍ୟାୟିକ ଦକ୍ଷତା ବୃଦ୍ଧି ଦିଗରେ ଏହା ଏକ ପଦକ୍ଷେପ ବୋଲି ସେ କହିଛନ୍ତି । ଉଲ୍ଲେଖଯୋଗ୍ୟ ଲୋକସଭାରେ ଗତ ସୋମବାର ଦିନ ଏହି ବିଲ୍‌ଟି ଗୃହୀତ ହୋଇ ସାରିଛି ।

# ବିନା ଦୋଷରେ ଜେଲ୍‌ରେ ୨୨ ବର୍ଷ

- ହାଇକୋର୍ଟଙ୍କ ଉପରେ ଅସନ୍ତୁଷ୍ଟ ସୁପ୍ରିମକୋର୍ଟ
- ଟ୍ରିପଲ୍ ମର୍ଡର ମାମଲାରେ ସଜା ଭୋଗୁଥିଲେ



**ନବରଙ୍ଗପୁର(ଅମୃତ ମିଡ଼ିଆ):** ଏକ ଟ୍ରିପଲ୍ ମର୍ଡର ମାମଲାରେ ନିର୍ଦ୍ଦୋଷ ହୋଇ ମଧ୍ୟ ଦୀର୍ଘ ୨୨ ବର୍ଷ କାରାଗାରରେ ବିତାଇବା ପରେ ଶେଷରେ ନ୍ୟାୟ ପାଇଛନ୍ତି ନବରଙ୍ଗପୁର ଜିଲ୍ଲା ହିର୍ଲି ଗାଁର ଅର୍ଜୁନ ଜାନି । ମଙ୍ଗଳବାର ସୁପ୍ରିମ୍ କୋର୍ଟ ତାଙ୍କୁ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ତାଙ୍କ ବିରୋଧରେ ଦାଖଲ ହୋଇଥିବା ପ୍ରମାଣଗୁଡ଼ିକ 'ଅବିଶ୍ୱସନୀୟ' ବୋଲି ଦର୍ଶାଇବା ସହ ଓଡ଼ିଶା ହାଇକୋର୍ଟଙ୍କ ଏକ ପ୍ରକ୍ରିୟାଗତ ତ୍ରୁଟି ଯୋଗୁଁ ଅର୍ଜୁନଙ୍କୁ ଆଉ ଅତିରିକ୍ତ ୧୦ ବର୍ଷ ଜେଲ୍‌ରେ ରହିବାକୁ ପଡ଼ିଲା ବୋଲି କହି ସର୍ବୋଚ୍ଚ ଅଦାଲତ ଗଭୀର ଚିନ୍ତା ଓ ଦୁଃଖ ପ୍ରକାଶ କରିଛନ୍ତି ।ଜଷ୍ଟିସ୍ ଜେ.ବି. ପାର୍ଡିୱାଲା ଏବଂ ଜଷ୍ଟିସ୍ କେ. ଭିନୋଦ ଚନ୍ଦ୍ରନ୍‌ଙ୍କ ପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି । କୋର୍ଟ କହିଛନ୍ତି ଯେ ସମାଜର ଅବହେଳିତ/ପଛୁଆ ବର୍ଗଙ୍କ ନିକଟରେ ନ୍ୟାୟ ଏବେ ବି ଅପହଞ୍ଚ ହୋଇ ରହିଯାଇଛି । ଏହାସହ ଅର୍ଜୁନଙ୍କ ପୁନର୍ବାସ ଏବଂ ସ୍ଥାୟୀ ରହିବା ବ୍ୟବସ୍ଥାରେ ଆବଶ୍ୟକ ସାହାଯ୍ୟ ଯୋଗାଇଦେବାକୁ ସୁପ୍ରିମ୍ କୋର୍ଟ ଜିଲ୍ଲା ପ୍ରଶାସନ ଏବଂ ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୦୪ରେ ତିନିଜଣଙ୍କୁ ହତ୍ୟା ମାମଲାରେ ଅର୍ଜୁନ ଜାନିଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା । ୨୦୦୬ରେ ଟ୍ରାଏଲ୍ କୋର୍ଟ (ନିମ୍ନ ଅଦାଲତ) ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ । ୨୦୧୬ (ଜାନୁଆରୀ ୧୧)ରେ ୩,୧୫୭ ଦିନର ଆବେଦନ ବିଳମ୍ବ ଦର୍ଶାଇ ଓଡ଼ିଶା ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ । ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପରେ ହାଇକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ସେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ, ଯାହା ପରେ ଗତ ମେ' ମାସରେ କୋର୍ଟ ତାଙ୍କୁ ଜାମିନ ଦେଇ ଆବେଦନ ଗ୍ରହଣ କରିଥିଲେ । ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଟ୍ରାଏଲ୍ କୋର୍ଟ ପ୍ରମାଣଗୁଡ଼ିକର ସଠିକ୍ ଆକଳନ କରିବାରେ ବିଫଳ ହୋଇଥିବା ବେଳେ ହାଇକୋର୍ଟ ପ୍ରକ୍ରିୟାଗତ କାରଣ ଦର୍ଶାଇ ଆବେଦନକୁ ଖାରଜ କରି କେବଳ 'ନୀରବ ଦ୍ରଷ୍ଟା' ସାଜି ରହିଗଲେ । କୋର୍ଟ ଆହୁରି କହିଛନ୍ତି ଯେ ୩୧୫୭ ଦିନର ବିଳମ୍ବକୁ ନାକଚ କରି ହାଇକୋର୍ଟ ଆବେଦନ ଖାରଜ କରିବା ନିଷ୍ପତ୍ତି ଆମକୁ ଅତ୍ୟନ୍ତ ଦୁଃଖିତ ଓ ଚିନ୍ତିତ କରିଛି । ଯେଉଁଠାରେ ଆଦେଶ ଆସିବା ବେଳକୁ ଅଭିଯୁକ୍ତ ୧୨ ବର୍ଷ ଜେଲ୍‌ରେ କାଟିସାରିଥିଲେ, ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ଯୋଗୁଁ ତାଙ୍କୁ ଆଉ ୧୦ ବର୍ଷ ଅତିରିକ୍ତ ଜେଲ୍ ଭୋଗିବାକୁ ପଡ଼ିଲା । କୌଣସି ନିର୍ଭରଯୋଗ୍ୟ ପ୍ରମାଣ ନଥାଇ ଜଣେ ନିରୀହ ବ୍ୟକ୍ତି ନିଜ ଜୀବନର ୨୨ ବର୍ଷ କାରାଗାର ଭିତରେ ବିତାଇଦେଲେ ।

## ମଧ୍ୟାହ୍ନଭୋଜନ ଖାଇ ଛାତ୍ର ମୃତ

**ଢେଙ୍କାନାଳ(ଅମୃତ ମିଡ଼ିଆ):** ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କର ମୃତ୍ୟୁ ଘଟିଛି । ଘଟଣାଟି ଢେଙ୍କାନାଳ ଜିଲ୍ଲା ଭୁବନ ଉଚ୍ଚ ବିଦ୍ୟାଳୟର । ମୃତ ଛାତ୍ରଙ୍କ ନାଁ ମଙ୍ଗରାଜ ସାଥୁଆ ମହାପାତ୍ର । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ସବୁଦିନ ଭଳି ଆଜି ମଙ୍ଗରାଜ ବିଦ୍ୟାଳୟକୁ ଆସିଥିଲେ । ଶ୍ରେଣୀ ଗୃହରେ ସେ ଠିକ୍‌ଠାକ୍ ଥିଲେ । ମଧ୍ୟାହ୍ନ ଭୋଜନ ସମୟରେ ସେ ଅନ୍ୟ ଛାତ୍ରଛାତ୍ରୀଙ୍କ ସହିତ ବସି ଖାଇଥିଲେ । କିନ୍ତୁ ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ । ସେ ହଠାତ୍ ଥରିବା ସହିତ ବାନ୍ତି କରିଥିଲେ । ସ୍କୁଲର ଦୁଇ ଜଣ ଶିକ୍ଷକ ସଙ୍ଗେ ସଙ୍ଗେ ମଙ୍ଗରାଜଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତେବେ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଲା, ତାହା ସଠିକ୍ ଭାବେ ଜଣାପଡ଼ିନାହିଁ । ଖବର ପାଇ ଡାକ୍ତରଖାନାରେ ପହଞ୍ଚିଥିଲେ ଭୁବନ ଗୋଷ୍ଠୀ ଶିକ୍ଷା ଅଧିକରୀ । ସେ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି । କେଉଁ ପରିସ୍ଥିତିରେ ଛାତ୍ରଙ୍କର ମୃତ୍ୟୁ ହେଲା, ସେ ନେଇ ବିଇଓ ତଦନ୍ତ କରୁଥିବା ଜଣାପଡ଼ିଛି ।

# ପ୍ରଥମଶ୍ରେଣୀ ପାଠ୍ୟପୁସ୍ତକରେ ତ୍ରୁଟି

- କୌଣସି ଯଥାର୍ଥତା ନାହିଁ: ଗଣଶିକ୍ଷା ବିଭାଗ
- ସଂଶୋଧନ ପରେ ଖୁବ୍‌ଶୀଘ୍ର ମିଳିବ ନୂଆବହି




**ଭୁବନେଶ୍ୱର(ବ୍ୟୁରୋ):** ପ୍ରଥମ ଶ୍ରେଣୀ ପାଠ୍ୟପୁସ୍ତକରେ ତ୍ରୁଟି ରହିଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ନେଇ ରାଜ୍ୟ ସରକାର ମୁହଁ ଖୋଲିଛନ୍ତି । ସ୍କୁଲ ଓ ଗଣଶିକ୍ଷା ବିଭାଗ ଆଜି ନିଜର ଅଫିସିଆଲ 'ଏକ୍ସ' ହ୍ୟାଣ୍ଡଲରେ ଏହି ଖବରର କୌଣସି ଯଥାର୍ଥତା ନାହିଁ ବୋଲି କହିଛି । ଶିକ୍ଷାବିତ୍ ଓ ବିଷୟ ବିଶେଷଜ୍ଞମାନଙ୍କ ମତାମତ ଆଧାରରେ ସଂଶୋଧନ କାର୍ଯ୍ୟ ଚାଲିଛି ଓ ଏହା ସମ୍ପୂର୍ଣ୍ଣ ହେବାପରେ ଖୁବଶୀଘ୍ର ଛାତ୍ରଛାତ୍ରୀମାନଙ୍କୁ ସଂଶୋଧିତ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ ବୋଲି ବିଭାଗ ସ୍ପଷ୍ଟ କରିଛି । ଇଂରାଜୀ ମାଧ୍ୟମ ଘରୋଇ ସ୍କୁଲଗୁଡ଼ିକରେ ପଢ଼ାଯାଉଥିବା ପ୍ରଥମ ଶ୍ରେଣୀ ପାଠ୍ୟପୁସ୍ତକ 'ଝୁଲଣା-୧'ରେ ବ୍ୟାପକ ତ୍ରୁଟି ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ରାଜ୍ୟ ସରକାର ଆଜି ନିଜର ସ୍ପଷ୍ଟୀକରଣ ଦେଇଛନ୍ତି । ସୂଚନା ଅନୁସାରେ, ଇଂରାଜୀ ମାଧ୍ୟମ ଘରୋଇ ସ୍କୁଲଗୁଡ଼ିକରେ ପଢ଼ାଯାଉଥିବା ପ୍ରଥମ ଶ୍ରେଣୀ ଓଡ଼ିଆ ପାଠ୍ୟପୁସ୍ତକ 'ଝୁଲଣା-୧'ରେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣକୁ ନେଇ ତ୍ରୁଟିପୂର୍ଣ୍ଣ ତଥ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି । ବହିର ସୂଚୀପତ୍ର ପୂର୍ବରୁ ଥିବା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର 'ଘନ ଘନ ବନଭୂମି' ପଦକୁ 'ଘନ ବନଭୂମି' ଲେଖାଯାଇଥିବା ଓ ଜାତୀୟ ସଙ୍ଗୀତରେ 'ଉତ୍କଳ' ଶବ୍ଦକୁ 'ଉତ୍ଲଳ' ଲେଖାଯାଇଛି । ତେବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଏପର୍ଯ୍ୟନ୍ତ ପିଲାଙ୍କୁ ଦିଆଯାଇନାହିଁ । କେବଳ ଅଭିଭାବକ ଓ ଶିକ୍ଷକମାନଙ୍କୁ ଏହି ପାଠ୍ୟପୁସ୍ତକର ପିଡିଏଫ କପି ପଠାଯାଇ ତାକୁ ପ୍ରିଣ୍ଟ କରିବା ପାଇଁ କୁହାଯାଇଥିବା ଅଭିଯୋଗ ହୋଇଛି । ସ୍କୁଲଗୁଡ଼ିକୁ ସଂଶୋଧିତ ପୁସ୍ତକ ଦିଆଯିବା ପରିବର୍ତ୍ତେ ୧୭୧ ପୃଷ୍ଠାର ପିଡିଏଫ ଫାଇଲ ପଠାଯାଉଥିବାରୁ ଅଭିଭାବକମାନେ ଟଙ୍କା ଖର୍ଚ୍ଚ କରି ଏହାର ପ୍ରିଣ୍ଟ କାଢ଼ିବାକୁ ବାଧ୍ୟ ହେଉଛନ୍ତି । ଘରୋଇ ସ୍କୁଲର ଶିକ୍ଷକମାନଙ୍କ କହିବା ଅନୁସାରେ, ଉପରୁ ଯାହା ନିର୍ଦ୍ଦେଶକ ଆସୁଛି ତାକୁ ସେମାନେ ବାଧ୍ୟ ହୋଇ ପଢ଼ାଉଛନ୍ତି । ତେବେ ତ୍ରୁଟିପୂର୍ଣ୍ଣ ତଥ୍ୟ ଥିବାରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭ୍ରମାତ୍ମକ ଶିକ୍ଷା ପ୍ରସାରିତ ହେବାର ଭୟ ରହିଛି । ଅଭିଭାବକ ଓ ଶିକ୍ଷକମାନଙ୍କୁ ଦିଆଯାଇଥିବା ଏହି ପିଡିଏଫ(ବହି) ଏସସିଇଆରଟି ଦ୍ୱାରା ପ୍ରସ୍ତୁତ ହୋଇଛି ଓ ସେଥିରେ କେତେକ ଶିକ୍ଷାବିତ୍ ଓ ବିଶେଷଜ୍ଞଙ୍କ ନାଁ ମଧ୍ୟ ଉଲ୍ଲେଖ ରହିଛି । ତେଣୁ ଏଭଳି ତ୍ରୁଟି କିପରି ହେଲା ସେନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି । ତେବେ ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବାପରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଆଗକୁ ଆସିଛି । ବିଭାଗ ସ୍ପଷ୍ଟ କରିଛି ଯେ, ସଂଶୋଧିତ ପାଠ୍ୟପୁସ୍ତକରେ ତ୍ରୁଟି ଥିବା ନେଇ ପ୍ରଚାର କରାଯାଉଥିବା ଖବରର କୌଣସି ଯଥାର୍ଥତା ନାହିଁ । ପାଠ୍ୟପୁସ୍ତକଗୁଡ଼ିକୁ ସମ୍ପୂର୍ଣ୍ଣ ନିର୍ଭୁଲ ଓ ଗୁଣାତ୍ମକ କରିବା ପାଇଁ ଶିକ୍ଷାବିତ୍ ଓ ବିଷୟ ବିଶେଷଜ୍ଞମାନଙ୍କ ପ୍ରତ୍ୟକ୍ଷ ତଦାରଖରେ ସଂଶୋଧନ କାର୍ଯ୍ୟ ଏବେ ଜାରି ରହିଛି । ଖୁବଶୀଘ୍ର ଛାତ୍ରଛାତ୍ରୀମାନଙ୍କୁ ସଂଶୋଧିତ ପୁସ୍ତକ ଯୋଗାଇ ଦିଆଯିବ ବୋଲି ବିଭାଗ କହିଛି ।

### ମୁଖ୍ୟମନ୍ତ୍ରୀ କ୍ୟାନ୍‌ସର କେୟାର ଅଭିଯାନ

## ଆଉ ୯୧ ସ୍ୱତନ୍ତ୍ର ପ୍ୟାକେଜ ସାମିଲ

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ କର୍କଟ ରୋଗୀମାନଙ୍କୁ ଅଧିକ ବ୍ୟାପକ, ସମୟୋପଯୋଗୀ ଓ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା ଦିଗରେ ଓଡ଼ିଶା ସରକାର ଆଉ ଏକ ପଦକ୍ଷେପ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନ ଅଧୀନରେ ଥିବା ଅତିରିକ୍ତ ୯୧ଟି କ୍ୟାନସର ଚିକିତ୍ସା ପ୍ୟାକେଜକୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପି.ଏମ୍.ଜେ.ଏ.ୱାଇ.) ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ.)ର ସମନ୍ୱିତ ପ୍ୟାକେଜ ମାଷ୍ଟରରେ ସ୍ୱତନ୍ତ୍ର ରାଜ୍ୟ ପ୍ୟାକେଜ ଭାବେ ସାମିଲ କରାଯାଇଛି । ଏହା ଫଳରେ ରାଜ୍ୟର କ୍ୟାନସର ରୋଗୀମାନେ ଅଧିକ ସଂଖ୍ୟକ ଜଟିଳ ଚିକିତ୍ସା ସେବାକୁ ସମ୍ପୂର୍ଣ୍ଣ ଦେୟମୁକ୍ତ ଭାବେ ପାଇପାରିବେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ । ମନ୍ତ୍ରୀ କହିଛନ୍ତି ଯେ, କ୍ୟାନସର ପାଇଁ ରାଜ୍ୟ ସରକାର ନିଜ ଉଦ୍ୟମରେ ଦେୟମୁକ୍ତ ଚିକିତ୍ସା ଯୋଗାଇଦେବେ । ୨୦୨୬-୨୭ ବଜେଟରେ ଏଥି ନିମନ୍ତେ ୩୧୧ କୋଟି ପ୍ରବଧାନ କରାଯାଇଛି । ଗୋଷ୍ଠୀ ସଚେତନତା, ମୋବାଇଲ କ୍ୟାମ୍ପ, ଡିଜିଟାଲ-ହବ ଏବଂ ସ୍ପୋକ ମଡେଲ ଏବଂ ମାଗଣା ଯାତାୟତ ସୁବିଧା ନିମନ୍ତେ ଖର୍ଚ୍ଚ ହେବ । ଓଡ଼ିଶାରେ ଏ.ବି.ପି.ଏମ୍.ଜେ.ଏ.ୱାଇ. ଓ ଜି.ଜେ.ଏ.ୱାଇ.ର ସମନ୍ୱିତ କାର୍ଯ୍ୟକାରିତା ଆରମ୍ଭ ବେଳେ ଏହି ଯୋଜନାରେ ୨୧୬୩ଟି ଚିକିତ୍ସା ପ୍ୟାକେଜ ଉପଲବ୍ଧ ଥିଲା । ବର୍ତ୍ତମାନ ୯୧ଟି ନୂତନ ପ୍ୟାକେଜ ସାମିଲ ହେବା ପରେ ମୋଟ ଚିକିତ୍ସା ପ୍ୟାକେଜର ସଂଖ୍ୟା ୨୨୫୪ରେ ପହଞ୍ଚିଛି । କ୍ୟାନସର ଭଳି ଜଟିଳ ଓ ପ୍ରାଣଘାତୀ ରୋଗରେ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ, ଉପଯୁକ୍ତ ପରୀକ୍ଷା ଏବଂ ବୈଜ୍ଞାନିକ ଚିକିତ୍ସା ଅତ୍ୟନ୍ତ ଜରୁରୀ । ଏହି ରୋଗର ଚିକିତ୍ସା ସର୍ଜରୀ, କେମୋଥେରାପି, ରେଡିଏସନ, ଅଙ୍କୋଲୋଜି ଏବଂ ଅନ୍ୟାନ୍ୟ ବହୁ ବିଭାଗର ସମନ୍ୱିତ ଚିକିତ୍ସା ପଦ୍ଧତି ଉପରେ ନିର୍ଭରଶୀଳ । ସାଧାରଣ ଲୋକ ଏହି ରୋଗରେ ପୀଡ଼ିତ ହୋଇ ଖର୍ଚ୍ଚାନ୍ତ ହେଉଥିବାରୁ ଓଡ଼ିଶା ସରକାର ଏହାକୁ ଦୃଷ୍ଟିରେ ରଖି କ୍ୟାନସର ଚିକିତ୍ସା ପ୍ୟାକେଜକୁ ବୃହତ ସ୍ୱାର୍ଥ ଦୃଷ୍ଟିରୁ ସାମିଲ କରିଛନ୍ତି ।

### ସେ କହିଲେ...



୨୦୨୪ ଜୁଲାଇ-ଅଗଷ୍ଟ ମାସରେ ମୋ ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ହୋଇଥିବା ଜନଆନ୍ଦୋଳନ କୌଣସି ସ୍ୱାଭାବିକ ଛାତ୍ର ପ୍ରତିବାଦ ନଥିଲା । ଏହା ଗଣତାନ୍ତ୍ରିକ ପ୍ରକ୍ରିୟା ବାହାରେ ମୋ ସରକାରକୁ ହଟାଇ ଏକ ନୂତନ ଶାସନ ପ୍ରତିଷ୍ଠା କରିବା ପାଇଁ ଅତି ସୂକ୍ଷ୍ମ ଭାବେ ପ୍ରସ୍ତୁତ କରାଯାଇଥିବା ଏକ ଯୋଜନାବଦ୍ଧ ବୈଦେଶିକ ଅପରେସନ ଥିଲା । ଢାକା ପ୍ରଶାସନର ତୀବ୍ର ଆପତ୍ତି ସତ୍ତ୍ୱେ ଏହି କାର୍ଯ୍ୟକ୍ରମ ଏକ ବେସରକାରୀ ସଂସ୍ଥା ଦ୍ୱାରା ଆୟୋଜିତ ହୋଇଥିଲା, ଯେଉଁଥିରେ ଭାରତ ସରକାରଙ୍କ କୌଣସି ସମ୍ପୃକ୍ତି ନ ଥିଲା ।

**ଶେଖ୍ ହସିନା**
ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ

### ପଞ୍ଚାୟତ ଦଖଲ ଲାଗି କସରତ

# ମୈଦାନ ଖାଲି, ନବୀନ ନିବାସ ଚଳଚଞ୍ଚଳ

ପାଖେଇ ଆସୁଛି ପଞ୍ଚାୟତ ନିର୍ବାଚନ । ତିନି ପ୍ରମୁଖ ରାଜନୈତିକ ଦଳ ସମରସଜ୍ଜାରେ ମାତିଛନ୍ତି । ବିଜେପି ଓ କଂଗ୍ରେସ ମୈଦାନରେ ବୁଲି ସଂଗଠନ ସଜାଡୁଥିବା ବେଳେ ବିଜେଡିରେ ଚାଲିଛି ଅଜବ ରାଜନୀତି । ନେତା କର୍ମୀ ନବୀନଙ୍କୁ ଜିଲ୍ଲାକୁ ଡାକୁଛନ୍ତି, ନବୀନ ମଧ୍ୟ ପ୍ରତିଶୃତି ଦେଉଛନ୍ତି, ହେଲେ ନିର୍ବାଚନ ହାରିବାର ଦୁଇବର୍ଷ ବିତିଥିଲେ ବି ନବୀନ ମୈଦାନକୁ ଓହ୍ଲାଉ ନାହାନ୍ତି । ନବୀନ ନିବାସକୁ ନେତାମାନଙ୍କୁ ଡାକି ବିଭିନ୍ନ ରଣକୌଶଳ ପ୍ରସ୍ତୁତି କରୁଛନ୍ତି । ସମୟ ଆସିଲେ ମୈଦାନକୁ ଓହ୍ଲାଇବେ ବୋଲି ନବୀନ କହିଛନ୍ତି ।



- ଜିଲ୍ଲା ବୁଲିବାକୁ ଯାଉନାହାନ୍ତି ନବୀନ
- ଗ୍ରାଉଣ୍ଡରେ ମୁଖିଆଙ୍କୁ ଖୋଜୁଛନ୍ତି କର୍ମୀ
- ବିଜେପି ଓ କଂଗ୍ରେସର ଜୋର୍‌ଦାର ପ୍ରସ୍ତୁତି

ଭୁବନେଶ୍ୱର (ବ୍ୟୁରୋ)

ବିଜେଡିର ରଣନୀତି କ'ଣ ବୁଝିବା ମୁସ୍କିଲ । ଜିଲ୍ଲାକୁ ନ ଯାଇ ନବୀନ ନିବାସରେ ଚାଲିଛି ଦରବାର । ପଞ୍ଚାୟତ ନିର୍ବାଚନ ମୁହାଁ ହେଲେଣି ରାଜ୍ୟର ତିନି ରାଜନୈତିକ ଦଳ । ଶାସକ ଦଳ ପକ୍ଷରୁ ମୋର୍ଚ୍ଚା ସମ୍ଭାଳୁଛନ୍ତି ସଭାପତି ମନମୋହନ ସାମଲ । ବିଧାୟକଙ୍କଠାରୁ ଆରମ୍ଭ କରି ସାଂସଦଙ୍କୁ ପଞ୍ଚାୟତ ଟାସ୍କ ଦିଆଯାଇଛି । ସଂଗଠନ ସଜାଡିବା ଓ ଭୋଟରମାନଙ୍କୁ ଏକାଠି କରିବାରେ ଲାଗିଛି ବିଜେପି । କେନ୍ଦ୍ରୀୟ ନେତୃତ୍ୱ ଘନ ଘନ ଗସ୍ତ କରି ପଞ୍ଚାୟତ ସମୀକ୍ଷା କରୁଛନ୍ତି ।

ପିସିସି ସଭାପତି ମଧ୍ୟ ଜିଲ୍ଲା ଜିଲ୍ଲା ଗସ୍ତ କରି ପଞ୍ଚାୟତ କସରତ ଆରମ୍ଭ କରିଦେଇଛନ୍ତି । ହେଲେ ବିଜେଡି ମୁଖିଆ ନବୀନ ନିବାସରେ କେବଳ ସୀମିତ । ନା ନିଜ ନିର୍ବାଚନ ମଣ୍ଡଳୀକୁ ଓହ୍ଲାଉଛନ୍ତି ନା କୌଣସି ଜିଲ୍ଲା ଗସ୍ତ କରୁଛନ୍ତି । ଗ୍ରାଉଣ୍ଡରେ କର୍ମୀ ମୁଖିଆଙ୍କୁ ଖୋଜୁଛନ୍ତି, ହେଲେ ନିରାଶ କରୁଛନ୍ତି ନବୀନ । ବାରମ୍ବାର ନେତା ଆସି ନବୀନଙ୍କୁ ଜିଲ୍ଲା ଗସ୍ତ ପାଇଁ ଅନୁରୋଧ କରୁଛନ୍ତି, ନବୀନ ମଧ୍ୟ ବାରାମ୍ବାର ପ୍ରତିଶୃତି ଦେଇ କର୍ମୀଙ୍କୁ ନିରାଶ କରୁଛନ୍ତି । ଗ୍ରାଉଣ୍ଡ ଜିରୋର ସ୍ଥିତି ସମୀକ୍ଷା କରିବା ଲାଗି ଶଙ୍ଖପତି ବିଳମ୍ବ କରୁଛନ୍ତି । କର୍ମୀଙ୍କ ଉତ୍ସାହ ବି ସେଇ ଅନୁପାତରେ କମି କମି ଯାଉଛି । ହେଲେ ସମୟ ଆସିଲେ ମୈଦାନକୁ ଓହ୍ଲାଇବେ ବୋଲି ନବୀନ କହିଛନ୍ତି । ପୁରୀ, ବ୍ରହ୍ମପୁର, ଭଦ୍ରକ ଭଳି ଜିଲ୍ଲାରେ ବିଜେଡି ସଂଗଠନ ମଜଭୂତ ରହିଛି । କଟକ ସ୍ଥିତି କ'ଣ ହେବ, ତାକୁ ନେଇ ସମସ୍ତେ ସନ୍ଦୀହାନ । ମୋହନ ସରକାର ଦୁଇବର୍ଷ ଶାସନ କଲା ପରେ ଏବେ ସ୍ଥିତିରେ ସାମାନ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଛି । ତିନି ଦଳର ନେତା ମୈଦାନକୁ ଓହ୍ଲାଇବା ପରେ ଅସଲ ଖେଳ ଆରମ୍ଭ ହେବ ।

ଗତ କିଛିଦିନ ହେଲା ନବୀନ ନିବାସ ଚଳଚଞ୍ଚଳ ହେଉଛି । ଜିଲ୍ଲା ସ୍ତରର ଓ ନିର୍ବାଚନ ମଣ୍ଡଳୀ ସ୍ତରୀୟ ନେତାଙ୍କୁ ନବୀନ ନିବାସ ଡ଼କାଯାଇ ପଞ୍ଚାୟତ କସରତ କରୁଛନ୍ତି ମୁଖିଆ । ଗତକାଲି ଅନୁଗୁଳ ଜିଲ୍ଲାର ବିଜେଡି ବିଧାୟକ, ଜିଲ୍ଲା ପରିଷଦ ସଭ୍ୟଙ୍କୁ ଡ଼ାକି ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି କରିଛନ୍ତି । ଅନ୍ୟପଟେ ନବୀନଙ୍କ ଟେନସନ ବଢାଇଥିବା କଟକ ଜିଲ୍ଲାର ସଂଗଠନ ସଜାଡିବାକୁ ତାଳିପକା ଉଦ୍ୟମ ଆରମ୍ଭ ହୋଇଛି । ତୃଣମୂଳସ୍ତରରେ ଲଢେଇ ଜୋରଦାର ହେଲାଣି, ହେଲେ ଶଙ୍ଖପତି ମୈଦାକୁ ଓହ୍ଲାଉନାହାନ୍ତି । ବିଜେପି ବିଜେଡିର ଗଡ଼କୁ ଭାଙ୍ଗିବାର ଆଶଙ୍କା ରହିଛି । ଏଭଳି ସ୍ଥିତିରେ ନେତା ଓ କର୍ମୀ ଦ୍ୱନ୍ଦ୍ୱରେ ରହିଛନ୍ତି । ଆଗକୁ ସମୟ ଥିବାରୁ ଏବେ ନବୀନ ମୈଦାନକୁ ଓହ୍ଲାଇ ସମସ୍ତଙ୍କୁ ଚମକାଇବେ ବୋଲି ବିଜେଡି କହିଛି । ସଂଗଠନ ସୁଦୃଢକରିବା ଓ ଜନମତକୁ ପ୍ରଭାବିତ କରି ଭୋଟ ସାଉଁଟିବାରେ ବିଳମ୍ବ କଲେ ପରିଣାମ ଭୟଙ୍କର ହେବାର ଆଶଙ୍କା ରହିଛି ।






# ପିକେ: କିଙ୍ଗ୍ ମେକରରୁ କିଙ୍ଗ୍

**ଦିନେ ପରଦା ପଛରେ ରହି ନିର୍ବାଚନ ରଣନୀତି ତିଆରି କରୁଥିବା ପ୍ରଶାନ୍ତ କିଶୋର (ପିକେ) ଆଜି ନିଜେ ରାଜନୀତିର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ବିହାରର ବାଙ୍କୀପୁର ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନରେ ପ୍ରଶାନ୍ତ କିଶୋର କମାଲ କରିଛନ୍ତି। ବିଜେପିର ଗଡ଼ କୁହାଯାଉଥିବା ଏହି ଆସନରେ ପିକେଙ୍କୁ ବିପୁଳ ବିଜୟ ମିଳିଛି। ସେ ୧୮,୯୫୩ ଭୋଟ୍‌ରେ ବିଜେପି ପ୍ରାର୍ଥୀ ନୀରଜ ସିହ୍ନାଙ୍କୁ ପରାସ୍ତ କରିଛନ୍ତି। ବିଗତ ଗୋଟିଏ ଦଶନ୍ଧି ମଧ୍ୟରେ ପ୍ରଶାନ୍ତ କିଶୋର ଜଣେ ନିର୍ବାଚନୀ ରଣନୀତିକାରରୁ ପ୍ରାର୍ଥୀ ପର୍ଯ୍ୟନ୍ତ ଏକ ସଫଳ ଯାତ୍ରା ଅତିକ୍ରମ କରିଛନ୍ତି। ଏହି ସମୟ ମଧ୍ୟରେ ସେ ଦେଶର ଅନେକ ବଡ଼ ନେତା ଓ ରାଜନୈତିକ ଦଳ ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଆରମ୍ଭ କରି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପର୍ଯ୍ୟନ୍ତ ସାମିଲ ଅଛନ୍ତି।**

**ସୁଶାନ୍ତ କୁମାର ଦାସ**

ଜୁଲାଇ ୩୦ ତାରିଖରେ ବିହାରର ବାଙ୍କୀପୁର, ମଧ୍ୟପ୍ରଦେଶର ଦତିଆ ଓ ଗୁଜରାଟର ମାଞ୍ଜଲପୁରରେ ଅନୁଷ୍ଠିତ ବିଧାନସଭା ଉପନିର୍ବାଚନର ଫଳାଫଳ ପଦାକୁ ଆସିଛି। ବିଜେପି ଦୁଇଟି ଆସନରେ ପରାସ୍ତ ହୋଇଥିବା ବେଳେ ଗୋଟିଏ ଆସନ ଜିତିଛି। ବାଙ୍କୀପୁରରେ ଜିତି ପ୍ରଶାନ୍ତ କିଶୋର ଓ ତାଙ୍କ ଜନ ସୁରାଜ ପାର୍ଟି ଇତିହାସ ରଚିଛନ୍ତି। ଗତ ୩୦ ବର୍ଷ ହେଲା ବାଙ୍କୀପୁର ବିଧାନସଭା ଆସନରେ ବିଜେପି ଜିତି ଆସୁଥିଲା। ଦତିଆରେ କଂଗ୍ରେସ ପ୍ରାର୍ଥୀ ଘନଶ୍ୟାମ ସିଂହ ଓ ଗୁଜରାଟର ମାଞ୍ଜଲପୁରରେ ବିଜେପି ପ୍ରାର୍ଥୀ ସତୀଶ ପଟେଲ ବିଜୟୀ ହୋଇଛନ୍ତି।

## ୩୦ ବର୍ଷର ବିଜେପି ଗଡ଼ ଭୁଶୁଡ଼ିଲା

ବିଜେପିର ଗଡ଼ କୁହାଯାଉଥିବା ବାଙ୍କୀପୁରରେ ଜିତି ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ପ୍ରଥମ ନିର୍ବାଚନୀ ବିଜୟ ହାସଲ କରିଛି। ପ୍ରଶାନ୍ତ କିଶୋର ୧୮,୯୫୩ ଭୋଟ ମାର୍ଜିନରେ ବିଜେପିର ନିରଜ କୁମାର ସିହ୍ନାଙ୍କୁ ପରାଜିତ କରିଛନ୍ତି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ଏହି ଆସନ ଖାଲି ପଡ଼ିଥିଲା। ପ୍ରଶାନ୍ତ କିଶୋର ୨୯ ରାଉଣ୍ଡ ଭୋଟ ଗଣନା ପରେ ମୋଟ ୬୧,୦୭୫ ଭୋଟ ପାଇଥିବାବେଳେ ବିଜେପିର ନିରଜ କୁମାର ୪୨,୧୧୧ ଭୋଟ ପାଇଥିଲା। ଆରଜେଡିର ରେଖା କୁମାରୀ ୧୩,୬୨୫ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ବିଜେପିର ପରାଜୟ ପରିପ୍ରେକ୍ଷୀରେ ପ୍ରଶାନ୍ତ କିଶୋର କହିଥିଲେ ଯେ, ୩୦ ବର୍ଷର ଗଡ଼ ୩୦ ଦିନରେ ଭୁଶୁଡ଼ି ପଡ଼ିଲା। ଏହାଦ୍ୱାରା ବିହାରରେ ଶିକ୍ଷା ଓ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଥିବା ନେତୃତ୍ୱର ଆବଶ୍ୟକତା ଅଛି ବୋଲି ଲୋକେ ବାର୍ତ୍ତା ଦେଇଛନ୍ତି। ତାଙ୍କୁ ଭୋଟ ଦେଇଥିବା ଲୋକଙ୍କୁ ସେ ଧନ୍ୟବାଦ ଜଣାଇଥିଲେ।

## ୧୦ ମାସରେ ବଦଳିଲା ବିହାର ରାଜନୀତିର ଚିତ୍ର

୨୦୨୫ରେ ବିହାରର ୨୪୩ ବିଧାନସଭା ଆସନରୁ ୨୦୨ଟିରେ ବିଜୟୀ ହୋଇଥିଲା ଏନଡିଏ ମେଣ୍ଟ। ହେଲେ, ଏହି ୧୦ ମାସ ଭିତରେ ବିହାର ରାଜନୈତିକ ଦୃଶ୍ୟପଟ୍ଟ ବଦଳି ଯାଇଛି। ବିହାରରେ ବିଜେପିର ବିଜୟ ଧାରାରେ ଲାଗିଛି ବ୍ରେକ୍। ବାଙ୍କୀପୁର ବିଧାନସଭା କ୍ଷେତ୍ର ଉପନିର୍ବାଚନରେ ବିଜୟୀ ହୋଇଛନ୍ତି ନିର୍ବାଚନ ରଣନୀତିକାରରୁ ନେତା ବନିଥିବା ଜନସୁରାଜ ପାର୍ଟିର ମୁଖ୍ୟ ପ୍ରଶାନ୍ତ କିଶୋର। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କ ଗଡ଼ରେ, ପ୍ରାୟ ୨୦ ହଜାରରୁ ଅଧିକ ଭୋଟରେ ପରାଜିତ ହୋଇଛନ୍ତି ଦଳୀୟ ପ୍ରାର୍ଥୀ ନୀରଜ କୁମାର ସିହ୍ନା। ପ୍ରଶାନ୍ତଙ୍କ ବିଜୟ ପରେ ତାଙ୍କ ସମର୍ଥକଙ୍କ ଖୁସିର ମାହୋଲ ଖେଳିଯାଇଛି।

## ସମ୍ରାଟ ଚୌଧୁରୀଙ୍କୁ ପିକେଙ୍କ ଟାର୍ଗେଟ

ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ଟାର୍ଗେଟ୍ କରିଛନ୍ତି ପିକେ। ସେ କହିଛନ୍ତି, ବିହାର ଜନତା ବିଜେପିକୁ ଜବାବ ଦେଇଛନ୍ତି। ଦୁଇ ମାସ ତଳେ ତାମିଲନାଡୁରେ ବିଜୟ ଥାଲାପତି ସମସ୍ତଙ୍କୁ ଚକମା ଦେଇଥିଲେ। ଦେଶର ବିଭିନ୍ନ ପ୍ରାନ୍ତରେ ଆଞ୍ଚଳିକ ଦଳର ବିପର୍ଯ୍ୟୟ ଘଟୁଥିବା ବେଳେ ପ୍ରଥମ ଥର ନିର୍ବାଚନ ଲଢ଼ି ରେକର୍ଡ କରିଥିଲା ବିଜୟଙ୍କ ଦଳ ଟିଭିକେ। କଂଗ୍ରେସ ସମେତ ଆଉ କିଛି ଛୋଟ ଦଳର ସହାୟତାରେ ଗଢ଼ିଥିଲେ ସରକାର। ଯାହା ସାରାଦେଶର ରାଜନୀତିକୁ ନୂଆ ବାର୍ତ୍ତା ଦେଇଥିଲା। ଏବେ ବିହାରରୁ ରାଜନୀତି ଚିତ୍ର ମଧ୍ୟ ବଦଳିଯାଇଛି। ବାଙ୍କୀପୁର ବିଧାନସଭା ଆସନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କ ଗଡ଼ ହୋଇଥିଲେ ବି ରକ୍ଷା କରିପାରି ନାହାନ୍ତି। ପ୍ରଶାନ୍ତଙ୍କ ବିଜୟ ସହ ବିହାର ରାଜନୀତିରେ ନୂଆ ସମୀକରଣ ସୃଷ୍ଟି ହୋଇଛି। ଉଲ୍ଲେଖ ଯୋଗ୍ୟଯେ ବାଙ୍କୀପୁର ବିଧାନସଭା ଆସନରୁ ୨୦୦୬ରୁ ନିର୍ବାଚିତ ହୋଇ ଆସୁଥିଲେ ନିତିନ ନବୀନ। ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ଯିବା ପରେ ଏହି ଆସନ ଖାଲି ପଡ଼ିଥିଲା। ଜୁଲାଇ ୩୦ରେ ଉପନିର୍ବାଚନ ହୋଇଥିଲା। ଗଡ଼ ବଞ୍ଚାଇବା ପାଇଁ ବିଜେପି ସବୁ ବଳ ଖଟାଇ ଦେଇଥିଲା। କିନ୍ତୁ ଶାସକ ଦଳ ଆସନ ବଞ୍ଚାଇ ପାରିନି। ଜେନ୍-ଜୀ ବର୍ଗର ହଜାର ହଜାର ଯୁବକ ସରକାରଙ୍କୁ ଘେରୁଥିବା ବେଳେ ବିହାର ନିର୍ବାଚନ ଫଳାଫଳ ଜାତୀୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶାନ୍ତଙ୍କ ବିଜୟ ପଛରେ ଯୁବବର୍ଗର ସମର୍ଥନ ମୁଖ୍ୟ କାରଣ ନା ଆଉ କିଛି ତାକୁ ନେଇ ଅଙ୍କକଷା ଆରମ୍ଭ ହୋଇଛି।

## ଆଇ-ପିଏସି ନାମରେ ଗଢ଼ିଥିଲେ କମ୍ପାନୀ

ପ୍ରଶାନ୍ତ କିଶୋରଙ୍କ ଏଜେନ୍ସିର ନାମ ଆଇ-ପିଏସି (ଇଣ୍ଡିଆନ ପଲିଟିକାଲ ଆକ୍ସନ କମିଟି)। ୨୦୧୩ରେ ପିକେ ଏବଂ ତାଙ୍କ ସହଯୋଗୀମାନେ ଏହାକୁ ପ୍ରତିଷ୍ଠା କରିଥିଲେ। ଆରମ୍ଭରୁ ଏହାର ଲକ୍ଷ୍ୟ ଥିଲା ଭାରତୀୟ ନିର୍ବାଚନୀ ରାଜନୀତିରେ ଡାଟା, ଟେକ୍ନୋଲୋଜି ଏବଂ ପ୍ରୋଫେସନାଲ୍ କ୍ୟାମ୍ପେନ୍ ମ୍ୟାନେଜମେଣ୍ଟ ଆଣିବା। ପରବର୍ତ୍ତୀ ସମୟରେ ଆଇ-ପିଏସି ନିର୍ବାଚନୀ ରଣନୀତି ତିଆରି କରିବା ଆରମ୍ଭ କଲା। ଏହା କୌଣସି ଦଳ ପାଇଁ କେବଳ ଆଡଭର୍ଟାଇଜମେଣ୍ଟ କିମ୍ବା ସୋସିଆଲ ମିଡିଆ ସମ୍ଭାଳେ ନାହିଁ, ବରଂ ସମ୍ପୂର୍ଣ୍ଣ ନିର୍ବାଚନୀ ପ୍ରଚାରର ରଣନୀତି ପ୍ରସ୍ତୁତ କରେ। ତେବେ ୨୦୨୧ ପରେ ପ୍ରଶାନ୍ତ କିଶୋର ସକ୍ରିୟ ନିର୍ବାଚନୀ କନ୍‌ସଲଟାନ୍ସିରୁ ଦୂରେଇ ଯାଇଥିଲେ।

## ପିଏମ୍ ମୋଦୀଙ୍କ ସହ ଆରମ୍ଭ ହୋଇଥିଲା ଯାତ୍ରା

ପ୍ରଶାନ୍ତ କିଶୋର ପ୍ରଥମ ଥର ପାଇଁ ୨୦୧୪ ଲୋକସଭା ନିର୍ବାଚନ ସମୟରେ ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆସିଥିଲେ। ସେହି ସମୟରେ ସେ ବିଜେପିର ନିର୍ବାଚନୀ ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ଟିମ୍ ଡାଟା ଆନାଲିଟିକ୍ସ, ବୁଥ୍ ମ୍ୟାନେଜମେଣ୍ଟ, ସୋସିଆଲ ମିଡିଆ କ୍ୟାମ୍ପେନ୍ ଏବଂ ଭୋଟରଙ୍କ ପାଖରେ ପହଞ୍ଚିବାର ନୂଆ ଉପାୟ ଉପରେ କାମ କରିଥିଲା। 'ଚାଏ ପେ ଚର୍ଚ୍ଚା', ୩ଡି ରାଲି ଏବଂ ଡିଜିଟାଲ କ୍ୟାମ୍ପେନ୍ ଭଳି ପ୍ରୟୋଗ ବିଜେପିର ପ୍ରଚାର ଅଭିଯାନକୁ ନୂଆ ଦିଶା ଦେଇଥିଲା। ନିର୍ବାଚନରେ ବିଜେପିକୁ ପୂର୍ଣ୍ଣ ବହୁମତ ମିଳିଲା ଏବଂ ପିକେ ଜାତୀୟ ରାଜନୀତିର ଜଣାଶୁଣା ଚେହେରା ପାଲଟିଗଲେ।

## ନୀତୀଶଙ୍କ ପାଇଁ ତିଆରି କରିଥିଲେ ରଣନୀତି

ଏହା ପରେ ୨୦୧୫ ବିହାର ବିଧାନସଭା ନିର୍ବାଚନରେ ପ୍ରଶାନ୍ତ କିଶୋର ମହାଗଠବନ୍ଧନ ପାଇଁ କାମ କରିଥିଲେ। ନୀତୀଶ କୁମାର, ଲାଲୁ ପ୍ରସାଦ ଯାଦବ ଏବଂ କଂଗ୍ରେସର ମହାଗଠବନ୍ଧନ ବିଜେପିକୁ ହରାଇ ସତ୍ତା ଜାବୁଡ଼ି ରଖିଥିଲା। ଏହି ବିଜୟ ପରେ ରଣନୀତିକାର ଭାବେ ପିକେଙ୍କ ସୁନାମ ଆହୁରି ମଜବୁତ ହେଲା। ପରବର୍ତ୍ତୀ ସମୟରେ ସେ କିଛି ଦିନ ପାଇଁ ଜନତା ଦଳ (ୟୁନାଇଟେଡ୍) ରେ ମଧ୍ୟ ଯୋଗ ଦେଇଥିଲେ। ପିକେଙ୍କୁ ଦଳର ଜାତୀୟ ସଭାପତି କରାଯାଇଥିଲା। ତେବେ ମତଭେଦ ଯୋଗୁଁ ସେ ଜେଡିୟୁରୁ ଓହରି ଯାଇଥିଲେ।

## ପଞ୍ଜାବରେ ଅମରିନ୍ଦର ସିଂଙ୍କ ପ୍ରତ୍ୟାବର୍ତ୍ତନ

୨୦୧୭ ପଞ୍ଜାବ ବିଧାନସଭା ନିର୍ବାଚନରେ ପ୍ରଶାନ୍ତ କିଶୋର କଂଗ୍ରେସ ପାଇଁ ରଣନୀତି ତିଆରି କରିଥିଲେ। 'କଫି ୱିଥ୍ କ୍ୟାପଟେନ୍' ଏବଂ 'ହଲକେ ୱିଦ୍ କ୍ୟାପଟେନ୍' ଭଳି କ୍ୟାମ୍ପେନ୍ ବେଶ୍ ଚର୍ଚ୍ଚାରେ ରହିଥିଲା। କଂଗ୍ରେସ ନିର୍ବାଚନ ଜିତିଲା ଏବଂ କ୍ୟାପଟେନ୍ ଅମରିନ୍ଦର ସିଂ ମୁଖ୍ୟମନ୍ତ୍ରୀ ହୋଇଥିଲେ। ପିକେଙ୍କ ବିଚକ୍ଷଣତା କାହାରିକୁ ଅଛପା ନଥିଲା। ରାଜନୀତିର ମଙ୍ଗ କେମିତି ଧରିବାକୁ ପଡ଼େ, ତାହା ତାଙ୍କଠାରୁ ହିଁ ସମସ୍ତ ଶିକ୍ଷାଲାଭ କରିଥିଲେ।

## ଉତ୍ତର ପ୍ରଦେଶରେ ଚାଲି ନଥିଲା ଯାଦୁ

୨୦୧୭ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନରେ ପ୍ରଶାନ୍ତ କିଶୋର କଂଗ୍ରେସ ପାଇଁ କାମ କରିଥିଲେ। କଂଗ୍ରେସ ଓ ସମାଜବାଦୀ ପାର୍ଟିର ମେଣ୍ଟ ହୋଇଥିଲା, କିନ୍ତୁ ନିର୍ବାଚନରେ ରାହୁଲ ଗାନ୍ଧୀ ଏବଂ ଅଖିଳେଶ ଯାଦବଙ୍କ 'ୟୁପି କେ ଲଡ଼କେ' ଜୋଡ଼ି ଚାଲିନଥିଲା। ବିଜେପି ବିପୁଳ ବିଜୟ ହାସଲ କରିଥିଲା। ୨୦୧୭ ୟୁପି ନିର୍ବାଚନକୁ ପିକେଙ୍କ କ୍ୟାରିୟରର ବଡ଼ ନିର୍ବାଚନୀ ବିଫଳତା ଭାବେ ଗଣାଯାଏ।

## ଆନ୍ଧ୍ରରେ ଜଗନ ରେଡ୍ଡୀଙ୍କ ଐତିହାସିକ ବିଜୟ

୨୦୧୯ ଆନ୍ଧ୍ର ପ୍ରଦେଶ ବିଧାନସଭା ନିର୍ବାଚନରେ ୱାଇଏସ୍‌ଆର୍ କଂଗ୍ରେସ ନେତା ୱାଇ.ଏସ୍. ଜଗନ ମୋହନ ରେଡ୍ଡୀଙ୍କ ପାଇଁ ପିକେଙ୍କ ଟିମ୍ ରଣନୀତି ପ୍ରସ୍ତୁତ କରିଥିଲା। ଜଗନ ବହୁତ ବଡ଼ ବିଜୟ ହାସଲ କରି ରାଜ୍ୟରେ ସରକାର ଗଢ଼ିଥିଲେ। ଏହି ନିର୍ବାଚନ ଦକ୍ଷିଣ ଭାରତରେ ମଧ୍ୟ ପିକେଙ୍କ ରଣନୈତିକ ଦକ୍ଷତାକୁ ପ୍ରତିଷ୍ଠିତ କରିଥିଲା।

## କେଜ୍ରିୱାଲଙ୍କ ପାଇଁ ଖୋଲିଥିଲା ଦିଲ୍ଲୀ ରାସ୍ତା

୨୦୨୦ ଦିଲ୍ଲୀ ବିଧାନସଭା ନିର୍ବାଚନରେ ପ୍ରଶାନ୍ତ କିଶୋରଙ୍କ ଟିମ୍ ଆଇ-ପିଏସି ଆମ୍ ଆଦ୍‌ମୀ ପାର୍ଟି ପାଇଁ ରଣନୀତି ତିଆରି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ୨୦୧୯ ଲୋକସଭା ନିର୍ବାଚନରେ ଦିଲ୍ଲୀର ସମସ୍ତ ୭ଟି ଆସନ ହାରିବା ପରେ ଆମ୍ ଆଦ୍‌ମୀ ପାର୍ଟି ପାଇଁ ୨୦୨୦ ବିଧାନସଭା ନିର୍ବାଚନ ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ଏହି ସମୟରେ କେଜ୍ରିୱାଲ ଆଇ-ପିଏସିକୁ ପ୍ରଚାର ଦାୟିତ୍ୱ ଦେଇଥିଲେ। ଫଳସ୍ୱରୂପ ଆପ୍ ୭୦ରୁ ୬୨ଟି ଆସନ ଜିତି କ୍ରମାଗତ ତୃତୀୟ ଥର ପାଇଁ ସରକାର ଗଢ଼ିଥିଲା। ବିଜେପିକୁ ୮ଟି ଆସନ ମିଳିଥିବା ବେଳେ କଂଗ୍ରେସ ଖାତା ମଧ୍ୟ ଖୋଲିପାରି ନଥିଲା।

## ମମତା ବାନାର୍ଜୀଙ୍କ ତୃତୀୟ ବିଜୟ

୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପ୍ରଶାନ୍ତ କିଶୋର ଏବଂ ଆଇ-ପିଏସି ତୃଣମୂଳ କଂଗ୍ରେସ ପାଇଁ ରଣନୀତି ତିଆରି କରିଥିଲେ। ବିଜେପି ନିଜର ସମସ୍ତ ଶକ୍ତି ପ୍ରୟୋଗ କରିଥିଲେ ମଧ୍ୟ ମମତା ବାନାର୍ଜୀ କ୍ରମାଗତ ତୃତୀୟ ଥର କ୍ଷମତାକୁ ଫେରିଥିଲେ। ନିର୍ବାଚନ ପୂର୍ବରୁ ପିକେଙ୍କ ଦାବି ମଧ୍ୟ ଚର୍ଚ୍ଚାରେ ଥିଲା ଯେ, ବିଜେପି ୧୦୦ରୁ ଅଧିକ ଆସନ ଜିତିଲେ ସେ ରଣନୀତିକାର କାମ ଛାଡ଼ିଦେବେ। ଶେଷରେ ବିଜେପି ୧୦୦ରୁ କମ୍ ଆସନରେ ସୀମିତ ରହିଥିଲା।

## ତାମିଲନାଡୁରେ ଷ୍ଟାଲିନ୍‌ଙ୍କୁ କ୍ଷମତାକୁ ଆଣିଥିଲେ

୨୦୨୧ ତାମିଲନାଡୁ ବିଧାନସଭା ନିର୍ବାଚନରେ ଡିଏମ୍‌କେପାଇଁ ମଧ୍ୟ ପିକେଙ୍କ ଟିମ୍ ରଣନୀତି ତିଆରି କରିଥିଲା। ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ଡିଏମ୍‌କେ ୧୦ ବର୍ଷ ପରେ କ୍ଷମତାକୁ ଫେରିଥିଲା। ଏହି ବିଜୟ ପରେ ପିକେ ଦେଶର ସବୁଠାରୁ ସଫଳ ନିର୍ବାଚନୀ ରଣନୀତିକାର ଭାବେ ନିଜ ସ୍ଥାନ ଆହୁରି ମଜବୁତ କରିଥିଲେ। ପିକେଙ୍କ ନିର୍ବାଚନୀ ରଣନୀତି ବେଶ୍ ସଫଳ ହୋଇଥିବା ବେଳେ ବିହାର ଉପନିର୍ବାଚନରେ ବାଙ୍କୀପୁରରୁ ସେ ବିଜୟୀ ହୋଇ ନିଜର ସଫଳତାର କାହାଣୀ ଲେଖିଛନ୍ତି। ■





# ପଶ୍ଚିମ ଓଡ଼ିଶା



## ମୁରିବାହାଲ ହାବିଲଦାରଙ୍କ ଦାଦାଗିରି

# ଥାନା ଭିତରେ କନଷ୍ଟେବଲଙ୍କୁ ଆକ୍ରମଣ



**କଣ୍ଟାବାଞ୍ଜି/ମୁରିବାହାଲ (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ରେ ହାବିଲଦାରଙ୍କୁ ନେଇ ଏବେ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଥାନା ଭିତରେ କାର୍ଯ୍ୟରତ ହାବିଲଦାର ଗୁପ୍ତବାସ ମାଝିଙ୍କ ଦାଦାଗିରି ଘଟଣା ଏବେ ସାରା ଅଞ୍ଚଳରେ ପ୍ରଘଟ ହୋଇଛି। ଯାହାକୁ ନେଇ ଏବେ ମୁରିବାହାଲ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁସାରେ ଗତ ଦୁଇ ଦିନ ତଳେ ମୁରିବାହାଲ ଥାନାରେ କାର୍ଯ୍ୟରତ କନଷ୍ଟେବଲ ରବିନ୍ଦ୍ର ନାଗ ଥାନା ଭିତରେ ଭୋଜନ କରୁଥିବା ସମୟରେ ହଠାତ୍ କୌଣସି କଥାକୁ ନେଇ ହାବିଲଦାର ଗୁପ୍ତବାସ ମାଝି ଆସି ତାଙ୍କୁ ଲଗାତାର ଭାବେ ଆକ୍ରମଣ କରିଥିଲେ। ଯାହାଫଳରେ କନଷ୍ଟେବଲ ଜଣକ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ପ୍ରଥମେ ମୁରିବାହାଲ ଡାକ୍ତରଖାନା କୁ ଯାଇଥିବା ବେଳେ ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସାପରେ ଟିଟିଲାଗଡ଼ ଡାକ୍ତରଖାନା କୁ ଚିକିତ୍ସା କରୁଥିବା ଡାକ୍ତର ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ମଧ୍ୟ ଜଣାପଡିଛି। ଏନେଇ ଆକ୍ରମଣ ର ଶିକାର କନଷ୍ଟେବଲ ଜଣକ ମୁରିବାହାଲ ଥାନା ଅଧିକାରୀ ବୁଲୁ ମୁଣ୍ଡା ଙ୍କୁ ହାବିଲଦାର ଙ୍କ ବିରୋଧ ରେ ଲିଖିତ ଅଭିଯୋଗ କରିଥିବା ନେଇ ବିଶେଷ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ହାବିଲଦାର ଗୁପ୍ତବାସ ମାଝି ମୁରିବାହାଲ ଥାନା ଅଞ୍ଚଳ ରେ ତାଙ୍କ ଗାଁ ରହିଥିବା ଯୋଗୁଁ ସେହିଭଳି ଭାବେ ଖୋଲମଖୋଲା ନିଜ ଅଞ୍ଚଳ ରେ ଦାଦାଗିରି କରୁଥିବା ଅଭିଯୋଗ ହେଉଛି। ପୂର୍ବରୁ ମଧ୍ୟ ହାବିଲଦାରଙ୍କ ନାଁ ରେ ଅନେକ ଅଭିଯୋଗ ହୋଇ ଆସୁଛି କିନ୍ତୁ ମୁରିବାହାଲ ଥାନା ଅଧିକାରୀଙ୍କ ସେ ନିକଟତମ ଥିବାରୁ ଯେତେ ଅଭିଯୋଗ ଆସିଲେ ମଧ୍ୟ ଘଟଣାକୁ ଚାପି ଦିଆଯାଉଥିବା ଅଭିଯୋଗ ହେଉଛି। ଏହି ମାରପିଟ୍ ସମ୍ପର୍କରେ ଥାନା ଅଧିକାରୀଙ୍କୁ ପଚାରିବାରୁ କୌଣସି ମାରପିଟ୍ ହୋଇନଥିବା କହି ସେ ଘଟଣା ଚାପି ଦେବାକୁ ଉଦ୍ୟମ କରି ତାଙ୍କ ନିକଟତମ ହାବିଲଦାରଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଥିବା ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି। କାହିଁକି ନାଁ ହାବିଲଦାର ଜଣକ କନଷ୍ଟେବଲକୁ ଆକ୍ରମଣ କରିଥିବା ପ୍ରମାଣ ଗଣମାଧ୍ୟମ ହାତରେ ଲାଗିଛି। ଘଟଣାକୁ ଥାନା ଅଧିକାରୀ ଚପାଇଦେବେ କିନ୍ତୁ ସତ୍ୟତାକୁ ନୁହେଁ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ତେବେ ବାରମ୍ବାର ହାବିଲଦାରଙ୍କ ଉପରେ ଥାନା ଅଧିକାରୀଙ୍କ ଏତେ ଅନୁକମ୍ପା କାହିଁକି ତାହା ମଧ୍ୟ ତଦନ୍ତ କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଥାନା ଭିତରେ ଯଦି ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ହେଉଛି ତେବେ ତାଙ୍କୁ ସୁରକ୍ଷା ଦେବାରେ ଥାନା ଅଧିକାରୀ ବିଫଳ କି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ତାଙ୍କ ଭୂମିକା ସନ୍ଦେହ ରହିଛି। ସେପଟେ ଜଣେ ସରକାରୀ କର୍ମଚାରୀ ଯିଏ ଆଇନ ଶୃଙ୍ଖଳାକୁ ନିଅନ୍ତ୍ରଣ କରିବାକୁ ନିଯୁକ୍ତି ପାଇଁ ଥିବା ବେଳେ ସିଏ ଖୋଦ୍ ଆଇନ୍ ଉଲଘଂନ କରି ଥାନା ଭିତରେ ଅନ୍ୟ ଜଣେ ପୋଲିସ କର୍ମଚାରୀ ଙ୍କୁ ଆକ୍ରମଣ କରିବା ଘଟଣା କେତେ ଯୁକ୍ତିଯୁକ୍ତ ଅଟେ। ଯଦି ତାଙ୍କ କର୍ମଚାରୀଙ୍କ ଉପରେ ଏହିଭଳି ଆକ୍ରମଣ କରୁଛନ୍ତି ହାବିଲଦାର ଜଣକ ତେବେ ସାଧାରଣ ଲୋକଙ୍କ ପ୍ରତି ତାଙ୍କ ବ୍ୟବହାର କେଉଁ ପରି ରହିଛି ତାହା ଅନୁମାନ କରନ୍ତୁ। ଏହି ଘଟଣା ଉପରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ସମ୍ବଲପୁର ଡିଆଇଜି ଏବଂ ବଲାଙ୍ଗୀର ଏସପି ନଜର ଦେଇ ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ହାଇଦ୍ରାବାଦରେ ଓଡ଼ିଆ ଦାଦନଙ୍କ ମୃତ୍ୟୁ



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ସଦର ଥାନା ଅନ୍ତର୍ଗତ ଭଟାଙ୍ଗପଦର ନିରଞ୍ଜନ ବିଭାର(୩୬) ହାଇଦ୍ରାବାଦରେ ଦାଦନ ଖଟିବାକୁ ଯାଇ ପ୍ରାଣ ହରାଇଛନ୍ତି। ସେଠାରେ ସେ ଏକ ଇଟାଭାଟିରେ କାମ କରୁଥିଲେ। ଗତ ଶନିବାର ଅପରାହ୍ନ ୨ ଘଣ୍ଟା ସମୟରେ କୌଣସି କାରଣରୁ ସେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିବାବେଳେ ଗୁରୁତର ଆହତ ହୋଇଥିଲେ। ତାଙ୍କ ସାଥିରେ ଥିବା ଗାଁର କରୁଣ ବିଭାର ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ନିକଟସ୍ଥ ତୋଫାନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ନିରଞ୍ଜନଙ୍କର ମୃତ୍ୟୁ ହୋଇଥିଲା। ବାପା ପୂର୍ଣ୍ଣ ବିଭାର ପୂର୍ବରୁ ମୃତ୍ୟୁ ବରଣ କରିଥିବା ବେଳେ ପରିବାରର ପ୍ରତିପୋଷଣ ବୋଝ ନିରଞ୍ଜନ ଉପରେ ରହିଥିଲା। ହାଇଦ୍ରାବାଦରୁ ଶବ ଆଣିବା ପାଇଁ ପରିବାରର ସମ୍ବଳ ନଥିବାରୁ ଭଟାଙ୍ଗ ପଦର ସମିତି ସଭ୍ୟ ରୂପେନ୍ଦ୍ର ଛତ୍ରିଆଙ୍କୁ ଯୋଗାଯୋଗ କରିବା ପରେ ନିରଞ୍ଜନଙ୍କ ସାଥିରେ କାମ କରୁଥିବା ତାଙ୍କ ସମ୍ପର୍କୀୟ ଭଟାଙ୍ଗପଦର ଗାଁର କରୁଣ ବିଭାରଙ୍କ ଦ୍ୱାରା ଇଟାଭାଟି ମାଲିକଙ୍କ ସହିତ ଆଲୋଚନା କରିବା ପରେ ମାଲିକ ଶବ ପଠାଇବା ପାଇଁ ରାଜି ହୋଇଥିଲା। ପରେ ମାଲିକଙ୍କ ସହାୟତାରେ ଶବ ସତ୍କାର ପାଇଁ ୧୦ହଜାର ଟଙ୍କା ପଠାଇ ଦେଇଥିବା ବେଳେ ଆମ୍ବୁଲାନ୍ସ ଯୋଗେ ନିରଞ୍ଜନ ମର ଶରୀର ନେଇ ୩ ଦିନ ପରେ ମଙ୍ଗଳବାର ପୂର୍ବାହ୍ନ ସାଢେ ୮ ଘଣ୍ଟା ସମୟରେ ଭଟାଙ୍ଗପଦର ଗାଁରେ ପହଞ୍ଚିଥିଲା। ଗାଁରେ ନିରଞ୍ଜନଙ୍କ ମୃତଦେହ ପହଞ୍ଚିବାବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପରେ ପରିବାର ଓ ଗାଁ ଲୋକଙ୍କ ପକ୍ଷରୁ ଗାଁ ମଶାଣିରେ ଶବ ସତ୍କାର କରାଯାଇଥିଲା।

## ସୁନାବେଡ଼ା ଅଞ୍ଚଳରେ କଲରାପତରିଆ ବାଘ ଆତଙ୍କ



**ନୂଆପଡ଼ା (ଅମୃତ ମିଡିଆ) :** ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟରେ କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି। ବାଘ ରାସ୍ତାରେ ବୁଲୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଅଭୟାରଣ୍ୟବାସୀ ଆତଙ୍କିତ ହୋଇପଡିଛନ୍ତି। ସୂଚନା ଅନୁଯାୟୀ, ସୁନାବେଡ଼ା ପଞ୍ଚାୟତ ସାଲେପଡ଼ା ଗାଁର ଗାଓସିଂ ମାଝି ସୋମବାର ଅପରାହ୍ନରେ କୌଣସି କାମରେ କୋମନା ଅଞ୍ଚଳକୁ ଯାଇଥିଲେ। ସେଠାରେ କାମ ସାରି ରାତି ପ୍ରାୟ ୯ଟାରେ ଏକ ଚାରିଚକିଆ ଗାଡିରେ ଅନ୍ୟମାନଙ୍କ ସହ ଘରକୁ ଫେରୁଥିଲେ। ସେହି ସମୟରେ ଜାମଗାଁ ଘାଟି ମଥାନଠାରେ ୨ଟି କଲରାପତରିଆ ବାଘ ବସିଥିବା ଦେଖିବାକୁ ପାଇଥିଲେ। ଗାଡି ଲାଇଟ ପଡିବାରୁ ଗୋଟିଏ ବାଘ ଜଙ୍ଗଲକୁ ଚାଲିଯାଇଥିବା ବେଳେ ଅନ୍ୟ ଏକ ବାଘକୁ ମୋବାଇଲ ଭିଡିଓରେ କଏଦ କରିଥିଲେ। ଗାଡି ପାଖକୁ ଆସିବା ପରେ ବାଘଟି ରାସ୍ତା ପାରି ହୋଇ ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ସୁନାବେଡା ଅଭୟାରଣ୍ୟ ଜାମଗାଁ ଘାଟିରେ ବାଘ ବୁଲୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଅଭୟାରଣ୍ୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଲୋକେ ନିଜ ଜମିବାଡି କିମ୍ବା ଜଙ୍ଗଲକୁ ଯିବା ପାଇଁ ଭୟ କରୁଛନ୍ତି।

## ଲୋୟର ସୁକତେଲ ପ୍ରକଳ୍ପ ସର୍ଭେରେ ବୁଡୁଛି ଝାଙ୍କରି ମନ୍ଦିର



**ବଲାଙ୍ଗୀର (ଅମୃତ ମିଡିଆ) :** ଗାଁର ପ୍ରତ୍ୟକ୍ଷ ଦେବୀ ଘସିଏନ। ବଣଜଙ୍ଗଲ ଘେରା ତବଲବାଞ୍ଜିରେ ତାଙ୍କ ପୂଜା ଜୋରସୋରରେ ହୁଏ। ରୋଗବ୍ୟାଧିରୁ ଆରମ୍ଭ କରି କୋର୍ଟକଚେରି ମାମଲା ଶୁଣାଣି ଯାଏଁ ତାଙ୍କଠାରେ ହାରିଗୁହାରି ଲାଗେ। ଦଶହରାରେ ଗାଁ ସାରା ମିଶି ଯାତ୍ରା ଆୟୋଜନ କରିଥାନ୍ତି । ଚାରିପିଢ଼ି ଧରି ପୁଟା ପରିବାର ଘସିଏନ ଦେବୀ ଏବଂ ବୁଢ଼ାରଜାଙ୍କ ଝାଙ୍କର (ପୂଜକ) ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ଏବେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ପଛୁଆ ପାଣିରେ ତବଲବାଞ୍ଜି ଗାଁ ଆଂଶିକ ବୁଡ଼ିବ। ସେଥିପାଇଁ ହୋଇଥିବା ଏରିଏଲ ସର୍ଭେରେ ଗାଁର ଘସିଏନ ଦେବୀଙ୍କ ଝାଙ୍କରି (ମନ୍ଦିର) ବୁଡ଼ିଛି। ତତ୍କାଳୀନ ଉପଜିଲ୍ଲାପାଳ ତଥା ଭୂ-ଅର୍ଜନ ଅଧିକାରୀଙ୍କ ଉପସ୍ଥିତିରେ ସେଠି ନାଲିଛକି ବି ପଡ଼ିଛି। ହେଲେ ଠିକ ଝାଁକରିର ସାମ୍ନାରେ ଥିବା ଝାଙ୍କରଙ୍କ ଘର ବାଦ୍ ପଡ଼ିଛି। ଝାଙ୍କରଙ୍କ ଝାଟିମାଟିର ଘର ବୁଡୁନାହିଁ। କିନ୍ତୁ ଝାଙ୍କରି ସହ ପଛକୁ ଥିବା ଅନ୍ୟ ପଡ଼ୋଶୀ ଘରଗୁଡ଼ିକ ବୁଡ଼ିବ ବୋଲି ଛକି ପଡ଼ିସାରିଛି। ସେ ବାବଦକୁ ସେମାନଙ୍କୁ କ୍ଷତିପୂରଣ ମଧ୍ୟ ମିଳିଛି। ଏବେ ଝାଙ୍କରି ବୁଡ଼ିଯିବ, ଲୋକେ ଚାଲିଯିବେ। ଏକା ରହିଯିବେ ଝାଙ୍କରଙ୍କ ପରିବାର। ସେମାନେ ଏବେ କଣ କରିବେ ବୋଲି ପ୍ରଶ୍ନ କରିଛନ୍ତି ଝାଙ୍କର ଦୀର୍ଜୁ ପୁଟା। ସୂଚନାଯୋଗ୍ୟ, ଲୋଇସିଂହା ବ୍ଲକ ବାନିପାଲି ପଞ୍ଚାୟତ ତବଲବାଞ୍ଜି ଗାଁରେ ଦୀର୍ଜୁଙ୍କ ପରିବାର ଚାରିପିଢ଼ି ହେଲା ରହିଆସୁଛନ୍ତି। ତାଙ୍କ ପଣିଅଜାଙ୍କ ସମୟରେ ଗାଁକୁ ଭଲ ରାସ୍ତାଟିଏ ନ ଥିଲା। କେତେକ ଆଦିବାସୀ ପରିବାର ସହ ସେଠାରେ ଗାଁ ଗଢ଼ିଉଠିଥିଲା। ସମୟକ୍ରମେ ଅନ୍ୟଜାତି ସମ୍ପ୍ରଦାୟର ଲୋକ ଆସି ସେଠାରେ ରହିଲେ। ଆଦିବାସୀ ପରିବାର ସଂଖ୍ୟା ଅଧିକ ଥିବାରୁ ଦୀର୍ଜୁଙ୍କ ପରିବାର ବଂଶାନୁକ୍ରମେ ସେଠାରେ ସ୍ଥାପିତ ଘସିଏନ ଦେବୀ ଓ ବୁଢ଼ାରଜାଙ୍କ ପୂଜା କରିଆସୁଥିଲେ। କିନ୍ତୁ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପାଇଁ ଯେତେବେଳେ ସର୍ଭେ ହେଲା ତବଲବାଞ୍ଜି ଗାଁ ପ୍ରଭାବିତ ହେବ ବୋଲି କୁହାଗଲା। ଗାଁକୁ ଆଂଶିକ ପ୍ରଭାବିତ ଭାବରେ ଚିହ୍ନଟ କରାଗଲା। କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ତାଲିକାରେ ଗାଁର ଅନ୍ୟମାନଙ୍କ ସହ ଝାଙ୍କର ଦୀର୍ଜୁଙ୍କ ନାଁ ମଧ୍ୟ ଆସିଲା। ହେଲେ ପରବର୍ତ୍ତୀ ସମୟରେ କ'ଣ ହେଲା କେଜାଣି ତାଙ୍କୁ ଅଯୋଗ୍ୟ ବୋଲି ବିବେଚିତ କରାଗଲା। ଦୀର୍ଜୁଙ୍କ ପରିବାରରେ ସ୍ତ୍ରୀ ଧେଇ, ଝିଅ ରିମା, ପୁଅ ମନୋରଞ୍ଜନ ରହିଛନ୍ତି। ଏବେ ସେମାନେ କ୍ଷତିପୂରଣ ପାଇବା ପାଇଁ ଯୋଗ୍ୟ ନୁହେଁ ବୋଲି କୁହାଯାଇଛି।

## ମନ୍ତ୍ରୀଙ୍କ ଦ୍ୱାରା କେନ୍ଦୁପତ୍ର ବନାଞ୍ଚଳ କାର୍ଯ୍ୟାଳୟ ଉଦ୍‌ଘାଟନ



**ରାଇଘର (ଅମୃତ ମିଡିଆ) :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମାଠାରେ ଥିବା କେନ୍ଦୁପତ୍ର ବନାଞ୍ଚଳର ନୂତନ ଭାବେ ନିର୍ମାଣ କରାଯାଇ ଥିବା କାର୍ଯ୍ୟାଳୟ ଉଦ୍ ଘାଟନ ଶହ ବିଭିନ୍ନ ସ୍ଥାନରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଭିନ୍ନ ସ୍ଥାନରେ ରାସ୍ତା ଉନ୍ନତି କରଣ ସକାଶେ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ କାଉ ଡୋଳା ଠାରୁ ବେଲ ପାରା ରାସ୍ତା ଉନ୍ନତି କରଣ ନିମନ୍ତେ ୫ କୋଟି ୨୪ ଲକ୍ଷ ୮୨ ହଜାର ଟଙ୍କା, ଧୋଦ୍ରା ପାରା ଠାରୁ ଧୋଡ୍ରା ପାରା କଲୋନୀ ୭୦୦ ମିଟର ରାସ୍ତା ଓ ନାଳ ଉପରେ ସୁଉଚର ଉନ୍ନତି ସକାଶେ ୪ କୋଟି ୩୩ ଲକ୍ଷ ୫୭ ହଜାର ଟଙ୍କା, କେବି କଙ୍ଗା ଠାରୁ ଛତିଶ ଗଡ଼ ସୀମାନ୍ତ ପର୍ଯ୍ୟନ୍ତ ଆର ଡି ରାସ୍ତା ୩, ଲକ୍ଷ ୭୯ ହଜାର ଟଙ୍କା, କେବି କଂଗା ପ୍ରାଥମିକ ବିଦ୍ୟାଳୟ ରେ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ୧୦ ଲକ୍ଷ୍ୟ ଟଙ୍କା ଏହା ସହିତ ରାଇଘର କେନ୍ଦୁ ପତ୍ର ବନାଞ୍ଚଳ ପକ୍ଷରୁ ଆୟୋଜିତ ରତୁ କାଳୀନ କର୍ମଚାରୀଙ୍କ ମୃତୁ କାଳୀନ ସହାୟତା ରାଶି ଓ ଅବସର କାଳୀନ ସହାୟତା ରାଶି ପ୍ରଦାନ କରିଥିଲେ। ତାସହ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ କେନ୍ଦୁ ପତ୍ର ଫାଳ କେରି ପ୍ରତୀ ୨୦ ପଇସା ବୃଦ୍ଧି ହୋଇଥିବା ବେଳେ କେନ୍ଦୁ ପତ୍ର ତୋଳାଳୀଙ୍କୁ ୨୫% ଓ ବନ୍ଧେଇ ସିଜିନାଲ କର୍ମଚାରୀଙ୍କ ପାଇଁ ୫% ବୋନସ ବୃଦ୍ଧି ଓ ଟିକସ ଉପରେ ୫%ରୁ ୨%କୁ ହ୍ରାସ କରାଯିବା ସହିତ ଏକ ପେଡ୍ ମା କେ ନାମର ବାର୍ତ୍ତା ଦେଇଥିଲେ। ଏବଂ ଉଁଇସା ଡିହି ସ୍କୁଲ, ପରିଚି ପାରା ସ୍କୁଲ ଆଦି ଗ୍ରସ୍ତ କରି ଛାତ୍ରଛାତ୍ରୀଙ୍କ ଶହ କିଛି ସମୟ ବିତାଇ ସ୍ଥାନିୟ ଲୋକଙ୍କ ସହ ମିଶି ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରିଥିଲେ। ମନ୍ତ୍ରୀଙ୍କ ବ୍ୟତୀତ, ସନ୍ତୋଷ ମହାପାତ୍ର, ଶିବ କୁମାର ଗଣ୍ଡ, ଶିବ ନାଥ ବାନାର୍ଜୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସିଲ୍, ମଣ୍ଡଳ ସଭାପତି ସୁଶାନ୍ତ ସାମନ୍ତରାୟ, ଆଦି ଦଳୀୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ପଟ୍ଟନାୟକ ବନ୍ଧ ଦୁର୍ନୀତି ଅଭିଯୋଗ

# ୨ଯନ୍ତ୍ରୀ-ଠିକାଦାରଙ୍କୁ ପଚରାଉଚରା ପାଇଁ ନେଲା ଭିଜିଲାନ୍ସ



ଗଜପତି (ଅମୃତ ମିଡିଆ): ପାରଳାଖେମୁଣ୍ଡି ସହରର ବହୁଚର୍ଚ୍ଚିତ ପଟ୍ଟନାୟକ ବନ୍ଧର ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା ଓ ଦୁର୍ନୀତି ଅଭିଯୋଗକୁ ନେଇ ଭିଜିଲାନ୍ସ ତଦନ୍ତ ଜୋରଦାର ହୋଇଛି। ଏହି କ୍ରମରେ ବୁଧବାର ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଦଳ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦୁଇଜଣ ଯନ୍ତ୍ରୀ ଓ ଜଣେ ଠିକାଦାରଙ୍କୁ ପଚରାଉଚରା ପାଇଁ ନେଇଥିବା ସୂଚନା ମିଳିଛି। ସୂଚନାନୁସାରେ, ପାରଳାଖେମୁଣ୍ଡି ପୌରପରିଷଦର ତତ୍କାଳୀନ ଯନ୍ତ୍ରୀ ତଥା ବର୍ତ୍ତମାନ ଗୁଣପୁର ଏନ୍‌ଏସିରେ କାର୍ଯ୍ୟରତ ଡି. ଯୁଧିଷ୍ଠିରଙ୍କୁ ଗୁଣୁପୁରରୁ, ପୌରପରିଷଦର ଏମଇ ସଞ୍ଜିବ ଚମ୍ପତିଙ୍କୁ କାର୍ଯ୍ୟାଳୟରୁ ଏବଂ ଠିକାଦାର ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ବ୍ରହ୍ମପୁରରୁ ଭିଜିଲାନ୍ସ ଟିମ୍ ତଦନ୍ତ ପାଇଁ ନେଇଛି। ଅତିରିକ୍ତ ଭିଜିଲାନ୍ସ ଅଧୀକ୍ଷକ ଏଲ.ଡି. ସ୍ୱାଇଁଙ୍କ ନେତୃତ୍ୱରେ ୬ ଜଣିଆ ଟିମ୍ ଏହି କାର୍ଯ୍ୟାନୁଷ୍ଠାନ ଚଳାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ୨୦୦୯ରୁ ପଟ୍ଟନାୟକ ବନ୍ଧର ପୁନରୁଦ୍ଧାର ପାଇଁ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୨ କୋଟି ୧୧ ଲକ୍ଷ ୫ ହଜାର ଟଙ୍କା ବ୍ୟୟବରାଦ ହୋଇଥିଲା। ପଙ୍କଉଦ୍ଧାର, ରିଟେନିଂ ୱାଲ, କଂକ୍ରିଟ ବ୍ଲକ ପିଚିଂ, ଗାଧୁଆ ତୁଠ ନିର୍ମାଣ ସମେତ ବିଭିନ୍ନ କାମ ପାଇଁ ଏହି ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଦୀର୍ଘବର୍ଷ ଧରି ବନ୍ଧଟି ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଥିବା ସହ ଅଞ୍ଚଳରେ ପରିବେଶ ପ୍ରଦୂଷଣର କାରଣ ପାଲଟିଥିବା ଅଭିଯୋଗ ହୋଇଆସୁଛି।

# କେସିଙ୍ଗାରେ ମଶାଙ୍କ ପ୍ରାଦୁର୍ଭାବ

## ପ୍ରତି ଡ୍ରେନ୍‌ରେ ପକାଯାଉଛି ମଶାତେଲ

କେସିଙ୍ଗା (ଅମୃତ ମିଡିଆ): କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିର ୧୨ଟି ୱାର୍ଡରେ ମଶା ନିବାରଣ ପାଇଁ ଏନ୍‌ଏସି ପକ୍ଷରୁ ବିଭିନ୍ନ ଗଳିକନ୍ଦିରେ ଥିବା ପ୍ରତିଟି ଡ୍ରେନ୍‌ରେ ମଶାତେଲ ପକାଯାଉଛି। ବର୍ଷାଋତୁରେ ଏହି ସହରରେ ଥିବା ୧୧ ନମ୍ବର ୱାର୍ଡରେ ଡେଙ୍ଗୁ ରୋଗ ରପ୍ରାଦୁର୍ଭା ବେଶୀ ହୋଇଥାଏ। ଏହି ୱାର୍ଡରେ ଗତ ୨୦୧୧ରେ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ୧୧ଜଣ ମୃତ୍ୟୁବରଣ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଏନ୍‌ଏସି ଅଧକ୍ଷ ନୃପରାଜ ଯାଦବ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାରିଙ୍କ ଉଦ୍ୟମରେ ସହରର ପ୍ରତ୍ୟେକ ଡ୍ରେନ୍‌ରେ ମଶାମରା ତେଲ ପ୍ରୟୋଗ କରାଯାଉଥିବା ଜଣାପଡିଛି। ବର୍ଷାଋତୁରେ ଏହି ସହରରେ ମଶା ଓ ଡେଙ୍ଗୁର ପ୍ରାଦୁର୍ଭାବ ଦେଖାଦେଇଥାଏ। ତେଣୁ ଆଗୁଆ ପଦକ୍ଷେପ ନିଆଯାଉଛି।

# ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ଗ୍ରାମୀଣ ଶିକ୍ଷାକୁ ସୁଦୃଢ଼ କରୁଛି ବେଦାନ୍ତ ଆଲୁମିନିୟମ




**ଭୁବନେଶ୍ୱର (ବ୍ୟୁରୋ) :** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର କୋଇଲା ଖଣିର ଏକ ମୁଖ୍ୟ ପଦକ୍ଷେପ ପ୍ରକଳ୍ପ ବିଦ୍ୟା ମାଧ୍ୟମରେ ଓଡ଼ିଶାର ଝାରସୁଗୁଡ଼ା ଏବଂ ସୁନ୍ଦରଗଡ ଜିଲ୍ଲାରେ ଗ୍ରାମୀଣ ଶିକ୍ଷାକୁ ମଜବୁତ କରୁଛି, ଯାହା ଶିକ୍ଷାର ସୁଯୋଗକୁ ବିସ୍ତାର କରୁଛି ଏବଂ ସରକାରୀ ବିଦ୍ୟାଳୟରେ ଶିକ୍ଷାଗତ ଫଳାଫଳକୁ ଉନ୍ନତ କରିବାରେ ସାହାଯ୍ୟ କରୁଛି। ଏହାର ଆରମ୍ଭ ପରଠାରୁ, ପ୍ରକଳ୍ପ ବିଦ୍ୟା କମ୍ପାନୀର କାର୍ଯ୍ୟକ୍ଷମ ଅଞ୍ଚଳ କୁରାଲୋଇ, ଜାମଖାନୀ ଏବଂ ଘୋଘରପାଲ୍ଲୀରେ ୩୨ଟି ସରକାରୀ ବିଦ୍ୟାଳୟ ଏବଂ ୫୧ଟି ଅଙ୍ଗନୱାଡି କେନ୍ଦ୍ରର ୨୫,୦୦୦ରୁ ଅଧିକ ଛାତ୍ରଙ୍କ ନିକଟରେ ପହଞ୍ଚିଛି। ଏହି ପଦକ୍ଷେପ ପଡ଼ୋଶୀ ସମ୍ପ୍ରଦାୟର ଦକ୍ଷ ଶିକ୍ଷକମାନଙ୍କୁ ନିୟୋଜିତ କରି, ସ୍ଥାନୀୟ ଯୁବକମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଶ୍ରେଣୀଗୃହ ପାଠପଢା ମଜବୁତ କରି ଗ୍ରାମୀଣ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ସମାଧାନ କରିଛି। ଆଜି ପର୍ଯ୍ୟନ୍ତ, ଏହି ପଦକ୍ଷେପ ଅଧୀନରେ ୨୧ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ପ୍ରକଳ୍ପ ବିଦ୍ୟା ଶିକ୍ଷା ପରିବେଶକୁ ସୁଦୃଢ଼ କରିବା ପାଇଁ ଏକ ସମଗ୍ର ଦୃଷ୍ଟିଭଙ୍ଗୀ ଗ୍ରହଣ କରେ। ଏହି ପଦକ୍ଷେପ ଦ୍ୱାରା ବିଦ୍ୟାଳୟଗୁଡ଼ିକୁ ଶିକ୍ଷଣ ସହାୟକ, ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସନ୍ଦର୍ଭ ପୁସ୍ତକ, ବିଜ୍ଞାନ ପ୍ରଦର୍ଶନୀ, କ୍ରୀଡ଼ା ଉପକରଣ, ଶ୍ରେଣୀଗୃହ ଆସବାବପତ୍ର ଏବଂ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସଚେତନତା ଅଧିବେଶନ ସହିତ ସହାୟତା ମିଳିଥାଏ। ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା, ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷାକୁ ଅଧିକ ଆକର୍ଷଣୀୟ କରିବା ଭଳି କାର୍ଯ୍ୟକଳାପ ଦ୍ୱାରା ଏଥିରୁ ସଫଳତା ମିଳିଥାଏ। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ୍ କୁମାର କହିଛନ୍ତି: "ଶିକ୍ଷା ଏପରି ସୁଯୋଗ ସୃଷ୍ଟି କରେ, ଯାହା ଶ୍ରେଣୀଗୃହର ସୀମାଠାରୁ ବହୁ ଦୂର ପର୍ଯ୍ୟନ୍ତ ବିସ୍ତାରିତ ହୁଏ। ପ୍ରକଳ୍ପ ବିଦ୍ୟା ମାଧ୍ୟମରେ, ଆମେ ସ୍ଥାନୀୟ ଯୁବକମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ଜୀବିକା ସୁଯୋଗ ସୃଷ୍ଟି କରିବା, ଅତିରିକ୍ତ ଶିକ୍ଷକ ଏବଂ ପାଠପଢା ସମ୍ବଳ ସହିତ ବିଦ୍ୟାଳୟଗୁଡ଼ିକୁ ସମର୍ଥନ କରି ଆମର ଆଖପାଖ ସମ୍ପ୍ରଦାୟରେ ଶିକ୍ଷଣ ବ୍ୟବସ୍ଥାକୁ ମଜବୁତ କରୁଛୁ। ଆମର ପ୍ରୟାସ ହେଉଛି ପ୍ରତ୍ୟେକ ପିଲାକୁ ଆତ୍ମବିଶ୍ୱାସର ସହ ଶିଖାଇବା ଏବଂ ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ହୃଦୟଙ୍ଗମ କରିବାରେ ସାହାଯ୍ୟ କରିବା। ନିଜର ଅଭିଜ୍ଞତା ବାଣ୍ଟି, ବାରତାପ୍ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁରାଲୋଇର ଶିକ୍ଷକ ଲଳିତା ପଧାନ କହିଛନ୍ତି: "ମୋ ନିଜ ସମ୍ପ୍ରଦାୟର ପିଲାମାନଙ୍କୁ ପଢ଼ାଇବାର ସୁଯୋଗ ଅତ୍ୟନ୍ତ ସନ୍ତୋଷଜନକ ଅଟେ। ଶକ୍ତିଶାଳୀ ଶ୍ରେଣୀଗୃହ ସହାୟତା ଏବଂ ଉନ୍ନତ ଶିକ୍ଷଣ ସମ୍ବଳ ସହିତ, ମୁଁ ଛାତ୍ରମାନଙ୍କୁ ଅଧିକ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଏବଂ ସେମାନଙ୍କ ପାଠପଢାରେ ଅଧିକ ଆତ୍ମବିଶ୍ୱାସ ବିକଶିତ କରିବା ଦେଖିଛି। ସେମାନଙ୍କର ଶିକ୍ଷା ଯାତ୍ରା ଏବଂ ଭବିଷ୍ୟତର ଆକାଂକ୍ଷାରେ ଯୋଗଦାନ କରିବା ଲାଭଦାୟକ ଅଟେ। ଏହି ପଦକ୍ଷେପ ଅଂଶଗ୍ରହଣକାରୀ ବିଦ୍ୟାଳୟଗୁଡ଼ିକରେ ଉତ୍ସାହଜନକ ଫଳାଫଳ ପ୍ରଦାନ କରିଛି। ଛାତ୍ରଛାତ୍ରୀଙ୍କ ଉପସ୍ଥାନ ୧୪% ବୃଦ୍ଧି ପାଇଥିବା ବେଳେ ଗଣିତ, ବିଜ୍ଞାନ ଏବଂ ଇଂରାଜୀରେ କେନ୍ଦ୍ରୀଭୂତ ଶିକ୍ଷା ସହାୟତା ମୌଳିକ ଶିକ୍ଷାକୁ ସୁଦୃଢ଼ କରିଛି। ପ୍ରକଳ୍ପ ବିଦ୍ୟା ଛାତ୍ରଛାତ୍ରୀମାନଙ୍କୁ ପ୍ରତିଯୋଗିତା ମୂଳକ ପରୀକ୍ଷା ଏବଂ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ କରିବାରେ ମଧ୍ୟ ସାହାଯ୍ୟ କରିଥାଏ, ଯେଉଁଥିରେ ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ପ୍ରବେଶିକା ପରୀକ୍ଷା, ଯାହା ଓଡ଼ିଶାର ଆଦର୍ଶ ଆବାସିକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିଥାଏ, ଏବଂ ଜବାହାର ନବୋଦୟ ବିଦ୍ୟାଳୟ (ଜେଏନଭି) ଚୟନ ପରୀକ୍ଷା, ଯାହା ଗ୍ରାମାଞ୍ଚଳର ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ଆବାସିକ ବିଦ୍ୟାଳୟରେ ନାମଲେଖା ପାଇଁ ଏକ ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷା। ୨୦୨୬ ଆର୍ଥିକ ବର୍ଷରେ ୧୧ଜଣ ଛାତ୍ରଛାତ୍ରୀ ଓଏଭି ପାଇଁ ଯୋଗ୍ୟତା ହାସଲ କରିଥିବାବେଳେ ଜାମଖାନି ଏବଂ ଘୋଘରପଲ୍ଲୀ ପରିଚାଳନା ଅଞ୍ଚଳର ୪ ଜଣ ଛାତ୍ରଛାତ୍ରୀ ବୃତ୍ତି ପରୀକ୍ଷା ମାଧ୍ୟମରେ ଛାତ୍ରବୃତ୍ତି ହାସଲ କରିଛନ୍ତି, ଯାହା ଏକ ଛାତ୍ରବୃତ୍ତି ମୂଲ୍ୟାଙ୍କନ କାର୍ଯ୍ୟକ୍ରମ ଯାହା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଶିକ୍ଷା ଜାରି ରଖିବାରେ ସହାୟତା କରିଥାଏ। ପ୍ରକଳ୍ପ ବିଦ୍ୟା ଜରିଆରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଶିକ୍ଷକମାନଙ୍କ ମଧ୍ୟରେ ଥିବା ଅଭାବକୁ ଦୂର କରିବା, ଶ୍ରେଣୀଗୃହ ଶିକ୍ଷା ବୃଦ୍ଧି କରିବା ଏବଂ ସ୍ଥାନୀୟ ଯୁବକମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରି ଗ୍ରାମୀଣ ଶିକ୍ଷାକୁ ସୁଦୃଢ଼ କରୁଛି। ଏହି ପଦକ୍ଷେପ କମ୍ପାନୀର ବ୍ୟାପକ ଗୋଷ୍ଠୀ ବିକାଶ ପ୍ରୟାସର ଏକ ଅଂଶ, ଯାହା ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା ଏବଂ ସାମାଜିକ ବିକାଶରେ ଧ୍ୟାନ କେନ୍ଦ୍ରିତ ହସ୍ତକ୍ଷେପ ମାଧ୍ୟମରେ ୨୬ ଟି ଗାଁର ୨ଲକ୍ଷରୁ ଅଧିକ ଲୋକଙ୍କୁ ସକରାତ୍ମକ ଭାବରେ ପ୍ରଭାବିତ କରିଛି, ସମାବେଶୀ ଅଭିବୃଦ୍ଧି ଏବଂ ଦୀର୍ଘକାଳୀନ ଗୋଷ୍ଠୀ ପ୍ରଗତିରେ ଯୋଗଦାନ ଦେଇଛି।

## ସମ୍ପାଦକୀୟ...

# ଲକ୍ଷ୍ୟ ଏକନମ୍ବର

ଭାରତ ସ୍ୱାଧୀନ ହେବାର ଇତିମଧ୍ୟରେ ଦୀର୍ଘବର୍ଷ ବିତିଗଲାଣି। ପ୍ରାୟ ୭୯ ବର୍ଷ ପରେ ବି ଏସିଆ ମହାଦେଶରେ ହୋଇପାରିନି ଏକନମ୍ବର ଅଥଚ ଭାରତରେ କିନ୍ତୁ ଓଡ଼ିଶାକୁ ଏକନମ୍ବର ରାଜ୍ୟରେ ପରିଣତ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର ଏବଂ ସେଥିନେଇ ତାରିଖ ବି ଘୋଷଣା କରିଛନ୍ତି। ୨୦୩୬ ସୁଦ୍ଧା ରାଜ୍ୟ ଗଠନର ଶତବର୍ଷ ପୂର୍ତ୍ତି ପାଳନ ଅବସରରେ ସେତେବେଳେ ରାଜ୍ୟ ସରକାର ଓଡ଼ିଶାକୁ ସର୍ବଭାରତୀୟ ସ୍ତରରେ ଏକନମ୍ବର ରାଜ୍ୟରେ ପରିଣତ କରିବାର ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାହାକୁ କେତେକାଂଶରେ ସାକାର କରିପାରିଥିବାର କିଛି ବିଧିବଦ୍ଧ ଘୋଷଣା ଅନ୍ତତଃ କରିପାରିବେ। ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ସେ ଦିଗରେ ଆଗାମୀ ସମୟର କିଛି ଆହ୍ୱାନକୁ ସାମ୍ନା କରିବା ସହ ଆଗାମୀ ସମୟର କିଛି ପ୍ରତିବନ୍ଧକକୁ ଏଡ଼ାଇ ରାଜ୍ୟକୁ ଜାତୀୟ ସ୍ତରରେ, ସର୍ବଭାରତୀୟ ସ୍ତରରେ ସବୁଠାରୁ ଆଗୁଆ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେ ସ୍ୱପ୍ନକୁ ସାକାର କରିବାପାଇଁ ପ୍ରଥମ ପଦକ୍ଷେପ ସ୍ୱରୂପ ୨୦୨୯ ସୁଦ୍ଧା ରାଜ୍ୟର ଛ' ହଜାରରୁ ଅଧିକ ଗ୍ରାମ ପଞ୍ଚାୟତକୁ ମଡେଲିଂ କରିବା ଯୋଜନାର କାର୍ଯ୍ୟାନ୍ୱୟନ ଦିଗରେ ରାଜ୍ୟ ସରକାର ଏବେ ଧୀରେ ଧୀରେ କେତେକ ପଦକ୍ଷେପ ନେଉଛନ୍ତି। ଯାହାହେଉ ରାଜ୍ୟ ସରକାରଙ୍କ ବିଳମ୍ବରେ ହେଲେ ବି ନିଦ ଭାଙ୍ଗିଲା। ରାଜ୍ୟ ସରକାର ଏଯାବତ୍ କେବଳ ସ୍ୱପ୍ନ ଦେଖୁଥିଲେ ଏକ ବିକଶିତ ରାଜ୍ୟ ଗଠନର, ଏକ ଉନ୍ନତ ରାଜ୍ୟ ଗଠନର ହେଲେ ଏବେ କିନ୍ତୁ ବାସ୍ତବରେ ସେମିତି କିଛି ପଦକ୍ଷେପ ନେଇଛନ୍ତି ଓଡ଼ିଶା ରାଜ୍ୟକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ। ସର୍ବପ୍ରଥମେ ଏହିଭଳି କିଛି ଯୋଜନା ହାତକୁ ନେଇଥିଲେ କେନ୍ଦ୍ର ସରକାର । ଦେଶ ସ୍ୱାଧୀନ ହେବାର ଠିକ୍ ପରେ ପରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ନେହରୁଙ୍କ୍ ସମୟରେ କୀ ଭିଲେଜ ମିଶନ୍ ଯୋଜନା ମାଧ୍ୟମରେ କେନ୍ଦ୍ର ସରକାର ଭାରତର ଗ୍ରାମ୍ୟ ପରିବେଶରେ ଉନ୍ନତି ଆଣିବା ପାଇଁ, ଭାରତୀୟ ଗ୍ରାମ୍ୟ ଜୀବନରେ ସୁଧାର ଆଣିବା ପାଇଁ ଏବଂ ସର୍ବୋପରି ଦେଶର ଗ୍ରାମାଞ୍ଚଳମାନଙ୍କରେ ରହୁଥିବା ଲୋକମାନଙ୍କ୍‌ର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଜବାହରଲାଲ୍ ନେହରୁ ତାଙ୍କ ସମୟରେ ପାଞ୍ଚବର୍ଷୀୟ ଯୋଜନା ମାଧ୍ୟମରେ ଅବଶ୍ୟ କିଛି ପଦକ୍ଷେପ ନେଇଥିଲେ ଯାହାକୁ ଆଗକୁ ଯାଇ ଧୀରେ ଧୀରେ ଶିଥିଳ ହୋଇଗଲା ଏବଂ ଗ୍ରାମ୍ୟ ବିକାଶର ଧାରା କେବଳ ଗ୍ରାମ୍ୟ ବିକାଶର ନାରାରେ ସୀମିତ ହୋଇ ରହିଗଲା। ପରେ କେନ୍ଦ୍ରରେ ବିଜେପି ସରକାର ଆସିଲା ପରେ ୧୪ ମସିହାରେ ସାଂସଦ ଆଦର୍ଶ ଗ୍ରାମ ଯୋଜନା ମାଧ୍ୟମରେ କେନ୍ଦ୍ର ସରକାର ଭାରତୀୟ ସଂସଦରେ ସେହିପ୍ରକାର କିଛି ବିଲ୍ ପାଶ୍ କରାଇଥିଲେ ଯାହାଦ୍ୱାରା ପ୍ରତ୍ୟକ ସାଂସଦ ନିଜ ନିଜର ସଂସଦୀୟ କ୍ଷେତ୍ରର ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିପାରିବେ । ସେହି ଯୋଜନା ଆଧାରରେ ସେମାନେ ସେହି ଗ୍ରାମର ଉନ୍ନତି କଳ୍ପେ ବହୁତ ଗୁଡ଼ିଏ ଯୋଜନା କେନ୍ଦ୍ର ସରୀକାରଙ୍କ୍ ସହାୟତା କ୍ରମେ ହାତକୁ ନେଇପାରିବେ। ତେବେ ତାହାଦ୍ୱାରା ଯେ ଭାରତରେ ସମ୍ପୂର୍ଣ୍ଣ ଗ୍ରାମ୍ୟ ବିକାଶ ସମ୍ଭବ ହୋଇଯିବ, ତାହା ବି କହିବା ଏତେ ସମୀଚୀନ ନୁହେଁ। ଏଣୁ ରାଜ୍ୟସ୍ତରରେ ତୃଣମୂଳ ସ୍ତରରେ ସେହିଭଳି କିଛି ଆଦର୍ଶ ଗ୍ରାମ୍ୟ ଯୋଜନା କାର୍ଯ୍ୟକାରୀ ହେବାର ଆବଶ୍ୟକତା ରହିଛି। ଏଇ ଯେମିତି ଓଡ଼ିଶା ସରକାର ଏବେ ସେହିଭଳି ଏକ ଯୋଜନା ମଡେଲ ଭିଲେଜ୍ ମିଶନ୍ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ସେଥିନେଇ ରାଜ୍ୟର ପ୍ରାୟ ୬୭୩୩ ଗ୍ରାମ ପଞ୍ଚାୟତକୁ ପର୍ଯ୍ୟାୟକ୍ରମେ ସର୍ଭେ କରାଯାଇ ପ୍ରତି ପଞ୍ଚାୟତର ଆଗଧାଡ଼ିର ନିର୍ଦ୍ଦିଷ୍ଟ କେତେକ ଗ୍ରାମର ପୂର୍ଣ ବିକାଶ ଯେମିତି କି ଗମନାଗମନ, ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ରୁରାଲ୍ ମେଗା ମାର୍କେଟ୍ ଆଦିର ସୁବନ୍ଦୋବସ୍ତ କରାଯାଇ ପ୍ରତି ଗ୍ରାମ୍ୟ ପରିବେଶରେ ଏକ ଉପସହରୀକରଣ ବାତାବରଣ ସୃଷ୍ଟି କରାଯିବାର ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ତେବେ ସରକାରଙ୍କ ଏଭଳି ଯୋଜନାର ସଫଳ ରୂପାୟନ ଦିଗରେ କେବଳ ଯେ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ରହିବ ତାହା ନୁହେଁ,ଏଥିରେ କେନ୍ଦ୍ର ସରକାରଙ୍କ୍ ସ୍ୱତନ୍ତ୍ର ହସ୍ତକ୍ଷେପ ମଧ୍ୟ ଜରୁରୀ ନଚେତ୍ ରାଜ୍ୟ ସରକାରଙ୍କ୍ ଶିଥିଳ ପ୍ରଶାସନିକ ପ୍ରଚେଷ୍ଟା ରାଜ୍ୟକୁ ଏକନମ୍ବର କରିବାରେ ହୁଏତ ସଫଳ ହୋଇନପାରେ ।

## ଜ୍ଞାନାମୃତ

# ବୃଦ୍ଧ ବୁଦ୍ଧି

ସକାଳୁ ସକାଳୁ ଆରମ୍ଭ କରିଥିଲେ ତାଙ୍କ ଯାତ୍ରା। ଲକ୍ଷ୍ୟ ତ ଥାଏ ତଥାପି ତାଙ୍କ ଯାତ୍ରା ସରୁ ନଥାଏ। ପକ୍ଷୀଦଳଙ୍କ ଯାତ୍ରା ବୋଧହୁଏ ଥିଲା ବହୁତ ଲମ୍ବା। ତେବେ ସେମାନେ କୁଆଡ଼େ ଯାଉଥାଆନ୍ତି କେଜାଣି? ସମସ୍ତ ପକ୍ଷୀଙ୍କୁ ମଧ୍ୟ ତାହା ଜଣା ନଥାଏ। ବୋଧହୁଏ ଗୋଟାଏ ଲମ୍ବା ଯାତ୍ରା କିମ୍ବା ଗୋଟାଏ ବହୁତ ବଡ଼ ଯାତ୍ରାରେ ବାହାରିଥିଲେ ସେମାନେ। ହସ ଖୁସିରେ ଯାଉ ଯାଉ ବହୁ ଦୂରକୁ ଚାଲି ଯାଇଥିଲେ ସେମାନେ। ସମ୍ଭବତଃ ସେମାନଙ୍କ ଯାତ୍ରା ପଥରୁ ଓହରିଯାଇ କିଛି ଆଗକୁ ଚାଲିଯାଇଥିଲେ ସେମାନେ। ହୁଏତ ସେମାନଙ୍କ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ଭିନ୍ନ ରାସ୍ତାରେ କିଛି ଆଗକୁ ଚାଲି ଯାଇଥିଲେ ସେମାନେ। ଯାହା ହେଉ.. ଉଡ଼ାଣ କିନ୍ତୁ ଜାରି ରହିଥିଲା ସେହି ପକ୍ଷୀ ଦଳର। ଖରାଦିନର କଥା। ଆକାଶରେ ଖରା ମୁଣ୍ଡ ଉପରକୁ ଉଠିଗଲାଣି। ଖରାଦିନର ଏତେ ଖରା ପରେ ବି ସେମାନଙ୍କ ଯାତ୍ରା ସରୁ ନଥାଏ। ହଠାତ୍ ସେମାନଙ୍କ ମଧ୍ୟରୁ ବୁଢ଼ା ପକ୍ଷୀଟିଏ ଆଉ ଉଡ଼ି ନପାରି ପୂରା ହାଲିଆ ହୋଇପଡ଼ିଲା। ତଳକୁ ଖସିବାର ଉଦ୍ୟମ ଆରମ୍ଭ କରିଦେଲା। ଅନ୍ୟମାନେ ବି ପ୍ରାୟ ସେହିଭଳି ସ୍ଥିତିକୁ ଆସିଗଲେଣି। ହେଲେ କ'ଣ କରିବେ । ଲକ୍ଷ୍ୟପଥ ଏବେ ବି ରହିଛି ଆହୁରି ଦୂରରେ । ତେବେ ସାଥୀମାନଙ୍କର ଥକ୍କାପଣକୁ ଲକ୍ଷ୍ୟରେ ରଖି ଦଳର ମୁଖିଆ ବି ଚିନ୍ତାରେ । କ'ଣ କରାଯିବ ? ଏବେ ସମସ୍ତେ ପ୍ରାୟ ହାଲିଆ। ଉଡ଼ି ଉଡ଼ି ଏତେ ବାଟ ଆସିଲା ପରେ ଯେ କେହି ବି ହାଲିଆ ହେବା ସ୍ୱାଭାବିକ। ଏବେ କ'ଣ କରିବେ କୁଆଡ଼େ ଯିବେ? ଏହି ଚିନ୍ତାରେ ସମସ୍ତେ ପଡ଼ିଗଲେ। କିଛି ସମୟ ପାଇଁ କାଉଦଳ ଉଡ଼ା ବନ୍ଦକରି ନିକଟରେ ଥିବା ଗୋଟାଏ ବଡ ଗଛରେ ବସିଗଲେ। ସମସ୍ତେ ଗଛରେ କିଛି ସମୟ ପାଇଁ ବସିଗଲା ପରେ ପ୍ରଥମେ ସେମାନେ ତାଙ୍କର ଥକ୍କା ମେଣ୍ଟାଇଲେ। ପରେ ପୁଣି ସେହି ଦଳ ସେମାନଙ୍କ ଗନ୍ତବ୍ୟ ପଥରେ ଉଡ଼ିବା ପାଇଁ ସ୍ଥିର କଲେ। ତେବେ ସେହି ପକ୍ଷୀ ଦଳ ଭିତରେ ଦୁଇଟା ବୃଦ୍ଧ କାଉ ରହିଯାଇଥିଲେ। ସେମାନେ ଆଗକୁ ଆଉ ଉଡ଼ିବା ଅବସ୍ଥାରେ ନଥିଲେ। ପ୍ରଥମତଃ ସେମାନେ ବହୁତ ବାଟ ଉଡ଼ି ଉଡି ହାଲିଆ ହୋଇଯାଇଥିଲେ। ଦ୍ୱିତୀୟରେ ସେମାନଙ୍କୁ ଏତେ ଜୋର୍‌ରେ ଶୋଷ ଲାଗୁଥିଲା ଯେ ସେମାନେ ଆଉ ଟିକିଏ ବି ଉଡ଼ିବା ଅବସ୍ଥାରେ ନଥିଲେ। ବରିଷ୍ଠ ପକ୍ଷୀମାନଙ୍କର ଏପରି ସ୍ଥିତି ଦେଖି ବାକିମାନେ ପଡ଼ିଗଲେ ଚିନ୍ତାରେ। ଚିନ୍ତାର ବିଷୟ ଥିଲା ଯେ ନିଘଞ୍ଚ ଜଙ୍ଗଲରେ ପାଣି ବ୍ୟବସ୍ଥା। ତେବେ ହଠାତ ଅନତି ଦୁରରେ ଗୋଟାଏ କିଛି ପାତ୍ର ଥୁଆ ହୋଇଥିବାର ନଜର ପଡ଼ିଲା ପରେ ଗୋଟାଏ କାଉ ସେଠାକୁ ଯାଇ ଦେଖେ ତ ସେଥିରେ କିଛି ପାଣି ଥିଲା। ହେଲେ ପାଣି ତଳେ ଥିବା ଦେଖି ବୁଦ୍ଧି ଗୁଡୁମ। ପରେ ବୃଦ୍ଧକାଉ ବୁଦ୍ଧି ନେଇ ଆର କାଉଟି ୍ସେଥିରେ କିଛି ଛୋଟ ପଥରଖଣ୍ଡ ପକାଇଦେବା ପରେ ଭିତର ପାଣି ଉପରକୁ ଆସିବା ପରେ ତୃଷାର୍ତ୍ତ କାଉ ପାଣି ପିଇ ସେମାନଙ୍କ ତୃଷା ମେଣ୍ଟାଇଲେ। ବେଳେ ବେଳେ ବୁଦ୍ଧିବଳରେ କେତେକ କଷ୍ଟକର କାର୍ଯ୍ୟ ବି ସହଜ ହୋଇଯାଇଥାଏ। ଅସମ୍ଭବ କାର୍ଯ୍ୟ ମଧ୍ୟ ସମ୍ଭବ ହୋଇଯାଏ।

# ଶିବଙ୍କ ପ୍ରତୀକ ଏବଂ ଗଭୀର ରହସ୍ୟ



ଡ. ଅମୂଲ୍ୟ କୁମାର ପଣ୍ଡା



ଶିବଙ୍କୁ କଲ୍ୟାଣର ଉଦାର ଏବଂ ହିତୈଷୀ ଦେବତା ଭାବରେ ବିବେଚନା କରାଯାଏ। ବ୍ରହ୍ମାଣ୍ଡର ସୃଷ୍ଟିରେ, ଗୋଟିଏ ଶକ୍ତି ତିନୋଟି ରୂପରେ ଏହାର କାର୍ଯ୍ୟ କରୁଥିବା ଦେଖାଯାଏ। ବ୍ରହ୍ମା ବ୍ରହ୍ମାଣ୍ଡର ସୃଷ୍ଟି କରନ୍ତି, ବିଷ୍ଣୁ ଏହାକୁ ପାଳନ କରନ୍ତି ଏବଂ ଶିବ ଏହାକୁ ନଷ୍ଟ କରନ୍ତି। ଅର୍ଥାତ୍, ସୃଷ୍ଟିରୁ ବିନାଶ ପର୍ଯ୍ୟନ୍ତ ବ୍ରହ୍ମାଣ୍ଡର ଚକ୍ର ପରମାତ୍ମାଙ୍କ ମାଧ୍ୟମରେ ପ୍ରକୃତିରେ ନିରନ୍ତର ଜାରି ରହେ। ବେଦରେ ପ୍ରକୃତିର ଉପାଦାନଗୁଡ଼ିକୁ ପୂଜା କରାଯାଇଛି। ପ୍ରତ୍ୟେକ ଉପାଦାନକୁ ଏକ ଦେବତାର ରୂପ ଦିଆଯାଇଛି। ପ୍ରାକୃତିକ ବିଜ୍ଞାନର ଏହି ସମଗ୍ର ଘଟଣା ଅତ୍ୟନ୍ତ ରହସ୍ୟମୟ, ସାଧାରଣ ଲୋକଙ୍କ ପାଇଁ ବୁଝିବା କଷ୍ଟକର। ଅନାଦି କାଳରୁ, ଋଷିମାନେ ଚିନ୍ତନ ଏବଂ ପ୍ରତିଫଳନ ମାଧ୍ୟମରେ ଏହି ରହସ୍ୟଗୁଡ଼ିକୁ ଅନୁସନ୍ଧାନ କରିବାକୁ ଚେଷ୍ଟା କରିଆସୁଛନ୍ତି। ଋଗ୍ୱେଦର ରାତ୍ରି ସୂକ୍ତରେ, ରାତିକୁ ଅନନ୍ତ ବିନାଶ କୁହାଯାଏ, ଏବଂ ଦିନକୁ ଅନନ୍ତ ସୃଷ୍ଟି କୁହାଯାଏ। ଦିନରେ, ଆମର ମନ ଏବଂ ଆମର ଇନ୍ଦ୍ରିୟଗୁଡ଼ିକ ଭିତରରୁ ଗତି କରି ଜଗତ ଆଡକୁ ଧାଇଁଥାନ୍ତି, ଏବଂ ରାତିରେ, ସେମାନେ ବାହାରୁ ଗତି କରି ଶିବଙ୍କ ଆଡକୁ ମୁହାଁଇଥାନ୍ତି। ତେଣୁ, ଦିନ ସୃଷ୍ଟିକୁ ବୁଝାଏ, ଏବଂ ରାତି ବିନାଶକୁ ବୁଝାଏ। ଆସନ୍ତୁ ଶିବଙ୍କ ପ୍ରତୀକ ଏବଂ ସେମାନଙ୍କର ଗଭୀର ରହସ୍ୟଗୁଡ଼ିକୁ ଚିହ୍ନଟ କରିବା।

ପ୍ରଥମରେ ହେଉଛି ବୃଷ। ବୃଷ ହେଉଛି ଶିବଙ୍କ ବାହନ। ଏହା ସର୍ବଦା ଶିବଙ୍କ ସହିତ ଥାଏ। ବୃଷ ଅର୍ଥ ଧର୍ମ। ମନୁସ୍ମୃତି ଅନୁସାରେ, 'ବୃଷଭ ହେଉଛି ଭଗବାନ ଧର୍ମ:'। ବେଦ ଧର୍ମକୁ ଚାରିପାଦ ବିଶିଷ୍ଟ ପ୍ରାଣୀ ଭାବରେ ବର୍ଣ୍ଣନା କରନ୍ତି। ଏହାର ଚାରିପାଦ ହେଉଛି ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ। ମହାଦେବ ଏହି ଚାରିପାଦ ବିଶିଷ୍ଟ ବୃଷଭ ଉପରେ ଚଢ଼ନ୍ତି, ଅର୍ଥାତ୍ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ତାଙ୍କ ଅଧୀନରେ। ବୃଷଭ ମଧ୍ୟ ବୀର୍ଯ୍ୟ ଏବଂ ଶକ୍ତିର ଅର୍ଥ। ଅଥର୍ବବେଦରେ, ବୃଷଭଙ୍କୁ ପୃଥିବୀର ଧାରକ, ପୋଷଣକାରୀ, ଉତ୍ପାଦକ, ଇତ୍ୟାଦି ଭାବରେ ବର୍ଣ୍ଣନା କରାଯାଇଛି। ବୃଷଭ ମଧ୍ୟ ମେଘର ଅର୍ଥ। ବର୍ଷା, ସୃଷ୍ଟି ଇତ୍ୟାଦି ଶବ୍ଦ ଏହି ମୂଳରୁ ଉତ୍ପନ୍ନ ହୋଇଛି। ଶିବ ହେଉଛନ୍ତି ଅନ୍ତରୀକ୍ଷର ଦେବତା। ତାଙ୍କର ନାମ ବ୍ୟୋମକେଶ, ତେଣୁ ଆକାଶ ହେଉଛି ତାଙ୍କ ଜଟିଳ ତାଳର ରୂପ। ଜଟିଳ ତାଳ ବାୟୁମଣ୍ଡଳର ପ୍ରତୀକ। ବାୟୁ ଆକାଶରେ ବ୍ୟାପି ରହିଛି। ସୌରମଣ୍ଡଳ ଉପରେ ପରମେଷ୍ଠୀ ମଣ୍ଡଳ ଅଛି। ଏହାର ଅର୍ଥ ତତ୍ତ୍ୱକୁ ଗଙ୍ଗା କୁହାଯାଏ, ତେଣୁ ଗଙ୍ଗା ଶିବଙ୍କ ଜଟିଳ ତାଳରେ ପ୍ରବାହିତ ହୁଏ। ଶିବଙ୍କୁ ରୁଦ୍ରଙ୍କ ଉଗ୍ର ଏବଂ ବିନାଶକାରୀ ରୂପ ବୋଲି ମଧ୍ୟ ବିବେଚନା କରାଯାଏ। ଦ୍ୱିତୀୟରେ ହେଉଛି ଗଙ୍ଗା ଏବଂ ଚନ୍ଦ୍ର। ମାଆ ଗଙ୍ଗା ଓ ଚନ୍ଦ୍ର ଏହି ଉଗ୍ରତା ମସ୍ତିଷ୍କରେ ବାସ କରେ, ତେଣୁ, ଶାନ୍ତିର ପ୍ରତୀକ ଗଙ୍ଗା ଏବଂ ଅର୍ଦ୍ଧଚନ୍ଦ୍ର, ଶିବଙ୍କ ମସ୍ତକରେ ବସି ତାଙ୍କର ଉଗ୍ର ସ୍ୱଭାବକୁ ଶାନ୍ତ ରଖନ୍ତି। ଦ୍ୱିତୀୟତଃ, ବିଷ ପିଇବା ଯୋଗୁଁ ତାଙ୍କର ନୀଳ କଣ୍ଠ ହେବା ଯୋଗୁଁ ହେଉଥିବା ଜ୍ୱଳନକୁ ମଧ୍ୟ ଗଙ୍ଗା ଏବଂ ଚନ୍ଦ୍ର ଶାନ୍ତ କରନ୍ତି। ଚନ୍ଦ୍ର ମନର ପ୍ରତୀକ। ଶିବଙ୍କ ମନ ନିର୍ଦ୍ଦୋଷ, ପବିତ୍ର, ପବିତ୍ର ଏବଂ ଶକ୍ତିଶାଳୀ। ତାଙ୍କର ବିବେକ ସର୍ବଦା ସତର୍କ। ତାଙ୍କ ମନରେ କେବେବି ଅଯୌକ୍ତିକ ଚିନ୍ତାଧାରା ଉଠେ ନାହିଁ। ଶିବଙ୍କ ଚନ୍ଦ୍ର ସ୍ୱଚ୍ଛ ଏବଂ ଉଜ୍ଜ୍ୱଳ। ଏହା ଅପବିତ୍ରତା ମୁକ୍ତ; ଏହା ଅମୃତ ବୃଷ୍ଟି କରେ। ଚନ୍ଦ୍ରର ଗୋଟିଏ ନାମ 'ସୋମ', ଯାହା ଶାନ୍ତିର ପ୍ରତୀକ। ଏହି କାରଣରୁ, ସୋମବାରକୁ ଶିବ ପୂଜା, ଦର୍ଶନ ଏବଂ ପ୍ରାର୍ଥନାର ଦିନ ଭାବରେ ବିବେଚନା କରାଯାଏ। ତୃତୀୟରେ ହେଉଛି ତ୍ରିନୟନ। ଶିବଙ୍କୁ ତ୍ରିଲୋଚନ କୁହାଯାଏ, ଅର୍ଥାତ୍ ତାଙ୍କର ତିନୋଟି ଆଖି ଅଛି। ବେଦ ଅନୁସାରେ, ସୂର୍ଯ୍ୟ ଏବଂ ଚନ୍ଦ୍ର ବିରାଟ ପୁରୁଷଙ୍କ ଆଖି। ଅଗ୍ନି ଶିବଙ୍କ ତୃତୀୟ ଆଖି, ଯଜ୍ଞ ଅଗ୍ନିର ପ୍ରତୀକ। ସୂର୍ଯ୍ୟ ଜ୍ଞାନର ଅଧିଷ୍ଠାତ୍ରୀ ଦେବତା, ଏବଂ ଏହି ଜ୍ଞାନ କିମ୍ବା ଅଗ୍ନି ଚକ୍ଷୁ ଦ୍ୱାରା ସେ କାମଦେବଙ୍କୁ ଭସ୍ମ କରିଦେଇଥିଲେ। ଶିବଙ୍କ ଏହି ତିନୋଟି ଆଖି ସତ୍ତ୍ୱ, ରଜ ଏବଂ ତମ ତିନୋଟି ଗୁଣ, ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତର ତିନି ସମୟ ଏବଂ ସ୍ୱର୍ଗ, ମୃତ୍ୟୁ ଏବଂ ନର୍କର ତିନି ଲୋକର ପ୍ରତୀକ। ତେଣୁ, ଶିବଙ୍କୁ ତ୍ରୟମ୍ବକ ମଧ୍ୟ କୁହାଯାଏ।

ଚତୁର୍ଥରେ ହେଉଛି ସର୍ପଙ୍କ ହାର। ଭଗବାନ ଶଙ୍କରଙ୍କ ଗଳା ଏବଂ ଶରୀରରେ ସାପର ହାର ଅଛି। ସାପଟି ତମୋ ଗୁଣ (ଅନ୍ଧକାର) ର ଏବଂ ଏହା ଏକ ବିନାଶକାରୀ ପ୍ରକୃତିର ପ୍ରାଣୀ। ଯଦି ଏହା ମଣିଷକୁ କାମୁଡ଼େ, ତେବେ ବ୍ୟକ୍ତିର ମୃତ୍ୟୁ ହୁଏ। ତେଣୁ, ଶିବ ଏହାକୁ ବିନାଶକାରୀତାର ପ୍ରତୀକ ଭାବରେ ଧାରଣ କରନ୍ତି, ଅର୍ଥାତ୍ ଶିବ ତମୋ ଗୁଣ (ଅନ୍ଧକାର) କୁ ନିୟନ୍ତ୍ରଣ କରିଛନ୍ତି। ସାପ ପରି ଏକ ନିଷ୍ଠୁର ଏବଂ ହିଂସ୍ର ପ୍ରାଣୀ ମହାକାଳଙ୍କ ନିୟନ୍ତ୍ରଣରେ ଅଛି। ପଞ୍ଚମରେ ହେଉଛି ତ୍ରିଶୂଳ। ଏହା ଶିବଙ୍କର ଏକ ଘାତକ ଅସ୍ତ୍ର, ତ୍ରିଶୂଳ ଧାରଣ କରନ୍ତି। ବ୍ରହ୍ମାଣ୍ଡରେ, ସମସ୍ତ ମାନବ ତିନି ପ୍ରକାରର ଦୁଃଖ ଦ୍ୱାରା କଷ୍ଟ ପାଆନ୍ତି: ଶାରୀରିକ, ଦିବ୍ୟ ଏବଂ ଆଧ୍ୟାତ୍ମିକ। ଶିବଙ୍କ ତ୍ରିଶୂଳ ଏହି ଦୁଃଖଗୁଡ଼ିକୁ ନଷ୍ଟ କରେ। କେବଳ ଶିବଙ୍କ ଆଶ୍ରୟ ନେଇ ଜଣେ ଭକ୍ତ ଏହି ଦୁଃଖରୁ ମୁକ୍ତ ହୋଇ ସୁଖ ପ୍ରାପ୍ତ କରିପାରିବେ। ଶିବଙ୍କ ତ୍ରିଶୂଳ ଇଚ୍ଛା, ଜ୍ଞାନ ଏବଂ କାର୍ଯ୍ୟକୁ ସୂଚିତ କରେ। ଷଷ୍ଠରେ ହେଉଛି ଡମରୁ। ଶିବ ତାଙ୍କ ହାତରେ ଏକ ଡମରୁ ଧରିଛନ୍ତି। ସେ ତାଣ୍ଡବ ନୃତ୍ୟ ସମୟରେ ଏହାକୁ ବଜାଇଥାନ୍ତି। ପୁରୁଷ ଏବଂ ପ୍ରକୃତିର ମିଳନକୁ ତାଣ୍ଡବ ନୃତ୍ୟ କୁହାଯାଏ। ସେହି ସମୟରେ ପ୍ରତ୍ୟେକ ପରମାଣୁରେ କାର୍ଯ୍ୟକଳାପ ଜାଗ୍ରତ ହୁଏ ଏବଂ ବ୍ରହ୍ମାଣ୍ଡ ସୃଷ୍ଟି ହୁଏ। ପରମାଣୁର ମିଳନ ଏବଂ ସଂଘର୍ଷ ଶବ୍ଦକୁ ଜନ୍ମ ଦିଏ। ଶାସ୍ତ୍ରରେ ଶବ୍ଦକୁ ବ୍ରହ୍ମ କୁହାଯାଏ। ଡମରୁର ଶବ୍ଦ ବା ଶବ୍ଦ ହେଉଛି ବ୍ରହ୍ମର ସ୍ୱରୂପ। ଏହା 'ଓଁକାର'ର ପ୍ରକାଶନ। ସପ୍ତମରେ ହେଉଛି ଖପୁରୀ ମାଳ। ଶିବଙ୍କ ଗଳାରେ ଖପୁରୀର ମାଳ ଏହି ଭାବନାକୁ ପ୍ରକାଶ କରେ ଯେ ସେ ମୃତ୍ୟୁକୁ ଆଲିଙ୍ଗନ କରିଛନ୍ତି ଏବଂ ଏହାକୁ ଭୟ କରନ୍ତି ନାହିଁ। ଶ୍ମଶାନରେ ଶିବଙ୍କ ବାସସ୍ଥାନ ଏହାର ପ୍ରତୀକ ଯେ ଯିଏ ଜନ୍ମ ହୋଇଛି ସେ ଦିନେ ମୃତ୍ୟୁବରଣ କରିବ, ତେଣୁ, ଜୀବିତ ଅବସ୍ଥାରେ ଶରୀରର ବିନାଶ ବିଷୟରେ ସଚେତନ ହେବା ଉଚିତ। ପ୍ରଳୟ ସମୟରେ, ସମଗ୍ର ବ୍ରହ୍ମାଣ୍ଡ ଏକ ଶ୍ମଶାନ ଭୂମିରେ ପରିଣତ ହୁଏ। ଯେଉଁ ଶ୍ମଶାନ ଭୂମିରେ ଆମେ ମୃତଦେହ ନେଇଯାଉ, ତାହା ପ୍ରଳୟର ଏକ କ୍ଷୁଦ୍ର ସଂସ୍କରଣ। ଏଥିରେ ଏକ ସଂକ୍ଷିପ୍ତ ଉପସ୍ଥିତି ଏବଂ ଏହାକୁ ଦେଖିବା ଅନିବାର୍ଯ୍ୟ ଭାବରେ କ୍ଷଣିକ ବିଚ୍ଛିନ୍ନତାକୁ ପ୍ରେରଣା ଦିଏ। ଅଷ୍ଟମରେ ହେଉଛି ବାଘ ଚର୍ମ। ଶିବଙ୍କୁ ବାଘ ଚର୍ମ ପିନ୍ଧି କଳ୍ପନା କରାଯାଇଛି। ବାଘ ଅହଂକାର ଏବଂ ହିଂସାର ପ୍ରତୀକ, ତେଣୁ ଶିବ ଅହଂକାର ଏବଂ ହିଂସା ଉଭୟକୁ ଦମନ କରିଛନ୍ତି। ନବମ ରେ ହେଉଛି ଭସ୍ମ ବା ପାଉଁଶ। ଶିବ ତାଙ୍କ ଶରୀରରେ ପାଉଁଶ ପିନ୍ଧନ୍ତି। ଉଜ୍ଜୟିନୀର ମହାକାଳ ମନ୍ଦିରରେ ପ୍ରତିଦିନ ସକାଳେ, ଏକ ଭସ୍ମ ଆରତୀ କରାଯାଏ, ଯେଉଁଥିରେ ଶ୍ମଶାନ ଭୂମିରୁ ଏକ ମୃତ ଶରୀରର ପାଉଁଶ ସହିତ ଶିବଙ୍କୁ ପୂଜା କରାଯାଏ। ଲିଙ୍ଗରେ ପାଉଁଶ ଲଗାଯାଏ। ପାଉଁଶ ଜଗତର ଶୂନ୍ୟତାର ପ୍ରତୀକ। ମହାକାଳପାତ ସମୟରେ, ସମଗ୍ର ବିଶ୍ୱ ନଷ୍ଟ ହୋଇଯାଏ, କେବଳ ପାଉଁଶ ରହିଯାଏ। ଶରୀର ସମାନ ଭାଗ୍ୟ ଅନୁଭବ କରେ। ପାଉଁଶ ଆମକୁ ମୃତ୍ୟୁର ମନେ ପକାଇଥାଏ। ବେଦରେ, ରୁଦ୍ରଙ୍କୁ ଅଗ୍ନିର ପ୍ରତୀକ ଭାବରେ ବିବେଚନା କରାଯାଏ। ଅଗ୍ନିର କାର୍ଯ୍ୟ ହେଉଛି ଭସ୍ମରେ ପରିଣତ କରିବା, ତେଣୁ ପାଉଁଶକୁ ଶିବଙ୍କ ଆଭୂଷଣ ଭାବରେ ବିବେଚନା କରାଯାଏ।

ଏହାପରେ ହେଉଛି ଶିବଙ୍କୁ ରୁଦ୍ର କାହିଁକି କୁହଯାଏ। ଶିବଙ୍କୁ ରୁଦ୍ର ସ୍ୱରୂପ ମଧ୍ୟ କୁହାଯାଏ। ପୁରାଣ ଅନୁସାରେ, ନକ୍ଷତ୍ରମଣ୍ଡଳରେ ଅବସ୍ଥିତ ୧୧ଟି ରୁଦ୍ର ଅଛନ୍ତି। ବୈଦିକ ବାକ୍ୟାଂଶ 'ଅଗ୍ନିର୍ବୈରୁଦ୍ର' ଅର୍ଥ ହେଉଛି ଅଗ୍ନି ହେଉଛି ରୁଦ୍ର। ସାହିତ୍ୟରେ, ରୁଦ୍ର ରୌଦ୍ର ରସ ସହିତ ଜଡିତ, ଯାହାର ଅର୍ଥ କ୍ରୋଧ। ପ୍ରାକୃତିକ ବିଜ୍ଞାନ ଅନୁସାରେ, ମହାକାଶରେ ପ୍ରକାଶିତ ବିଶ୍ୱବ୍ୟାପୀ ରୁଦ୍ର ଦେବତା, ନିର୍ଦ୍ଦିଷ୍ଟ ଶକ୍ତି ମାଧ୍ୟମରେ ବିଭିନ୍ନ କାର୍ଯ୍ୟ କରନ୍ତି ଏବଂ ବେଦରେ ଏହି ଶକ୍ତିଗୁଡ଼ିକର ପୂଜା ବର୍ଣ୍ଣନା କରାଯାଇଛି। ଏହି କାରଣରୁ, ବେଦରେ ପ୍ରକୃତିର ଉପାଦାନଗୁଡ଼ିକ ପାଇଁ ଉତ୍ସର୍ଗୀକୃତ ସ୍ତୁତି ଏବଂ ସ୍ତୁତି ରହିଛି। ଏହି ଧାରଣାଗୁଡ଼ିକୁ ସାଧାରଣ ଜନତାଙ୍କୁ ବ୍ୟବହାରିକ ଭାବରେ ବୁଝାଇବା ପାଇଁ, ଦେବତାମାନଙ୍କର ମୁଖ, ହାତ, ପାଦ, ରଙ୍ଗ, ଆସନ, ଯାନ, ଅସ୍ତ୍ରଶସ୍ତ୍ର ଏବଂ ଅଳଙ୍କାର ପଛରେ ଲୁକ୍କାୟିତ ଅର୍ଥ କିମ୍ବା ଗୁପ୍ତ କଥା ବୁଝାଇବା ପାଇଁ ମୂର୍ତ୍ତି ବ୍ୟବହାର କରାଯାଇଥିଲା। ନିର୍ଣ୍ଣୟ ବିଜ୍ଞାନ ଉପରେ ଆଧାର କରି ମୂର୍ତ୍ତିଗୁଡ଼ିକ ସୃଷ୍ଟି କରାଯାଇଥିଲା। ନିଦାନ ଅର୍ଥ ସୂଚକ। ଶିବ, ଆଦିମ ବ୍ରହ୍ମ, ଅଗ୍ନି କିମ୍ବା ରୁଦ୍ର ଉପାଦାନ ସହିତ ବ୍ରହ୍ମାଣ୍ଡରେ ପରିପୂର୍ଣ୍ଣ। ଅଗ୍ନି, ବାୟୁ ଏବଂ ସୂର୍ଯ୍ୟର ସମାନ ଉପାଦାନ ଏହି ତିନୋଟି ରୂପରେ ପରିବର୍ତ୍ତିତ ହୁଏ। ଏଥିମଧ୍ୟରୁ, ସମାନ ସୌର ରୁଦ୍ର, ପାଞ୍ଚଟି ଦିଗକୁ ବ୍ୟାପି ପଞ୍ଚମୁଖୀ ହୁଏ। ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଏବଂ ପଶ୍ଚିମ ଦିଗ ସହିତ ସମାନ ସମାନ ବ୍ୟକ୍ତିଙ୍କ ପାଞ୍ଚଟି ମୁଖ ଯଥାକ୍ରମେ ତତ୍ପୁରୁଷ, ସଦ୍ୟୋଜାତ, ବାମଦେବ, ଅଘୋର ଏବଂ ଈଶାନ ଭାବରେ ଜଣାଶୁଣା। 'ପ୍ରତିବକ୍ତ୍ରଂ ଭୁଜଦୟମ୍' ନୀତି ଅନୁସାରେ ଏହି ପଞ୍ଚବକ୍ତ୍ର ଶିବଙ୍କର ଦଶଟି ହାତ ଅଛି। ଏଥିରେ ୧୦ଟି ଅସ୍ତ୍ର ଅନ୍ତର୍ଭୁକ୍ତ: ଅଭୟ, ଟଙ୍କ, ଶୂଳ, ବଜ୍ର, ପାଶ, ଖଣ୍ଡା, ଅଙ୍କୁଶ, ଘଣ୍ଟା, ନାଦ ଏବଂ ଅଗ୍ନି। ସେମାନଙ୍କର ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ପୁରାଣରେ ବିସ୍ତାରିତ ଭାବରେ ବର୍ଣ୍ଣିତ ହୋଇଛି। ସଂକ୍ଷେପରେ ମହାଦେବଙ୍କ ପାଞ୍ଚଟି ମୁଖ ପାଞ୍ଚଟି ଉପାଦାନକୁ ପ୍ରତିନିଧିତ୍ୱ କରେ। ଦଶଟି ହାତ ୧୦ଟି ଦିଗକୁ ପ୍ରତିନିଧିତ୍ୱ କରେ। ତାଙ୍କ ହାତରେ ଥିବା ଅସ୍ତ୍ରଗୁଡ଼ିକ ବିଶ୍ୱକୁ ସୁରକ୍ଷା ଦେଉଥିବା ଶକ୍ତିର ପ୍ରତୀକ। ଅନେକ ବିଦ୍ୱାନ ବିଶ୍ୱାସ କରନ୍ତି ଯେ ଶିବଙ୍କ ପାଞ୍ଚଟି ମୁଖ ଏହି ପାଞ୍ଚଟି କାର୍ଯ୍ୟ ସୃଷ୍ଟି କରୁଥିବା ପାଞ୍ଚଟି ଶକ୍ତିର ପ୍ରତୀକ: ସୃଷ୍ଟି, ପୋଷଣ, ବିଲୟ, କୃପା ଏବଂ ସଂଯମ। ପୂର୍ବ ମୁଖ ସୃଷ୍ଟିକୁ ପ୍ରତିନିଧିତ୍ୱ କରେ, ଦକ୍ଷିଣ ମୁଖ ଅସ୍ତିତ୍ୱକୁ ପ୍ରତିନିଧିତ୍ୱ କରେ, ପଶ୍ଚିମ ମୁଖ ବିନାଶକୁ ପ୍ରତିନିଧିତ୍ୱ କରେ, ଉତ୍ତର ମୁଖ ଅନୁଗ୍ରହକୁ ପ୍ରତିନିଧିତ୍ୱ କରେ ଏବଂ ଉପର ମୁଖ ସଂଯମ (ଜ୍ଞାନ)କୁ ପ୍ରତିନିଧିତ୍ୱ କରେ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

# କଟକ ନଗର କାଠଯୋଡ଼ିର ପଥରବନ୍ଧ



ବିକ୍ରମ ମହାପାତ୍ର

ହଜାର ବର୍ଷର ସହର ଏହି କଟକ। କଟକ ସହର ଯେତେ ଯେଉଁପରି ବଢ଼ିଲେ ବି ଆଜିବି ଏକ ଗାଁ କହିଲେ ମୋ ମତରେ କିଛି ଭୁଲ ହେବନାହିଁ। ଆଜିର କଟକକୁ ଗୋଟିଏ ପଟୁ ଚଉଦ୍ୱାର ଛୁଇଁଲାଣି ଆରପଟଟି କନ୍ଦରପୁରକୁ ଲମ୍ବି ଥିବାବେଳେ କାଠଯୋଡ଼ି ଡେଇଁଲେ ବାଲିକୁଦା ପର ପର୍ଯ୍ୟନ୍ତ ବି କଟକ। ମହାନଦୀ ଗଡ଼ିଥିବା ଆଡ଼କୁ ଦେଖିଲେ ଭରା ମହାନଦୀ ମୁଣ୍ଡଳି ପର୍ଯ୍ୟନ୍ତ। ଆଜିର ଏହି ପ୍ରକାଣ୍ଡକାୟ କଟକକୁ ଦେଖିଲେ ମନେପଡୁଛି ଖ୍ରୀଷ୍ଟୀୟ ୯ମ ଶତାବ୍ଦୀ ସମୟର ଅଭିନବ କଟକ। ଏହି ସହରକୁ ଶୁଭ ଦେଇଥିଲେ ନୃପକେଶରୀ। ନୃପକେଶରୀଙ୍କ କଟକ ଥିଲା ବିଡ଼ାନାସୀ ଗ୍ରାମଅଞ୍ଚଳରେ। ଓଡ଼ିଶାର ବଡ଼ ନଦୀ ମହାନଦୀ ଓ କାଠଯୋଡ଼ି ନଦୀର ସଂଗମ ସ୍ଥଳରେ ଏହି ଅଞ୍ଚଳଟି। ମହାନଦୀ କାଠଯୋଡ଼ିର ସଙ୍ଗମସ୍ଥଳ ସହରର ପଶ୍ଚିମା ଅଞ୍ଚଳରେ ବିଡାନାସୀ ଗ୍ରାମ। କାଠଯୋଡ଼ି ମହାନଦୀର ଘେର ଭିତରେ କଟକ ସହର ଦେଖିବାକୁ ଏକ ଦ୍ୱୀପ ଭଳି। ନୃପକେଶରୀଙ୍କ ସେ ଦିନର କଟକ ସହରରେ ବହୁ ପରିବର୍ତ୍ତନ ଘଟିଛି। ଏହା ଏକ ସହର ହୋଇ ରହିନାହିଁ ଏକ ନଗର ପାଲଟିଛି। କେହି କେହ କୁହନ୍ତି - 'କଟକରେ ରାତି ନାହିଁ କି ପୁରୀରେ ଜାତି ନାହିଁ'।ଆମ ଓଡ଼ିଆରେ ଅନେକ ସମୟରେ ଏକ କଥାଟି ସମସ୍ତଙ୍କ ପାଟିକୁ ଆସେ କଟକଚିନ୍ତା ବାଇମୁଣ୍ଡୀଙ୍କୁ। ସତରେ ଏହି ବାଇମୁଣ୍ଡୀ କିଏ। ସହରକୁ ବାଇମୁଣ୍ଡୀ ନାମକ ଜଣେ ପଥର କାରିଗର ବା ମହାରଣା ବିଡ଼ାନାସୀ ଗ୍ରାମର ବାସ କରୁଥିଲେ। ବିଡ଼ାନାସୀ ଦୁର୍ଗ ଓ କଟକ ସହରର କ୍ଷୟକ୍ଷତିରେ ସେ ବ୍ୟଥିତ ହୋଇ ନିଇତି ନିଜେ କିଛି ଅର୍ଥ ସଂଗ୍ରହ କରିରଖୁଥିଲେ । ଏକଦା ରାଜା ମର୍କତ କେଶରୀ ନିଜ ରାଜ ପରିଷଦ ବର୍ଗଙ୍କ ସହ ସହର ଭ୍ରମଣ ବେଳେ ଜରାଜୀର୍ଣ୍ଣ ବୃଦ୍ଧ ବାଇମୁଣ୍ଡୀ ନିଜ ଜୀବନର ସଂଗୃହୀତ ଅର୍ଥ ରାଶି ରାଜାଙ୍କୁ ପ୍ରଦାନ କରିଥିଲେ। ରାଜା ଅତିଶୟ ଖୁସି ହୋଇଯାଇଥିଲେ ଓ ବାଇମୁଣ୍ଡୀଙ୍କ ସଞ୍ଚିତ ଅର୍ଥ ତଥା ରାଜକୋଶର ରାଜସ୍ୱ ମିଶି ପଥର ବନ୍ଧ ନିର୍ମାଣ ସହ ନିଜେ ବାଇମୁଣ୍ଡୀ ଇତିହାସରେ ପ୍ରସିଦ୍ଧ ହୋଇଗଲେ। ଯୁଗ ଯୁଗ ପାଇଁ ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚୀ ମୂଷା ଭାବେ ସ୍ମରଣୀୟ ହୋଇରହିଲେ। ତେବେ ଅନ୍ୟ କେତେକ ଐତିହାସିକଙ୍କ ତଥ୍ୟ ମୁତାବକ ୧୮୮୫ ମସିହାରେ ଓଡ଼ିଶାର ଭୟାବହ ବନ୍ୟା ପରେ ତତ୍କାଳୀନ ଇଂରେଜ ସରକାର ଏହାର ଅନୁଧ୍ୟାନ ପାଇଁ ଇଞ୍ଜିନିୟର ଜନ ହେରିସକୁ ନିଯୁକ୍ତି କରିଥିଲେ। ଉତ୍ତରରେ ମହାନଦୀ ଓ ଦକ୍ଷିଣ ପଶ୍ଚିମରେ ପ୍ରବାହିତ ହେଉଥିବା କାଠଯୋଡ଼ି ତ୍ରିକୋଣ ଭୂମିର ଅବସ୍ଥିତ କଟକ ସହର। ଇତିହାସ ଓ କିମ୍ବଦନ୍ତୀ ପୁସ୍ତକର ତଥ୍ୟ ଅନୁଯାୟୀ ଗଙ୍ଗ ବଂଶର ରାଜା ତୃତୀୟ ଅନଙ୍ଗଭୀମ ଦେବ ବର୍ତ୍ତମାନର ଭଗ୍ନପ୍ରାୟ ବାରବାଟୀ ଦୁର୍ଗ ଓ ନବତଳ ପ୍ରାସାଦ ନିର୍ମାଣ କରିଥିଲେ। ରାଜା ନୃପକେଶରୀ ବା ଜଜାତି ମହାସେବଗୁପ୍ତ ୯୫୩ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ ଓ ଦୀର୍ଘ ୨୫ ବର୍ଷ ପରେ କଟକ ନଗରର ଭିତ୍ତି ପଡ଼ିଥିଲା। ତାଙ୍କ ପୁତ୍ର ମର୍କତ କେଶରୀ ସିଂହାସନ ଆରୋହଣ କରିବାର ୧୬ ବର୍ଷ ପରେ ଅର୍ଥାତ୍ ୧୧୦୦୬ ଖ୍ରୀଷ୍ଟାବ୍ଦରେ କାଠଯୋଡ଼ି ପଥର ବନ୍ଧ ନିର୍ମାଣ ହୋଇଥିଲା ।ବାସ୍ତବରେ ଏହି ବିଶାଳ ପଥର ବନ୍ଧ ତତ୍କାଳୀନ ପ୍ରାଚୀନ ଉତ୍କଳର ଅତ୍ୟନ୍ତ ଚମତ୍କାରୀ କାରୀଗରି କୌଶଳ। ବର୍ତ୍ତମାନର ସମୟକୁ ଦେଖିଲେ କାଠଯୋଡ଼ି ମହାନଦୀର ଶଯ୍ୟାର ମାନଚିତ୍ର ଅନେକ ବଦଳି ଯାଇଛି। ବିଡ଼ାନାସୀ ଚହଟା ଘାଟ ଠାରୁ ପୁରୀଘାଟ ପର୍ଯ୍ୟନ୍ତ ପାଖାପାଖି ସାତ କିଲୋମଟର ପର୍ଯ୍ୟନ୍ତ ପଥର ବନ୍ଧ ବର୍ତ୍ତମାନ ସମୟର ଏବେ ବିସ୍ମୟ। ଏହାକୁ କଟକର ସର୍ବ ପ୍ରାଚୀନ କୀର୍ତ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଜଣେ ଯଦି କାଠଯୋଡ଼ି ନଦୀ ରେଳପୋଲ ଉପରୁ ଦୂରରୁ ଦୃଷ୍ଟି ପକାଏ ପ୍ରାଚୀନ ମିଶରର ପିରାମିଡ଼ ପରି ଏକ ଅତି ଉଚ୍ଚ ପଥର ବନ୍ଧ ପରି ଦିଶିବ। କାଠଯୋଡ଼ି ପଥର ବନ୍ଧ ବଡ଼ ବଡ଼ ମାଙ୍କଡ଼ା ପଥର ଓ ବାଲିପଥର କାଦୁଅରେ ଯୋଡ଼େଇ ହୋଇଛି। କେତେକ ସ୍ଥାନରେ ଶକ୍ତ ବଉଳା ମାଳା ପଥର ମଧ୍ୟ ରହିଛି। ଗୋଟିଏ ଗୋଟିଏ ସ୍ଥାନରେ ୧୭ରୁ ୩୬ ଫୁଟ। ତେବେ କଟକର ପଥର ବନ୍ଧ ସହ ଘାଟ ଗୁଡ଼ିକ ମଧ୍ୟ ଐକ ଜନଜୀବନର ମୁଖ୍ୟ ସ୍ଥାନଥିଲା। ବିଡାନାସୀ ଘାଟ, ଚହଟା ଘାଟ, ସତୀଚୌରା ଘାଟ, କଟେରୀ ଘାଟ, ଗଣେଶ ଘାଟ, ହାତୀଗଡ଼ା ଘାଟ, ଦେବୀଗଡ଼ା, ପୁରୀଘାଟ ଓ ଖାନନଗର ଘାଟ ରହିଛି। ପ୍ରଚଣ୍ଡ ଜଳସ୍ତରକୁ ଚାପମୁକ୍ତ କରିବାପାଇଁ ହାତୀଗଡା ଓ କଟେରୀ ଠାରେ ବୁରୁଜ ତିଆରି ହୋଇଛି। ପ୍ରାଚୀନ କଳିଙ୍ଗ ବା ଉତ୍କଳର କଳା ସ୍ଥାପତ୍ୟ କ୍ଷେତ୍ର ଦେଖିଲେ କାଠଯୋଡ଼ି ପଥରବନ୍ଧ ଏକ ଅବିସ୍ମରଣୀୟ କୀର୍ତ୍ତିରାଜି କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତରେ ଜଣେ ଯେ କେଉଁଠି ବି ବୁଲିଆସୁନା କାହିଁକି କଟକ ପରି ଭାଇଚାରାର ସହରର ମନ୍ଦିର ଠାରୁ ମସଜିଦ୍, ଚର୍ଚ୍ଚ ଠାରୁ ସବୁ ଧର୍ମ ସମ୍ପ୍ରଦାୟର କ୍ଷେତ୍ର ଏଠି ରହିଛି। ଏହି ସହରର ଗୌରବକୁ ବୃଦ୍ଧି କରିଛି ଓଡ଼ିଶା ହାଇକୋର୍ଟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଶିଶୁଭବନ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, ଛତ୍ରବଜାର, ମାଲଗୋଦାମ, ଲ'ୟୁନିଭର୍ସିଟି, କଟକ ରେଳ ଷ୍ଟେସନ, ବାରବାଟୀ ଷ୍ଟାଡିୟମ, ଚଣ୍ଡୀମନ୍ଦିର, ଗଡ଼ ଚଣ୍ଡୀ ମନ୍ଦିର, ବାରବାଟୀ ଦୁର୍ଗ ପ୍ରମୁଖ। ଯୁବକଟିଏ ହେଉବା ପରିଣତ ବୟସର ଯେ କେହି ଛୋଟ ପିଲାଙ୍କ ଠାରୁ ମହିଳା ବର୍ଗ ବେଳ ରତ ରତ ହେଲା ବେଳକୁ ପଥର ବନ୍ଧରେ ସମସ୍ତଙ୍କର ଖଟି ଜମେ। ରିଂରୋଡ଼ରେ କାର ଥୁଆ ହେଉ ବା ବାଇକ କିଏ କିଏ ଟାଉନ ବସରୁ ଓହ୍ଲାଇ ଏଇଠି ଘଡ଼ିଏ ବସି କାଠଯୋଡ଼ି ଆଉ କାଠଯୋଡ଼ି ଉପରର ରେଳଗାଡ଼ିକୁ ଦେଖି ଅନେକ କଥା ଭାବନ୍ତି ସ୍ମୃତିକୁ ବଖାଣନ୍ତି। ଏହି ପଥର ବନ୍ଧ ଭିତରେ ରହିଛି ଅନେକ କଟକିଆ ଓ ଦୂରଦୂରାନ୍ତରୁ ଆସି ଏହି ସହରରେ କଟକିଆ ଭାବେ ଗର୍ବ କରୁଥିବା ମଣିଷ ମାନେ ନିଜ ସୁଖ ଦୁଃଖ ହର୍ଷ ବିଷାଦ, ଅଶ୍ରୁ, କାରୁଣ୍ୟ ସବୁକିଛିକୁ। ଏହି ପଥର ବନ୍ଧରେ ବସି ବୟସର ଅପରାହ୍ନରେ ପହଞ୍ଚିବା ମଣିଷଟି ମନେ ପକାଉଛି ନିଜ ସ୍ୱପ୍ନକୁ ସଫଳ କରିବା ପାଇଁ ଆସିଥିବା ସମୟର କଥା। ବୟସ ବଢ଼ି ଯାଇଥିଲେ ବି ତରୁଣୀଟି ମନେପକାଉଛି ନିଜ ସମୟର ପ୍ରେମର ଚୋରାବାଲିକୁ। ଏଇଠି ବସି ଏହି ସହରରେ ରୋଜିରୋଟି କମାଇବା ପାଇଁ ଆସିଥିବା ମଣିଷଟି ବି ନିଜ ସମୟକୁ ଖୋଜୁଛି। ଇଏ ହେଉଛି ସେହି ହଜାର ବର୍ଷର ସହର କଟକର ପଥର ବନ୍ଧ ଯାହା ଉପରେ ଅନେକ ସ୍ମୃତି ବିସ୍ମୃତି ଭରି ରହିଛି। ଆଉ ସତରେ ଅନେକଙ୍କ କହିବା ମଧ୍ୟ ଭୁଲ ନୁହଁ ଥରେ ଯିଏ କଟକରେ ପାଦ ଦେଇଛି ସେ ଆଉ ତାରି ମାୟାରେ ପଡ଼ିଛି ଆଉ ଏ ସହର ଛାଡ଼ିବାକୁ ତାର ମନ ହୋଇନି। ଏବେ ବି କଟକ ସହରରେ ଗାଁ ଅଛି। ସଞ୍ଜ ହେଲେ ତୁଳସୀ ଚଉରା ମୂଳେ ବୃନ୍ଦାବତୀ ପୂଜା ପାଆନ୍ତି, ଦୋଳ ବେଳେ ବିମାନ ଉଠେ। ଦଶହରା ଆଉ ବାଲିଯାତ୍ରା, ସେ କଥାତ ଛାଡ଼ନ୍ତୁ। ଘରେ ଘରେ ଝିଅଝିଆଣୀ। ତଥାପି ଏ ସବୁ ସ୍ମୃତି ଭିତରେ କିଏ ବା ଭୁଲି ପାରିବ ପଥରବନ୍ଧ କେତେ ସହିଛି ଆମ ମାନଙ୍କର କୋହ, ତା ପାଖରେ ବି ନିଗିଡ଼ିଛି ଆମର ଅନେକ ଲୁହ। ଆଉ ସେଇଠି ବି ଖଟି ଆଉ ସେହି ପଥର ବନ୍ଧ ପାଖ ଖାନନଗରରେ ଅନେକଙ୍କୁ ପ୍ରାପ୍ତ ହୋଇଛି ଶ୍ମଶାନର ଯୁଇ।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧,
ଦୂରଭାଷ :୯୪୩୭୦୨୧୬୧୫
E-mail :
abhisekmohapatra
1999@gamil.com





# ଅଟୋଡାଲାରେ ବିତୁଛି ଜୀବନ

## କାହା ସେବାରେ ପ୍ରଶାସନ

**ଦଶରଥପୁର (ଅମୃତ ମିଡିଆ) :** ବୈତରଣୀ, କାଣୀ ଓ ଖରସ୍ରୋତା ନଦୀର ବନ୍ୟା ଜଳ ପ୍ରଭାବରେ ଦଶରଥପୁର ବ୍ଲକର ଅଧିକାଂଶ ପଞ୍ଚାୟତ କ୍ଷୟ କ୍ଷତିର ସମ୍ମୁଖୀନ ହୋଇଛି । ଏହା ମଧ୍ୟରେ ଏକ ସପ୍ତାହ ଅତିକ୍ରାନ୍ତ ହୋଇ ସାରିଥିଲେ ମଧ୍ୟ କୟାଁ, କମାରଡ଼ିହି, ଖାନନଗର, ନିଜାମପୁର, ଥାଲକୁଡ଼ି ଆଦି ପଂଚାୟତରେ ବନ୍ୟା ଜଳ ଜମିରହି ଯାତାୟାତରେ ବାଧା ସୃଷ୍ଟି କରୁଛି । ସେହିପରି ବନ୍ୟା ଜଳ ପ୍ରବାହରେ ବହୁ ସଂଖ୍ୟାରେ କଚ୍ଚା ଘର ଭାଙ୍ଗି ଯିବା ଯୋଗୁଁ ବହୁ ପରିବାର ବାସହରା ହୋଇ କେଉଁଠି ବନ୍ଧ ଉପରେ ତ କେଉଁଠି ଡାଲା ଅଟୋରେ ଆଶ୍ରୟ ନେଇଥିବାରୁ ଦେଖାଯାଇଛି ।ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ



ମିଳୁଛି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଧିନସ୍ଥ କୟାଁ ପଂଚାୟତରେ । ଏହି ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପୁର ଗ୍ରାମର ସ୍ୱପ୍ନରାଣୀ ମଲ୍ଲିକଙ୍କ କଚ୍ଚା ଘର ଘରେ ବନ୍ୟା ଜଳ ପସି କାନ୍ଥ ପଡିଯିବାରୁ ୪ ପ୍ରାଣୀ କୁଟୁମ୍ବ ବାସହରା ହୋଇ ଏକ ଡାଲା ଅଟୋରେ ଆଶ୍ରା ନେଇଛନ୍ତି କ୍ଷ ସୂଚନା ଅନୁଯାୟୀ ମଲିପୁର ଗ୍ରାମର ବଳଭଦ୍ର ମଲିକି ଓ ତାଙ୍କ ପତ୍ନୀ ସପ୍ନା ରାଣୀ ମଲିକି ତାଙ୍କ ୨ ପୁଅ କୁ ଧରି ଗ୍ରାମରେ ଏକ କଚ୍ଚା ଘରେ ବାସ କରୁଥିଲେ । ଆସିଥିବା ବୈତରଣୀ ନଦୀର ବନ୍ୟା ଉକ୍ତ ଘରେ ୩ ଫୁଟ ରୁ ଉର୍ଦ୍ଧ ବନ୍ୟା ଜଳ ପ୍ରବାହିତ ହେବାରୁ ଘରର କାନ୍ଥ ପଡିଯାଇଥିଲା । ବନ୍ୟାର ୭ ଦିନ ଅତିକ୍ରାନ୍ତ ହୋଇଥିଲା ବେଳେ କେବଳ ଚୁଡା ୮ ଶହ ଗ୍ରାମ ରିଲିଫ ଆକାରରେ ମିଳିଛି । ସେହିପରି ରାସ୍ତା ଉପରେ ଇଟା ରଖି ସେଥିରେ କିଛି ଶୁଖିଲା କାଠ ସାହାଯ୍ୟରେ ରୋଷେଇ କରି ଗୋଟିଏ ଓଳି ଖାଇଲା ବେଳେ ଆର ଓଳିକ ଉପାସ । ସେ ବର୍ତ୍ତମାନ ତାଙ୍କ ପରିବାର ସହିତ ମଲ୍ଲିପୁର - କେଳାଙ୍ଗ ଆର.ଡ଼ି ରାସ୍ତାର ଏକ ଅଟୋ ଉପରେ ପାଲ ଟାଙ୍ଗୀ ଜୀବନ ଅତିବାହିତ କରୁଛନ୍ତି ।ତେଣୁ ଜିଲ୍ଲାପାଳ ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେବା ସହିତ ବଳଭଦ୍ରଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହୋଇଛି ।

### ମହାନଦୀ କୂଳରେ ହାତୀ

# ବାଙ୍କୀ-କଟକ ରାସ୍ତାରେ ଭୟର ବାତାବରଣ

**କଟକ (ବ୍ୟୁରୋ) :** କଟକ ଜିଲ୍ଲା ବାଙ୍କୀ ପାଥପୁର ଅଞ୍ଚଳରେ ଦେଖିବାକୁ ମିଳିଛି ହାତୀ ଉପଦ୍ରବ । ବନ ବିଭାଗର ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ନିକଟସ୍ଥ ଜଙ୍ଗଲରୁ ଏକ ୮ ଟିକିଆ ହାତୀପଲ ଅଞ୍ଚଳକୁ ପଶି ଆସିଥିଲେ । ହାତୀପଲ ରାତି ସାରା ପାଥପୁର ଅଞ୍ଚଳର ବିଭିନ୍ନ ଚାଷ ଜମିରେ ପଶି ଉପଦ୍ରବ କରିଥିଲା । ଫଳରେ ଚାଷୀଙ୍କ ମଧ୍ୟରେ ଚିନ୍ତା ବଢ଼ିଥିଲା । ତେବେ ଭୋର ସମୟରେ ହାତୀ ପଲରୁ ଗୋଟିଏ ମାଈ ହାତୀ ଅଲଗା ହୋଇ ମହାନଦୀ କୂଳରେ ରହିଯାଇଥିଲା । ସକାଳ ହେବା ପରେ ହାତୀଟି ବାଙ୍କୀ-କଟକ ମୁଖ୍ୟ ରାସ୍ତା ନିକଟକୁ ଆସିବା ସହ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଥିଲା । ହାତୀକୁ ଦେଖି ସ୍ଥାନୀୟ ଲୋକେ ଭୟଭୀତ



ହୋଇପଡ଼ିଥିବା ବେଳେ ବନ ବିଭାଗ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା । ଗ୍ରାମବାସୀ ଓ ବନ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ହାତୀଟିକୁ ଘଉଡ଼ାଇ ଜଙ୍ଗଲ ମଧ୍ୟକୁ ଫେରାଇ ଦିଆଯାଇଛି । ଅନ୍ୟପଟେ ହାତୀ ଚଳାଚଳ ଉପରେ ବନ ବିଭାଗ ନଜର ରଖିଥିବା ବେଳେ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ହାତୀଙ୍କୁ ଉତ୍ତେଜିତ ନକରିବା ସହ ଏକାକୀ ଜଙ୍ଗଲ ଅଞ୍ଚଳକୁ ନଯିବାକୁ କୁହାଯାଇଛି ।

### କଳାପଟା ଛାଡି ରାସ୍ତାରେ ଶିକ୍ଷକ

# ଦାବି ପୂରଣ ନହେଲେ ଆଗାମୀ ଦିନରେ ଅହୋରାତ୍ର ଧାରଣା

**ନୀଳଗିରି (ଅମୃତ ମିଡିଆ) :** ନିଜର ହକ ପାଇଁ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ନୀଳଗିରି ବ୍ଲକ ସମ୍ମୁଖରେ ଆଜି ସକାଳ ୧୦ ଟା ସମୟରେ ଧାରଣାରେ ବସିଥିଲେ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ । ସୂଚନା ଯୋଗ୍ୟ ଓଡ଼ିଶା ସ୍କୁଲ ଓ ପ୍ରତିଷ୍ଠା କରାଯାଇଥିବା ବିଦ୍ୟାଳୟ ମାନଙ୍କରେ ଶିକ୍ଷକତା କରୁଥିବା ଶିକ୍ଷକମାନେ ବିନା ବେତନରେ ୨୫ ରୁ ୩୦ ବର୍ଷ ଶିକ୍ଷାଦାନ ପରେ ମଧ ସରକାର ସେହି ବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପରିସର ଭୁକ୍ତ ନକରିବା , ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଅଧିକାର ନିୟମରୁ ବଞ୍ଚିତ କରି ପୋଷାକ, ପୁସ୍ତକ, ପରିମଳ ଯୋଜନା, ସାଇକେଲ୍ ଓ ମଧାହ୍ନ ଭୋଜନ ମିଳୁନାହିଁ।୨୦୦୪ ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କୁ ୬ଗୋଟି ଜାତୀୟ ଇନ୍ ?କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ନୂତନ ପେନସନ୍ ? ପରିବର୍ତ୍ତେ ପୁରାତନ ପେନସନ୍ ଯୋଜନା ପୁନଃ ପ୍ରଚଳନ, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା, ଗ୍ରେଡପେରେ ଥିବା ଅସଙ୍ଗତି ଦୂରାବସ୍ଥା ଆଦି ଦାବୀଗୁଡିକ ପୂରଣ ପାଇଁ ପ୍ରମୁଖ ଦାବୀ



କରିଥିଲେ। ଆଜି ଏହି ଧର୍ମଘଟ ରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ସାହୁ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକ ସଭାପତି ବିଶ୍ୱଜିତ ଦାସ, ଭାସ୍କର ଚନ୍ଦ୍ର ଜେନା, ସମ୍ପାଦକ ପ୍ରମୋଦ କୁମାର ପାତ୍ର, ସଦସ୍ୟ ଜିତେନ୍ଦ୍ର କୁମାର ଉପାଧ୍ୟାୟ, ସୂର୍ଯ୍ୟ କୁମାର ପଣ୍ଡା, ସରୋଜ କୁମାର ସିଂହ, ରଘୁନାଥ ବେହେରା, ମନୋରମା ଦାସ, ଗୌରୀଶଙ୍କର ସ୍ୱାଇଁ, କାଦମ୍ବିନୀ ବିଶ୍ୱାଳ, ସଞ୍ଜୟ କୁମାର ମହାନ୍ତି, ଶିଶିର ବିନ୍ଧାଣୀ, ଜଗତାନନ୍ଦ ମହାପାତ୍ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟଜିତ ଦାସ,ସୂର୍ଯ୍ୟକୁମାର ପଣ୍ଡା,ବିଶ୍ୱନାଥ ନାୟକ ପ୍ରମୁଖ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ସାମିଲ ହୋଇଥିଲେ। ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ,ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ବ୍ଲକ ଅଧିକାରୀ ବିକ୍ରମ କିଶୋର ପରିଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଆସନ୍ତା ୭ ତାରିଖରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦାନ କରିବା ଯଦି କୌଣସି ସମାଧାନ ନହୁଏ ତେବେ ଭୁବନେଶ୍ୱରରେ ଅହୋରାତ୍ର ଧାରଣା ହେବ ବୋଲି ଚେତାବନୀ ଦେଇଛନ୍ତି ଶିକ୍ଷକ ଶିକ୍ଷୟତ୍ରୀମାନେ।

# ଓଡ଼ିଶା ସ୍କୁଲ- କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଧାରଣା

**ବେତନଟୀ (ଅମୃତ ମିଡିଆ) :** ଅଦ୍ୟ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବେତନଟୀ ବ୍ଲକ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ରେ ଧାରଣା ଓ ପ୍ରତିବାଦ ସଭା ସହ ମୁଖ୍ୟ ମନ୍ତ୍ରୀ, ଉଚ୍ଚ ଶିକ୍ଷା ଓ ଗଣଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଗୁଡ଼ିକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜ ରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ମନଙ୍କୁ ପେନସନ ପ୍ରଦାନ, ସରକାରୀ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କ କଣ୍ଟ୍ରାଚୁଆଲ ପିରିଅଡ କୁ ସରକାରୀ ଚାକିରିରେ ଯୋଗ, ଅବସର ବୟସ ୬୦ ରୁ ୬୨ କୁ ବୃଦ୍ଧି, ସମସ୍ତ ଅନୁଦାନ ପ୍ରାପ୍ତ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକୁ ସରକାରୀକରଣ, ଅନୁଦାନ ପ୍ରାପ୍ତ ଓ ନୂତନ



ଅନୁଦାନ ପ୍ରାପ୍ତ ହାଇସ୍କୁଲ ରେ ନିଯୁକ୍ତି, ଗ୍ରେଡ ପେ ରେ ଅସଙ୍ଗତି ଦୁର ଆଦି ଅନ୍ୟତମ। ଦାବିପତ୍ର ଗୁଡିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ଉଚ୍ଚ ଓ ଗଣଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ବିଡ଼ିଓ ଙ୍କ ଅନୁପସ୍ଥିତ ରେ ହେଡ କ୍ଲାର୍କ ଙ୍କୁ ଓ ବିଧାୟକ ଙ୍କ ଉଦ୍ଦେଶ୍ୟ ରେ ମଣ୍ଡଳ ସଭାପତି ଜ୍ୱୀନ ପରିଡ଼ା ଙ୍କୁ ପ୍ରଦାନ କରିଥିଲେ।ଗୋପବନ୍ଧୁ ଶିକ୍ଷା ନିକେତନ ର ପ୍ରଧାନ ଶିକ୍ଷକ ହରେକୃଷ୍ଣ ପଣ୍ଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆବାହକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ ଆବାହକ ସୂର୍ଯ୍ୟାନନ୍ଦ ନାୟକ, ଧୀରେନ୍ଦ୍ର ପ୍ରଧାନ,ଟିକାୟତ ଚନ୍ଦ୍ର ମହାନ୍ତ,କୃଷ୍ଣଧର ମହାନ୍ତ, ନରହରି ମହାନ୍ତ, ଗଜେନ୍ଦ୍ର ମହାନ୍ତ, ବିଜୟ କୁମାର ପଣ୍ଡିତ, ଜଗଦିଶ ଚନ୍ଦ୍ର ମହାନ୍ତ, ରଞ୍ଜନ କୁମାର ବାରିକ, ପ୍ରଦ୍ୟୁମ୍ନ କୁମାର ଭୂୟାଁ, ଭବାନୀ ଶଙ୍କର ବାଗ, ଗଣେଶ ନାୟକ, ଅରୁଣ ସାହୁ, ମମତା ପଣ୍ଡା, ମୃତ୍ୟୁଞ୍ଜୟ ଦାସ, ନିହାର ବେହେରା, ଅଜୟ ବାରିକ, ମୌସୁମୀ ମାହାପାତ୍ର, ସୁଜାତା ଦାସ, ଗୋପାଲ ପ୍ରଧାନ, ମନୋଜ ବେହେରା, ନିରଞ୍ଜନ ବେଜ୍, ହରେନ୍ଦ୍ର କର,ଅମୀୟ ପରିଡ଼ା, ଚିତ୍ତରଞ୍ଜନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଅନ୍ତର୍ଯ୍ୟାମୀ ପୋଥାଳ, ସରୋଜ ମହାପାତ୍ର, ଦିଲ୍ଲୀପ ସେନାପତି ପ୍ରଭୃତି ଯୋଗ ଦେଇଥିଲେ। ସର୍ବଶେଷରେ ଶିକ୍ଷକ ଟିକାୟତ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ରେଭେନ୍ସା ବିଶ୍ୱବିଦ୍ୟାଳୟ ଘଟଣା

# ପ୍ରକାଶ ଚନ୍ଦ୍ର ସେଠୀ ଓ ଟିଚର୍ସ ଆସୋସିଏସନ୍‌ଙ୍କ ମଧ୍ୟରେ ବିବାଦ ନୂଆ ମୋଡ଼

**କଟକ (ବ୍ୟୁରୋ) :** ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ଟିଚର୍ସ ଆସୋସିଏସନ୍ ?ଙ୍କ ମଧ୍ୟରେ ବିବାଦ ନୂଆ ମୋଡ଼ ନେଇଛି । ଗୋଟିଏ ପଟେ ବିଧାୟକ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଟିଚର୍ସ ଆସୋସିଏସନ୍ ଦାବି କରୁଥିବା ବେଳେ, ଅନ୍ୟପଟେ ବିଧାୟକ ବିଧାନସଭା ବାଚସ୍ପତିଙ୍କୁ ଚିଠି ଲେଖି ଚିଫ୍ ୱାର୍ଡେନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଘଟିଥିବା ବିବାଦ ଏବେ ରାଜନୈତିକ ଓ ଶିକ୍ଷାଗତ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହି ଘଟଣାକୁ ନେଇ ବିଧାନସଭା ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି । ଚିଠିରେ ବିଧାୟକ ଅଭିଯୋଗ କରିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ପାଇଁ ବିଶ୍ୱବିଦ୍ୟାଳୟକୁ ଯାଇଥିବା ବେଳେ ଚିଫ୍ ୱାର୍ଡେନ ସୁଦର୍ଶନ ମିଶ୍ର ଅଯଥା ଯୁକ୍ତିତର୍କ କରିଥିଲେ । ଏହାକୁ ନେଇ ସେ ଚିଫ୍ ୱାର୍ଡେନଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଅନ୍ୟପଟେ ରେଭେନ୍ସା ଟିଚର୍ସ ଆସୋସିଏସନ୍ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି । ଆସୋସିଏସନ୍ ?ର ପକ୍ଷରୁ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ଦାବି କରାଯାଇଛି । ଘଟଣାକୁ ନେଇ ଉଭୟ ପକ୍ଷ ନିଜ ନିଜ ଅବସ୍ଥାନରେ ଅଟଳ ରହିଛନ୍ତି । ଏହି ବିବାଦ ପରେ ବିଶ୍ୱବିଦ୍ୟାଳୟର ପରିବେଶ ଉପରେ ମଧ୍ୟ ପ୍ରଭାବ ପଡ଼ିଛି । ଶିକ୍ଷକ, ଛାତ୍ରଛାତ୍ରୀ ଓ ପ୍ରଶାସନ ମଧ୍ୟରେ ଏହାକୁ ନେଇ ଆଲୋଚନା ଜୋର ଧରିଛି । ବିଧାୟକଙ୍କ ଅଭିଯୋଗ ଓ ଟିଚର୍ସ ଆସୋସିଏସନ୍ ?ର ପ୍ରତିକ୍ରିୟା ପରେ ଏହି ବିବାଦ ଆଗକୁ କେଉଁ ମୋଡ଼ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

# ଚମ୍ପୁଆ ଶିଶୁ ମନ୍ଦିରର ୪୨ତମ ପ୍ରତିଷ୍ଠା ଦିବସ

**ଚମ୍ପୁଆ (ଅମୃତ ମିଡିଆ) :** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରାତଃ ସମୟରେ ବୈଦିକ ରୀତିରେ ଯଜ୍ଞ କାର୍ଯ୍ୟ ସମାପନ କରାଯାଇଥିଲା ।ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯିବା ସହିତ ସାଂସ୍କୃତିକ ନୃତ୍ୟ ସଙ୍ଗୀତ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ସମୟରେ ପୂର୍ବତନ ପରିଚାଳନା ସମିତିର ସଦସ୍ୟ, ବର୍ତ୍ତମାନ ପରିଚାଳନା ସମିତିର ସଦସ୍ୟ, ପୂର୍ବତନ ଛାତ୍ରଛାତ୍ରୀ, ମାତୃଭାରତୀର ସଦସ୍ୟା, ଶୁଭେଚ୍ଛୁ ଅଭିଭାବକ ଅଭିଭାବିକା ତଥା ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା ମାନଙ୍କୁ ଏକ ସଭା ଅନୁଷ୍ଠିତ ହୋଇଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ତଥା ପ୍ରଥମ ପରିଚାଳନା ସମିତିର ସଂପାଦକ ତଥା ବରିଷ୍ଠ ଆଇନଜୀବୀ କ୍ରିଷ୍ଣାଚନ୍ଦ୍ର ରାମ, ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡିଶା, ଉତ୍ତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର, ପରିଚାଳନା ସମିତିର



ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ଆଦି ମଞ୍ଚାସୀନ ଥିଲେ । ସମ୍ପାଦକ ଶ୍ରୀଯୁକ୍ତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ରାମ କଥା ଛଳରେ ବିଦ୍ୟାଳୟର ପ୍ରତିଷ୍ଠା ସମୟର ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଶ୍ରୀଯୁକ୍ତ କର ସରସ୍ୱତୀ ଶିଶୁ ମନ୍ଦିର ପ୍ରତିଷ୍ଠାର ଲକ୍ଷ୍ୟ ଓ ରାଷ୍ଟ୍ରୀୟ ତଥା ଭାରତୀୟ ସଂସ୍କୃତିର ପୁନଃଉତ୍ଥାନ କିପରି କରାଯାଇ ପାରିବ ସେ ବିଷୟରେ ମାର୍ଗଦର୍ଶନ ଦେଇଥିଲେ । ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାଏକ ଉପସ୍ଥିତ ଥିଲେ । ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ଆଭିମୁଖ୍ୟ କଥନ କରିଥିଲେ । ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଅବସରରେ ଉପସ୍ଥିତ ବ୍ୟକ୍ତି ମାନେ ଅନୁଭୂତି କଥନ ଓ ଗଠନ ମୂଳକ ମତାମତ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସେବକ ସେବିକା ଉପସ୍ଥିତ ରହି ସହଯୋଗ କରିଥିଲେ ।

# ମନ୍ଦିର ହୁଣ୍ଡିରୁ ଚୋରି ଉଦ୍ୟମ, ବନ୍ଧାହେଲା ନିଶାଡୀ

**ବାଲିଅନ୍ତା (ଅମୃତ ମିଡିଆ) :** ଧଉଳି ଥାନା ଲିଙ୍ଗିପୁର ପଞ୍ଚାୟତ ନୂଆଗାଁ ଗ୍ରାମର ଆରାଧ୍ୟ ମା' ଜାଡୁମଲ୍ଲୀ ଠାକୁରାଣୀଙ୍କ ମନ୍ଦିର ହୁଣ୍ଡିରୁ ଚୋରୀ ଉଦ୍ୟମ କରିବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଶିଶୁପାଳଗଡ଼ ତୈଳ ମଙ୍ଗଳାସାହିର ଗଦା ଓରଫ ସୁଧାଂଶୁ




ନାୟକ । ସୁଧାଂଶୁ ପୂର୍ବରୁ ଗତମାସ ୫ ତାରିଖରେ ପଦ୍ମନଗର ସ୍ଥିତ ନିଳକଣ୍ଠେଶ୍ୱର ମନ୍ଦିର ହୁଣ୍ଡିରୁ ମଧ ଚୋରୀ କରିଥିଲେ । ସେ ଜଣେ ନିଶାଡି ଏବଂ ନିଶା ସେବନ ପାଇଁ ବାରମ୍ବାର ଚୋରୀ କରନ୍ତି । ତାଙ୍କ ନାମରେ ଧଉଳି ଥାନାରେ ଏକାଧିକ ମାମଲା ରୁଜୁ ହୋଇଛି କ୍ଷ ଖବରନେବାରେ ଜଣାପଡିଛି ଗତକାଲି ଅପରାହ୍ଣ ପ୍ରାୟ ୪ ଟାରେ ପ୍ରଚୁର ମେଘ ହେବାସହ ଚାରିଆଡେ ଅନ୍ଧାର ହୋଇଥିଲା । ଏହାର ସୁଯୋଗ ନେଇ ସୁଧାଂଶୁ ମନ୍ଦିରର ହୁଣ୍ଡି ଭାଙ୍ଗିବାକୁ ଉଦ୍ୟମ କରୁଥିଲା । ଏହି ସମୟରେ ଗ୍ରାମର ଜଣେ ବ୍ୟକ୍ତି ଦେଖିଦେଇଥିଲା । ସେ ସମସ୍ତଙ୍କୁ ଡାକିବା ପରେ ଗ୍ରାମବାସୀ ତାଙ୍କୁ ଧରି ପୁଲିସ ଜିମା ଦେଇଥିଲେ ।

# ସୁରେଇଡିହି ଦେଶ୍ କରମ୍ ପରବ୍ ପ୍ରସ୍ତୁତି ବୈଠକ

**ବେତନଟୀ (ଅମୃତ ମିଡିଆ) :** ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହି ଦେଶ୍ କରମ୍ ପଡିଆରେ ଆଗାମୀ ଚତୁର୍ଥ ଦେଶ୍ କରମ୍ ପରବ୍-୨୦୨୬ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏବର୍ଷ ଏହି ଉତ୍ସବକୁ ୬ ଦିନ ଧରି ପାଳନ କରାଯିବ ।ଆସନ୍ତା ସେପ୍ଟମ୍ବର ୨୨ ତାରିଖ ଦିନ କରମ୍ ପୂଜା ପାଳନ କରାଯିବ । ତେବେ ଏହି କରମ୍ ପୂଜାକୁ ଅଧିକ ବ୍ୟାପକ କରିବା ପାଇଁ ଏବର୍ଷ ସେପ୍ଟେମ୍ବର ୧୮ ତାରିଖ ଠାରୁ ସୁରେଇଡିହି ଠାରେ କରମ୍ ପର୍ବ-୨୦୨୬ ଉତ୍ସବ ପାଳନ ଆରମ୍ଭ ହେବ ଏବଂ ସେପ୍ଟେମ୍ବର ୨୩ ତାରିଖ ଦିନ ଶେଷ ହେବ । ଦେଶ୍ କରମ୍ ପରବ୍ ପାଳନ କ୍ରିୟାନୁଷ୍ଠାନ କମିଟିର ସଭାପତି ସୁକାନ୍ତ କୁମାର ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ରବୀନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ଶତ୍ରୁଘ୍ନ ମହାନ୍ତ, ଦେବେନ୍ଦ୍ର ମହାନ୍ତ, କୈବଲ୍ୟ ମହାନ୍ତ, ରାଜେନ୍ଦ୍ର ମହାନ୍ତ, ବୁବୁନ ମହାନ୍ତ, ଜାଓ୍ୱା କମିଟିର ସଭାନେତ୍ରୀ କ୍ଷଣପ୍ରଭା ମହାନ୍ତ, ସମ୍ପାଦିକା ଶିବାନୀ ମହାନ୍ତ, ସୁଲୋଚନା ମହାନ୍ତ, କୌଶଲ୍ୟା ମହାନ୍ତ, ଚାନ୍ଦମଣି ମହାନ୍ତ, ପଦ୍ମାବତୀ ମହାନ୍ତ ଓ ଲିଲି ମହାନ୍ତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ରନ୍ଧନ ଗ୍ୟାସକୁ ନେଇ ଯୁବଗୋଷ୍ଠୀଙ୍କ ଦାବିପତ୍ର

**ଜୟପୁର (ଅମୃତ ମିଡିଆ) :** ବୋରିଗୁମ୍ମାକୁ ଏନ୍ଏସି ମାନ୍ୟତା ମିଳିଥିଲେ ମଧ୍ୟ ଏବେ ବି ଖାଉଟିମାନେ ସହରାଞ୍ଚଳର ସୁବିଧାରୁ ବଞ୍ଚିତ। ରନ୍ଧନ ଗ୍ୟାସ ସିଲିଣ୍ଡର ପଞ୍ଜୀକରଣରେ ୪୫ ଦିନର ସମୟ ସୀମା ଯୋଗୁଁ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ବୋରିଗୁମ୍ମା ଯୁବଗୋଷ୍ଠୀ ପକ୍ଷରୁ ଏକ ରାଲି କରାଯାଇ ଏନ୍ ?ଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବିଡିଓ ସୁକାନ୍ତ ପଟ୍ଟନାୟକ ଏବଂ ତହସିଲଦାର ସୋଭନ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।ବୋରିଗୁମ୍ମାକୁ ଏନ୍ ?ଏସି ମାନ୍ୟତା ମିଳିଥିଲେ ମଧ ଖାଉଟି ରନ୍ଧନ ଗ୍ୟାସ



ସିଲିଣ୍ଡର ପଞ୍ଜୀକରଣ ପାଇଁ ଏବେ ବି ୪୫ ଦିନର ବ୍ୟବଧାନ ରହିଛି। ଫଳରେ ଅନେକ ପରିବାରରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଗ୍ୟାସ ସରିଯାଉଥିବା ବେଳେ ପୁଣିଥରେ ପଞ୍ଜୀକରଣ କରିପାରୁ ନାହାନ୍ତି। ଏହାଦ୍ୱାରା ଦୈନନ୍ଦିନ ରନ୍ଧନ କାର୍ଯ୍ୟ ବ୍ୟାହତ ହେଉଥିବା ସହ ଖାଉଟିମାନେ ନାନା ସମସ୍ୟାରେ ପଡୁଛନ୍ତି ।ସରକାରୀ ନିୟମ ଅନୁଯାୟୀ ସହରାଞ୍ଚଳରେ ପ୍ରତି ୨୫ ଦିନ ବ୍ୟବଧାନରେ ଏକ ରନ୍ଧନ ଗ୍ୟାସ ସିଲିଣ୍ଡର ପଞ୍ଜୀକରଣ କରିବାର ବ୍ୟବସ୍ଥା ରହିଛି। ବୋରିଗୁମ୍ମା ଏବେ ସରକାରୀ ଭାବେ ଏନ୍ ?ଏସି ମାନ୍ୟତା ପାଇଥିବାରୁ ଏହି ନିୟମକୁ ତୁରନ୍ତ ଲାଗୁ କରିବାକୁ ଯୁବଗୋଷ୍ଠୀ ଦାବି କରିଛନ୍ତି। ଏହି ଦାବି ନେଇ ଯୁବଗୋଷ୍ଠୀ ପକ୍ଷରୁ ଏକ ରାଲି ବାହାର କରାଯାଇ ବୋରିଗୁମ୍ମା ଏନ୍ ?ଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବିଡିଓ ସୁକାନ୍ତ ପଟ୍ଟନାୟକ ଏବଂ ତହସିଲଦାର ସୋଭନ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯେହେତୁ ବୋରିଗୁମ୍ମା ମଧ ଅତି ନିକଟରେ ସରକାରୀ ସ୍ତରରେ ସହରାଞ୍ଚଳ ର ମାନ୍ୟତା ପାଇସାରିଛି ତେଣୁ ୪୫ ଦିନ ପରିବର୍ତ୍ତେ ପଞ୍ଜୀକରଣ ସମୟସୀମାକୁ ୨୫ ଦିନକୁ କମାଇ ବୋରିଗୁମ୍ମା ଏନ୍ଏସି ଅଞ୍ଚଳରେ ସହରାଞ୍ଚଳର ନିୟମ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେମାନେ ପ୍ରଶାସନ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି।

## ତୁର୍କେଲ ପୋଲ ନିର୍ମାଣକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଓ ନୂଆପଡ଼ା ଜିଲାର ଲାଇଫ ଲାଇନ କୁହାଯାଉଥିବା ଭବାନୀପାଟଣା ବ୍ଲକ ତୁର୍କେଲ ବ୍ରିଜକୁ ବିପଦସଙ୍କୁଳ ଭାବି ଗତ ୧୧ ମାସ ହେଲା ପ୍ରଶାସନ ପକ୍ଷରୁ ଯାନବାହ ?ନ ଚଳାଚଳ ବନ୍ଦ କରଯାଇଛି। ଫଳରେ ଏହି ରାସ୍ତାରେ ଦୁଇ ଜିଲାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ଓ ପୋଲ ନିର୍ମାଣ ଦାବିରେ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ୧୦୦ ଦିନ ଧରି ଅହୋରାତ୍ର ଧାରଣା -ଜାରି ରହିଛି। ଏହା ସତ୍ତ୍ୱେ ରାଜ୍ୟ ସରକାର -କିମ୍ବା ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ନ ଥିବାରୁ ଆନ୍ଦୋଳନକୁ ଅଧିକ ତିବ୍ର କରିଛି କଂଗ୍ରେସ। ପୋଲର ତୁରନ୍ତ ମରାମତି ଓ ଯାତାୟାତ ସ୍ୱାଭାବିକ କରିବା ଦାବିରେ ମଙ୍ଗଳବାର ଜିଲା କଂଗ୍ରେସ ପକ୍ଷରୁ ତୁର୍କେଲରୁ ଭବାନୀପାଟଣା ୩୫ କି.ମି. ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଛି। ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସଙ୍କ ନେତୃତ୍ୱରେ ଓ ଜିଲା -ସଭାପତି ଜଳନ୍ଧର ନାଏକଙ୍କ ଅଧକ୍ଷତାରେ ଏହି ପଦଯାତ୍ରାରେ ଦଳୀୟ ନେତା, କର୍ମୀ ଓ ସାଧାରଣ ଲୋକ ସାମିଲ ହୋଇଥିଲେ। ପଦଯାତ୍ରା ଭବାନୀପାଟଣାରେ ପହଞ୍ଚିବା ପରେ କୃଷି ମହାବିଦ୍ୟାଳୟଠାରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହା ଜିଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ପହଞ୍ଚିବା ପରେ କଂଗ୍ରେସ କର୍ମୀ ବିକ୍ଷୋଭପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ତୁର୍କେଲ ବ୍ରିଜ ମରାମତି ପାଇଁ ଶୀଘ୍ର ଟେଣ୍ଡର ଡକା ଯାଇ କାମ ଆରମ୍ଭ କରାଯାଉ ବୋଲି ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ୨୭ସେପ୍ଟେମ୍ବର ୨୦୨୫ରେ ପ୍ରବଳ ବର୍ଷା ଯୋଗୁ ତୁର୍କେଲ ପୋଲ ଦବି ଯାଇଥିଲା। ଏହାପରେ ପୂର୍ତ୍ତ ବିଭାଗ ପୋଲ ଉପରେ ଯାତାୟାତକୁ ସମ୍ପୂର୍ଣ୍ଣ ନିଷେଧ କରିଥିଲା। ଏହା ପରଠାରୁ ସ୍ଥାନୀୟ ଲୋକମାନେ ବିକଳ୍ପ ରାସ୍ତା ବ୍ୟବହାର କରି ଦୀର୍ଘ ଦୂରତା ଅତିକ୍ରମ କରିବାକୁ ବାଧ ହେଉଛନ୍ତି। ବାରମ୍ବାର ଆନ୍ଦୋଳନ, ବନ୍ଦ ଡାକରା ଓ ଜନପ୍ରତିନିଧିଙ୍କ ଦାବି ପରେ ରାଜ୍ୟ ସରକାର ଗତ ମେ' ମାସରେ ପୋଲ ମରାମତି ପାଇଁ ପ୍ରାୟ ୧୬ କୋଟି ୭୫ ଲକ୍ଷ ଟଙ୍କା ଅନୁମୋଦନ କରିଥିଲେ। କିନ୍ତୁ ଟେଣ୍ଡର ପ୍ରକ୍ରିୟା ବାରମ୍ବାର ଘୁଞ୍ଚାଯାଉଥିବାରୁ କାମ ଆରମ୍ଭ ହୋଇପାରିନାହିଁ ଓ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି ଆଉ ବିଳମ୍ବ ନ କରି ପୋଲ ମରାମତି ତୁରନ୍ତ କରିବାକୁ ପଦଯାତ୍ରାରେ ସାମିଲ ନେତା ଓ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ସାଙ୍ଗଠନିକ ଇନ୍‌ଚାର୍ଜ ଧନୁର୍ଦ୍ଧର ଗହିର, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ପୂର୍ବତନ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଭବାନୀପାଟଣା ବ୍ଲକ ସଭାପତି ସୁବାସ ପ୍ରଧାନ, ଜିଲା ମହିଳା ସଭାନେତ୍ରୀ ପ୍ରଗତୀ ନାୟକ, ମହିଳା ନେତ୍ରୀ ଦ୍ରୌପଦୀ ମାଝୀ, ଉତ୍ସବ ସାହୁ, ଆଲୋକ ପଟେଲ, କେଦାର ସାହୁ, ରାହସ ସାହୁ ପ୍ରମୁଖ ସାମିଲ ଥିଲେ।



## କପିଳାଭଟା ୟୁପି ସ୍କୁଲରେ ଦ୍ୱିତୀୟ ପିଟିଏ ବୈଠକ



**ବଙ୍ଗୋମୁଣ୍ଡା (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଳାଭଟା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଦ୍ୱିତୀୟ ପିଟିଏ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ଶ୍ରୀ ଗଣେଶଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଟଙ୍କଧର ବିଶ୍ୱାଳଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ପ୍ରଫୁଲ୍ଲ କୁମାର ବିଶି, ଉପାଧକ୍ଷ କେତକୀ ହଂସ, ଆଲୁମନି କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ହୁଲେଶ୍ୱର ହଂସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟ ବାହାରେ ଥିବା ଓ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରି ନାମଲେଖା ହାରକୁ ବୃଦ୍ଧି କରିବା, ନିଶାମୁକ୍ତ ଭାରତ ଅଭିଯାନ, ବିକଶିତ ଭାରତର ପରିଚୟ, ପ୍ରାରମ୍ଭିକସ୍ତର ପାଇଁ ଆକଳନ ରୂପରେଖ (ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ), ମା'ଙ୍କ ପାଇଁ ଗଛଟିଏ ୩.୦, କୈଶୋର ଛାତ୍ରୀମାନଙ୍କ ପାଇଁ ଇନ୍‌ସିନେରେଟର ଓ ଭେଣ୍ଡିଂ ମେସିନ୍ ଓ ବିଦ୍ୟାଳୟରେ ପରିଷ୍କାର ଓ ପରିଛନ୍ନତା, ସ୍ୱଚ୍ଛତା ପକ୍ଷ ପାଳନ - ୨୦୨୬, ଘରେ ଘରେ ତ୍ରିରଙ୍ଗା -୨୦୨୬ କାର୍ଯ୍ୟକ୍ରମ, ସୁରଭି -୨୦୨୬, ଡିଜିଟାଲ ଦୁନିଆରେ ଆମ ପିଲାଙ୍କ ସୁରକ୍ଷା : ଅଭିଭାବକଙ୍କର ଭୂମିକା, ବୃଦ୍ଧି ମାର୍ଗଦର୍ଶନ ଓ ଭବିଷ୍ୟତ ଯୋଜନାରେ ପିତାମାତାଙ୍କ ଭୂମିକା, ସମଗ୍ର ଶିକ୍ଷା ଯୋଜନାରେ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଓ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କର ଦାୟିତ୍ୱ, ଅଭିଭାବକ ମାନଙ୍କ ଠାରୁ ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଗଠନମୂଳକ ପ୍ରସ୍ତାବ ଗ୍ରହଣ କରାଯିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସହକାରୀ ଶିକ୍ଷକ ଗଣେଶ୍ୱର ପ୍ରଧାନ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶିକ୍ଷୟତ୍ରୀ ରଶ୍ମିରେଖା ମେହେର, ମୋନାଲିସା ସାମଲ, ଶିକ୍ଷକ ଦେବରାଜ ଭୋଇ ସହଯୋଗ କରିଥିଲେ।

## ଚିରନିଦ୍ରାରେ ଅବସରପ୍ରାପ୍ତ ଶିକ୍ଷାବିତ ଦୟାନିଧି ଆଚାର୍ଯ୍ୟ



ବଲାଙ୍ଗୀର (ଅମୃତ ମିଡିଆ) : ବଲାଙ୍ଗୀର ସହରର ରୁଗୁଡିପଡା ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ଆଚାର୍ଯ୍ୟ ଆଉ ଆମ ଗହଣରେ ନାହାନ୍ତି। ଗତକାଲି ସନ୍ଧ୍ୟାଧୂପ ସମୟରେ ଶ୍ରୀ ଆଚାର୍ଯ୍ୟ ଶେଷ ନିଶ୍ୱାସ ତ୍ୟାଗ କରି ଆରପାରିକୁ ଚାଲି ଗଲେ। ସେ କିଛି ବର୍ଷ ହେବ ରୋଗଗ୍ରସ୍ତ ରହିଥିବାର ପରିବାର ତରଫରୁ ଜଣାପଡିଛି। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ରୁଗୁଡି ପଡା ସମେତ ବଲାଙ୍ଗୀର ସହରରେ ଶୋକର ଛାୟା ଖେଳାଇଦେଇଛି। ବଲାଙ୍ଗୀର ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ବନ୍ଧୁବାନ୍ଧବ ତାଙ୍କ ରୁଗୁଡି ପଡା ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ପିଲାଦିନରୁ ଲେଖାଲେଖି ରେ ଆଗ୍ରହ ରହିବା ସହିତ କଥା ପ୍ରବନ୍ଧ, ଉପନ୍ୟାସ, ରହସ୍ୟ ରଚନା ଲେଖା ପାଇ ପାଠକ ଜଗତରେ ପରିଚିତ ଥିଲେ। ବଲାଙ୍ଗିର ସାହିତ୍ୟ ସଂଗଠକ ଓ ଲେଖକ ପରିଷଦ କୋଶଳୀ ଲେଖକ ପରିଷଦର ଜଣେ ସଂଗଠକ ଭାବରେ ସେ ପରିଚୟ ସୃଷ୍ଟି କରିଥିଲେ। ଶିକ୍ଷାବିତ ଶ୍ରୀ ଆଚାର୍ଯ୍ୟ ବିଭିନ୍ନ ପ୍ରକାର ପୁସ୍ତକ ପଠନ କରିବା ଓ ସମସ୍ତ ପ୍ରକାର ଖବରକାଗଜ ପଠନ କରିବୀ ତାଙ୍କ ରୁଚି ରହିଥିଲା। ବିଭିନ୍ନ ଖବରକାଗଜର ସେ ଜଣେ ନିୟମିତ ପାଠକ ରହିଥିଲେ। ଜିଲ୍ଲା ଲେଖକ ପରିଷଦ ଓ କୋଶଳୀ ଲେଖକ କବି ପରିବାର ତରଫରୁ ଏହି ମହାନ ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ଠାରେ ପାର୍ଥନା କରିବା ସହ ଶୋକାକୁଳ ପରିବାର ବର୍ଗଙ୍କୁ ଭଗବାନ ଆଗକୁ ବଢିବା ପାଇଁ ଅଜସ୍ର ଶକ୍ତି ପ୍ରଦାନ କରନ୍ତୁ ଏହା କାମନା କରାଯାଇଛି। ଗତ କାଲି ସନ୍ଧ୍ୟାରେ ଟିଟିଲାଗଡ ରୋଡ ସ୍ଥିତ ସ୍ୱର୍ଗ ଦ୍ୱାର ଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ଏକମାତ୍ର ପୁତ୍ର ଅନୁପମ ଆଚାର୍ଯ୍ୟ ମୁଖଗ୍ନି ଦେଇଥିଲେ।

## ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



**ବଙ୍ଗୋମୁଣ୍ଡା (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସଦର ସର୍ବସାଧାରଣ ଖେଳ ପଡିଆ ଠାରେ ହେବାକୁ ଥିବା ବ୍ଲକସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଆଜି ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟଳୟ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବଙ୍ଗୋମୁଣ୍ଡା ବିଡ଼ିଓ ନିତୁଶ୍ରୀ ମେହେରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା ଦିବସରେ ମାଟ୍ରିକରେ ସର୍ବାଧିକ ମାର୍କ ରଖିଥିବା ଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ବୈଠକ ନିଷ୍ପତ୍ତି ନିଆଯାଇଛି। ବଙ୍ଗୋମୁଣ୍ଡା ବ୍ଲକ ସଦରଠାରେ ଥିବା ବିଭିନ୍ନ ବିଭାଗର ମୁଖ୍ୟମାନେ ସାମିଲ ହୋଇ ବିଭିନ୍ନ ପ୍ରକାର ମତ ରଖିଥିଲେ। ବ୍ଲକ ପ୍ରଶାସନର ସମସ୍ତ କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ବୈଠକକୁ ଜିପିଡ଼ିଓ ପୁରୁଷୋତ୍ତମ ମାଝୀ ପରିଚାଳନା କରିଥିଲେ। ଆସନ୍ତା ୧୨ ଓ ୧୩ ତାରିଖ ଦୁଇ ଦିନ ଧରି ବଙ୍ଗୋମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ଜଣାପଡିଛି। ସବୁ ବର୍ଷ ଭଳି ଚଳିତ ବର୍ଷ ମଧ ବଡ଼ ଧୁମ୍‌ଧାମରେ ପାଳନ କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି ।ଏଥିରେ ବଙ୍ଗୋମୁଣ୍ଡା ବ୍ଲକ ସଦରର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକର୍ତା ମାନେ ସାମିଲ ହୋଇଥିଲେ।

## ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା

### ସ୍କୁଲ ପହଞ୍ଚିଲେ ଉପଜିଲ୍ଲାପାଳ



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଗେଟରେ ତାଲା ମାରି ଧାରଣା ଦେଇଥିବା ବେଳେ ଉକ୍ତ ରାସ୍ତା ଦେଇ ଧର୍ମଗଡ଼ ଉପଜିଲ୍ଲାପାଳ ଯାଉଥିବା ବେଳେ ଛାତ୍ରଛାତ୍ରୀଙ୍କୁ ବୁଝା ସୁଝା କରି ତାଲା ଖୋଲି ବିଦ୍ୟାଳୟ ମଧକୁ ପ୍ରବେଶ କରିଥିଲେ। ଛାତ୍ରଛାତ୍ରୀଙ୍କ ଅଭିଯୋଗରୁ ଜଣାଯାଏ ଯେ ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୮୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମାତ୍ର ୩ ଶିକ୍ଷକ ୧ଶିକ୍ଷୟିତ୍ରୀ ଅଛନ୍ତି। ବର୍ତ୍ତମାନ ୨ଜଣ ଶିକ୍ଷକ ଜନଗଣନା କାମରେ ବାହାରେ ରହୁଥିବା ବେଳେ ୨ଜଣ ଶିକ୍ଷକ ବିଦ୍ୟାଳୟ ଦାୟିତ୍ୱରେ ରହୁଥିବା ବେଳେ ୯ ଶ୍ରେଣୀ ୧୮୮ ଜଣ ଛାତ୍ରଛାତ୍ରୀଙ୍କୁ କେବଳ ଜଗିବା ହିଁ ସାର ହେଉଛି। ଦିନକୁ ଦିନ ପାଠପଢ଼ା ହେଉନଥିବାବେଳେ ମଙ୍ଗଳବାର ସ୍କୁଲ ସମୟରେ ଛାତ୍ରଛାତ୍ରୀମାନେ ସ୍କୁଲ ଗେଟରେ ତାଲା ପକାଇ ଠିଆ ହୋଇ ରହିଥିଲେ। ବିଦ୍ୟାଳୟର ଶିକ୍ଷକମାନେ ଗେଟ ଖୋଲି ବିଦ୍ୟାଳୟ ମଧକୁ ଯିବାକୁ ଛାତ୍ରଛାତ୍ରୀଙ୍କୁ କହିଥିଲେ ସୁଦ୍ଧା ଛାତ୍ରଛାତ୍ରୀମାନେ ଗେଟ ନଖୋଲି ଗେଟ ସମ୍ମୁଖରେ ଠିଆ ହୋଇ ରହିଥିଲେ। ଦୀର୍ଘ ୧ ଘଣ୍ଟା ଛାତ୍ରଛାତ୍ରୀ ଗେଟ ସମ୍ମୁଖରେ ଠିଆ ହୋଇ ରହିଥିବା ବେଳେ ଉକ୍ତ ରାସ୍ତା ଦେଇ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ଯାଉଥିବାବେଳେ ଛାତ୍ରଛାତ୍ରୀ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ଛାତ୍ରଛାତ୍ରୀଙ୍କଠାରୁ ବିଦ୍ୟାଳୟରେ ଥିବା ଅସୁବିଧା ଶୁଣି ଛାତ୍ରଛାତ୍ରୀଙ୍କୁ ବୁଝା ସୁଝା କରି ଗେଟ ଖୋଲି ନିଜେ ଉପଜିଲ୍ଲାପାଳ ୩ ଘଣ୍ଟାରୁ ଅଧିକ ସମୟ ରହି ବିଦ୍ୟାଳୟରେ ଥିବା ଶିକ୍ଷକ ସମସ୍ୟା ବିଷୟରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ କଥାବାର୍ତ୍ତା ହୋଇ ଖୁବ କମ ଦିନ ମଧ୍ୟରେ ଶିକ୍ଷକ ସମସ୍ୟା ଦୂର ହେବ ବୋଲି କହିଥିଲେ। ବିଦ୍ୟାଳୟରେ ଥିବା ପାନୀୟ ଜଳ ସମସ୍ୟା ଓ ଅନ୍ୟାନ୍ୟ ସମସ୍ୟା ବୁଝି ବିଦ୍ୟାଳୟ ମଧକୁ ଗୋଲାମୁଣ୍ଡା ବିଡ଼ିଓ ବିଶ୍ୱନାଥ ରାଉତ ଓ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଡ଼କାଇ ଯଥାଶୀଘ୍ର ସମସ୍ତ ସମସ୍ୟା ସମାଧାନ କରିବାକୁ କହିଥିଲେ। ଉପ ଜିଲ୍ଲାପାଳ ଛାତ୍ରଛାତ୍ରୀମାନଙ୍କ ସହିତ ବିଦ୍ୟାଳୟରେ ମଧାନ୍ନ ଭୋଜନ ମଧ କରିଥିଲେ।

## ଗୁଡ଼ିଆଲିପଦର ପଞ୍ଚାୟତରେ ଆର୍ଥିକ କାରବାରକୁ ନେଇ ବଢ଼ିଲା ସନ୍ଦେହ

### ହିସାବ ନା ତଥ୍ୟ ପ୍ରଦର୍ଶନରେ ତ୍ରୁଟି, ଖୋଲତାଡ଼ ଦାବି



**କଳାହାଣ୍ଡି (ଅମୃତ ମିଡ଼ିଆ) :** ଗୁଡ଼ିଆଲିପଦର ଗ୍ରାମ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାମ ବାବଦକୁ ହୋଇଥିବା ଅର୍ଥ ପ୍ରଦାନ ସମ୍ପର୍କିତ କେତେକ ତଥ୍ୟ ସାମ୍ନାକୁ ଆସିବା ପରେ ପଞ୍ଚାୟତର ଆର୍ଥିକ କାରବାରକୁ ନେଇ ଅନେକ ପ୍ରଶ୍ନ ଉଠିଛି। ପୋଖରୀ ଉନ୍ନତିକରଣ, ପୋଖରୀ ସୁରକ୍ଷା ପ୍ରାଚୀର, ନାଳ ନିର୍ମାଣ, ରାସ୍ତା ଆଲୋକ ବ୍ୟବସ୍ଥା ଏବଂ ଅଙ୍ଗନବାଡ଼ି କେନ୍ଦ୍ର ସମ୍ପର୍କିତ କାମ ସମେତ ୬ଟି କାମ ପାଇଁ ମୋଟ ୮ ଲକ୍ଷ ୯୩ ହଜାର ୪୯୨ ଟଙ୍କାର ଅର୍ଥ ପ୍ରଦାନ ସମ୍ପର୍କିତ ତଥ୍ୟ ଉପଲବ୍ଧ ହୋଇଛି। ଉପଲବ୍ଧ ତଥ୍ୟ ଅନୁସାରେ ଉପକାଭଟା ପୋଖରୀ ପାରାପେଟ୍ ଓ ସୁରକ୍ଷା ପ୍ରାଚୀର କାମ, ପ୍ରକଳ୍ପ ସଂକେତ ୧୨୧୩୬୪୮୪ ପାଇଁ ୧ ଲକ୍ଷ ୭୩ ହଜାର ୧୫୪ ଟଙ୍କା ଦର୍ଶାଯାଇଛି। କିନ୍ତୁ ଏହି ସମାନ କାମ, ସମାନ ପ୍ରକଳ୍ପ ସଂକେତ ଓ ସମାନ ରାଶି ଦୁଇଟି ଭିନ୍ନ ତଥ୍ୟରେ ଦେଖାଯାଉଥିବାରୁ ଏହାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଗୋଟିଏ ତଥ୍ୟରେ ଗୁଡ଼ିଆଲିପଦର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ସମ୍ପର୍କିତ ହିସାବ ଦେଖାଯାଉଥିବା ବେଳେ ଅନ୍ୟ ତଥ୍ୟରେ ଅନ୍ୟ ଏକ ବ୍ୟାଙ୍କ ସମ୍ପର୍କିତ ବିବରଣୀ ଦୃଶ୍ୟମାନ ହେଉଛି। ଏହା ଏକେ ଅର୍ଥ ପ୍ରଦାନର ପୁରୁଣା ଓ ନୂଆ ତଥ୍ୟ କି, ବ୍ୟାଙ୍କ ହିସାବ ପରିବର୍ତ୍ତନ ପରେ ଏକେ କାରବାର ଦୁଇ ସ୍ଥାନରେ ପ୍ରଦର୍ଶିତ ହୋଇଛି କି, ନା ପ୍ରକୃତରେ ସମାନ କାମ ପାଇଁ ଦୁଇଥର ଅର୍ଥ ପ୍ରଦାନ ହୋଇଛି—ଏହା ଏବେ ସବୁଠାରୁ ବଡ଼ ପ୍ରଶ୍ନ। କେବଳ ଉପଲବ୍ଧ ତଥ୍ୟଚିତ୍ରକୁ ଆଧାର କରି ଏହାର ନିଷ୍କର୍ଷରେ ପହଞ୍ଚିବା ସମ୍ଭବ ନୁହେଁ। ସମ୍ପୂର୍ଣ୍ଣ ବ୍ୟାଙ୍କ ହିସାବ ଓ ସରକାରୀ ଦସ୍ତାବିଜ ଯାଞ୍ଚ ହେଲେ ହିଁ ପ୍ରକୃତ ଚିତ୍ର ସ୍ପଷ୍ଟ ହେବ। ଅନ୍ୟପଟେ, ସାର୍ଦ୍ଧାପୁର ଅଣ୍ଡାଜୋର କାମ, ପ୍ରକଳ୍ପ ସଂକେତ ୧୨୦୪୮୪୨୪୬ ପାଇଁ ୧ ଲକ୍ଷ ୬୦ ହଜାର ୬୭୩ ଟଙ୍କା, ଉପକାଭଟା ବାଞ୍ଜିମୁଣ୍ଡା ପୋଖରୀ ଉନ୍ନତିକରଣ କାମ, ପ୍ରକଳ୍ପ ସଂକେତ ୧୨୭୪୫୨୨୪୦ ପାଇଁ ୨ ଲକ୍ଷ ୨୩ ହଜାର ୨୩୪ ଟଙ୍କା, ବିଭିନ୍ନ ୱାର୍ଡରେ ରାସ୍ତା ଆଲୋକ ମରାମତି ଓ ନୂତନ ଆଲୋକ ସ୍ଥାପନ କାମ, ପ୍ରକଳ୍ପ ସଂକେତ ୧୨୭୫୮୦୬୮୦ ପାଇଁ ୧ ଲକ୍ଷ ୧୭ ହଜାର ଟଙ୍କା, ଗୁଡ଼ିଆଲିପଦର–ତୁର୍କଲିପଡ଼ା ନାଳ କାମ, ପ୍ରକଳ୍ପ ସଂକେତ ୧୨୭୪୫୨୨୪୬ ପାଇଁ ୧ ଲକ୍ଷ ୧୦ ହଜାର ୭୦୦ ଟଙ୍କା ଏବଂ ଉପକାଭଟା ଅଙ୍ଗନବାଡ଼ି କେନ୍ଦ୍ର କାମ, ପ୍ରକଳ୍ପ ସଂକେତ ୧୨୧୩୬୪୨୫୯ ପାଇଁ ୧ ଲକ୍ଷ ୮ ହଜାର ୭୩୧ ଟଙ୍କାର ଅର୍ଥ ପ୍ରଦାନ ଦର୍ଶାଯାଇଛି। ସମାନ ପୋଖରୀ ସୁରକ୍ଷା ପ୍ରାଚୀର କାମର ୧ ଲକ୍ଷ ୭୩ ହଜାର ୧୫୪ ଟଙ୍କାକୁ ଦୁଇଥର ଗଣନା ନକରିଲେ, ଉପଲବ୍ଧ ତଥ୍ୟ ଅନୁସାରେ ୬ଟି ଭିନ୍ନ କାମର ମୋଟ ରାଶି ୮ ଲକ୍ଷ ୯୩ ହଜାର ୪୯୨ ଟଙ୍କା ହେଉଛି। ତେବେ ଯଦି ଦୁଇଟି ସମାନ ଏଣ୍ଟ୍ରି ପ୍ରକୃତରେ ଦୁଇଟି ଅଲଗା ଅର୍ଥ ପ୍ରଦାନ ବୋଲି ଯାଞ୍ଚରେ ପ୍ରମାଣିତ ହୁଏ, ତେବେ ତାହାର କାରଣ ଓ ଅର୍ଥ କେଉଁଠାକୁ ଯାଇଛି ସେନେଇ ଅଧିକ ଗଭୀର ଯାଞ୍ଚ ଆବଶ୍ୟକ ହେବ। ଏବେ ପ୍ରଶ୍ନ ଉଠୁଛି, ସରକାରୀ ହିସାବରେ ଦର୍ଶାଯାଇଥିବା ଏହି ସମସ୍ତ କାମ ବାସ୍ତବରେ କେତେ ପରିମାଣରେ ହୋଇଛି? କାମର ଅନୁମୋଦିତ ଅଟକଳ କେତେ ଥିଲା? କେତେ ପରିମାଣର କାମ ମାପ କରାଯାଇଛି? କାହାକୁ କାର୍ଯ୍ୟାଦେଶ ଦିଆଯାଇଥିଲା? କେଉଁ ତାରିଖରେ କାମ ଆରମ୍ଭ ଓ ଶେଷ ହୋଇଥିଲା? ଏବଂ କାମ ଶେଷ ହେବା ପରେ କେଉଁ ଅଧିକାରୀ ଏହାର ଯାଞ୍ଚ କରିଥିଲେ? ଏହି ସବୁ ପ୍ରଶ୍ନର ଉତ୍ତର ସମ୍ପୃକ୍ତ ଦସ୍ତାବିଜରେ ରହିଛି। ବିଶେଷ କରି ପୋଖରୀ ଉନ୍ନତିକରଣ ଓ ସୁରକ୍ଷା ପ୍ରାଚୀର କାମରେ ବାସ୍ତବ କାମର ଲମ୍ବ, ପ୍ରସ୍ଥ, ଉଚ୍ଚତା ଓ ବ୍ୟବହୃତ ସାମଗ୍ରୀକୁ ସରକାରୀ ମାପ ବହି ସହ ମେଳ କରାଯିବା ଦରକାର। ସେହିପରି ନାଳ ନିର୍ମାଣରେ ନାଳର ପ୍ରକୃତ ଲମ୍ବ, ପ୍ରସ୍ଥ ଓ ଗଭୀରତା ଯାଞ୍ଚ ସହ ରାସ୍ତା ଆଲୋକ କାମରେ କେତୋଟି ନୂଆ ଆଲୋକ ଲଗାଯାଇଛି, କେତୋଟି ମରାମତି ହୋଇଛି ଏବଂ ସାମଗ୍ରୀ କେତେ ଦରରେ କିଣାଯାଇଛି ତାହାର ମଧ ଯାଞ୍ଚ ଆବଶ୍ୟକ। ପଞ୍ଚାୟତର ନଗଦ ବହି, ହିସାବ ଖାତା, ବିଲ୍, ଭାଉଚର, ମାପ ବହି, କାର୍ଯ୍ୟାଦେଶ, ଅଟକଳ, ପ୍ରଶାସନିକ ଅନୁମୋଦନ, ବୈଷୟିକ ଅନୁମୋଦନ, କାମ ସମାପ୍ତି ପ୍ରମାଣପତ୍ର, ବ୍ୟୟ ପ୍ରମାଣପତ୍ର ଓ ବ୍ୟାଙ୍କ ହିସାବ ବିବରଣୀକୁ ଏକାଠି ଯାଞ୍ଚ କରାଗଲେ ଅର୍ଥ କାରବାରର ପ୍ରକୃତ ଚିତ୍ର ସାମ୍ନାକୁ ଆସିପାରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ସମାନ ପ୍ରକଳ୍ପ ସଂକେତ ୧୨୧୩୬୪୮୪ ଓ ସମାନ ୧ ଲକ୍ଷ ୭୩ ହଜାର ୧୫୪ ଟଙ୍କାର ଦୁଇଟି ତଥ୍ୟ ପଛର ସତ୍ୟ ଜାଣିବା ପାଇଁ ଉଭୟ ଅର୍ଥ ପ୍ରଦାନ ଆଦେଶ, କାରବାର ସଂଖ୍ୟା, ଅର୍ଥ ପ୍ରଦାନ ତାରିଖ, ଟଙ୍କା କଟାଯାଇଥିବା ହିସାବ ଓ ଯେଉଁ ହିସାବକୁ ଟଙ୍କା ଯାଇଛି ତାହାକୁ ମେଳ କରିବା ଆବଶ୍ୟକ। ଏଥିରୁ ଗୋଟିଏ ଅର୍ଥ ପ୍ରଦାନ ଦୁଇଥର ପ୍ରଦର୍ଶିତ ହୋଇଛି ନା ପ୍ରକୃତରେ ଦୁଇଥର ଟଙ୍କା କାରବାର ହୋଇଛି, ତାହା ସ୍ପଷ୍ଟ ହୋଇପାରିବ। ତେବେ କେବଳ ଏହି ତଥ୍ୟଚିତ୍ର ଆଧାରରେ ଦୁର୍ନୀତି କିମ୍ବା ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ନିଷ୍କର୍ଷରେ ପହଞ୍ଚିବା ଉଚିତ ନୁହେଁ। ଏହା ପଛରେ ବୈଧ ପ୍ରଶାସନିକ କିମ୍ବା ବ୍ୟାଙ୍କିଙ୍ଗ କାରଣ ମଧ ରହିପାରେ। ସେଥିପାଇଁ ନିରପେକ୍ଷ ଓ ଉଚ୍ଚସ୍ତରୀୟ ଯାଞ୍ଚ ମାଧ୍ୟମରେ ସମସ୍ତ ଦସ୍ତାବିଜ ଓ କାର୍ଯ୍ୟସ୍ଥଳକୁ ମେଳ କରି ସତ୍ୟ ସାମ୍ନାକୁ ଆଣିବା ଜରୁରୀ। ଗୋଟିଏ କାମର ସମାନ ସଂକେତ ଓ ସମାନ ଟଙ୍କା ଦୁଇଟି ହିସାବରେ କାହିଁକି ଦେଖାଗଲା ୮ ଲକ୍ଷ ୯୩ ହଜାର ୪୯୨ ଟଙ୍କାର ୬ଟି କାମ ବାସ୍ତବରେ ଅଟକଳ ଓ ମାପ ଅନୁଯାୟୀ ହୋଇଛି କି? ଏହି ସମସ୍ତ ପ୍ରଶ୍ନର ଉତ୍ତର ଏବେ ଏକ ନିରପେକ୍ଷ ଉଚ୍ଚସ୍ତରୀୟ ଆର୍ଥିକ ଓ ବୈଷୟିକ ତଦନ୍ତରୁ ମିଳିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।




## ଓସିଏସ୍ ଟପର ଡ. ଶୁଭଙ୍କରୀ ସୁଦେଷ୍ଣାଙ୍କ ପ୍ରେରଣାଦାୟୀ ସେସନ

# 'କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ'




**ବାରିପଦା(ଅମୃତମିଡିଆ):** ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଁ ନିରନ୍ତର ସାଧନା, ସଠିକ ରଣନୀତି ଏବଂ ଆତ୍ମବିଶ୍ୱାସ ନିତାନ୍ତ ଆବଶ୍ୟକ । ଜୀବନରେ ଶ୍ରେଷ୍ଠ ସ୍ଥାନରେ ପହଞ୍ଚିବା ପାଇଁ କଠିନ ପରିଶ୍ରମର ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ବାଙ୍ଗିରିପୋଷିର ବର୍ତ୍ତମାନର ତହସିଲଦାର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ୨୦୨୦ ରେ ଦ୍ୱିତୀୟ ରାଙ୍କ ହାସଲ କରିଥିବା ଡ. ଶୁଭଙ୍କରୀ ସୁଦେଷ୍ଣା ଦାଶ ପ୍ରକାଶ କରିଛନ୍ତି ।ସ୍ଥାନୀୟ ବିଦ୍ୟାପୀଠ କ୍ଲାସେସ ପରିସରରେ ଆୟୋଜିତ ଏକ ବିଶେଷ ଦିଗଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇ ଡ. ଦାଶ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶାସନିକ ସେବା ପରୀକ୍ଷା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି କୌଶଳ, ଉପଯୁକ୍ତ ବହି ଚୟନ ଏବଂ ସମୟ ପରିଚାଳନା ସମ୍ପର୍କରେ ଗୁରୁମନ୍ତ୍ର ଦେଇଥିଲେ । ଏଥିସହିତ ଜୀବନର ବିଭିନ୍ନ ଆହ୍ୱାନ, ମାନସିକ ଚାପ ଓ ପ୍ରତିବନ୍ଧକକୁ କିପରି ସାହସର ସହ ସାମ୍ନା କରିହେବ, ସେ ନେଇ ନିଜ ସଂଘର୍ଷ ଓ ସଫଳତାର ପ୍ରେରଣାଦାୟୀ କାହାଣୀ ସେୟାର କରିଥିଲେ । ପରୀକ୍ଷାରେ ସଫଳ ହେବାକୁ ହେଲେ କେବଳ ସ୍ୱପ୍ନ ଦେଖିଲେ ହେବନାହିଁ, ସେହି ଅନୁସାରେ ନିଷ୍ଠାର ସହ ଦିନରାତି ଏକ କରିବାକୁ ପଡ଼ିବ । ନକାରାତ୍ମକ ଚିନ୍ତାଧାରାରୁ ଦୂରେଇ ରହି ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିଲେ ପ୍ରତ୍ୟେକ ବାଧାବିଘ୍ନ ଆପେ ଆପେ ଦୂର ହୋଇଯିବ ବୋଲି ପିଲାଙ୍କୁ ପ୍ରେରଣା ଦେଇ କହିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାପୀଠ କ୍ଲାସେସର ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମଣ୍ଡଳ ମୁଖ୍ୟ ଅତିଥି ଡ. ଦାଶଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଉଷ୍ମ ସମ୍ବର୍ଦ୍ଧନା ଓ ସ୍ୱାଗତ ଜଣାଇଥିଲେ । ଏହି ସେସନରେ ଅନୁଷ୍ଠାନର ଅଧକ୍ଷ ଜିତେନ୍ଦ୍ର ପାଲ, ଅଭିଷେକ ବେହେରା, ଭାଗ୍ୟଶ୍ରୀ ପାତ୍ରଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ, ଗୁଣୀଜନ ଓ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

## ଖାଦ୍ୟ ସୁରକ୍ଷାରୁ ବଂଚିତ ଭାଇ-ଭଉଣୀ ମାଡ଼ିପାରିଲେ ନାହିଁ ବିଦ୍ୟାଳୟ ମାଟି

**ବାରିପଦା /ଉଦଳା (ଅମୃତମିଡିଆ):** ଯେ ହେଉଛି ଉଦଳା ବ୍ଲକର ଭୀମତାଳି ପଂଚାୟତ ଅନ୍ତର୍ଗତ ଅଠଣଗାଁ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ମାଝିଲା ସିଂ ଓ ତାଙ୍କର ସହଧର୍ମିଣୀ ଶ୍ରୀମତୀ ସିଂଙ୍କର ୧୦ବର୍ଷ ବୟସର କନ୍ୟା 'ବର୍ଷା' ଓ ୬ ବର୍ଷ ବୟସର ପୁତ୍ର 'ରବି' ଯେ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ି ପାରିନଥିବାର କଥା ପରିବାର ଲୋକେ ଜଣାଇଛନ୍ତି । ଖବର ନେବାରୁ ଏହି ପିଲାମାନଙ୍କର ଜନ୍ମ ପ୍ରମାଣପତ୍ର କିମ୍ବା ଆଧାର କାର୍ଡ଼ କିଛି ନଥିବା ଯୋଗୁଁ ସେମାନେ ବିଦ୍ୟାଳୟରେ ନାମ ଲେଖାଇପାରୁ ନାହାଁନ୍ତି । ସେହିପରି ମାତା ଶ୍ରୀମତିଙ୍କ ସହ ଏହି ଦୁଇ ଭାଇ ଭଉଣୀଙ୍କୁ ମିଶାଇ ମୋଟ ୩ ଜଣ ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ଦିନ ମଜୁରିଆ ଭାବରେ କାମ



କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାର ଏଥିପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଆଏଧାର ପାଇଁ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଫଟୋ ଉଠାଇବା ସହ ବାରମ୍ବାର ଗୁହାରି ଜଣାଇଲେ ମଧ କେହି ଶୁଣୁନଥିବାର ଅଭିଯୋଗ ଏହି ପରିବାର ତରଫରୁ କରାଯାଇଛି । ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ଏହି ଆଦିବାସୀ ପରିବାରକୁ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ 'ବର୍ଷା' ଓ 'ରବି'ଙ୍କ ପରି ବିଭିନ୍ନ କାରଣରୁ ବହୁ ସଂଖ୍ୟାରେ ପିଲା ଏବେ ମଧ ବିଦ୍ୟାଳୟ ବାହାରେ ଅଛନ୍ତି । ରାଜ୍ୟ ସରକାର ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ଳପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

## ଏମ୍‌ପିସି କଲେଜରେ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ




**ବାରିପଦା(ଅମୃତମିଡିଆ):** ବିଶ୍ୱବ୍ୟାପୀ ପ୍ରତିବର୍ଷ ଅଗଷ୍ଟ ମାସର ପ୍ରଥମ ସୋମବାର ଆନ୍ତର୍ଜାତୀୟ ବାଣିଜ୍ୟ ଦିବସ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ବାରିପଦାର ଏମ.ପି.ସି. ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏହି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବୈଶ୍ୱିକ ବାଣିଜ୍ୟ,ଆର୍ଥିକ ଅଭିବୃଦ୍ଧି ଓ ସ୍ଥାୟୀ ବିକାଶ ଶୀର୍ଷକ ଏକ ଆଲୋଚନାଚକ୍ର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ମୁଖ୍ୟ ଡ଼. ଆଶୁତୋଷ ପ୍ରୟାସ ଦାଶ ଏହି ସଭାରେ ସଭାପତିତ୍ୱ କରି ଆନ୍ତର୍ଜାତୀୟ ବାଣିଜ୍ୟ ଦିବସ ପାଳନର ଉଦ୍ଦେଶ୍ୟ, ବାଣିଜ୍ୟ ଶିକ୍ଷାର ବର୍ତ୍ତମାନ ପ୍ରାସଙ୍ଗିକତା ଏବଂ ଏଭଳି ଶିକ୍ଷାମୂଳକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଜ୍ଞାନ ଓ ଦକ୍ଷତା ବିକାଶରେ ସହାୟକ ବୋଲି ମତ ପ୍ରକାଶ କରିଥିଲେ । ବିଭାଗର ଅଧ୍ୟାପିକା ସୀମା ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାଣିଜ୍ୟ ବିଭାଗର ଅଧ୍ୟାପକ ଭୀମ ଚରଣ ମୁର୍ମୁ, ପ୍ରଫେସର ଜଗଦୀଶ ଘଡ଼େଇ ବୈଶ୍ୱିକ ବାଣିଜ୍ୟ, ଆର୍ଥିକ ଅଭିବୃଦ୍ଧି ଓ ସ୍ଥାୟୀ ବିକାଶ ବିଷୟରେ ବିସ୍ତୃତ ଆଲୋଚନା କରି ବର୍ତ୍ତମାନ ସମୟରେ ଦକ୍ଷତାଭିତ୍ତିକ ଶିକ୍ଷା, ନବସୃଜନ, ଉଦ୍ୟମିତା ଏବଂ ପରିବେଶ ଅନୁକୂଳ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅଧ୍ୟାପକ ସାକିଲା ମାଝୀ ଓ ଡ଼. ଅର୍ଜୁନ କୁମାର ସାହୁ ମଧ ସମସାମୟିକ ବାଣିଜ୍ୟିକ ପରିପ୍ରେକ୍ଷିତାରେ ନିଜ ନିଜର ମତାମତ ବ୍ୟକ୍ତ କରିଥିଲେ । ଶେଷରେ ବାଣିଜ୍ୟ ବିଭାଗର ଅଧ୍ୟାପକ ଡ଼. ଅନାମ ଚରଣ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ । ସେମିନାର ସମାପ୍ତି ପରେ ବାଣିଜ୍ୟ ବିଭାଗ ପକ୍ଷରୁ ପୋଷ୍ଟ ଇଣ୍ଟର୍ନସିପ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।

## ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ବିକ୍ଷୋଭ

## ୯ ଦଫା ଦାବି ପୂରଣ ପାଇଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ



**ବାରିପଦା(ଅମୃତମିଡିଆ):** ଓଡ଼ିଶା ସ୍କୁଲ-କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ନଅ ଦଫା ଦାବି ପୂରଣ ନିମନ୍ତେ ଆଜି ରାସଗୋବିନ୍ଦପୁର ବ୍ଲକ କାର୍ଯ୍ୟାଳୟରେ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପରେ ସମିତିର ସଦସ୍ୟମାନେ ରାସଗୋବିନ୍ଦପୁର ବିଡିଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ସମନ୍ୱୟ ସମିତିର ବକ୍ତାମାନେ କହିଥିଲେ ଯେ, ଶିକ୍ଷକ ଓ କର୍ମଚାରୀଙ୍କ ଦୀର୍ଘଦିନର ନଅ ଦଫା ଦାବି ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ । ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବିଧାୟକ ଥିବା ସମୟରେ ସରକାରକୁ ଆସିଲେ ଶିକ୍ଷକମାନଙ୍କ ଯୁକ୍ତିସଙ୍ଗତ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହି ପ୍ରତିଶ୍ରୁତି ପାଳନ କରି ଶୀଘ୍ର ଦାବିଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସେମାନେ ସରକାରଙ୍କୁ ଅନୁରୋଧ କରିଥିଲେ ।ସମିତିର ନେତୃବୃନ୍ଦ ଆହୁରି କହିଥିଲେ ଯେ,ଯଦି ଶୀଘ୍ର ସେମାନଙ୍କ ଦାବି ପୂରଣ ନହୁଏ,ତେବେ ଶିକ୍ଷକ ଓ କର୍ମଚାରୀମାନେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନକୁ ଅଧିକ ତୀବ୍ର କରିବେ । ବକ୍ତାମାନଙ୍କ ମଧ୍ୟରୁ କେତେକ ଆଗାମୀ ପଞ୍ଚାୟତ ନିର୍ବାଚନରେ ସରକାର ବିରୋଧରେ ଜନମତ ସୃଷ୍ଟି କରିବାକୁ ଆହ୍ୱାନ ଜଣାଇଥିବା କଥା ମଧ ସଭାରେ ପ୍ରକାଶ ପାଇଥିଲା ।ଉକ୍ତ ବିକ୍ଷୋଭ ରେ ଓଷ୍ଟା ରାଜ୍ୟ ସମ୍ପାଦକ ଗୋପୀବଲଭ ଭୂୟାଁ, ରାଜ୍ୟ ଯୁଗ୍ମସଂପାଦକ ଅଞ୍ଜନ କୁମାର ଜେନା,ଓଷ୍ଟା ବ୍ଲକ ସମ୍ପାଦକ ବିକର୍ତ୍ତନ ସାହୁ, ବ୍ଲକ ସଭାପତି ସନ୍ତୋଷ କୁମାର ଦାସ,ସମ୍ପାଦକ ବ୍ୟୋମକେଶ ଚୌଧୁରୀ, ଅଲଓଷ୍ଟାର ବ୍ଲକ ସଭାପତି ପ୍ରଶାନ୍ତ ଲେଙ୍କା ପ୍ରମୁଖଙ୍କ ସମେତ ଶହେରୁ ଉର୍ଦ୍ଧ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ସହିତ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ସମିତି ପକ୍ଷରୁ ସରକାରଙ୍କୁ ଶିକ୍ଷକ ଓ କର୍ମଚାରୀଙ୍କ ନ୍ୟାୟସଙ୍ଗତ ଦାବି ପ୍ରତି ସକାରାତ୍ମକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା ।

## ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟ ପ୍ରତିନିଧି ଦଳର ଏମ୍‌ଏସସିବି ବିଶ୍ୱବିଦ୍ୟାଳୟ ପରିଦର୍ଶନ




**ବାରିପଦା(ଅମୃତମିଡିଆ):** ରାଞ୍ଚିସ୍ଥିତ ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର କୁଡ଼ମାଲି ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରୀ ଓ ଅଧ୍ୟାପକ ମାନଙ୍କର ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ଅଞ୍ଚଳରେ ଆୟୋଜିତ ଶିକ୍ଷାଗତ ଓ ସାଂସ୍କୃତିକ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅବସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ । ଏହି ପ୍ରତିନିଧିଦଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ କୁଡ଼ମାଲି ଭାଷାର ଏକ ସ୍ନାତକୋତ୍ତର ବିଭାଗ ପ୍ରତିଷ୍ଠା କରିବା ପାଇଁ ଏକ ଆନୁଷ୍ଠାନିକ ପ୍ରସ୍ତାବ ପ୍ରଦାନ କରିଥିଲେ । ପ୍ରତିନିଧି ମାନେ ମତ ପ୍ରକାଶ କରିଥିଲେ ଯେ କୁଡ଼ମାଲି ପୂର୍ବ ଭାରତର ଏକ ସମୃଦ୍ଧ ଲୋକଭାଷା, ଯାହା ଆଦିବାସୀ ଓ ଅଣଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବହୁଳ ଭାବେ ପ୍ରଚଳିତ ଏବଂ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଏକାଧିକ ବିଶ୍ୱବିଦ୍ୟାଳୟରେ ଏହି ବିଭାଗ ସଫଳତାର ସହ ଚାଲୁଥିବାରୁ ଓଡ଼ିଶାରେ ଏହାର ପ୍ରତିଷ୍ଠା ଆଞ୍ଚଳିକ ଭାଷା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣକୁ ନୂତନ ଦିଗ ପ୍ରଦାନ କରିବ । ପ୍ରତିନିଧିମାନେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗର ଅଧ୍ୟାପକମାନଙ୍କ ସହ ସକ୍ରିୟ ଶିକ୍ଷାଗତ ସହଯୋଗ କରିବାକୁ ପ୍ରସ୍ତାବ ଦେଇଥିଲେ । ଛାତ୍ରଛାତ୍ରୀ ମାନେ ବିଶ୍ୱବିଦ୍ୟାଳୟ ପରିସର ପରିଦର୍ଶନ କରିବା ସହ ନୃତତ୍ତ୍ୱ ପରୀକ୍ଷାଗାରରେ ଥିବା ଆଧୁନିକ ବୈଜ୍ଞାନିକ ଉପକରଣ ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ସଂଗ୍ରହାଳୟରେ ସଂରକ୍ଷିତ ଦୁର୍ଲଭ ଆଞ୍ଚଳିକ ନିଦର୍ଶନ, ଆଦିବାସୀ ବସ୍ତ୍ର ଓ ଜନଜାତି କଳାକୃତିର ଅଧ୍ୟୟନ କରିଥିଲେ । ପ୍ରତିନିଧିଗଣ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି, ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗର ମୁଖ୍ୟ ଡ଼. ବସନ୍ତ କୁମାର ମହାନ୍ତ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ସେମାନଙ୍କର ଶିକ୍ଷାଗତ ମାର୍ଗଦର୍ଶନ, ସମନ୍ୱୟ ଏବଂ ଆନ୍ତରିକ ଆତିଥ୍ୟ ପାଇଁ ଗଭୀର କୃତଜ୍ଞତା ଜଣାଇଥିଲେ ।

## ସରକାରୀ ଜମିରୁ ଆକାଶିଆ ଗଛ କଟା; ବନ ବିଭାଗର ନାକ ତଳେ ମାଫିଆଙ୍କ ଖୋଲା ଲୁଟ୍

## ଅର୍ଥ କାରବାରର ଅଭିଯୋଗ; ଡିଏଫଓଙ୍କ ହସ୍ତକ୍ଷେପ ପରେ ତଦନ୍ତ ନିର୍ଦ୍ଦେଶ

**ବାରିପଦା / ସାହାରପଡ଼ା (ଅମୃତମିଡିଆ):** କେନ୍ଦୁଝର ବନଖଣ୍ଡ, ପାଟଣା ବନାଞ୍ଚଳ, ସାହାରପଡା ବନପାଳ କାର୍ଯ୍ୟାଳୟ ଅଧୀନ ଉଦୟପୁର ବିଟ୍ ?ର ମଙ୍ଗଳପୁର ଗ୍ରାମ ପାତ୍ରସାହି ନିକଟରେ ବ୍ୟାପକ ମାତ୍ରାରେ ଆକାଶିଆ ଗଛ କଟାଯାଇ ଚାଲାଣ କରାଯାଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ବନ ବିଭାଗର ନାକ ତଳେ ଏଭଳି ଖୋଲାଖୋଲି ଗଛ କଟା ଘଟଣା ବନ ସୁରକ୍ଷା ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଯେଉଁ ସ୍ଥାନରେ ଗଛଗୁଡ଼ିକ ଥିଲା, ସେଠାରେ ନିଧି ନାଏକ ଜବରଦଖଲ କରି ରହିଥିବା ବେଳେ ତାଙ୍କ



ନାମରେ ଜମିର ପଟ୍ଟା ନଥିବା ସତ୍ତ୍ୱେ କିପରି ଏତେ ସଂଖ୍ୟକ ଗଛ କାଟିବାକୁ ଅନୁମତି ମିଳିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି । ପରିବାର ଲୋକଙ୍କ ଦାବି, ଏହି ଜମିର ମାଲିକାନା ସମ୍ପର୍କିତ କୌଣସି ବୈଧ ଦଲିଲ ନିଧି ନାଏକଙ୍କ ପାଖରେ ନାହିଁ ।ଘଟଣା ସମ୍ପର୍କରେ ସାହାରପଡା ବନପାଳ ଶ୍ରୀମନ୍ତ କୁମାର ବେହେରାଙ୍କୁ ପଚାରିବାରୁ ସେ ଏ ବାବଦରେ କିଛି ଜାଣିନଥିବା କହିଥିଲେ । ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଅଭିଯୋଗ, ବନ ବିଭାଗର ଦୁଇଜଣ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ ଏବଂ ସେମାନଙ୍କ ମଧ୍ୟରେ ଜଣେ ମହିଳା ଓ ଜଣେ ପୁରୁଷ କର୍ମଚାରୀ ସ୍କୁଟିରେ ଆସି ୫ ହଜାର ଟଙ୍କା ନେଇଥିବାର ଗୁରୁତର ଅଭିଯୋଗ ଉଠିଛି । ଏହି ଅଭିଯୋଗର ସତ୍ୟତା ତଦନ୍ତ ସାପେକ୍ଷ । ସୂଚନା ଅନୁଯାୟୀ, ବର୍ଷା ଋତୁରେ ସାଧାରଣତଃ ଗଛ କାଟିବାକୁ ବନ ବିଭାଗ ପକ୍ଷରୁ ଅନୁମତି ଦିଆଯାଏ ନାହିଁ । ତଥାପି ସରକାରୀ ଜମିରେ ପ୍ରାୟ ୭୫ରୁ ୮୦ଟି ଆକାଶିଆ ଗଛ କାଟି ଚାଲାଣ କରାଯାଇଥିବାରୁ ବନ ମାଫିଆଙ୍କ ଦୌରାତ୍ମ୍ୟ ସାମ୍ନାକୁ ଆସିଛି । ଏହି କାଠର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଅଧିକ ହୋଇପାରେ ବୋଲି ସ୍ଥାନୀୟ ଲୋକ ସନ୍ଦେହ ପ୍ରକାଶ କରିଛନ୍ତି । ଘଟଣା ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ଦୃଷ୍ଟିକୁ ଆସିବା ପରେ ସେ ଏହାକୁ ଗୁରୁତର ସହ ନେଇ ସାହାରପଡା ବନପାଳ ଓ ସମ୍ପୃକ୍ତ ଫରେଷ୍ଟ ଗାର୍ଡ ଝରଣା ସାହୁଙ୍କୁ କାଠ ଜବତ କରିବା ସହ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଏବେ ସାଧାରଣରେ ଦାବି ହେଉଛି ଯେ, ସମଗ୍ର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଯଦି କୌଣସି ବନ କର୍ମଚାରୀ କିମ୍ବା କାଠ ମାଫିଆଙ୍କ ସମ୍ପୃକ୍ତତା ପ୍ରମାଣିତ ହୁଏ, ତେବେ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ।

## ହାତୀ ସଚେତନତା ଅଭିଯାନରେ ଫୁଟବଲ୍ ପ୍ରତିଯୋଗିତା



**ବାରିପଦା /ସାହାରପଡା(ଅମୃତମିଡିଆ):** କେନ୍ଦୁଝର ବନଖଣ୍ଡ, ପାଟଣା ବନାଞ୍ଚଳ ଅଧୀନ ଚକୁଣ୍ଡାପାଳ ଗ୍ରାମପଞ୍ଚାୟତର ଜଡିଚାତର ଗ୍ରାମ ଫୁଟବଲ୍ ପଡ଼ିଆରେ ଓ୍ୱେସ୍କା କେନ୍ଦୁଝର ଅନୁଷ୍ଠାନର ସହଯୋଗରେ ମାନବ-ହାତୀ ସହାବସ୍ଥାନ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏକ ଫୁଟବଲ୍ ପ୍ରତିଯୋଗିତାର ଆୟୋଜନ କରାଯାଇ ଯୁବପିଢ଼ୀଙ୍କ ମଧ୍ୟରେ ହାତୀ ସୁରକ୍ଷା ଓ ସଚେତନତାର ବାର୍ତ୍ତା ପହଞ୍ଚା ଯାଇଥିଲା । କାର୍ଯ୍ୟକ୍ରମକୁ ପୋଷ୍ଟମାଷ୍ଟର ପରମାନନ୍ଦ ଦାସ ଉଦ୍ ?ଘାଟନ କରି ଫୁଟବଲ୍ ଖେଳର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପିଇଟି ପ୍ରଫୁଲ୍ଲ କୁମାର ମହାନ୍ତ, ବସନ୍ତ କୁମାର ନାଏକ, ପ୍ରହଲ୍ଲାଦ ନାଏକ, ରତି ରଞ୍ଜନ ମହାନ୍ତ, ଭରତ ନାଏକ, ପ୍ରମୋଦ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସେହିପରି ସମାଜସେବୀ ମିତ୍ରଭାନୁ ମହାନ୍ତ ଖେଳାଳି ମାନଙ୍କୁ ଫୁଟବଲ୍ ପ୍ରଦାନ କରି ଉତ୍ସାହିତ କରିଥିଲେ । ଉପସ୍ଥିତ ବକ୍ତାମାନେ ଜଙ୍ଗଲ ସଂଲଗ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ହାତୀ ସହ ସହାବସ୍ଥାନ, ସତର୍କତା ଓ ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ । ଖେଳ ମାଧ୍ୟମରେ ସଚେତନତା ସୃଷ୍ଟିର ଏହି ପ୍ରୟାସକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ ।

## ସାପ କାମୁଡ଼ାରେ ଛାତ୍ରୀ ଗୁରୁତର



**ବାରିପଦା(ଅମୃତମିଡିଆ):** ମୟୂରଭଂଜ ଜିଲ୍ଲା, ବିଜାତଳା ବ୍ଲକର ଏସ୍‌ଏସ୍‌ଡି ହାଇସ୍କୁଲ ଆବାସିକରେ ରହୁଥିବା ,ଘିଆଟାଙ୍ଗର ଉପ୍ରା ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ସୁମିତ୍ରା ସୋରେନ ସ୍କୁଲ ପରିସରରେ ଏକ ସର୍ପାଘାତରେ ପିଡିତ ଥିବା ଥିବାର ଜଣାଯାଇଛି । ସୂଚନା ଯୋଗ୍ୟ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ ଟା ସମୟରେ ସ୍କୁଲ ସମ୍ମୁଖରେ ଥିବା ଏକ ଖଜୁରୀ ଗଛ ପାଖକୁ ଯାଇଥିବା ସମୟରେ ସାପ କାମୁଡାରେ ଶିକାର ହୋଇଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇ ଥିଲା ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଅଛି ଏବଂ ଶୀଘ୍ର ଆରୋଗ୍ୟ ହେଉଛନ୍ତି ।ଖବର ପାଇ ରାଇରଙ୍ଗପୁର ଉପଜିଲ୍ଲାପାଳ ଉଗ୍ରସେନ ଓରାମ,ଆଇପିଏଲ ମଙ୍ଗଳ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ,ଉପଖଣ୍ଡ ମଙ୍ଗଳ ଅଧିକାରୀ କମଳାକାନ୍ତ ସ୍ୱାଇଁ ,ବିଜାତଳା ବିଇଓ , ବିଜାତଳା ଏସଏସଡି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଛାତ୍ରୀର ସ୍ୱାସ୍ଥ୍ୟ ଅବସ୍ଥା ବୁଝାବୁଝି କରୁଥିବାର ପ୍ରକାଶ ।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଧାରଣା ଓ ପ୍ରତିବାଦ ସଭା

**ବାରିପଦା(ଅମୃତମିଡିଆ):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବେତନଟୀ ବ୍ଲକ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ରେ ଧାରଣା ଓ ପ୍ରତିବାଦ ସଭା ସହ ମୁଖ୍ୟ ମନ୍ତ୍ରୀ, ଉଚ୍ଚ ଶିକ୍ଷା ଓ ଗଣଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବି ଗୁଡିକ ମଧ୍ୟରେ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଗୁଡିକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜ ରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ପେନସନ ପ୍ରଦାନ, ସରକାରୀ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କ କଣ୍ଟ୍ରାଚୁଆଲ ପିରିଅଡକୁ ସରକାରୀ ଚାକିରିରେ ଯୋଗ, ଅବସର ବୟସ ୬୦ ରୁ ୬୨ କୁ ବୃଦ୍ଧି, ସମସ୍ତ ଅନୁଦାନ ପ୍ରାପ୍ତ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକୁ ସରକାରୀକରଣ, ଅନୁଦାନ ପ୍ରାପ୍ତ ଓ ନୂତନ



ଅନୁଦାନ ପ୍ରାପ୍ତ ହାଇସ୍କୁଲ ରେ ନିଯୁକ୍ତି, ଗ୍ରେଡ ପେ ରେ ଅସଙ୍ଗତି ଦୁର ଆଦି ଅନ୍ୟତମ । ଦାବିପତ୍ର ଗୁଡିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ଉଚ୍ଚ ଓ ଗଣଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ବିଡ଼ିଓ ଙ୍କ ଅନୁପସ୍ଥିତ ରେ ହେଡ କ୍ଲାର୍କଙ୍କୁ ଓ ବିଧାୟକଙ୍କ ଉଦ୍ଦେଶ୍ୟରେ ବେତନଟୀ ମଣ୍ଡଳ ସଭାପତି ଜ୍ୱୀନ ପଣ୍ଡିତଙ୍କୁ ପ୍ରଦାନ କରିଥିଲେ । ଗୋପବନ୍ଧୁ ଶିକ୍ଷା ନିକେତନ ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆବାହକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ ଆବାହକ ସୂର୍ଯ୍ୟାନନ୍ଦ ନାୟକ, ଧୀରେନ୍ଦ୍ର ପ୍ରଧାନ,ଟିକାୟତ ଚନ୍ଦ୍ର ମହାନ୍ତ,କୁଷଧର ମହାନ୍ତ, ନରହରି ମହାନ୍ତ, ଗଜେନ୍ଦ୍ର ମହାନ୍ତ, ବିଜୟ କୁମାର ପଣ୍ଡିତ, ଜଗଦିଶ ଚନ୍ଦ୍ର ମହାନ୍ତ, ରଞ୍ଜନ କୁମାର ବାରିକ, ପ୍ରଦ୍ୟୁମ୍ନ କୁମାର ଭୂୟାଁ, ଭବାନୀ ଶଙ୍କର ବାଗ, ଗଣେଶ ନାୟକ, ଅରୁଣ ସାହୁ, ମମତା ପଣ୍ଡା, ମୃତ୍ୟୁଞ୍ଜୟ ଦାସ, ନିହାର ବେହେରା, ଅଜୟ ବରିକ, ମୌସୁମୀ ମାହାପାତ୍ର, ସୁଜାତା ଦାସ, ଗୋପାଲ ପ୍ରଧାନ, ମନୋଜ ବେହେରା, ନିରଞ୍ଜନ ବେଜ, ହରେନ୍ଦ୍ର କର,ଅମୀୟ ପରିଡ଼ା, ଚିତ୍ତରଞ୍ଜନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଅନ୍ତର୍ଯ୍ୟାମୀ ପୋଥାଳ, ସରୋଜ ମହାପାତ୍ର, ଦିଲ୍ଲୀପ ସେନାପତି ପ୍ରଭୃତି ଯୋଗ ଦେଇଥିଲେ । ସର୍ବଶେଷରେ ଶିକ୍ଷକ ଟିକାୟତ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚାକୁଣ୍ଡା ଜଙ୍ଗଲରୁ ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, ରରୁଆଁ ଥାନା ଅଧୀନ ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ପାଣ୍ଡୁରଶିଳ ନୂଆସାହିସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟବର୍ତ୍ତୀ ଚାକୁଣ୍ଡା ଜଙ୍ଗଲରୁ ବୁଧବାର ଜଣେ ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ସ୍ଥାନୀୟ ବାସିନ୍ଦା ଶଙ୍କର ସାହୁ ବୁଧବାର ସକାଳ ପ୍ରାୟ ୫ଟା ସମୟରେ ଘରୁ ବାହାରିବା ବେଳେ ଜଙ୍ଗଲ ମଧ୍ୟରେ ଥିବା ଏକ ଚାକୁଣ୍ଡା ଗଛରେ ଯୁବକ ଜଣଙ୍କୁ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ । ସେ ତୁରନ୍ତ ରରୁଆଁ ଥାନା ପୋଲିସକୁ ଏ ସମ୍ପର୍କରେ ଖବର ଦେଇଥିଲେ । ଖବର ପାଇ ରରୁଆଁ ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ସାକ୍ଷ୍ୟ ଓ ପ୍ରମାଣ ସଂଗ୍ରହ କରିବା ସହ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତକ ଜଣକ ଝୁଲୁଥିବା ସ୍ଥାନରେ ସେ ଏକ ମୋବାଇଲକୁ ପାଦରେ ମାଡ଼ିଥିବା ଓ ଗୋଡ଼ରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଥିଲା । ତାଙ୍କର ପରିଚୟ ଏ ପର୍ଯ୍ୟନ୍ତ ମିଳିପାରିନାହିଁ । କେତେକ ସ୍ଥାନୀୟ ବାସିନ୍ଦା ଏହା ଏକ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ ପ୍ରକାଶ କରିଛନ୍ତି । ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି ।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

**ବାରିପଦା (ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, ଠାକୁରମୁଣ୍ଡା ଥାନା, ବେତଝରି ଗ୍ରାମରେ ଚିତି ସାପ କାମୁଡ଼ାରେ ଜଣେ ବୃଦ୍ଧା ମୃତ୍ୟୁବରଣ କରିଛନ୍ତି । ଘଟଣାରୁ ପ୍ରକାଶ ଯେତେଝରି ଗ୍ରାମର ନାଗି ମାଝୀ (୭୨) ସୋମବାର ରାତିରେ ଶୋଇଥିବା ବେଳେ ଏକ ଚିତି ସାପ କାମୁଡି ଦେଇଥିଲା । ରାତିରେ ନାଗି ମାଝୀଙ୍କର ଛାତି ଏବଂ ପେଟରେ ଯନ୍ତ୍ରଣା ହେବାରୁ ଦୁଇ ଝିଅଙ୍କୁ ଜଣାଇଥିଲେ । ଦୁଇ ଝିଅ ସାପକୁ ମାରିବାକୁ ବାହାରିବାରୁ ସାପଟି ଖସି ଯାଇଥିଲା । ପରିବାର ଲୋକେ ସକାଳ ୫ ଟା ବେଳେ ନାଗିକୁ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟକୁ ଆଣିଥିଲେ । ଡାକ୍ତର ଯାଞ୍ଚ କରି ତାଙ୍କୁ ମୃତ ଘୋଷଣା କରିଥିଲେ । ୨୦୨୪ ମସିହା ଅଗଷ୍ଟ ମାସରେ ନାଗିଙ୍କ ସ୍ୱାମୀ ଫାଗୁମାଝୀ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲେ । ନାଗିଙ୍କ ଜୋଇଁ କାରାନ ଟୁଡୁଙ୍କ ଅଭିଯୋଗ କ୍ରମେ ଠାକୁରମୁଣ୍ଡା ଥାନା ଅଧିକାରୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛନ୍ତି ।

## ପୋଖରୀରେ ବୁଡ଼ି ଯାଇଥିବା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା,ମୋରଡା ବ୍ଲକ,ଚଢେଇ ଗାଁରୁ ଆସିଛି ଏକ ଦୁଃଖଦ ଖବର । ପୋଖରୀରେ ଗାଧୋଉଥିବା ବେଳେ ଜଣେ ବୃଦ୍ଧ ପାଣିରେ ବୁଡ଼ି ଯାଇଥିଲେ । ଗତକାଲିଠାରୁ ନିଖୋଜ ଥିବା ବୃଦ୍ଧଙ୍କ ମୃତଦେହ ଆଜି ପୋଖରୀରେ ଭାସୁଥିବା ଦେଖି ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ଚଢେଇ ଗାଁ ପଞ୍ଚାୟତର ଡାଳଗାଁରେ ଘଟିଛି ଏହି ଅଭାବନୀୟ ଘଟଣା । ମୃତକ ହେଲେ ଡାଳଗାଁର ବାହାଦୁର ଗଣ୍ଡୁଆର । ସୂଚନା ଅନୁଯାୟୀ, ଗତକାଲି ବାହାଦୁର ଗଣ୍ଡୁଆ ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତାବଶତଃ ପାଣିରେ ବୁଡ଼ି ଯାଇଥିଲେ । ପରିବାର ଲୋକେ ଏଣେ ତେଣେ ଖୋଜାଖୋଜି କରି ପାଇନଥିଲେ । ଆଜି ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକମାନେ ବାହାଦୁର ଗଣ୍ଡୁଆରଙ୍କ ପରିବାର ସଦସ୍ୟଙ୍କୁ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପାଣିରୁ ଉଦ୍ଧାର କରିଥିଲେ । ପରେ ଶୁଳିଆପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ବୃଦ୍ଧଙ୍କ ଅକାଳ ବିୟୋଗରେ ପରିବାର ଓ ସମଗ୍ର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।



# ଏ ମୃତ୍ୟୁ କାହାର ?





କୁନଲତା ତ୍ରିପାଠୀ



ସନ୍ଧ୍ୟା ନଇଁଗଲାଣି । ଫେରୁଥିଲି ଅଫିସରୁ ମୁଁ । 'କାଳୀ' ଦଉଡି ଆସି ବାଟରୁ ଲାଙ୍ଗୁଡ ହଲାଇ ହଲାଇ ସ୍ୱାଗତ କଲାନି ଆଗ-ପଛ ହୋଇ ମତେ ସବୁଦିନ ପରି । ମୁଁ ଆଖି ବୁଲାଇ ଆଣିଲି ଚାରି ଆଡେ । ପଡୋଶୀ ଘରର ବୋହୁ ଟର୍ଚ୍ଚଟିଏ ଧରି କାଳୀ ଉପରକୁ ଲାଇଟ ପକାଉଛି । 'କାଳୀ' ଘର ସାମ୍ନାରେ ପାର୍କିଂ କରାଯାଇଥିବା ଏକ କାର ପାଖରେ ଅଣ୍ଟାଭାଙ୍ଗି ବସି କେମିତି ବିକଳ ହୋଇ ଶବ୍ଦକରି ମତେ ଚାହିଁଲା ଓ ସାମାନ୍ୟ ଘୁସୁଡି ଘୁସୁଡିଏପଟ ସେପଟ ହେଉଥାଏ । ମୋ ପାଖକୁ ଝପଟି ଦଉଡି ଆସିବାକୁ ପ୍ରୟାସ କରି ଯେମିତି ପାରୁନି, ସେମିତି ଅନୁଭବ କଲି ମୁଁ । କେମିତି ଅସହ୍ୟ ଯନ୍ତ୍ରଣା'ର ଭୋ ଭୋ ଚିତ୍କାର'ର ଅବ୍ୟକ୍ତ ଭାଷା । ବାର ମ୍ବାର ବେକ ଉଚାକରି କାନ ଦିଟା ଡରାଟି ଦେଇ ମୁଣ୍ଡ ଟେକୁଥାଏ ଓ ପୁଣି ମୁଣ୍ଡ ନଡକୀ ନୀରବ ହୋଇଯାଉଥାଏ ।

ପଡୋଶୀଘର ମାଉସୀ ଓ ରାଧୀ ଏମାନେ ମଧ ଛିଡା ହୋଇଥାନ୍ତି । ସମସ୍ତଙ୍କ ଭିତରେ ଏକ ନୀରବ ପ୍ରତିକ୍ରିୟା । 'କଣ ହୋଇଛି ମାଉସୀ କାଳୀ'ର ? ମୋ ପ୍ରଶ୍ନ'ର ଉତ୍ତର ମାଉସୀ ଚୁପ ଚୁପ କରି ବଡ ସନ୍ତର୍ପଣରେ ପ୍ରକାଶ କଲେ । 'ଇଞ୍ଜିନିଅର ଘର ଟୁକୁନା ତା ଉପରେ ଗାଡି ଚଢାଇ ଦେଇଛି ମା । ଏମିତି ବେପରୁଆ ଭାବେ ଏ ଗଳି ଭିତରେ କଣ କାର ସ୍ପିଡରେ ଆଣିବା କଥା ? କିଏ କହିବ ତାକୁ ? ଜୀବଟା ଛଟପଟ ହୋଇ ବିକଟ ଚିତ୍କାର କରୁଛି, କିଛି ନଜାଣିଲା ପରି ପଛକୁ ନ ଚାହିଁ ଗାଡି ଆଗକୁ ନେଇ ଘର ଭିତରକୁ ପଶିଗଲା । କେମିତି ବୁଦ୍ଧି ବିବେକ କେଜାଣି, ଥରେ ବୁଲି ପଛକୁ ଚହିଁଲାନି । ଏତେ ନିଷ୍ଠୁର ପିଲାଟା ମୁଁ ଭାବି ପାରୁନି' । ବଡ ବ୍ୟସ୍ତ ଲାଗିଲା ଏ କଥା ଶୁଣି । କାଳୀ ପାଖକୁ ଗଲି । ଗୋଡ ଦୁଇଟା ଉପରେ ଚକା ଚଢି ଯାଇଛି । କିନ୍ତୁ ରକ୍ତସ୍ରାବ ହୋଇନାହିଁ । ଯନ୍ତ୍ରଣାରେ ଝାଡା - ପରିସ୍ରା କରିପକାଇଛି ସେ । ବ୍ୟଥା ବେଦନାର ନିରୀହ ଚାହାଁଣି । ବଡ କଷ୍ଟ ଲାଗିଲା ତା'ର ଦୁର୍ଦ୍ଦଶାରେ । ସକାଳେ ଲାଙ୍ଗୁଡ ହଲାଇ ଖୁସିରେ ଅଫିସକୁ ବିଦାୟ ଦେଇଥିବା ଶକ୍ତିମତି କାଳୀ ସଞ୍ଜକୁ ଅଫିସରୁ ଘରକୁ ଫେରିବା ବେଳକୁ ଏମିତି ଅପାରଗ ? ପ୍ରତି ପଦକ୍ଷେପରେ ଅନିଶ୍ଚିତତାର ଏ ଜୀବନରେ କେଇ ଘଣ୍ଟାର ବ୍ୟବଧାନ ତ ବହୁତ ଅଧିକ । ଘରୁ ଉଷୁମ କ୍ଷୀରଟିକେ ଆଣି ତା ସାମ୍ନାରେ ରଖିଲି । ପିଇବା ବଦଳରେ ମୁହଁ ବୁଲାଇ ପଛକୁ ଘୁଞ୍ଚିଗଲା ସେ । କ୍ଷୀରଟିକେ ପିଇବା ପାଇଁ ଆକୁଳ-ବିକଳ ହୋଇପଡେ କାଳୀ, ଆଜି ଯେମିତି ଘୃଣା କରୁଛି ସେ ତା ପ୍ରିୟ କ୍ଷୀରକୁ । ମୋ ପୁଅ ଖେଳରୁ ଫେରି କାଳୀ ସହିତ ଏ ଦୁର୍ଘଟଣା ଘଟିଥିବା ଦେଖି ରାଗି -ପାଚିଗଲା । ମୁଁ ତାକୁ ବୁଝାଇ ଦେଲି । ଏବେ ପାଟି ତୁଣ୍ଡ କରି ଲାଭ ନାହିଁ । କେମିତି କାଳୀ'ର ଯନ୍ତ୍ରଣା'ର ଉପଶମ ହେବ ଓ ସେ ଭଲ ହେବ ତା'ର ଚିକିତ୍ସା ବ୍ୟବସ୍ଥା କରିବା । ଭେଟନାରୀ ଡାକ୍ତର ଠିକଣା କରାଗଲା । ମାତ୍ର ଡାକ୍ତର ପାଖକୁ ନେବାକୁ ମଟର ସାଇକେଲରେ ବସାଇବାକୁ ପୁଅକୁ ଡର ଲାଗିଲା । ପଶୁ ଜନ୍ତୁଟା, କାଳେ ଉଠେଇ ଲାବେଳକୁ ଯନ୍ତ୍ରଣାରେ କାମୁଡିପକାଇବ ? ଠିକ ଅଛି ରାତିଟା ପାହୁ ସକାଳ ହେଲେ ଡାକ୍ତରଙ୍କୁ ଏଇଠିକୁ ଡାକିବା ।

ଅଖା ବିଛାଇଦେଲି ତା ପାଖକୁ ଲାଗି । ଆଉ ଟିକେ କ୍ଷୀର ରଖିଲି । ଆମେ 'ମା'- ପିଲା ଯାଇ କାଳୀକୁ ମଝିରେ ମଝିରେ ଦେଖି ଆସୁଥାଉ । ରାତି ସାଢେ ଏଗାରଟା ବେଳକୁ ଦେଖେ ତ ମାଉସୀଙ୍କ ପୁଅ ଆସି ଜରିଟେ ହାତରେ ପୁରାଇ କାଳୀ ମୁଣ୍ଡକୁ ଆଉଁସି ଦେଉଛି । ବିସ୍କୁଟ ଦେଉଛି । ମାତ୍ର ବିସ୍କୁଟ ସେ ଖାଉ ନଥାଏ । ଖାଇବାର ଇଚ୍ଛା ଶକ୍ତି ଯେମିତି ତା ଭିତରେ ଆଉ ଜମା ନାହିଁ । ମୁଁ ଶୋଇଲା ବେଳକୁ କାଳୀ'ର ଆମ ଗଳିକୁ ଆସିବାର କଥା ମନେ ପଡୁଥାଏ । ଆମ ଗଳିକୁ ଯେଉଁଦିନ କାଳୀର ଆବିର୍ଭାବ ହେଲା- ସେତେବେଳକୁ ସେ ଜରାଜିନ୍ନ ଧେଡି- ବୁଢୀ ବୁଲା କୁକୁରଟିଏ । ତା ଦେହରେ ରୁମ ବଦଳରେ ଚମ ଦିଶୁଥାଏ । ଅନ୍ୟ କୁକୁର ମାନଙ୍କ ଠାରୁ ରକ୍ଷା ପାଇବା ପାଇଁ ଏ ଗଳିକୁ ବୋଧହୁଏ ନିରାପଦ ସ୍ଥାନ ଭାବି ସେ ଚୟନ କରିଥାଏ, କାରଣ ଆମ ଗଳି ସେବେଳେ କୁକୁର ମୁକ୍ତ ଥିଲା । ପ୍ରଥମେ ମୋ ପିଲାଏ ଓ ଅନ୍ୟମାନେ ତାକୁ ଘୃଣା କରୁଥାନ୍ତି । ହେଲେ ଆଶ୍ରୟ ଲୋଡି ଆସିଛି ଯେତେବେଳେ ତାକୁ ଖାଇବା ପାଇଁ ମୁଁ ତାକୁ କିଛି ଖାଦ୍ୟ ଦେଲି । ଅନ୍ୟ ବୁଲା କୁକୁରଙ୍କୁ ଦେଖିଲେ ସେ ଲାଙ୍ଗୁଡ ଜାକି ଗ୍ୟାରେଜ ଘରେ ପଶିଯାଏ । ମୁଁ ଓ ପିଲାମାନେ ଅନ୍ୟ କୁକୁରମାନଙ୍କୁ ଘଉଡାଇ ଦେଉ । ଆସ୍ତେ ଆସ୍ତେ ତା ଚେହେରା ବଦଳି ଗଲା । ସୁନ୍ଦର କଳା ରୁମ ତା ଶରୀରର ଶୋଭା ବଢାଇଲା । ଯୁବତୀ ସୁଲଭ ଚପଳତାରେ ସେ ଆମ ଗଳିର ପ୍ରତିଘରର ପ୍ରିୟ ହୋଇପଡିଲା । ପିଲା ରାଧୀ, ଦିଆ, ଗେହଲ୍ଲୀ ଠାରୁ ଆରମ୍ଭ କରି ଅନ୍ୟମାନଙ୍କର ପ୍ରିୟଭାଜନ ହୋଇ ବିସ୍କୁଟ- ଫିସ୍କୁଟ ଖାଇ ଏ ଗଳିର ମାଲିକାଣୀ ରୂପେ ନିଜକୁ ପ୍ରମାଣିତ କରି ତାର ଏକଚାଟିଆ ଅଧିକାର ସାବ୍ୟସ୍ତ କଲା । ଆମ ଗଳିରେ କାହାକୁ ପୁରାଇ ଦେଲାନି । ମୁଖ୍ୟତ କୌଣସି ବୁଲା କୁକୁରଙ୍କ ପ୍ରବେଶ ନିଷିଦ୍ଧ କହି ସମସ୍ତଙ୍କୁ ଖେଙ୍କି ଗୋଡାଇଲା । ମାତ୍ର ଆଜି ସମୟ ତାକୁ ସାଥ ଦେଉନି । ଆଜି ତା ଅବସ୍ଥା ଶୋଚନୀୟ ସତରେ । ଡାକ୍ତରଙ୍କୁ ଡାକିବାକୁ ପଡିବ ସକାଳୁ । ନ ହେଲେ ତା ଗୋଡ ଦୁଇଟା କାଳେ ଛୋଟା ରହିଯିବ । ପ୍ରଭୁ କାଳୀକୁ ଭଲ କରିଦିଅ ।

ଭୋରୁ ଭୋରୁ ନିଦ ଭାଙ୍ଗିଗଲା । ଗେଟ ଖୋଲି କାଳୀ ପାଖକୁ ଗଲି । ଭଙ୍ଗା ଗୋଡ ଦୁଇଟା ଲମ୍ୱାଇ ଦେଇ ପେଟ ଫମ୍ପାଇ ଏକ ବିରାଟକାୟ ରୂପଧାରଣକରି ନିସ୍ତେଜ ହୋଇ ପଡିଛି ସେ ନୀରବ ମୁଖର ହୋଇ । ମତେ ଦେଖୁ ଦେଖୁ ଲାଞ୍ଜି ହଲାଇ ଦେଉଥିବା ଲାଞ୍ଜିକୁ ମୁଁ ଚାହିଁ ରହିଲି କିଛି ସମୟ ନୀରବ ନିର୍ନିମେଷ ନୟନରେ । ଗଡିଗଲା ଦୁଇ ଟୋପା ଲୁହ, ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ବାଢି । ବେଙ୍ଗ କହେ ବେଙ୍ଗୁଲୀଲୋ ପୃଥୀ କ୍ଷଣ କ୍ଷଣକେ ଆନ । ପ୍ରତି କ୍ଷଣ ପରିବର୍ତ୍ତିତ ଏ ସଂସାରରେ ଆର କ୍ଷଣକୁ କଣ ଘଟିବ କିଏ ଜାଣେ ? ଜାଣିବା ବାଲା ହିଁ ସେଇ ଜଣେ । ସମସ୍ତେ ଧୀରେ ଧୀରେ ଧାଇଁ ଆସିଲେ କାଳୀର ମୃତ୍ୟୁ ସଂବାଦ ପାଇ । କିନ୍ତୁ ଆସି ନଥିଲା ଟୁକୁନା । କାଳୀକୁ ଶେଷ ଦର୍ଶନ କରି ଯେ ଯାହା ବାଟରେ ଚାଲିଗଲେ । ସୁଇପର ରତନି ଆସିଲା । ମୁଁ ତାକୁ ଅନୁରୋଧ କଲି କାଳୀକୁ ଉଠାଇ ନେଇ କୋଉଠି ପୋତି ଦେବା ପାଇଁ । ମୁଁ ତା ପାଉଣା ଦେବା ପାଇଁ ପ୍ରସ୍ତୁତ ଥିଲି । ଅଥଚ କହିଲି- 'ରତନି ତୁ ସେ ଟୁକୁନା ଘରକୁ ଯାଇ ତୋ ଶବ ଉଠା ଖର୍ଚ୍ଚ ମାଗ, କାରଣ ସେ ଦୁର୍ଘଟଣା ଘଟାଇ କାଳୀକୁ ମାରିଛି । ପଡୋଶୀ ମାଉସୀ ମଧ ମୋ ସହିତ ଥିଲେ । ଆମେ ଅପେକ୍ଷା କରିଥାଉ ରତନିକୁ । ସେ ଟୁକୁନା ଘରୁ ଫେରି କହିଲା - 'ନାଇଁ ମ ମା, ସେ କିଛି ଦେଲେନି, ମନା କରିଦେଲେ' । ମୁଁ ତା ହାତକୁ ଦେଢ ଶହ ଟଙ୍କା ଦେଲି, ମାଉସୀ ମଧ ପଚାଶ ଟଙ୍କା ଦେଲେ । କାଳୀକୁ ସେ ତା ଅଳିଆ ଠେଲା ଗାଡିରେ ପକାଇ ତା ଉପରେ ଅଳିଆ ଗଦାଇ ନେଇ ଗଲା, ପୋତି ଦେବାର କଥା ଦେଇ । ଏ ଗଳିରେ ତାର ମାଲିକାନା ଖତମ ହୋଇଗଲା ।

ମୁଁ ଭାବୁଥିଲି ଏ କାହାର ମୃତ୍ୟୁ ? କାଳୀ'ର ନା ମାନବିକତା'ର । ବିବେକ ବିହୀନ ବୁଦ୍ଧି ଆମେ କହିପାରିବା ନିଶ୍ଚିତ ଭ୍ରଷ୍ଟ । ଆମ ଭିତରେ ଯେତେବେଳେ ପ୍ରାୟଶ୍ଚିତତାର ମନୋବୃତ୍ତି ନଥାଏ, ଆମେ ଦିନକୁ ଦିନ ପାପାଚାରୀ ହୋଇପଡିବା । ନୈତିକତା ବିହୀନ କର୍ମର ମୂଲ୍ୟବୋଧ କାହିଁ ? ଆମ ସଂସ୍କୃତି ମହାନ । ଚିରନ୍ତନ ଜାଗୃତି ଜୀବନର ମୂଲ୍ୟବୋଧ ତଥା ଭାବନାର ଉଦାରତା । ଏଠି ଭୋଗ ନୁହେଁ ତ୍ୟାଗକୁ ପ୍ରାଧାନ୍ୟ ଦିଆଯାଏ । ମାନବିକତାର ମୃତ୍ୟୁ ନୁହେଁ ବରଂ ମାନବିକତାର ମୂଲ୍ୟବୋଧରେ ଆମେ ଏକ ନୂତନ ସୂର୍ଯ୍ୟର ପ୍ରକାଶରେ ଆଲୋକିତ ହେବା ସର୍ବାଦୌ ବାଞ୍ଛନୀୟ ।

*କ୍ୱା.ନଂ.ଏଲ୍.ଏ/୩, ମହାନଦୀ ବିହାର, ଭିଜିଲାନ୍ସ କଲୋନୀ ନୟାବଜାର, କଟକ ସଦର*
*କଟକ - ୮୩୩୯୦୫୧୧୭୩*

# ତ୍ୟାଗ ପଛରେ ନିନ୍ଦା



ଦିପ୍ତିମୟୀ ନାୟକ

ଆଜିର ସମାଜେର ତ୍ୟାଗ କରିବ ତ ଭୋଗିବ । ଭୋଗିବାର ମାନେ ଆଉ କ'ଣ କି କେବଳ ନିନ୍ଦା । ଏହି ନିନ୍ଦା ସେତେବେଳେ ମିଳେ ଯେତେବେଳେ ମଣିଷର ସ୍ୱାର୍ଥ ପୂରଣ ହୋଇଯାଏ । ପ୍ରଥମତଃ ମୁଁ ଏକଥା ଏଠି କହିବି, ଯଦି ଆପଣ ଆପଣଙ୍କ ଜୀବନରେ କିଛି ତ୍ୟାଗ କରିଛନ୍ତି , ତାପରେ ପ୍ରଶଂସା ବଦଳରେ ଯଦି ଆପଣ ନିନ୍ଦା ପାଉଛନ୍ତି । ତେବେ ନିଶ୍ଚିନ୍ତ ଭାବରେ ବୁଝିଯାଆନ୍ତୁ ଆପଣ ଏପରି କିଛି ଭଲ କାମ କରିଛନ୍ତି ଯାହାକୁ ନିନ୍ଦୁକ ମାନେ ସହି ପାରୁନାହାଁନ୍ତି । ସେମାନେ ତୁମର ପ୍ରଶଂସା କରିବା ବଦଳରେ ସେମାନେ ତୁମକୁ ନିନ୍ଦା କରୁଛନ୍ତି । ନିନ୍ଦା ହେଉଛି ସେହି ମୂଲ୍ୟ ଯାହା ଜଣେ ମହାନ ମଣିଷକୁ ଏହି ସ୍ୱାର୍ଥପର ଦୁନିଅାରେ ରହିବାପାଇଁ ହେଲେ ଦେବାକୁ ପଡିଥାଏ । ତେବେ ମଣିଷ ଜନ୍ମହେବା ପରଠାରୁ ସମ୍ପର୍କ ଜାଲରେ ବାନ୍ଧି ହୋଇଛି କିନ୍ତୁ ବିଡମ୍ବନାର ବିଷୟ ଆଜିର ଏହି ସ୍ୱାର୍ଥକୈନ୍ଦ୍ରିକ ସମାଜରେ ତ୍ୟାଗର ମୂଲ୍ୟ ପ୍ରଶଂସା ନୁହେଁ ବରଂ ନିନ୍ଦା ମପାଯାଏ । ଯଦି ଅାମେ ତ୍ୟାଗର ସଂଜ୍ଞାକୁ ଖୋଜିବା ତେବ ଜାଣିପାରିବା ତ୍ୟାଗେର ଆଶା ନଥାଏ । ଯେମିତିକି ଜଣେ ମା' ନିଜ ସନ୍ତାନ ପାଇଁ ନିଜର ନିଦ, ଭୋକ ଓ ସ୍ୱପ୍ନକୁ ତ୍ୟାଗ କରିଥାଏ । ଜଣେ ବାପା ନିଜର ସୁଖ-ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ପରିବାରର ବୋଝ ମୁଣ୍ଡାଇ ଥାଆନ୍ତି କିନ୍ତୁ ସମୟ ଚକ୍ରରେ ଯେତେବେଳେ ସେହି ସନ୍ତାନ ବଡ଼ ହୁଏ କିମ୍ବା ଏ ସମାଜର କୌଣସି ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ହୋଇଥାଏ ସେତେବେଳେ ସେ ତା'ର କର୍ତ୍ତବ୍ୟ ଭୁଲିଯାଏ । ହୁଏତ ସବୁ ପିଲା ସମାନ ନୁହଁନ୍ତି କିନ୍ତୁ କିଛି ପିଲା ନିଜ ବାପା-ମା'ଙ୍କ ତ୍ୟାଗର ମହତ୍ତ୍ୱ ବୁଝିନଥାନ୍ତି । ଓଲଟା କହିଦେଇଥାନ୍ତି ତୁମେ ଆମ ପାଇଁ କ'ଣ କରିଛ । ଆଉ ଏହି କଥା ଶୁଣି କିଛି ବାପା-ମା' କହିଥାଆନ୍ତି ସ୍ୱାର୍ଥର ପୂରଣ ନିନ୍ଦାର ଆରମ୍ଭ । ସେମାନଙ୍କୁ କଷ୍ଟ ହୁଏ । ହେଲେ ସେମାନେ କଷ୍ଟକୁ ସହିଯାଆନ୍ତି ଆଉ କୁହନ୍ତି ଏମାନଙ୍କୁ ଏତେ କଷ୍ଟରେ ଛୋଟଟିରୁ ବଡ଼ କଲୁ ଆଉ କି କଷ୍ଟ । ଏମାନେ ଭଲରେ ରୁହନ୍ତୁ । ଏମାନଙ୍କ ଉପରେ ଆମ ଅଶାନ୍ତି କେବେ ନପଡୁ । କାହିଁକି ନା ବାପା-ମା' କେବେ ନିଜ ପିଲାର ଖରାପ ଚିନ୍ତା କରନ୍ତିନି କି ସେମାନେ ନିଜ ତ୍ୟାଗର ପ୍ରଶଂସା ପାଇବାକୁ ଆଶା କରନ୍ତିନି । ହେଲେ ଯେଉଁ ବାପା-ମା'ଙ୍କ ପିଲା ଭଲ ହୋଇଥାଏ ବୋଧହୁଏ ସେ ବାପା-ମା'ଙ୍କୁ ତାଙ୍କ ତ୍ୟାଗର ଫଳ ମିଳିଥାଏ । ତେବେ ଏହି ନିନ୍ଦାର ଆରମ୍ଭ କେବଳ କିଛି ପରିବାରରେ ସୀମିତ ନଥାଏ । ଏହି ନିନ୍ଦାର ଆରମ୍ଭ ସବୁଠି ହୋଇଥାଏ । ଯେଉଁଠି ଲୋକଙ୍କ ସ୍ୱାର୍ଥ ପୂରଣ ହୋଇଥାଏ । କର୍ମକ୍ଷେତ୍ରରେ ଭଲ କାମ କଲେ ନିନ୍ଦା, ପରର ଉପକାର କଲେ ନିନ୍ଦା, ପ୍ରେମରେ ନିନ୍ଦା, ବନ୍ଧୁତାରେ ନିନ୍ଦା,କାହାକୁ ନିଜର ଭାବିବା ବି ଏକ ନିନ୍ଦା । ଏମିତିକି ଆଜିକାଲି ସବୁଠି ନିନ୍ଦା ହିଁ ନିନ୍ଦା । ଖୁବ କମ ଲୋକ ଅନ୍ୟର ତ୍ୟାଗକୁ ବୁଝନ୍ତି । ଅନ୍ୟର ତ୍ୟାଗକୁ ବୁଝିବାକୁ ହେଲେ ଯେଉଁ ମାନସିକତା ଦରକାର ତାହା ସମସ୍ତଙ୍କ ପାଖରେ ନଥାଏ । ତେଣୁ ଆପଣ ଯଦି କାହାଠାରୁ ନିନ୍ଦା ଶୁଣୁଛନ୍ତି ତେବେ ମନଦୁଃଖ କରନ୍ତୁନି । ନିନ୍ଦା ଏକ ପରମ୍ପରା ବୋଲି ଭାବିଦିଅନ୍ତୁ ଯେମିତି କି ଯଦି ଅାମେ ପୁରାଣକୁ ଦେଖିବା ଭଗବାନ ରାମଚନ୍ଦ୍ର ନିଜ ପିତାଙ୍କ ସତ୍ୟ ରକ୍ଷା ପାଇଁ ରାଜସୁଖ ତ୍ୟାଗକରି ବନବାସ ଗଲେ କିନ୍ତୁ ଶେଷରେ ତାଙ୍କୁ ମଧ ନିନ୍ଦା ସହିବାକୁ ପଡିଲା । ସେହିପରି ମହାଦାନୀ କର୍ଣ୍ଣ ନିଜର କବଚ-କୁଣ୍ଡଳ ତ୍ୟାଗ କରିବାପରେ ସମାଜ ତାଙ୍କୁ ଉପଯୁକ୍ତ ସମ୍ମାନ ଦେଇନଥିଲା । ଏଥିରୁ ବୁଝିବାକୁ ପଡିବ ଯେ ତ୍ୟାଗୀକୁ ନିନ୍ଦା ମିଳିବା ଏକ ପୁରୁଣା ପରମ୍ପରା ।



ଯଦିଓ ନିନ୍ଦା କଷ୍ଟଦାୟକ କିନ୍ତୁ ତ୍ୟାଗ ଏକ ଆତ୍ମସନ୍ତୋଷ । ତ୍ୟାଗ କରୁଥିବା ଲୋକଙ୍କ ମନରେ ଯେଉଁ ଶାନ୍ତି ଥାଏ ଅନ୍ୟକୁ ନିନ୍ଦା ଦେଉଥିବା ଲୋକ ମନରେ ସେହି ଶାନ୍ତି ନଥାଏ । ହୁଏତ ନିନ୍ଦୁକ ଅନ୍ୟର ନିନ୍ଦା କରି କିଛି ସମୟପାଇଁ ତାକୁ ଖୁସି ମିଳିଥାଏ କିନ୍ତୁ ସେ ବି କେଉଁଠି ନା କେଉଁଠି ନିଜର ଭଲ କାମକୁ ବି ବିଗାଡି ଦେଇଥାଏ । ଯେଉଁଥିପାଇଁ ସେ ମଧ ଅନେକ ସମୟରେ ମାନସିକ ଅଶାନ୍ତିରେ ରହିଥାଏ । ଶେଷରେ ଏତିକି କହିବି ଯେ ତ୍ୟାଗ କରୁଥିବା ମଣିଷ ହାରେନି କିନ୍ତୁ ତ୍ୟାଗୀକୁ ନିନ୍ଦା କରୁଥିବା ମଣିଷ ପ୍ରତ୍ୟକ କ୍ଷେତ୍ରରେ ହାରିଯାଏ । କାହିଁକି ନା ତ୍ୟାଗୀ ମଣିଷର ସବୁଠାରୁ ବଡ଼ ସଂଘର୍ଷ ହୋଇଥାଏ ତା'ନୀରବତା । ହୁଏତ ସେ ନିଜର ଦୁଃଖ କାହାକୁ କହିପାରେନା କିନ୍ତୁ ଅନ୍ତରୁ କୁହେ କାହିଁକି ଏତେ ଯନ୍ତ୍ରଣା । ତ୍ୟାଗର ମୂଲ୍ୟ ଯଦିଓ ସମସ୍ତେ ବୁଝନ୍ତିନି କିନ୍ତୁ ଯେଉଁମାନେ ଅନ୍ୟର ତ୍ୟାଗକୁ ବୁଝିବେ ସେମାନେ ଅନ୍ତରରୁ ଶାନ୍ତି ପାଇବେ । ତେଣୁ ଏଇଠୁ ବୁଝିଯାଆନ୍ତୁ ଯଦି ଆପଣ ତ୍ୟାଗୀର ତ୍ୟାଗକୁ ଦେଖି ତାଙ୍କୁ ଟିକେ ପ୍ରଶଂସା କରିପାରୁନାହାନ୍ତି ତାହେଲେ କାହିଁକି ସେମାନଙ୍କର ନିନ୍ଦା କରୁଛନ୍ତି । ସେମାନେ ତ ତୁମଭଳି ଜଣେ ଜଣେ ମଣିଷ । ଅନ୍ୟର ପ୍ରଶଂସା କରନ୍ତୁ ଦେଖିବେ ଅନ୍ୟର ପ୍ରଶଂସା କରିବାରେ ଯେଉଁ ମଜାଥାଏ ତାହା ଅନ୍ୟର ନିନ୍ଦା କରିବାରେ ନଥାଏ । କାହିଁକି ନା ପ୍ରଶଂସା ହେଉଛି ଏକ ଶାନ୍ତିର ପ୍ରତୀକ ଆଉ ନିନ୍ଦା ହେଉଛି ଏକ ଅଶାନ୍ତିର ପ୍ରତୀକ । ସମସ୍ତଙ୍କ ଶାନ୍ତିର କାରଣ ହେବାକୁ ଚେଷ୍ଟା କରନ୍ତୁ କାହା ଅଶାନ୍ତିର କାରଣ ହେବାକଥା ଭୁଲିଯାଆନ୍ତୁ ।

ଯୁବ ସାମ୍ବାଦିକା
ଅନ୍ଧାରୁଆ, ଭୁବନେଶ୍ୱର
ମୋ-୯୦୯୦୬୬୧୫୮୬






# ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ'

## ସଠିକ୍ ସୂଚନା ହିଁ ସରକାର ଓ ଜନତାଙ୍କ ମଧ୍ୟରେ ବିଶ୍ୱାସର ଆଧାର : ଅଖିଳ କୁମାର ମିଶ୍ର



**ସାଲେପୁର (ଅମୃତ ମିଡିଆ) :** ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁବନ୍ଧନ ଭାବେ ଗଣମାଧ୍ୟମର ଭୂମିକାକୁ ଆହୁରି ସୁଦୃଢ଼ କରିବା ଏବଂ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକର ସଠିକ୍ ଓ ପ୍ରଭାବୀ ପ୍ରଚାର-ପ୍ରସାର ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆଜି କଟକ ଜିଲ୍ଲାର ସାଲେପୁରଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ' ଆୟୋଜିତ ହୋଇଯାଇଛି। କର୍ମଶାଳାରେ ଅଧ୍ୟକ୍ଷତା କରି ପିଆଇବି ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଥିଲେ ଯେ, ବର୍ତ୍ତମାନର ସୂଚନା ଯୁଗରେ ପ୍ରଭାବୀ ଯୋଗାଯୋଗ ହେଉଛି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସର ସେତୁ। ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନାକୁ ସ୍ୱଷ୍ଟ, ବିଶ୍ୱସନୀୟ ଏବଂ ଦାୟିତ୍ୱବୋଧ ସହିତ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକମାନେ କେବଳ ସୂଚନାର ବାହକ ନୁହନ୍ତି, ବରଂ ସରକାର ଓ ସମାଜ ମଧ୍ୟରେ ଫଳପ୍ରଦ ସଂଳାପ ସୃଷ୍ଟି କରିବାର ଅନ୍ୟତମ ମାଧ୍ୟମ ବୋଲି ସେ କହିଥିଲେ। ଯୋଗାଯୋଗରେ ସ୍ୱଷ୍ଟତା, ସମ୍ବେଦନଶୀଳତା ଏବଂ ସକ୍ରିୟ ସହଭାଗିତା ଆବଶ୍ୟକ ବୋଲି ଉଲ୍ଲେଖ କରି ସେ କହିଥିଲେ, ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସଠିକ୍ ସୂଚନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ଦିଗରେ ଗଣମାଧ୍ୟମର ଗଠନମୂଳକ ସହଯୋଗ ଅପରିହାର୍ଯ୍ୟ। ବାର୍ତ୍ତାଳାପ ଭଳି କାର୍ଯ୍ୟକ୍ରମ ସରକାର ଓ ଗଣମାଧ୍ୟମ ମଧ୍ୟରେ ଫଳପ୍ରଦ ମତବିନିମୟର ସୁଯୋଗ ସୃଷ୍ଟି କରିବା ସହ ଜନସାଧାରଣଙ୍କ ନିକଟରେ ବିକାଶମୂଳକ ସୂଚନାକୁ ଅଧିକ ପ୍ରଭାବଶାଳୀ ଭାବେ ପହଞ୍ଚାଇବାରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ଉମାକାନ୍ତ ସାହୁ ନିଜ ବକ୍ତବ୍ୟରେ ଆୟୁଷ୍ମାନ ଭାରତ ଅଭିଯାନ ମାଧ୍ୟମରେ ଦେଶରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧ୍ୟମରେ ଦ୍ୱାରପ୍ରାନ୍ତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଅଣ-ସଂକ୍ରାମକ ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ପରିଚାଳନା, ତଥା ଇ-ସଞ୍ଜୀବନୀ ମାଧ୍ୟମରେ ଟେଲିମେଡିସିନ୍ ସେବାକୁ ଗ୍ରାମାଞ୍ଚଳରେ ସମ୍ପ୍ରସାରିତ କରାଯାଉଥିବା ସେ କହିଥିଲେ। ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଲଭ, ସୁଗମ ଓ ସର୍ବସମାବେଶୀ କରିବା ଦିଗରେ ଏହି ପଦକ୍ଷେପଗୁଡ଼ିକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ସେ ଉଲ୍ଲେଖ କରିଥିଲେ। ସାଲେପୁର ବ୍ଲକ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ସେଠୀ ନିଜ ବକ୍ତବ୍ୟରେ କହିଥିଲେ ଯେ, କୃଷକଙ୍କ ଆର୍ଥିକ ସଶକ୍ତୀକରଣ ଏବଂ କୃଷି କ୍ଷେତ୍ରରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାର ବିଭିନ୍ନ କୃଷକ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ), ଫାର୍ମର ରେଜିଷ୍ଟ୍ରି, ପରମ୍ପରାଗତ କୃଷି ବିକାଶ ଯୋଜନା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ମାଧ୍ୟମରେ କୃଷକମାନଙ୍କୁ ଆର୍ଥିକ ସହାୟତା, ବୈଷୟିକ ପରାମର୍ଶ ଓ ସ୍ଥାୟୀ କୃଷି ପଦ୍ଧତି ଆପଣାଇବାକୁ ପ୍ରୋତ୍ସାହିତ କରାଯାଉଛି। ପ୍ରାକୃତିକ କୃଷି, ସନ୍ତୁଳିତ ସାର ବ୍ୟବହାର ଏବଂ ମୃତ୍ତିକାର ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ କୃଷକମାନଙ୍କ ମଧ୍ୟରେ ନିୟମିତ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ସେ ସୂଚନା ଦେଇଥିଲେ। ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରର ଉପନିର୍ଦ୍ଦେଶକ ଡ. ଅଭିଷେକ ମିଶ୍ର ନିଜ ବକ୍ତବ୍ୟରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ମହତ୍ୱାକାଂକ୍ଷୀ ପଦକ୍ଷେପ ୱେଭ୍ସ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଏହି ସୁଯୋଗର ସଦୁପଯୋଗ କରିବା ସହ ୱେଭ୍ସ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ସକ୍ରିୟ ସହଯୋଗ ପାଇଁ ସେ ଆହ୍ୱାନ ଜଣାଇଥିଲେ। ସାଲେପୁର ବ୍ଲକ୍ର ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟୀ ବେହେରା କହିଥିଲେ ଯେ, ଗଣମାଧ୍ୟମ ସରକାର ଓ ସାଧାରଣ ଲୋକଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ସେତୁ। ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ପାଇଁ ସରକାରୀ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ଲୋକଙ୍କ ସମସ୍ୟାକୁ ପ୍ରଶାସନ ନିକଟରେ ପହଞ୍ଚାଇବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଦାୟିତ୍ୱବାନ ଓ ନିରପେକ୍ଷ ସାମ୍ବାଦିକତା ମାଧ୍ୟମରେ ସୁଶାସନକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ ଜଣାଇଥିଲେ। ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାସ, ବିଶିଷ୍ଟ ସାହିତ୍ୟିକ ଡ. ପୂର୍ଣ୍ଣ ଓଝା, ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ପ୍ରଫେସର ସଦାଶିବ ଦାସ ଏବଂ ପ୍ରଫେସର ତଥା ବିଶିଷ୍ଟ ସାହିତ୍ୟିକ ଡ. ତପନ ରଞ୍ଜନ ମହାନ୍ତି ନିଜ ନିଜ ବକ୍ତବ୍ୟରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା, ନିରପେକ୍ଷ ଓ ଦାୟିତ୍ୱବାନ ସାମ୍ବାଦିକତାର ଆବଶ୍ୟକତା ଏବଂ ଜନସ୍ୱାର୍ଥଭିତ୍ତିକ ସତ୍ୟ ଓ ତଥ୍ୟନିଷ୍ଠ ସମ୍ବାଦ ପରିବେଷଣର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସେମାନେ ଗଣମାଧ୍ୟମକୁ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ସେତୁ ଭାବେ ବର୍ଣ୍ଣନା କରି ସୁଶାସନ, ଜବାବଦେହିତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସୁଦୃଢ଼ କରିବାରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ତଥା ବାର୍ତ୍ତାଳାପର ନୋଡାଲ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବର୍ତ୍ତାଳାପର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପତ୍ର ସୂଚନା କାର୍ଯ୍ୟାଳୟ ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେଉପସ୍ଥିତ ସାମ୍ବାଦିକମାନେ ସରକାରୀ ଯୋଜନାର ପ୍ରଚାର-ପ୍ରସାର, ସୂଚନାର ଆଦାନ-ପ୍ରଦାନ ଏବଂ ଗଣମାଧ୍ୟମ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ନିଜ ମତାମତ ଓ ପ୍ରଶ୍ନ ଉପସ୍ଥାପନ କରିଥିଲେ। ପ୍ରଶ୍ନୋତ୍ତର ଅଧିବେଶନରେ ବକ୍ତାମାନେ ସେଗୁଡ଼ିକର ବିସ୍ତୃତ ଉତ୍ତର ପ୍ରଦାନ କରିଥିଲେ।



## ଶିଳ୍ପ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ମିଳିତ ଗବେଷଣା ପାଇଁ ସୋଆ ଓ କେବିସି ମଧ୍ୟରେ ବୁଝାମଣା




**ଭୁବନେଶ୍ୱର (ବ୍ୟୁରୋ) :** ଶିଳ୍ପ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଗବେଷଣା, ବିକାଶ ଓ ସଂପ୍ରସାରଣ କାର୍ଯ୍ୟକ୍ରମକୁ ମିଳିତ ଭାବେ ଆଗେଇ ନେବା ଉଦ୍ଦେଶ୍ୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଏବଂ କୋଲକାତାସ୍ଥିତ କୃଷିବନ୍ଧୁ କ୍ରପ୍ ସାଇନ୍ସ ପ୍ରାଇଭେଟ୍ ଲିମିଟେଡ୍ (କେବିସି) ମଧ୍ୟରେ ମଙ୍ଗଳବାର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ଅନୁଯାୟୀ ସୋଆର ସେଂଟର ଫର୍ ଇଣ୍ଡଷ୍ଟ୍ରିଆଲ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଏବଂ କେବିସି ମଧ୍ୟରେ ଗବେଷଣା ଓ ଉତ୍ପାଦ ବିକାଶ କ୍ଷେତ୍ରରେ ଏକ ଦୀର୍ଘମିଆଦୀ ସହଯୋଗୀ ସଂପର୍କ ସ୍ଥାପନ କରାଯିବ। ସିଆଇବିଆର ପକ୍ଷରୁ ଜୈବ ସାର ସମେତ ବିଭିନ୍ନ ଜୈବ କୃଷି ଉତ୍ପାଦ ପ୍ରସ୍ତୁତ କରାଯାଉଛି। ଚୁକ୍ତି ଅନୁଯାୟୀ, କେବିସି ବିପଣନ ଓ ଗବେଷଣା ସହଯୋଗୀ ଭାବେ କାର୍ଯ୍ୟ କରିବ। ଏହା ଉତ୍ପାଦର ପ୍ରଚାର, ସଚେତନତା ସୃଷ୍ଟି, କୃଷକଙ୍କ ନିକଟରେ ପହଂଚିବା, କ୍ଷେତ୍ର ପ୍ରଦର୍ଶନୀ, ବିପଣନ ଏବଂ ବିତରଣ କାର୍ଯ୍ୟକ୍ରମକୁ ପରସ୍ପର ସହମତି ଭିତିରେ ପରିଚାଳନା କରିବ। ଏହି ବୁଝାମଣାପତ୍ର ଅନୁସାରେ ଉଭୟ ସଂସ୍ଥା ମିଳିତ ଭାବେ ବଜାର ବିସ୍ତାର, କୃଷକଙ୍କ ଦ୍ୱାରା ଜୈବ ପ୍ରଯୁକ୍ତିର ଅଧିକ ବ୍ୟବହାରକୁ ପ୍ରୋତ୍ସାହନ ଏବଂ କ୍ଷେତ୍ରସ୍ତରୀୟ ପରୀକ୍ଷଣ ମାଧ୍ୟମରେ ଉତ୍ପାଦର କାର୍ଯ୍ୟଦକ୍ଷତା ସଂପର୍କିତ ବୈଜ୍ଞାନିକ ଓ ବାଣିଜ୍ୟିକ ତଥ୍ୟ ସଂଗ୍ରହ କରିବେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ କେବିସିର ନିର୍ଦ୍ଦେଶକ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଶୈବାଲ ମିତ୍ର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। କେବିସି ବର୍ତମାନ ରାଇସ୍ କାର୍ବନ ପ୍ରୋଜେକ୍ଟ କାର୍ଯ୍ୟକାରୀ କରୁଛି, ଯାହା ଗତ ତିନି ବର୍ଷ ଧରି ପଶ୍ଚିମବଙ୍ଗ ଓ ଓଡ଼ିଶାର ୫,୭୫୦ ହେକ୍ଟର ଧାନ ଜମିରେ ଦୁଇଟି ଚାଷ ଋତୁକୁ ନେଇ ସଫଳତାର ସହ ଚାଲିଛି। ଜଳ ପରିଚାଳନା ପ୍ରଯୁକ୍ତି ଅଲ୍ଟରନେଟ୍ ୱେଟିଂ ଆଣ୍ଡ ଡ୍ରାଇଂ (ଏଡବ୍ଲ୍ୟୁଡି) ବ୍ୟବହାର ମାଧ୍ୟମରେ ଜଳସେଚିତ ଧାନ ଚାଷରୁ ମିଥେନ ଗ୍ୟାସ ନିର୍ଗମନ ହ୍ରାସ କରିବା ସହ ଫସଲ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ। ଓଡ଼ିଶାରେ ଏହି ପ୍ରକଳ୍ପ ୨,୫୦୦ ହେକ୍ଟର ଜମିରେ ୨,୨୦୯ ଜଣ କୃଷକଙ୍କୁ ଅନ୍ତର୍ଭୁକ୍ତ କରିଛି। ପରିବେଶ ଅନୁକୂଳ ଏହି ଚାଷ ପଦ୍ଧତିକୁ ସ୍ୱେଚ୍ଛାକୃତ ଭାବେ ଗ୍ରହଣ କରୁଥିବା ପ୍ରତ୍ୟେକ କୃଷକଙ୍କୁ ପ୍ରତି ଋତୁରେ ପ୍ରତି ହେକ୍ଟର ପିଛା ୧,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଆସନ୍ତା ପାଂଚ ବର୍ଷ ମଧ୍ୟରେ ଓଡ଼ିଶାର ୮୦,୦୦୦ ହେକ୍ଟର ଜମିକୁ ଏହି ପ୍ରକଳ୍ପରେ ସାମିଲ କରିବାକୁ କେବିସି ଲକ୍ଷ୍ୟ ରଖିଛି। ଏହି ଅବସରରେ ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍ଚରାଲ୍ ସାଇନ୍ସେସ୍ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ସିଆଇବିଆରର ନିର୍ଦ୍ଦେଶକ ପ୍ରଫେସର ଏଚ୍.ଏନ୍ ଥାଟୋଇ, ସେଂଟର ଫର୍ ବାୟୋ ଟେକ୍ନୋଲୋଜିର ପ୍ରଫେସର ଇ.ସୁବୁଦ୍ଧି, ସିଆଇବିଆର ସହକାରୀ ପ୍ରଫେସର ଡକ୍ଟର ମେଘା କବିରାଜ, ସୋଆର ମୁଖ୍ୟ ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରପ୍ତାନି ପାଇଁ ଭାରତର ସାହେଦ-କ୍ଲାସ କାଲ୍ ଡ୍ରୋନକୁ ପ୍ରସ୍ତୁତ କରିଛି ଆଇଜି ଡିଫେନ୍ସ



**ଭୁବନେଶ୍ୱର (ବ୍ୟୁରୋ) :** ଗଲ୍ଫ ରାଷ୍ଟ୍ରଗୁଡିକରେ ଭୂରାଜନୈତି ଅସ୍ଥିରତା ବିଶ୍ୱରେ ପ୍ରତିରକ୍ଷା ପ୍ରାଥମିକତାକୁ ନୂଆ ରୂପ ଦେଉଥିବାରୁ ଲଙ୍ଗ୍-ରେଞ୍ଜ ଅଟୋନୋମସ ଷ୍ଟ୍ରାଇକ୍ ସିଷ୍ଟମଗୁଡିକ ପାଇଁ ଚାହିଦା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଆଇଜି ଡିଫେନ୍ସ ଏହାର ଭାରତର ପ୍ରଥମ ସ୍ୱଦେଶୀ ସାହେଦ-କ୍ଲାସ ଲଙ୍ଗ-ରେଞ୍ଜ ଓ୍ୱାନ-ୱେ ଆଟାକ୍ ଡ୍ରୋନ 'କାଲ୍' (କେଏଏଲ)କୁ ଭାରତ ସରକାରଙ୍କ ପ୍ରଯୁଜ୍ୟ ଅନୁମୋଦନ ଅନୁଯାୟୀ ଆନ୍ତର୍ଜାତୀୟ ରପ୍ତାନୀ ସୁଯୋଗ ପାଇଁ ପ୍ରସ୍ତୁତ କରୁଛି । ଭାରତରେ ଡିଜାଇନ ଓ ନିର୍ମାଣ କରାଯାଇଥିବା କାଲ୍ ହେଉଛି ଦେଶର ପ୍ରଥମ ସ୍ୱଦେଶୀ ୧୦୦୦ କିମି-କ୍ଲାସ ଲଙ୍ଗ-ରେଞ୍ଜ ଓ୍ୱାନ-ୱେ ଆଟାକ୍ ଡ୍ରୋନ ଯାହାକୁ ଅଧିକ ରଣନୈତିକ ଲକ୍ଷ୍ୟ ବିରୁଦ୍ଧରେ ଗଭୀର ଅନୁପ୍ରବେଶ ମିଶନଗୁଡିକ ପାଇଁ ନିର୍ମାଣ କରାଯାଇଛି। ଏହି ପ୍ଲାଟଫର୍ମ ଦୀର୍ଘ ସହନଶୀଳତା, ସ୍ୱୟଂଚାଳିତ ନାଭିଗେଶନ ଓ ସଠିକ ଟାର୍ଗେଟିଙ୍ଗକୁ ଏକ ସୁଲଭ ସମାଧାନ ମଧ୍ୟରେ ଏକୀକୃତ କରିଛି ଯାହା ଆଧୁନିକ ଯୁଦ୍ଧକ୍ଷେତ୍ରର ବିକଶିତ ଆବଶ୍ୟକତାକୁ ପୂରଣ କରିଥାଏ। କାଲ୍ ସାହେଦ-୧୩୬-ଟାଇପ ଲଙ୍ଗ-ରେଞ୍ଜ ଓ୍ୱାନ-ୱେ ଆଟାକ ଡ୍ରୋନର ଉଦୀୟମାନ ଶ୍ରେଣୀରୁ ଆସୁଛି ଯାହା ନିଜର ବର୍ଦ୍ଧିତ ରେଞ୍ଜ, ସଠିକ ଷ୍ଟ୍ରାଇକ କ୍ଷମତା, ପରିଚାଳନାଗତ ସହଜତା ଓ ସୁଲଭତାର ମିଶ୍ରଣ ମାଧ୍ୟମରେ ଆଧୁନିକ ଯୁଦ୍ଧକ୍ଷେତ୍ରକୁ ପରିବର୍ତନ କରିଛି। ଏସମ୍ପର୍କରେ ଆଇଜି ଡିଫେନ୍ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, "ଭବିଷ୍ୟତର ଯୁଦ୍ଧକ୍ଷେତ୍ର ବହୁମାତ୍ରାରେ ଅଟୋନୋମସ, ଲଙ୍ଗ-ରେଞ୍ଜ ପ୍ରେସିଜନ ଷ୍ଟ୍ରାଇକ କ୍ଷମତାଗୁଡିକ ଦ୍ୱାରା ନିର୍ଦ୍ଧାରିତ ହେବ। କାଲ୍ ଆଡ୍ଭାନ୍ସଡ ଡିଫେନ୍ସ ଟେକ୍ନୋଲୋଜି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଭାରତର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାର ପ୍ରତିନିଧିତ୍ୱ କରୁଛି ଏବଂ ବିଶ୍ୱସ୍ତରୀୟ ସ୍ୱଦେଶୀ ସିଷ୍ଟମ ଡିଜାଇନ ଓ ନିର୍ମାଣ କରିବାର ଆମର କ୍ଷମତାକୁ ପ୍ରଦର୍ଶିତ କରୁଛି। ବନ୍ଧୁ ରାଷ୍ଟ୍ରଗୁଡିକ ନିଜର ପ୍ରତିରକ୍ଷା କ୍ଷମତାର ଆଧୁନୀକରଣ କରୁଥିବା ବେଳେ ଭାରତ ନିର୍ଭରଯୋଗ୍ୟ, ସୁଲଭ ଓ ମିଶନ-ପ୍ରସ୍ତୁତ ଅନମ୍ୟାନ୍ଡ ପ୍ଲାଟଫର୍ମଗୁଡିକ ପାଇଁ ଏକ ବିଶ୍ୱସନୀୟ ପାର୍ଟନର ହେବା ପାଇଁ ଉନ୍ନତ ସ୍ଥିତିରେ ରହିଛି । ୧୦୦୦ କିଲୋମିଟର ପର୍ଯ୍ୟନ୍ତ ଏକ ଅପରେଶନାଲ ରେଞ୍ଜ, ୭ରୁ ୮ ଘଂଟାର ସହନଶୀଳତା ଓ ୫୦କେଜି ପେଲୋଡ ବହନ କରିବାର କ୍ଷମତା ସହିତ କାଲ୍କୁ ଯୁଦ୍ଧ ପରିବେଶରେ ଲଙ୍ଗ୍-ରେଞ୍ଜ ପ୍ରେସିଜନ ଷ୍ଟ୍ରାଇକ ମିଶନ ପରିଚାଳନା କରିବା ପାଇଁ ଡିଜାଇନ କରାଯାଇଛି। ଏହି ପ୍ଲାଟଫର୍ମ ସୈନ୍ୟବଳକୁ ଏକ ବର୍ଦ୍ଧିତ ଦୂରତାରେ ରଣନୈତିକ ଟାର୍ଗେଟ ସହ ନିୟୋଜିତ ହେବା ପାଇଁ ନିର୍ଭରଯୋଗ୍ୟ କ୍ଷମତା ପ୍ରଦାନ କରିବା ସହ ପରିଚାଳନାଗତ ସହଜତା ଓ ମୂଲ୍ୟ ଦକ୍ଷତା ବଜାୟ ରଖିଥାଏ । ଲଙ୍ଗ-ରେଞ୍ଜ ଓ୍ୱାନ-ୱେ ଆଟାକ ଡ୍ରୋନଗୁଡିକ ଆଧୁନିକ ଯୁଦ୍ଧକ୍ଷେତ୍ରର ଏକ ପରିଭାଷିତ ଟେକ୍ନୋଲୋଜି ଉଭା ହୋଇଛି ଯାହା ସୈନ୍ୟବଳକୁ ପାରମ୍ପରିକ ମିଶାଇଲ ସିଷ୍ଟମଗୁଡିକ ତୁଳନାରେ ଖୁବ୍ କମ୍ ମୂଲ୍ୟରେ ରଣନୈତିକ ଲକ୍ଷ୍ୟ ହାସଲ କରିବା ପାଇଁ ସକ୍ଷମ କରିଥାଏ। ଏଗୁଡିକର ଯୁଦ୍ଧକ୍ଷେତ୍ର ପ୍ରଭାବଶାଳୀତା ବିଶ୍ୱବ୍ୟାପୀ ପ୍ରତିରକ୍ଷା ଆଧୁନିକୀକରଣ କାର୍ଯ୍ୟକ୍ରମଗୁଡିକୁ ତ୍ୱରାନ୍ୱିତ କରୁଛି। ଭାରତ ସରକାରଙ୍କ ସମସ୍ତ ପ୍ରଯୁଜ୍ୟ ରପ୍ତାନୀ ଅନୁମୋଦନ ଓ ନିୟାମକୀୟ ମଞ୍ଜୁରୀ ଅନୁଯାୟୀ କାଲ୍, ବିଦେଶୀ ବନ୍ଧୁ ରାଷ୍ଟ୍ରଗୁଡିକୁ ସ୍ୱଦେଶୀ ପ୍ରତିରକ୍ଷା ଟେକ୍ନୋଲୋଜିର ଏକ ବିଶ୍ୱସନୀୟ ଯୋଗାଣକାରୀରେ ପରିଣତ ହେବା ପାଇଁ ଭାରତର ଲକ୍ଷ୍ୟରେ ଯୋଗଦାନ ଦେବା ଲାଗି ଆଇଜି ଡିଫେନ୍ସକୁ ସୁବ୍ୟବସ୍ଥିତ କରିଛି।

## ଆର୍ଥିକ ବର୍ଷ ୨୭ର ପ୍ରଥମ ତ୍ରୈମାସିକରେ ମୋରପେନ୍ର ସର୍ବାଧିକ ଆୟ ହାସଲ

**ଭୁବନେଶ୍ୱର (ବ୍ୟୁରୋ) :** ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍ ଆଜି ଜୁନ୍ ୩୦, ୨୦୨୬ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରିଛି, ଯାହା ଉନ୍ନତ ଅପରେଟିଂ ଲିଭରେଜ୍, ଏପିଆଇ ସାମ୍ନାରେ ଉନ୍ନତ ପ୍ରଦର୍ଶନ, ଶକ୍ତିଶାଳୀ ରପ୍ତାନି ଅଭିବୃଦ୍ଧି ଏବଂ ସିଡିଏମଓ ଆଦେଶର ପୂର୍ଣ୍ଣ ବ୍ୟବସାୟୀକରଣ ଦ୍ୱାରା ସମର୍ଥିତ ଏହାର ସର୍ବାଧିକ ତ୍ରୈମାସିକ ରାଜସ୍ୱ ଏବଂ ସର୍ବୋଚ୍ଚ ତ୍ରୈମାସିକ ଆୟ ରିପୋର୍ଟ କରିଛି। ପ୍ରଥମ ତ୍ରୟମାସରେ ଏକ ପ୍ରମୁଖ ରଣନୀତିକ ମାଇଲଖୁଂଟ ମଧ୍ଯ ଚିହ୍ନିତ ହୋଇଛି କାରଣ ମୋରେପେନର ପୂର୍ବରୁ ଘୋଷିତ ୮୨୫ କୋଟି ଟଙ୍କାର ସିଡିଏମଓ ଆଦେଶ ପୂର୍ଣ୍ଣ ଆକାରର ବ୍ୟବସାୟୀକରଣ ପର୍ଯ୍ୟାୟରେ ପ୍ରବେଶ କରିଛି, ଯେଉଁଥିରେ ୫୮ କୋଟି ଟଙ୍କାର ବାଣିଜ୍ୟିକ ସିଡିଏମଓ ଏହି ତ୍ରୈମାସିକରେ ଶେଷ ହୋଇସାରିଛି। ଏହା ମୋରପେନ୍ କମ୍ପାନୀର ୨.୦ ରଣନୀତିର ବ୍ୟବସାୟିକ ବୈଧତାକୁ ଚିହ୍ନିତ କରେ, ଯାହା ପାରମ୍ପାରିକ କମୋଡିଟି ଏପିଆଇରୁ ନୂତନତ୍ୱ-ନେତୃତ୍ୱାଧୀନ ଉତ୍ପାଦନ, ଦୀର୍ଘକାଳୀନ ସିଡିଏମଓ ସହଭାଗୀତା, ପୁନରାବୃତ୍ତି ଗ୍ରାହକ ପ୍ରୋଗ୍ରାମ ଏବଂ ଏକ ସ୍କେଲେବଲ୍ ଅପରେଟିଂ ପ୍ଲାଟଫର୍ମ ଆଡକୁ ଯିବା ଉପରେ ଧ୍ୟାନ ଦେଇଥାଏ। ପ୍ରଦର୍ଶନ ଉପରେ ମନ୍ତବ୍ୟ ଦେଇ ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୁଶୀଲ ସୁରୀ କହିଛନ୍ତି କ୍ୟୁ୧ ଏଫଂୱାଇ୨୭ ମୋରେପେନର ରୂପାନ୍ତର ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ବୈଧତାକୁ ଚିହ୍ନିତ କରେ। କମ୍ପାନୀ ଏହାର ସର୍ବୋଚ୍ଚ ତ୍ରୈମାସିକ ରାଜସ୍ୱ, ଦୃଢ ଲାଭଦାୟକ ଉନ୍ନତି ଏବଂ ଅର୍ଥପୂର୍ଣ୍ଣ ଅପରେଟିଂ ଲିଭରେଜ୍ ପ୍ରଦାନ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମର ୮୨୫ କୋଟି ଟଙ୍କାର ସିଡିଏମଓ ଆଦେଶ ବର୍ତମାନ ପୂର୍ଣ୍ଣ ଆକାରର ବାଣିଜ୍ୟିକ କାର୍ଯ୍ୟକାରିତାରେ ପ୍ରବେଶ କରିଛି, ଯାହା ଏକ କାରବାର-ନେତୃତ୍ୱାଧୀନ ଏପିଆଇ ବ୍ୟବସାୟରୁ ଦୀର୍ଘକାଳୀନ ବିଶ୍ୱ ଭାଗିଦାରୀ ଉପରେ ନିର୍ମିତ ଏକ ଅଧିକ କେନ୍ଦ୍ରିତ, ଉତ୍ପାଦନ-ନେତୃତ୍ୱାଧୀନ ପ୍ଲାଟଫର୍ମକୁ ଆମର ପରିବର୍ତକୁ ଦୃଢ କରିଛି।

## ଅଧ୍ୟାପକଙ୍କ ପ୍ରତି ସଦର ବିଧାୟକଙ୍କ ଅସଦାଚରଣକୁ ରେଭେନ୍ସା ବିକାଶ ଅଭିଯାନର ତୀବ୍ର ନିନ୍ଦା

**କଟକ (ବ୍ୟୁରୋ) :** ରେଭେନ୍ସା ଶିକ୍ଷାର ଆଦର୍ଶସ୍ଥଳୀ। ଏହା ରାଜେନତା କି ଅସାମାଜିକ ବ୍ୟକ୍ତିଙ୍କର ପ୍ରେମୋଦ ଉଦ୍ୟାନ ନୁହଁ। ନିକଟ ଅତୀତରେ କଟକ ସଦର ବିଧାୟକ ନିଜର ଅନୁଗାମୀଙ୍କୁ ନେଇ ଅଧ୍ୟାପକ ତଥା ଛାତ୍ରବାସର ମୁଖ୍ୟ ତତ୍ତ୍ୱାବଧାରକଙ୍କୁ ଯେପରି ଅସଦାଚରଣ କରି ଧମକାଇଲେ ତାହା ଅତ୍ୟନ୍ତ ଗର୍ହିତ। ଏହାଦ୍ୱାରା ରେଭେନ୍ସାର ଶୈକ୍ଷିକ ବାତାବରଣ ନଷ୍ଟ ହୋଇଛି। ବିଧାୟକଙ୍କ ଏଭଳି ଅପକର୍ମକୁ ରେଭନ୍ସା ବିକାଶ ଅଭିଯାନ ତୀବ୍ର ନିନ୍ଦା କରୁଚି ଏବଂ ତୁରନ୍ତ ତାଙ୍କର ନିଃସର୍ତ୍ତ କ୍ଷମାପ୍ରାର୍ଥନା ଦାବି କରୁଛି। କ୍ଷମା ପ୍ରାର୍ଥନା ନକଲେ ତାଙ୍କ ବିରୁଦ୍ଧରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ କରିବାପାଇଁ ବିଶ୍ୱ ବିଦ୍ୟାଳୟ କୁଳପତି ଓ କର୍ତ୍ତୃପକ୍ଷଙ୍କ ନିକଟରେ ସଙ୍ଗଠନ ପକ୍ଷରୁ ସଭାପତି ଚିତ୍ତରଂଜନ ମହାନ୍ତି ଓ ସଂପାଦକ ସିଦ୍ଧାର୍ଥ ରଥ ଦାବି କରିଛନ୍ତି। ଏହି ନିନ୍ଦନୀୟ ଘଟଣାର ବିରୁଦ୍ଧରେ ପ୍ରତିବାଦ ଜଣାଉଥିବା ଅଧ୍ୟାପକ ଅଧ୍ୟାପିକାମାନଙ୍କ ଆନ୍ଦୋଳନ ପ୍ରତି ସଂଗଠନ ପକ୍ଷରୁ ଦୃଢ଼ ସଂହତି ପ୍ରକାଶ କରାଯିବା ସଙ୍ଗେସଙ୍ଗେ ବିଧାୟକ ତୁରନ୍ତ କ୍ଷମା ଭିକ୍ଷା ନକଲେ ସଂଗଠନ ରାସ୍ତାକୁ ଓହ୍ଲାଇବ ବୋଲି ଘୋଷଣା କରାଯାଇଛି।

# ଆଜିଠୁ ସିପିଆଇ ପକ୍ଷରୁ ଦେଶବ୍ୟାପୀ ଜନସମ୍ପର୍କ ପଦଯାତ୍ରା

## ରାମଲୀଳା ମଇଦାନରେ 'ପରିବର୍ତ୍ତନ ଜରୁରୀ ମହାସମାବେଶ'ର ସଫଳତା ପାଇଁ ସ୍ଲୋଗାନ

**ଭୁବନେଶ୍ୱର (ବ୍ୟୁରୋ) :** ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଚଳିତ ଅଗଷ୍ଟ ୬ରୁ ୧୫ ଦେଶବ୍ୟାପୀ ଜନସମ୍ପର୍କ ପଦଯାତ୍ରା, ୧ ସେପ୍ଟେମ୍ବର ଦିଲ୍ଲୀ ଚାଲ ରାମଲୀଳା ମଇଦାନ ଠାରେ ପରିବର୍ତ୍ତନ ଜରୁରୀ ମହାସମାବେଶର ସଫଳତା ପାଇଁ ସ୍ଲୋଗାନ, ସଙ୍ଗୀତ ଓ ବକ୍ତବ୍ୟର ଅଡିଓ ସଂସ୍କରଣ ପାର୍ଟିର ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଲୋକାର୍ପଣ କରାଯାଇଛି। ଭାରତରେ ସର୍ବାଧିକ ସମୟ ଏକକ ପ୍ରଧାନମନ୍ତ୍ରୀତ୍ୱ ଅବଧି ସହ ଓଡ଼ିଶାରେ ଗତ ୨ବର୍ଷ ଶାସନ ଭିତରେ ବିଜେପି ଦେଶର ଜନଗଣଙ୍କ ପାଇଁ ଆବଶ୍ୟକୀୟ ଶିକ୍ଷା, ସ୍ୱାସ୍ଥ୍ୟ, ଆଇନ ଶୃଙ୍ଖଳା, ବିପର୍ଯ୍ୟସ୍ତ କରାଇଛି। ସାଧାରଣ ମଣିଷ ବଞ୍ଚିବା ପାଇଁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ସରକାର ହିଁ କରାଉଛନ୍ତି। ଶିକ୍ଷା ପରିବର୍ତ୍ତେ ଅଶିକ୍ଷାର ତ୍ରୁଟିଯୁକ୍ତ ପାଠ୍ୟପୁସ୍ତକ, ବାରମ୍ବାର ପରୀକ୍ଷା ପରିଚାଳନା ବିଭ୍ରାଟ ମେଧାବୀ ଛାତ୍ର ଛାତ୍ରୀଙ୍କ ମନୋବଳ ଭାଙ୍ଗି ଆତ୍ମହତ୍ୟା ପାଇଁ ମଜବୁର କରାଯାଉଛି। ବେରୋଜଗାରୀର ସର୍ବକାଳୀନ ରେକର୍ଡ଼ କରାଇଛନ୍ତି ସରକାର। କୃଷକ ମୁଣ୍ଡ ଝାଳ ତୁଣ୍ଡରେ ଦେଇ ଯେଉଁ ଉତ୍ପାଦନ କରୁଛି ସେଥିପାଇଁ ଉନ୍ନତ ବିହନ, ସାର, ପୋକମରା ଔଷଧର ଆକାଶଛୁଆଁ ଦରବୃଦ୍ଧି, ତା'ପରେ ଯାହା ଉତ୍ପାଦନ ହେଉଛି - ତାହା ମଧ୍ୟ ଅଭାବୀ ଦାମରେ ଶାସକ ଦଳଙ୍କୁ ଚାନ୍ଦାଦିଆ ବନ୍ଧୁମାନେ ଲୁଣ୍ଠନ କରୁଛନ୍ତି, ସରକାର ମୂକ ଦର୍ଶକ ସାଜିଛନ୍ତି। ଶ୍ରମିକ ଶ୍ରେଣୀ ସ୍ୱାଧୀନତା ପୁର୍ବରୁ ଓ ପରେ ଦୀର୍ଘ ସଂଘର୍ଷ ଫଳରେ ହାସଲ କରିଥିବା ୪୪ଟି କେନ୍ଦ୍ରୀୟ ଶ୍ରମ ଆଇନରୁ ୧୫ଟି ଆଇନ ସମ୍ପୂର୍ଣ୍ଣ ରଦ୍ଦ କରାଇଛନ୍ତି, ଆଉ ୨୯ ଟି ଆଇନକୁ ଶ୍ରମ ଶୋଷଣକାରୀ ବହୁରାଷ୍ଟ୍ରୀୟ ପୁଞ୍ଜିପତିଙ୍କ ସ୍ୱାର୍ଥରେ ଶ୍ରମିକଙ୍କ ହକ୍ ଓ ଅଧିକାର ଛଡାଇ ନେଇ ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଗୋଟି ଶ୍ରମ ସଂହିତା ପ୍ରଣୟନ କରିଛନ୍ତି। କେବଳ ସେତିକିରେ ସନ୍ତୁଷ୍ଟ ନୁହଁନ୍ତି - ଭାରତୀୟ ଶ୍ରମ ସମ୍ମିଳନୀ ଦେଶର କୋଟିକୋଟି ସ୍କିମ୍ ଶ୍ରମିକଙ୍କୁ ଶ୍ରମିକ ମାନ୍ୟତା ପ୍ରଦାନ ପାଇଁ ସୁପାରିଶ କରିଥିଲେ ବି ସେମାନଙ୍କୁ ଶ୍ରମିକ ମାନ୍ୟତା ନଦେଇ ଶୋଷଣ କରାଯାଉଛି। ଦେଶର କୋଟି କୋଟି ଗିଗ୍ ଓ୍ୱାର୍କରଙ୍କୁ ସର୍ବନିମ୍ନ ସୁବିଧା ଦିଆଯାଉନାହିଁ। ଦେଶର ସମସ୍ତ ପ୍ରାକୃତିକ ସମ୍ପଦ ରାହୁ ପୁଞ୍ଜିପତିଙ୍କ ଠାରେ ସମର୍ପଣ କରି ଜମି, ଜଳ, ଜଙ୍ଗଲ ଉପରୁ ଜନଗଣଙ୍କୁ ବିସ୍ଥାପନ କରାଯାଉଛି। ଏହା ବିରୋଧରେ ପୁଞ୍ଜିଭୁତ ଅସନ୍ତୋଷ ଐକ୍ୟବଦ୍ଧ ପ୍ରତିବାଦ ଓ ପ୍ରତିରୋଧ ମୁଣ୍ଡ ଟେକିବାବେଳେ ଜାତି, ଧର୍ମ, ଭାଷା, ଅଞ୍ଚଳ, ଖାଦ୍ୟ, ବସ୍ତ୍ରର ରୁଚିର ବିଭିନ୍ନତା ଉପରେ ସଂଗଠିତ ଆକ୍ରମଣ କରୁଛନ୍ତି ଶାସକ ବର୍ଗ। କ୍ଷମତାରେ ବସିବା ପାଇଁ ରାମ ନାମ ନେଇଥିବା ବେଳେ ଏବେ ଧର୍ମାନୁଷ୍ଠାନରୁ ଲୁଣ୍ଠନ କରି ମହମ୍ମଦ ଘୋରୀକୁ ଟପିଲାଣି ଆର ଏସ୍ଏସ୍ ପରିଚାଳିତ ବିଜେପି ସରକାର। ଦେଶବାସୀ ଏମାନଙ୍କୁ କ୍ଷମତାରେ ବସାଇ ବହୁତ ଅତ୍ୟାଚାର ସହିଲେଣି । ଆଉ ସହିବା ସମ୍ଭବ ନୁହେଁ। ପରିବର୍ତ୍ତନ ଜରୁରୀ - ଅନିର୍ବାର୍ଯ୍ୟ ଅଟେ। ଦେଶବ୍ୟାପୀ ଏହି ପରିବର୍ତ୍ତନର ସଂଘର୍ଷକୁ ତ୍ୱରାନ୍ୱିତ କରିବା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନିଷ୍ପତ୍ତି କରିଛି। ୬ ରୁ ୧୫ ଅଗଷ୍ଟ ଦେଶବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଚାଲିବ। ବସ୍ତି ବସ୍ତି, ଗାଁ ଗାଁରେ ପଦଯାତ୍ରା ଚାଲିବ। ସିପିଆଇ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଏହି ପଦଯାତ୍ରାର ସଙ୍ଗୀତ, ସ୍ଲୋଗାନ ଓ ବକ୍ତବ୍ୟର ଶାଣିତ ଅଡିଓ ସଂସ୍କରଣ ଆଜି ଲୋକାର୍ପଣ ହୋଇଅଛି। ରାଜ୍ୟବ୍ୟାପୀ ପଦଯାତ୍ରା ବେଳେ ଏହି ସଙ୍ଗୀତ, ସ୍ଲୋଗାନ ଓ ବକ୍ତବ୍ୟ ଜନଗଣଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ। ଏହାକୁ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଅମରେନ୍ଦୁ ମହାନ୍ତି ଓ ସାଥୀମାନଙ୍କ ସଂଯୋଜନା ପ୍ରସ୍ତୁତ କରାଯାଇଅଛି। ଦେଶବ୍ୟାପୀ ପରିବର୍ତ୍ତନର ସାମୁହିକ ସ୍ୱରକୁ ଆହୁରି ଶାଣିତ କରିବା ପାଇଁ "୧ ସେପ୍ଟେମ୍ବର ଦିଲ୍ଲୀ ଚାଲ" ରାମଲୀଳା ମଇଦାନରେ ପରିବର୍ତ୍ତନ ଜରୁରୀ ମହାସମାବେଶକୁ ସଫଳ କରିବା ପାଇଁ ଓଡ଼ିଶାବାସୀଙ୍କୁ ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ସହସମ୍ପାଦକ କ୍ଷୀରୋଦ ସିଂହଦେଓ ଏବଂ ଜୟନ୍ତ ଦାସ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଅମରେନ୍ଦୁ ମହାନ୍ତି ଓ ସୁର ଜେନା ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଆହ୍ୱାନ ଦେଇଛନ୍ତି।



ଡିଲିମିଟେସନ ଓ ମହିଳା ବିଲ୍

# ପୁଣି ସ୍ୱତନ୍ତ୍ର ଅଧିବେଶନ ଡାକିବେ କେନ୍ଦ୍ର ସରକାର



**ନୂଆଦିଲ୍ଲୀ,୫।୮:** ମୌସୁମୀ ଅଧିବେଶନରେ ବାରମ୍ବାର ହଙ୍ଗାମା ଓ ନାରାବାଜୀ ସତ୍ତ୍ୱେ ନରେନ୍ଦ୍ର ମୋଦି ସରକାର ଗୋଟିଏ ଗୁଳିରେ ଦୁଇଟି ଶିକାର କରିବା ଲକ୍ଷ୍ୟରେ ରହିଛନ୍ତି। ସରକାର ନିଜର ୨ଟି ମହତ୍ତ୍ୱାକାଂକ୍ଷୀ ବିଧେୟକକୁ ଗୋଟିଏ ପ୍ୟାକେଜରେ ଉପସ୍ଥାପନ କରିବା ମୁଡରେ ଅଛନ୍ତି। ମୌସୁମୀ ଅଧିବେଶନ ଶେଷ ହେବା କ୍ଷଣି ସରକାର ଡାକି ପାରନ୍ତି ସଂସଦର ସ୍ୱତନ୍ତ୍ର ଅଧିବେଶନ। ଅଗଷ୍ଟ ୧୩ରେ ମୌସୁମୀ ଅଧିବେଶନ ଶେଷ ହେବାର ଅଛି। ଆଉ ଏହାର ୩ ଦିନ ପରେ କେନ୍ଦ୍ର ସରକାର ପୁଣି ସ୍ୱତନ୍ତ୍ର ଅଧିବେଶନ ଡାକିବେ। ଏହି ସ୍ୱତନ୍ତ୍ର ଅଧିବେଶନରେ ସରକାର ସୀମା ପୁନଃ ନିର୍ଦ୍ଧାରଣ ବିଲ ବା ଡିଲିମିଟେସନ ଓ ମହିଳା ସଂରକ୍ଷଣ ସଂଶୋଧନ ବିଲ ପାରିତ କରିବାକୁ ଚାହୁଁଛନ୍ତି। ମିଳିଥିବା ସୂଚନା ଅନୁସାରେ, କେନ୍ଦ୍ର ସରକାର ଅଗଷ୍ଟ ୧୭ରେ ସଂସଦର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକି ପାରନ୍ତି। ମୌସୁମୀ ଅଧିବେଶନ ଶେଷ ହେବା ପରେ ସଂସଦକୁ ତୁରନ୍ତ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ଘୋଷଣା କରାଯିବ ନାହିଁ। ଏହାକୁ ଆଧାର କରି ସରକାର ଆବଶ୍ୟକ ପଡ଼ିଲେ ଖୁବକମ୍ ସମୟର ଅବଧିରେ ସ୍ୱତନ୍ତ୍ର ଅଧିବେଶନ ଡାକିପାରିବ। ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରିବା ପାଇଁ ସଂସଦର ଦୁଇ ତୃତୀୟାଂଶ ସମର୍ଥନ ଆବଶ୍ୟକ। ସରକାର ବର୍ତ୍ତମାନ ଉଭୟ ଲୋକସଭା ଓ ରାଜ୍ୟସଭାରେ ସେହି ସଂଖ୍ୟା ଯୋଗାଡ଼ କରିବାରେ ଲାଗି ପଡ଼ିଛନ୍ତି। ସମ୍ବିଧାନ ସଂଶୋଧନ ବିଲ ପାସ୍ ପାଇଁ ଆବଶ୍ୟକ ସମର୍ଥନ ମିଳିବା ମାତ୍ରେ ସ୍ୱତନ୍ତ୍ର ଅଧିବେଶନ ଡକାଯିବ। ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍‌ର ଅଂଶବିଶେଷ ଭାବେ ସରକାର ଏପ୍ରିଲ ମାସରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଓ ମହିଳା ସଂରକ୍ଷଣ ବିଲ୍‌କୁ ଏକାସାଙ୍ଗରେ ଉପସ୍ଥାପନ କରିଥିଲେ।

କିନ୍ତୁ ଏପ୍ରିଲ୍‌ରେ ହୋଇଥିବା ୩ ଦିନିଆ ସ୍ୱତନ୍ତ୍ର ସଂସଦ ଅଧିବେଶନରେ ଏହି ବିଲ୍ ଲୋକସଭାରେ ଆବଶ୍ୟକ ଦୁଇ-ତୃତୀୟାଂଶ ସମର୍ଥନ ହାସଲ କରି ପାରି ନଥିଲା। ତେଣୁ ସରକାର ବିତର୍କ ପରେ ବିଲ ପାରିତ କରିବାରେ ବିଫଳ ହୋଇଥିଲେ।

ସେହି ସମୟରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପାଖରେ ଲୋକସଭା ଓ ରାଜ୍ୟସଭାରେ ପର୍ଯ୍ୟାପ୍ତ ସଂଖ୍ୟା ନଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ରାଜନୀତିକ ପରିବର୍ତ୍ତନ ଏନଡିଏ ପାଇଁ ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବାର ସମ୍ଭାବନା ସୃଷ୍ଟି କରିଛି।

ବିଶେଷ କରି ମେ ମାସରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ପରାଜୟ ପରେ ଲୋକସଭା ଓ ରାଜ୍ୟସଭାରେ ଏନଡିଏର ସ୍ଥିତି ଆହୁରି ମଜବୁତ ହୋଇଯାଇଛି। ବର୍ତ୍ତମାନ ଲୋକସଭାରେ କୌଣସି ସମ୍ବିଧାନ ସଂଶୋଧନ ବିଲ ପାରିତ କରିବା ପାଇଁ ୩୬୦ ଓ ରାଜ୍ୟସଭାରେ ୧୬୪ ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ।

ବର୍ତ୍ତମାନ ଏନଡିଏ ପାଖରେ ୨୯୩ ଜଣ ସାଂସଦ ରହିଛନ୍ତି। ଏମାନଙ୍କ ସହ ଟିଏମସିର ୨୦ ବିଦ୍ରୋହୀ ସାଂସଦ ହାତ ମିଳାଇଛନ୍ତି। ଫଳରେ ସଂଖ୍ୟା ୩୧୩ରେ ପହଞ୍ଚି ଯାଇଛି। ତାମିଲନାଡୁ ବିଧାନସଭା ନିର୍ବାଚନ ପରେ କଂଗ୍ରେସ ଠାରୁ ଡିଏମକେ ଅଲଗା ହୋଇ ଯାଇଛି।

# ବିରୋଧ ପ୍ରଦର୍ଶନ ସମୟରେ ପୋଲିସ ସଂଯମତା ରଖୁ


ସୁପ୍ରିମକୋର୍ଟ ଗୁରୁତ୍ୱାରୋପ

**ନୂଆଦିଲ୍ଲୀ,୫।୮:** ବିରୋଧ ପ୍ରଦର୍ଶନ ସମୟରେ ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥାଗୁଡ଼ିକ ସଂଯମତା ଅବଲମ୍ବନ କରିବା ସହ ଯୁବବର୍ଗଙ୍କୁ ବୁଝାସୁଝା କରି ଶାନ୍ତ କରିବା ଉଚିତ୍ ବୋଲି ବୁଧବାର ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଯଦିଓ କେତେକ ବିପଥଗାମୀ ବ୍ୟକ୍ତି ଢେଲା ମାଡ଼ ଭଳି ହିଂସାରେ ସାମିଲ ହୁଅନ୍ତି, ତଥାପି ସରକାରୀ ଶକ୍ତିର ଆକ୍ରମଣାତ୍ମକ ମନୋଭାବ ସ୍ଥିତିକୁ ଆହୁରି ଜଟିଳ କରିପାରେ। ଗତ ଜୁଲାଇ ୨୦ରେ ଅନୁଷ୍ଠିତ ''ସଂସଦ ଚାଲୋ'' ପଦଯାତ୍ରା ସମୟରେ ହିଂସା ଉସ୍କାଇଥିବା ଆୟୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଦାୟର ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି. ମୋହନାଙ୍କ ଖଣ୍ଡପୀଠ ଏହା କହିଛନ୍ତି। ଶୁଣାଣି ସମୟରେ ଆବେଦନକାରୀ ମନୀଷ କୁମାର ସୋଲାଙ୍କିଙ୍କ ଆଇନଜୀବୀ ରିଜୱାନ ଅହମ୍ମଦ ଯୁକ୍ତି କରିଥିଲେ ଯେ, ଆନ୍ଦୋଳନକାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସରକାର ନମନୀୟ ହେବା ଉଚିତ୍ ନୁହେଁ। ଗୋଟିଏ ସ୍ଥାନରେ ନମନୀୟତା ଦେଖାଇଲେ ଏହା ଅନ୍ୟ ରାଜ୍ୟଗୁଡ଼ିକରେ ଗ୍ରହଣୀୟ ହୋଇ ଏକ ଖରାପ ନଜିର ସୃଷ୍ଟି କରିବ। ସଂସଦ ଭବନ ଆଡ଼କୁ ମାଡ଼ି ଚାଲିଥିବା ଆନ୍ଦୋଳନକାରୀ ଏବଂ ହିଂସାର ଆୟୋଜକମାନଙ୍କୁ ସମ୍ପୂର୍ଣ୍ଣ ଉତ୍ତରଦାୟୀ କରାଯିବା ଆବଶ୍ୟକ। ଏହାର ପ୍ରତିଉତ୍ତରରେ ପ୍ରଧାନ ବିଚାରପତି କହିଥିଲେ ଯେ, ଯୁବକମାନଙ୍କୁ ପରାମର୍ଶ ଓ ବୁଝାସୁଝା କରିବା ଆବଶ୍ୟକ। ସେମାନଙ୍କ ସମସ୍ୟା ଶୁଣିବା ସବୁଠାରୁ ବଡ଼ ମାଧ୍ୟମ। ତେବେ ଏପରି ପରିସ୍ଥିତିର ମୁକାବିଲା କିପରି କରାଯିବ, ତାହା ଆଇନ ଶୃଙ୍ଖଳା ସଂସ୍ଥାଗୁଡ଼ିକର ବିଚାରବୁଦ୍ଧି ଉପରେ ଛାଡ଼ିଦେବା ଉଚିତ୍।

## ଚୁଟ୍‌କୀରେ...

### ଝୁଲନ୍ତା ଅବସ୍ଥାରେ ମିଳିଲା ଲୋକସଭା ସଚିବାଳୟ ନିର୍ଦ୍ଦେଶକଙ୍କ ମୃତଦେହ

**ନୂଆଦିଲ୍ଲୀ,୫।୮:** ଝୁଲନ୍ତା ଅବସ୍ଥାରେ ମିଳିଲା ଲୋକସଭା ସଚିବାଳୟର ନିର୍ଦ୍ଦେଶକଙ୍କ ମୃତଦେହ। ନୋଏଡାର ସେକ୍ଟର ୮୨ ସ୍ଥିତ କେନ୍ଦ୍ରୀୟ ବିହାର-୨ ସୋସାଇଟିରେ ଥିବା ତାଙ୍କ ଫ୍ଲାଟରେ ତାଙ୍କ ମୃତଦେହ ମିଳିଛି। ପୋଲିସର ସୂଚନା ଅନୁଯାୟୀ, ଘଟଣାସ୍ଥଳରୁ ଏକ କଥିତ ସୁଇସାଇଡ ନୋଟ୍ ମିଳିଛି, ଯେଉଁଥିରେ ଋଣ ବିଷୟରେ ଉଲ୍ଲେଖ ଅଛି। ପୋଲିସ ସମସ୍ତ ଦୃଷ୍ଟିକୋଣରୁ ମାମଲାର ତଦନ୍ତ କରୁଛି ଏବଂ ସୁଇସାଇଡ ନୋଟ୍ ମଧ୍ୟ ଯାଞ୍ଚ କରୁଛି। ପୋଲିସ ଅନୁଯାୟୀ, ମୃତକଙ୍କ ନାମ ୪୦ ବର୍ଷୀୟ ଗୌରବ ଗୌତମ, ଯିଏ ଲୋକସଭା ସଚିବାଳୟରେ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଥିଲେ। ରବିବାର ତାଙ୍କ ମୃତଦେହ ସେକ୍ଟର ୮୨ ସ୍ଥିତ କେନ୍ଦ୍ରୀୟ ବିହାର-୨ ସୋସାଇଟିରେ ତାଙ୍କ ଫ୍ଲାଟରେ ସିଲିଂ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା।

### ରେପୋରେଟ୍ ସ୍ଥିର ରଖିଲା ଆର୍‌ବିଆଇ

**ନୂଆଦିଲ୍ଲୀ,୫।୮:** ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତି ବୈଠକରେ ବଡ଼ ନିଷ୍ପତ୍ତି ନେଇଛି । ରେପୋରେଟ୍ ହାରକୁ ୫.୨୫% ରେ ସ୍ଥିର ରଖିବାକୁ ନିଷ୍ପତ୍ତି ନେଇଛି ଆରବିଆଇ । ଯାହାର ଅର୍ଥ ହେଉଛି ଆପଣଙ୍କର ଋଣ ବର୍ତ୍ତମାନ ପାଇଁ ହ୍ରାସ ପାଇବ ନାହିଁ । ଯଦି ଆପଣ ଗୃହ ଋଣ, କାର ଋଣ କିମ୍ବା ଅନ୍ୟ କୌଣସି ଋଣର ଇଏମଆଇ ଦେଉଛନ୍ତି, ତେବେ ଆପଣଙ୍କୁ ପରବର୍ତ୍ତୀ ମୁଦ୍ରା ନୀତି ପାଇଁ ଅପେକ୍ଷା କରିବାକୁ ପଡିବ । ମୁଦ୍ରାସ୍ଫୀତି ବଢିବା ନେଇ ଆକଳନ କରାଯାଉଛି । ଅର୍ଥାତ ମହଙ୍ଗାମାଡ ସହିତ ଯୁଦ୍ଧ ଜାରି ରହିବ । କମିବନାହିଁ ଲୋନ୍ ଇଏମଆଇ । ମନଟାରୀ ପଲିସି ବୈଠକରେ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ସୂଚନା ରେପୋରେଟ୍ ଅପରିବର୍ତ୍ତିତ ରହିଥିବା ନେଇ ସୂଚନା ଦେଇଛନ୍ତି । ଯାହା ଅନୁମାନ କରାଯାଉଥିଲା ତାହା ହେଲା। ଭାରତୀୟ ରିଜର୍ଭ ବ୍ୟାଙ୍କ ଲଗାତାର ଚତୁର୍ଥ ଥର ପାଇଁ ରେପୋରେଟ ହାରକୁ ଅପରିବର୍ତ୍ତିତ ରଖିଛି । ଶେଷଥର ପାଇଁ ଡିସେମ୍ବରରେ ରେପୋରେଟ୍ ପରିବର୍ତ୍ତନ ହୋଇଥିଲା । ଆରବିଆଇ ଏମପିସି ରେପୋ ହାରକୁ ୦.୨୫% ହ୍ରାସ କରିଥିଲା। ସେବେଠାରୁ, ରେପୋ ହାର ୫.୨୫% ରହିଛି । ଗତ ବର୍ଷ ସୁଧ ହାର ୧.୨୫% ହ୍ରାସ କରାଯାଇଥିଲା । ଚଳିତବର୍ଷ ୪ଟି ନୀତି ବୈଠକ ଅନୁଷ୍ଠିତ ହୋଇଛି, କିନ୍ତୁ ସୁଧ ହାର ଅପରିବର୍ତ୍ତିତ ରହିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଶ୍ୱର ଅନେକ କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରାସ୍ଫୀତି ପ୍ରତିକ୍ରିୟାରେ ସୁଧ ହାର ବୃଦ୍ଧି କରିଛନ୍ତି । ଏହି ସମୟରେ, ଆରବିଆଇ ଭବିଷ୍ୟତ ପାଇଁ ଏକ ନିରପେକ୍ଷ ମନୋଭାବ ବଜାୟ ରଖିବାକୁ ନିଷ୍ପତ୍ତି ନେଇଛି ।

### ଚନ୍ଦ୍ରପୃଷ୍ଠରେ ଧକ୍କାହେଲା ସ୍ପେସଏକ୍ସ

**ନୂଆଦିଲ୍ଲୀ,୫।୮:** ମହାକାଶରେ ଘୁରୁଥିବା ସ୍ପେସଏକ୍ସ ରକେଟ୍‌ର ଏକ ବଡ଼ ଅଂଶ ଶେଷରେ ଚନ୍ଦ୍ରପୃଷ୍ଠରେ ଧକ୍କା ଖାଇଥିବା ଆଶଙ୍କା କରାଯାଉଛି। ପ୍ରାୟ ୧୯ ମାସ ଧରି ମହାକାଶରେ ଭାସୁଥିବା ଏହି ରକେଟ୍‌ର ଅବଶିଷ୍ଟ ଅଂଶ ଚନ୍ଦ୍ରର ଆଇନଷ୍ଟାଇନ୍ କ୍ରେଟର୍ ନିକଟରେ ପଡ଼ିଥିବା କୁହାଯାଉଛି । ଏହାର ନିଶ୍ଚିତ ସୂଚନା ପାଇଁ ଏବେ ବିଭିନ୍ନ ମହାକାଶ



ସଂସ୍ଥା ତଥ୍ୟ ଯାଞ୍ଚ କରୁଛନ୍ତି । ଏହା କୌଣସି ସମ୍ପୂର୍ଣ୍ଣ ରକେଟ୍ ନୁହେଁ, ବରଂ ସ୍ପେସଏକ୍ସ ଫାଲକନ୍-୯ ର ଉପର ଅଂଶ । ଏହି ଅଂଶର ଓଜନ ପ୍ରାୟ ୪,୫୦୦ କିଲୋଗ୍ରାମ ଥିଲା । ୨୦୨୫ ଜାନୁଆରୀରେ ଏହା Firefly Aerospace ର Blue Ghost-1 ଚନ୍ଦ୍ର ମିଶନକୁ ନେଇ ଯାଇଥିଲା । ଇନ୍ଧନ ଶେଷ ହେବା ପରେ ଏହି ରକେଟ୍ ଅଂଶ ପୃଥିବୀ ଓ ଚନ୍ଦ୍ର ମଧ୍ୟରେ ଅସ୍ଥିର କକ୍ଷପଥରେ ଘୁରୁଥିଲା । ପୃଥିବୀ, ଚନ୍ଦ୍ର ଓ ସୂର୍ଯ୍ୟର ମାଧ୍ୟାକର୍ଷଣ ପ୍ରଭାବ ଯୋଗୁଁ ଧୀରେ ଧୀରେ ଏହାର ଗତିପଥ ବଦଳିଥିଲା ଏବଂ ଶେଷରେ ଚନ୍ଦ୍ର ସହ ଧକ୍କା ହୋଇଥିବା ସମ୍ଭାବନା ରହିଛି । ପ୍ରାୟ ୮,୭୦୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଏହା ଚନ୍ଦ୍ରକୁ ଧକ୍କା ଦେଇଥିବା ଆକଳନ କରାଯାଉଛି । ଏହାର ଶକ୍ତି ପ୍ରାୟ ୩ ଟନ୍ TNT ବିସ୍ଫୋରଣ ସମାନ ଥିବା କୁହାଯାଉଛି ।

# ୟୁକ୍ରେନ ରାଜଧାନୀରେ ରୁଷ୍‌ର ଡ୍ରୋନ୍‌ମାଡ଼, ୧୭ ମୃତ



**କିବ୍,୫।୮:** ବୁଧବାର ରାତିରେ ରୁଷ ୟୁକ୍ରେନ ରାଜଧାନୀ କିବ୍ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିବା ଫଳରେ ଏଥିରେ ୧୭ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୪୪ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଏକ ରେଳ ଷ୍ଟେସନ୍ କ୍ଷତିଗ୍ରସ୍ତ ହୋଇଛି ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି କହିଛନ୍ତି। ଜେଲେନସ୍କିଙ୍କ ଅନୁଯାୟୀ ଆକ୍ରମଣରେ ଏକ କମ୍ପାନି, ନିର୍ମାଣ ସାମଗ୍ରୀ ଗୋଦାମ ଏବଂ ଏକ ଡାକ ପାର୍ସଲ୍ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି। ଏହି ପ୍ରତିଷ୍ଠାନ ଗୁଡ଼ିକର ଯୁଦ୍ଧ ସହ କୌଣସି ସମ୍ପର୍କ ନଥିବା ଜେଲେନସ୍କି କହିଛନ୍ତି। କିନ୍ତୁ ରୁଷର ପ୍ରତିରକ୍ଷା ମନ୍ତ୍ରାଳୟ ଦାବି କରିଛି ଯେ ଉକ୍ତ ପ୍ରତିଷ୍ଠାନଗୁଡ଼ିକ ସେନା ସହ ଜଡ଼ିତ ଥିଲା। ଗତ ରାତିରେ ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିବା ଏହି ଆକ୍ରମଣ ଚଳିତ ଗ୍ରୀଷ୍ମ ଋତୁରେ ରୁଷ ପକ୍ଷରୁ କରାଯାଉଥିବା ବଡ଼ ଧରଣର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣର ସଦ୍ୟତମ ଘଟଣା। ୟୁକ୍ରେନ ପାଖରେ ଆମେରିକା ନିର୍ମିତ ପାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ଆବଶ୍ୟକ ଇଣ୍ଟରସେପ୍ଟର କ୍ଷେପଣାସ୍ତ୍ରର ଘୋର ଅଭାବ ରହିଛି। ଏହି ବ୍ୟବସ୍ଥା ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ଅଟକାଇବାରେ ସକ୍ଷମ ଏକମାତ୍ର ଅସ୍ତ୍ର। ଇରାନ ଯୁଦ୍ଧ ପରେ ଏହି ଗୋଳାବାରୁଦର ଅଭାବ ଆହୁରି ବଢ଼ିଯାଇଥିବାରୁ ଜେଲେନସ୍କି ଅନ୍ୟ ଦେଶଗୁଡ଼ିକୁ ଅଧିକ ମିସାଇଲ୍ ଯୋଗାଇବାକୁ ଅନୁରୋଧ କରିଛନ୍ତି। ଜେଲେନସ୍କି କହିଛନ୍ତି, ଚଳିତ ବର୍ଷର ପ୍ରଥମ ଛଅ ମାସରେ ୟୁକ୍ରେନକୁ ମିଳିଥିବା ବାୟୁ ପ୍ରତିରକ୍ଷା କ୍ଷେପଣାସ୍ତ୍ରର ପରିମାଣ ୨୦୨୫ ତୁଳନାରେ ଏକ ତୃତୀୟାଂଶକୁ ଖସିଆସିଛି। ଆଜି ଯେଉଁମାନେ ପ୍ରାଣ ହରାଇଛନ୍ତି ସେମାନଙ୍କୁ ବାଲିଷ୍ଟିକ୍ ଇଣ୍ଟରସେପ୍ଟର ଥିଲେ ବଞ୍ଚାଇବା ସମ୍ଭବ ହୋଇପାରିଥାନ୍ତା ବୋଲି ଜେଲେନସ୍କି କହିଛନ୍ତି। ୟୁକ୍ରେନ ଦାବି ଅନୁଯାୟୀ ତିନି ସପ୍ତାହରୁ କମ୍ ସମୟ ମଧ୍ୟରେ ୧୪ଟି ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ଏଗୁଡ଼ିକ ସେନା ପାଇଁ ବ୍ୟବହାରଯୋଗ୍ୟ ସାମଗ୍ରୀ ଯୋଗାଇଥାନ୍ତି। ଅନ୍ୟପକ୍ଷେ ରୁଷର ପ୍ରତିରକ୍ଷା ମନ୍ତ୍ରାଳୟ କହିଛି ଯେ ଗତ ରାତିରେ ୧୬ଟି ରୁଷ ଅଞ୍ଚଳ, କ୍ରିମିଆ ଓ ଆଜୋଭ୍ ଏବଂ କୃଷ୍ଣସାଗର ଉପରେ ଉଡୁଥିବା ୪୭୫ଟି ୟୁକ୍ରେନୀୟ ଡ୍ରୋନ୍‌କୁ ସେମାନଙ୍କ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଧ୍ୱଂସ କରିଛି। ୟୁକ୍ରେନୀୟ କର୍ତ୍ତୃପକ୍ଷଙ୍କ ଅନୁସାରେ, ରୁଷ ୨୪ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର, ୪ଟି ହାଇପରସୋନିକ୍ ଜିର୍କନ୍ କିମ୍ବା ସୁପରସୋନିକ୍ କ୍ଷେପଣାସ୍ତ୍ର ଏବଂ ୧୧୫ଟି ଡ୍ରୋନ୍ ବ୍ୟବହାର କରିଥିଲା। ଏଥିମଧ୍ୟରୁ ଅନେକ ଜେଟ୍-ଚାଳିତ ଥିବାରୁ ସେଗୁଡ଼ିକୁ ଅଟକାଇବା କଷ୍ଟକର ଥିଲା।

# ଭାରତ ସରକାରଙ୍କୁ କ୍ଷମାମାଗିଲେ ମେଟା ସିଇଓ ମାର୍କ ଜୁକରବର୍ଗ

## ମୋଦୀଙ୍କ ଭିଡିଓକୁ କିଛି ସମୟ ପାଇଁ ହଟାଇବା ଘଟଣା



**ନୂଆଦିଲ୍ଲୀ,୫।୮:** ଶେଷରେ କ୍ଷମା ମାଗିଛନ୍ତି ମେଟାର ସିଇଓ ମାର୍କ ଜୁଗରବର୍ଗ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୁଲାଇ ୨୩ ତାରିଖର ଭିଡିଓକୁ କିଛି ସମୟ ପାଇଁ ହଟାଇ ଦିଆଯିବା ଘଟଣାରେ ମେଟା ଅଧୀନରେ ଥିବା ଫେସବୁକ ଓ ଜୁରକରବର୍ଗ ବିବାଦ ମଧ୍ୟକୁ ଆସିଥିଲେ। ଭିଡିଓ ହଟାଇବା ପରେ ଏହାକୁ ନେଇ ସରକାରୀ ସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେହିପରି ଫେସବୁକରେ ପ୍ରଚାରିତ ହେଉଥିବା ଶିଶୁ ଯୌନ ନିର୍ଯାତନା ଓ ଡିଫେକ ଭିଡିଓକୁ ନେଇ ମଧ୍ୟ ଫେସବୁକକୁ ଘେରିଥିଲେ ଭାରତ ସରକାର। ଏପରି କି ଭାରତ ସରକାର କ୍ଷମା ମାଗିବା ଓ ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜୁକରବର୍ଗଙ୍କୁ ତିନି ଦିନର ଅଲ୍ଟିମେଟମ୍ ବି ଦେଇଥିଲେ। ଏବେ ଜୁରକବର୍ଗ ଶିଶୁ ଯୌନ ନିର୍ଯାତନା ଓ ଡିଫେକ ଭିଡିଓ ପାଇଁ ଭାରତ ସରକାରଙ୍କୁ କ୍ଷମା ମାଗିଛନ୍ତି। ହେଲେ ତାଙ୍କ କ୍ଷମା ଆବେଦନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭିଡିଓ ହଟାଇବା ସମ୍ପର୍କରେ କିଛି ବି କୁହାଯାଇ ନାହିଁ। ସରକାରୀ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଶିଶୁଙ୍କ ଯୌନ ନିର୍ଯାତନା ସମ୍ପର୍କିତ ବିଷୟବସ୍ତୁ(ସିଏସଏଏମ), ଡିପ୍‌ଫେକ୍ କଣ୍ଟେଣ୍ଟ ଓ କମ୍ପାନୀର ସୋଶାଲ ମିଡିଆ ପ୍ଲାଟଫର୍ମ ପରିଚାଳନାରେ ହୋଇଥିବା ତ୍ରୁଟି ପାଇଁ କେନ୍ଦ୍ର ସରକାର ସହ ଉଚ୍ଚସ୍ତରୀୟ ବୈଠକରେ ଜୁକରବର୍ଗ କ୍ଷମା ପ୍ରାର୍ଥନା କରିଛନ୍ତି। ଆଲୋଚନା ବେଳେ ପ୍ଲାଟଫର୍ମର ଉତ୍ତରଦାୟିତ୍ୱ, କଣ୍ଟେଣ୍ଟ ମଡରେସନ୍ ଓ ଭାରତୀୟ ଆଇନର ଅନୁପାଳନ ଭଳି ବିଭିନ୍ନ ପ୍ରସଙ୍ଗ ଉଠିଥିଲା। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କିତ ଭିଡିଓ ହଟାଯିବା ଘଟଣା ନେଇ କୌଣସି ଆଲୋଚନା ହୋଇ ନଥିବା ଏହି ସୂତ୍ରରେ ସ୍ପଷ୍ଟ କରାଯାଇଛି।

# ଟ୍ରମ୍ପଙ୍କୁ ମାରିବାକୁ ପୁଣି ଷଡଯନ୍ତ୍ର

## ଗଲ୍ଫ କ୍ଲବ ବାହାରୁ ସନ୍ଦିଗ୍ଧ ଗିରଫ



**ନୂଆଦିଲ୍ଲୀ,୫।୮:** ଆମେରିକା ରାଷ୍ଟ୍ରପତିଙ୍କ ଜୀବନ ଉପରେ ବିପଦ । ଡୋନାଲ୍ଡ ଟ୍ରମ୍ପଙ୍କୁ ପୁଣି ହତ୍ୟା କରିବାକୁ ବଡ଼ ଷଡ଼ଯନ୍ତ୍ର । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାଲିଫର୍ନିଆ ଗସ୍ତ ପୂର୍ବରୁ, ଲସ୍ ଆଞ୍ଜେଲସ୍ ନିକଟରେ ତାଙ୍କ ଟ୍ରମ୍ପ ନ୍ୟାସନାଲ ଗଲ୍ଫ କ୍ଲବ୍ ବାହାରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଲସ୍ ଆଞ୍ଜେଲସ୍ କାଉଣ୍ଟି ସେରିଫ୍ ବିଭାଗ ଅନୁଯାୟୀ, ଗିରଫ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ କାଲିଫର୍ଣ୍ଣିଆର ୩୮ ବର୍ଷୀୟା ଜିନିନ୍ ଜନ୍ ଟାଏଲ୍ ଭାବରେ ଚିହ୍ନଟ କରାଯାଇଛି । ୨୦୨୫ ମସିହାରେ ରାଷ୍ଟ୍ରପତିଙ୍କ ଫ୍ଲୋରିଡା ଗଲ୍ଫ କ୍ଲବରେ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଚେଷ୍ଟା କରିଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିବାର ଗୋଟିଏ ବର୍ଷରୁ ଅଧିକ ସମୟ ପରେ ଏହି ଗିରଫଦାରୀ ହୋଇଛି । ଗିରଫ ସନ୍ଦିଗ୍ଧ ବିରୋଧରେ ଏକାଧିକ ମାମଲା- ଗିରଫ ସନ୍ଦିଗ୍ଧ ଜିନିନ୍ ଜନ୍ ଟାଏଲ୍ ବିରୋଧରେ ଡକାୟତି, ବନ୍ଧୁକ ଅସ୍ତ୍ରଶସ୍ତ୍ର ବ୍ୟବସାୟ କରୁଥିବା ନେଇ ଏକାଧିକ ମାମଲା ରହିଛି। ଅଭିଯୁକ୍ତଙ୍କୁ ଗଲ୍ଫ କ୍ଲବ୍ ପାର୍କିଂ ସ୍ଥାନରେ ଅଟକାଯାଇଥିଲା। ତାଙ୍କ କାରର ତଲାସୀ ନେବାରୁ ଏକ ପିସ୍ତଲ ଏବଂ ଅଫୁଟା ଗୁଳି ମିଳିଥିଲା । ଅଧିକାରୀମାନେ କହିଛନ୍ତି ଯେ ଅଭିଯୁକ୍ତ ଜଣକ ଗଲ୍ଫ କ୍ଲବ ପରିସରରେ ବୁଲୁଥିବା ଫଟୋ ଏବଂ ଭିଡିଓ ଉଠାଉଛନ୍ତି ଏବଂ ସୁରକ୍ଷା କାର୍ଯ୍ୟକଳାପ ଉପରେ ନଜର ରଖିଛନ୍ତି । ଅଭିଯୁକ୍ତଙ୍କୁ ଗୁପ୍ତ ଅସ୍ତ୍ର ଏବଂ ନିଷିଦ୍ଧ ଗୁଳି ରଖିବା ଅଭିଯୋଗରେ ଗିରଫ କରାଯାଇଛି ।

# ମିଆଁମାର୍ ସହ ଜମି ଅଦଳବଦଳ କରିବ ଭାରତ




**ନୂଆଦିଲ୍ଲୀ,୫।୮:** ସୀମା ବିବାଦର ସମାଧାନ ପାଇଁ ଆଗକୁ ବଢୁଛନ୍ତି ଭାରତ ଓ ମିଆଁମାର। ବିବାଦର ସମାଧାନ ପାଇଁ ଭାରତ ଓ ମିଆଁମାର ପରସ୍ପର ସହ ଜମି ଅଦଳବଦଳ କରିବାକୁ ବିଚାର କରୁଛନ୍ତି। ଦୀର୍ଘ ବର୍ଷର ସୀମା ବିବାଦର ସମାଧାନ କରି ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ଉଭୟ ଦେଶ ଏପରି ଜମି ଅବଳବଦଳ ଉପରେ ଆଲୋଚନା କରୁଥିବା ଜଣାପଡ଼ିଛି। ଭାରତ ଓ ମିଆଁମାର ମଧ୍ୟରେ ୧୬୪୩ କିମିର ଲମ୍ବା ଅନ୍ତର୍ଜାତୀୟ ସୀମା ରହିଛି। ଏହି ସୀମା ଭାରତର ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମଣିପୁର ଓ ମିଜୋରାମକୁ ଲାଗି ରହିଛି। ଏହି ଅଞ୍ଚଳଗୁଡ଼ିକୁ ଘଞ୍ଚ ଜଙ୍ଗଲ, ବଡ଼ବଡ଼ ପାହାଡ଼, ନଦୀ ଭଳି ଦୁର୍ଗମ ଭୌଗଳିକ ଅଞ୍ଚଳ ଘେରି ରଖିଛି। ଏଠାରେ ସୈନ୍ୟ ନୀରିକ୍ଷଣ କରିବା ମଧ୍ୟ ଉଭୟ ଦେଶ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଏଥିପାଇଁ ଜମି ଅଦଳବଦଳ ଜରିଆରେ ଉଭୟ ଦେଶ ସୀମା ବିବାଦର ସମାଧାନ କରି ନିଜ ନିଜ ଅଞ୍ଚଳର ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି।

ଗୋଟିଏ ରିପୋର୍ଟ ଅନୁଯାୟୀ, ମଣିପୁର ସୀମାରେ ବର୍ଡର ପିଲାର ୬୫ ଓ ୬୮ ମଧ୍ୟରେ ସୀମା ନିର୍ଦ୍ଧାରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଭାରତ ସରକାର ମ୍ୟାଆଁମାର ସହ ପ୍ରାୟ ୧.୪୪ ବର୍ଗ ମାଇଲ୍ ଜମି ଅଦଳବଦଳ ପ୍ରସ୍ତାବ ଉପରେ ବିଚାର କରୁଛନ୍ତି। ବୈଦେଶିକ ସଚିବଙ୍କ ପ୍ରସ୍ତାବ ପରେ ଏହି ଜମି ଅଦଳବଦଳ ସମ୍ପର୍କରେ ବିଚାର କରାଯାଉଛି। ଏହି ଅଞ୍ଚଳ ମଣିପୁରର ଚାନ୍ଦେଲ ଜିଲ୍ଲାରେ ଅବସ୍ଥିତ ଓ ମ୍ୟାଆଁମାରର ସାଗାଇଙ୍ଗ ଅଞ୍ଚଳର କବାଓ ଉପତ୍ୟକା ସହ ଲାଗିଛି। ଏବେ ଭାରତ ସରକାର ସୀମା ସୁରକ୍ଷା ଓ ସୀମା ନିର୍ଦ୍ଧାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ଏଥିପାଇଁ ମିଆଁମାର ସହ ଐତିହାସିକ ଭୂମି ସୀମା ଚୁକ୍ତି ପାଇଁ ଯୋଜନା କରୁଥିବା ରିପୋର୍ଟ ପ୍ରକାଶ ପାଇଛି।

# ଲୋହିତ ସାଗରରେ ଜାହାଜକୁ ଆକ୍ରମଣ, ୧୩ ଭାରତୀୟ ଉଦ୍ଧାର



**ନୂଆଦିଲ୍ଲୀ,୫।୮:** ଲୋହିତ ସାଗରରେ ଭାରତୀୟ ଜାହାଜକୁ ଆକ୍ରମଣ । ଜାହାଜରେ ଥିବା ସମସ୍ତ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ୟେମେନ ସରକାରୀ ସେନା ପକ୍ଷରୁ କୁହାଯାଇଛି । ଜାହାଜ ବୁଡ଼ିଯାଇ ଥିବା ବେଳେ ଏଥିରେ ଥିବା ୧୩ ଭାରତୀୟଙ୍କ ସହ ୧୪ ନାବିକ ସୁରକ୍ଷିତ ଉଦ୍ଧାର ହୋଇଛନ୍ତି। ୟେମେନର ହୁତି ବିଦ୍ରୋହୀମାନେ ଏହି ଆକ୍ରମଣ କରିଥିବା ଅନୁମାନ କରାଯାଉଛି। ଭାରତ ଏହି ଆକ୍ରମଣକୁ କଡ଼ା ନିନ୍ଦା କରିଛି । ୟେମେନର ପଶ୍ଚିମ ଉପକୂଳ ନିକଟ ଲୋହିତ ସାଗରରେ ଭାରତୀୟ ପତାକା ଲାଗିଥିବା ଜାହାଜ ଗଙ୍ଗଠ ଫଇଜ୍ ନୁରେ ଓଲିୟା ଉପରେ ଆକ୍ରମଣ ହୋଇଛି । ଆକ୍ରମଣ ପରେ ଜାହାଜଟି ଓଲଟି ଯାଇ ସମୁଦ୍ରରେ ବୁଡ଼ି ଯାଇଛି । ଜାହାଜରେ ଥିବା ୧୩ ଜଣ ଭାରତୀୟ ଏବଂ ଜଣେ ୟେମେନୀ ନାଗରିକଙ୍କୁ ମିଶାଇ ସମସ୍ତ ୧୪ ଜଣ ନାବିକ ଉଦ୍ଧାର ହୋଇଛନ୍ତି। ସୁରକ୍ଷିତ ଉଦ୍ଧାର ପରେ ମୋଖା ବନ୍ଦରକୁ ନେଇଛି ୟେମେନ କୋଷ୍ଟ ଗାର୍ଡ । ଘଟଣାରେ କୌଣସି ପ୍ରାଣହାନି ହୋଇନାହିଁ । କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଆକ୍ରମଣକୁ କଡ଼ା ନିନ୍ଦା କରି ଭାରତୀୟ ନାବିକଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ବୋଲି କହିଛନ୍ତି । ସମସ୍ତ ସହାୟତା ପାଇଁ ସମୁଦ୍ର ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ବୈଦେଶିକ ମନ୍ତ୍ରଣାଳୟ ମଧ୍ୟ ଘଟଣାକୁ ନିନ୍ଦା କରି କହିଛି, ରିୟାଦ ସ୍ଥିତ ଭାରତୀୟ ଦୂତାବାସ ୟେମେନ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ସମନ୍ୱୟ ରଖି ପରିସ୍ଥିତି ଉପରେ ନଜର ରଖିଛି ।

# ଦୁବାଇରେ ୨୦ ମିନିଟ୍ ମଧ୍ୟରେ ୭ ବିସ୍ଫୋରଣ

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ର ଜେବେଲ୍ ଅଲିରେ ବୁଧବାର ରାତିରେ ୨୦ ମିନିଟ୍ ମଧ୍ୟରେ ଜେବେଲ୍ ଅଲି ଶିଳ୍ପାଞ୍ଚଳରେ ସାତଥର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣ ପରେ, ଆକାଶରେ କଳା ଧୂଆଁ ଘୋଟି ଯାଇଥିଲା। ଏମିରାତ ଅଧିକାରୀ ଏବଂ ଇରାନୀ ସମାଚାର ଏଜେନ୍ସି ମେହରଙ୍କ ଅନୁଯାୟୀ, ବିସ୍ଫୋରଣ ଶକ୍ତିଶାଳୀ ଥିଲା। ଜେବେଲ୍ ଅଲି ନିକଟସ୍ଥ ଅଲ୍ ଫୁରଜାନ୍ ଅଞ୍ଚଳର ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ସେମାନେ ରାତିରେ ଏକ ସିରିଜ୍ ବିସ୍ଫୋରଣ ଶବ୍ଦ ଶୁଣିଥିଲେ। ଆଶ୍ୱସ୍ତିର କଥା ହେଉଛି, ପ୍ରାଥମିକ ସୂଚନା ଅନୁଯାୟୀ, ଏହି ଘଟଣାରେ କାହାର ମୃତ୍ୟୁ କିମ୍ବା ଆହତ ହେବାର କୌଣସି ରିପୋର୍ଟ ମିଳିନାହିଁ।ଦୁବାଇ ପୁଲିସ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ଘଟଣା ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରିପୋର୍ଟ ଅନୁଯାୟୀ, ବିସ୍ଫୋରଣର ଭିଡିଓ ତିଆରି କରି ସୋସିଆଲ ମିଡିଆରେ ସେୟାର କରିଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ପ୍ରମାଣିତ ହୋଇନଥିବା ସୂଚନା ସେୟାର ନକରିବାକୁ ଏବଂ କେବଳ ସରକାରୀ ବିବୃତି ଉପରେ ନିର୍ଭର କରିବାକୁ ନିବେଦନ କରିଛନ୍ତି।ବିସ୍ଫୋରଣର ପ୍ରକୃତ କାରଣ ଜଣାପଡ଼ିନାହିଁ। ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ଯୋଗୁଁ ୟେମେନ ୟୁଏଇ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିବା ଇରାକୀ ଗଣମାଧ୍ୟମ ଦାବି କରିଥିବା ବେଳେ, ଏମିରାତ ଅଧିକାରୀମାନେ ଏହାକୁ ନିଶ୍ଚିତ କରିନାହାନ୍ତି।





# ମାଗଣା ସାଇକେଲ ଯୋଜନାରେ ଟଙ୍କା ନିଅଣ୍ଟ

- ଅଭିଭାବକଙ୍କ ପାଇଁ ବଡ଼ ବୋଝ
- ସରକାର ଦେଉଛନ୍ତି ୩୫ଶହ, ବଜାରରେ ୫ହଜାର
- ଅସ୍ତରଙ୍ଗରେ ବର୍ଷକୁ ୮ଶହ ପିଲା ପ୍ରଭାବିତ

**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ବିଦ୍ୟାଳୟରୁ ଅଧାରେ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ କରିବା ନିମନ୍ତେ ରାଜ୍ୟ ସରକାର ୨୦୧୧-୧୨ ଆର୍ଥିକ ବର୍ଷରୁ 'ମାଗଣା ସାଇକେଲ ବଣ୍ଟନ ଯୋଜନା' ଆରମ୍ଭ କରିଥିଲେ। ଏହି ଯୋଜନାରେ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବ୍ଲକଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ପରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏଥିରେ ସାମିଲ କରାଗଲା। କିନ୍ତୁ ବର୍ତ୍ତମାନ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସହାୟତା ରାଶି ଓ ବଜାର ଦର ମଧ୍ୟରେ ବ୍ୟାପକ ଫରକ ଯୋଗୁଁ ଅଭିଭାବକମାନେ ହନ୍ତସନ୍ତ ହେଉଛନ୍ତି। ସରକାର ପ୍ରତି ଛାତ୍ରଛାତ୍ରୀଙ୍କୁ ସାଇକେଲ କିଣିବା ପାଇଁ ୩୫ଶହ ଟଙ୍କା ପ୍ରଦାନ କରୁଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ଏକ ଭଲ ଗୁଣବତ୍ତାର ସାଇକେଲର ଦର ସର୍ବନିମ୍ନ ୪୫ଶହ ରୁ ୫ହଜାର ଟଙ୍କା। ଫଳରେ ଗରିବ ପରିବାରର ଅଭିଭାବକମାନଙ୍କୁ ନିଜ ପକେଟରୁ ଅତିରିକ୍ତ ୧୦ ଶହରୁ ୧୫ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏହା ତାଙ୍କ ପାଇଁ ବଡ ବୋଝ ପାଲଟିଛି। ଯୋଜନା ଆରମ୍ଭ ସମୟରେ ପ୍ରତି ଛାତ୍ରଛାତ୍ରୀଙ୍କୁ ୨୬ଶହ ଟଙ୍କା ଲେଖାଏଁ ଦିଆଯାଉଥିଲା। ଏତେ କମ୍ ଟଙ୍କାରେ ସାଇକେଲ ମିଳୁନଥିବା ନେଇ ବାରମ୍ବାର ଅଭିଯୋଗ ପରେ ସରକାର ୨୦୨୩-୨୪ ରେ ୯ଶହ ଟଙ୍କା ବୃଦ୍ଧି କରି ରାଶିକୁ ୩୫ଶହ ଟଙ୍କା କରିଥିଲେ। କିନ୍ତୁ ସେହି ସମୟ ମଧ୍ୟରେ ବଜାରରେ ସାଇକେଲର ଦର ମଧ୍ୟ ଆକାଶଛୁଆଁ ହୋଇସାରିଛି। ଫଳରେ ରାଶି ବୃଦ୍ଧି ହୋଇଥିଲେ ମଧ୍ୟ ଅଭିଭାବକଙ୍କ ସମସ୍ୟା ସମାଧାନ ହୋଇପାରିନାହିଁ। ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକରେ ପ୍ରତିବର୍ଷ ପ୍ରାୟ ୮ଶହରୁ ୯ଶହ ଛାତ୍ରଛାତ୍ରୀ ଏହି ଯୋଜନାରେ ସହାୟତା ପାଉଛନ୍ତି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା



ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ପ୍ରାୟ ୮ ଶହ ଛାତ୍ରଛାତ୍ରୀଙ୍କୁ ସାଇକେଲ ମିଳିବାର ବ୍ୟବସ୍ଥା ରହିଛି। କିନ୍ତୁ ପ୍ରୋତ୍ସାହନ ରାଶି ଅପେକ୍ଷା ବଜାର ଦର ଅଧିକ ରହୁଥିବାରୁ ଗରିବ ଶ୍ରେଣୀର ପରିବାର ପାଇଁ ନୂଆ ସାଇକେଲ କିଣିବା ଏକ ପ୍ରକାର ଅସମ୍ଭବ ହୋଇପଡିଛି। ଅନେକ ଅଭିଭାବକ ଅଭିଯୋଗ କରୁଛନ୍ତି ଯେ ସରକାର ଯେଉଁ ଉଦ୍ଦେଶ୍ୟରେ ଏହି ଯୋଜନା ଆରମ୍ଭ କରିଥିଲେ ସେହି ଉଦ୍ଦେଶ୍ୟ ପୂରଣ ହେଉନାହିଁ। ପିଲାମାନେ ଯେତିକି ଉପକୃତ ହେଉଛନ୍ତି, ତାଠାରୁ ଅଧିକ ଚାପ ଅଭିଭାବକଙ୍କ ଉପରେ ପଡୁଛି। ଏ ନେଇ ଶିକ୍ଷକ ମହଲରୁ ସୂଚନା ମିଳିଛି ଯେ ପ୍ରୋତ୍ସାହନ ରାଶି ବୃଦ୍ଧି କରିବା ପାଇଁ ବିଭାଗକୁ ପ୍ରସ୍ତାବ ପଠାଯାଇସାରିଛି। କିନ୍ତୁ ଏ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶ ଆସିନାହିଁ। ଶିକ୍ଷାବିତମାନେ ଦାବୀ କରିଛନ୍ତି ଯେ ବର୍ତ୍ତମାନର ବଜାର ଦରକୁ ଦୃଷ୍ଟିରେ ରଖି ସହାୟତା ରାଶିକୁ ଅତିକମରେ ୫ ହଜାର ଟଙ୍କାକୁ ବୃଦ୍ଧି କରାଯାଉ। ନଚେତ ମାଗଣା ସାଇକେଲ ଯୋଜନା ନାମକୁ ମାଗଣା ରହିଯିବ କିନ୍ତୁ ତାର ଲାଭ ଗରିବ ପିଲାମାନେ ପାଇପାରିବେ ନାହିଁ। ସରକାର ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଏହି ଯୋଜନା ଆଣିଥିଲେ ମଧ୍ୟ ରାଶି ଓ ବଜାର ଦରର ବ୍ୟବଧାନ ଯୋଗୁଁ ତାହା ଅଧାରୁ ଅଟକି ଯାଉଛି। ତେଣୁ ତୁରନ୍ତ ରାଶି ବୃଦ୍ଧି କରି ପ୍ରକୃତ ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ଲାଭ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଗାଁ ଗାଁରେ କଲବଲ କରୁଛି ମଶା

- କାଗଜରେ ସୀମିତ ସରକାରୀ ସଚେତନତା
- ପଡୁନି ମଶାତେଲ କି ବ୍ଲିଚିଂ ପାଉଡର
- ଘରେ ଘରେ ଥଣ୍ଡା, ଜ୍ୱର, କାଶ
- ଡେଙ୍ଗୁଜ୍ୱର ଆଶଙ୍କା

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ବନ୍ୟା ଛାଡିବା ପରେ ବି ବର୍ଷା ଲାଗି ରହିଛି। ଆଉ ଏହାର ଫାଇଦା ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଟି ପଂଚାୟତରେ ମଶା ରାଜ୍ କରୁଛି। ଘରେ ଘରେ ଜ୍ୱର, ଥଣ୍ଡା, କାଶ ଆରମ୍ଭ ହୋଇସାରିଲାଣି। ଡେଙ୍ଗୁର ଛାୟା ଘାରୁଛି। କିନ୍ତୁ ପ୍ରଶାସନ ତନ୍ଦ୍ରାରେ। ବର୍ଷା ଆଗରୁ ବୈଠକ ହେଲା, ଫାଇଲ ସରିଲା, ସଚେତନତା ରାଲି ବି ବାହାରିଲା। କିନ୍ତୁ ତାହା କାଗଜ ଓ ଫଟୋ ପର୍ଯ୍ୟନ୍ତ ସୀମିତ ରହିଲା। ବାସ୍ତବରେ କିଛି ବି ହେଲାନି। ବର୍ଷା ଋତୁ ଆରମ୍ଭରୁ ଡ୍ରେନ ସଫା ହୋଇନି। ଫଳରେ ଗାଁ ଗାଁରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ରାସ୍ତା ଉପରେ ଦିନର ପର ଦିନ ପାଣି ଜମି ରହୁଛି। କୁଢ଼ କୁଢ଼ ଅଳିଆ ପଚି ପୂତିଗନ୍ଧ ବାହାରୁଛି। ଅଧା ଭଙ୍ଗା ପାତ୍ର, ଖଣ୍ଡିଆ ଟାୟାର, ପ୍ଲାଷ୍ଟିକ ଡବାରେ ସ୍ଥିର ପାଣି ଜମି ମାଇ ଏଡିସ ମଶାର ବଂଶ ବୃଦ୍ଧି କରାଉଛି। ମଶା ତେଲ ନାଳ ନର୍ଦ୍ଦମାରେ ପଡୁନି। ଫଗିଂ ମେସିନ ବି କାମ କରୁନି। ସ୍ୱାସ୍ଥ୍ୟ ବିଭାଗରୁ ଆସୁଥିବା ବ୍ଲିଚି ପାଉଡର ଓ ଗାମାସିନ ମଧ୍ୟ ଦୁର୍ନୀତିର ଶିକାର ହେଉଛି। ସ୍ଥାନୀୟ ଅଭିଯୋଗ - କିଛି ଦୁର୍ନୀତିଖୋର କର୍ମଚାରୀ ସେସବୁ ବାଟମାରଣା କରୁଛନ୍ତି। ଖବର ଛପିବା ଡରରେ କେବଳ ଅଙ୍ଗନବାଡି କର୍ମୀଙ୍କୁ ଡାକି ଗୋଟିଏ ଦୁଇଟି ଜାଗାରେ ଫଟୋ ଉଠାଇ ବ୍ଲିଚି ପକାଇ କାମ ସାରି ଦିଆଯାଉଛି।ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭୂମିକା ପ୍ରଶ୍ନ ବାଚୀ। ସଚେତନତା ନାଁରେ କେବଳ ମାଇକରେ ଘୋଷଣା।



ମଶା ତେଲ, ବ୍ଲିଚି, ଫଗିଂ - କିଛିର ବ୍ୟବସ୍ଥା ନାହିଁ। ବ୍ଲକ ପ୍ରଶାସନ କହୁଛି 'ଆମେ କରୁଛୁ', କିନ୍ତୁ ବାସ୍ତବତା ରେ ତାର ପ୍ରମାଣ ଶୂନ୍। ବୁଦ୍ଧିଜୀବୀଙ୍କ କହିବା - 'ଏମିତି ଚାଲିଲେ ଡେଙ୍ଗୁକୁ ଅଟକାଇ ହେବନି। ବରଂ ମହାମାରୀ ଆକାର ନେବ।' ସ୍ୱଚ୍ଛତା ହିଁ ଡେଙ୍ଗୁ ନିରାକରଣର ପ୍ରଥମ ଔଷଧ। କିନ୍ତୁ ସେହି ସ୍ୱଚ୍ଛତା କାର୍ଯ୍ୟକୁ ପ୍ରଶାସନ ଅଣଦେଖା କରୁଛି। ଲୋକମାନେ ଦାବି କରିଛନ୍ତିଯେ ତୁରନ୍ତ ସମସ୍ତ ଗାଁରେ ଡ୍ରେନ ସଫା, ମଶା ତେଲ ଛିଞ୍ଚା ଓ ଫଗିଂ କରାଯାଉ। ବ୍ଲିଚି ଓ ଗାମାସିନ ବିତରଣରେ ହେଉଥିବା ଦୁର୍ନୀତିର ତଦନ୍ତ ହେଉ। ଦୋଷୀ କର୍ମଚାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।ନଚେତ ଆଗାମୀ ଦିନରେ ଡେଙ୍ଗୁ ରୋଗୀ ସୃଷ୍ଟି ହେବାର ଆଶଙ୍କା ଦେଖା ଦେଉଛି। ପଂଚାୟତ ନିର୍ବାଚନ ଆଗରେ ଭୋଟ୍ ମାଗିବାକୁ ଆସିବା ପୂର୍ବରୁ ନେତା ଓ ପ୍ରଶାସନ ଏବେ ଲୋକଙ୍କ ଜୀବନ ବଞ୍ଚାନ୍ତୁ। ନଚେତ ମଶା କାମୁଡାରେ ଜୀବନ ଯିବ, ଆଉ ଦାୟିତ୍ୱ ନେବ କିଏ ?

## ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଜୟନ୍ତୀରେ ପ୍ରଦୀପ ପ୍ରଜ୍ୱଳନ



**ପୁରୀ (ବ୍ୟୁରୋ):**ଅଟଳ ବିଚାର ମଞ୍ଚ ଓଡିଶା ପୁରୀ ଆନୁକୂଲ୍ୟରେ ଉତ୍କଳ ରତ୍ନ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୩ତମ ଜନ୍ମ ଜୟନ୍ତୀ ଅବସରରେ ଆଶିଷ ଭିକ୍ଷା କରାଯାଇଛି। ସିଂହଦ୍ୱାର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଶିଷ ଭିକ୍ଷା କରାଯାଇଥିଲା। ଆବାହକ ତଥା ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ଅମର ଆନନ୍ଦ ପଟ୍ଟନାୟକ, ରାଜକିଶୋର ମହାନ୍ତି, ଲକ୍ଷ୍ମୀ ପ୍ରିୟା ସାହୁ, ବାଲୁକୀ ମାଝୀ ଅରବିନ୍ଦ ପଟ୍ଟନାୟକ, ପ୍ରଶାନ୍ତ ଭୂୟାଁ, ବିଷ୍ଣୁ ଦାସ, ପ୍ରତିଭା ତ୍ରିପାଠୀ, ଦୀପକ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦାନ କରିଥିଲେ ଏହି ଅବସରରେ ଅପରାହ୍ନ ସମୟରେ ଶ୍ରୀମନ୍ଦିରରେ ଧ୍ୱଜା ବନ୍ଧା ହେବାସହ ବ୍ରାହ୍ମଣ ମାନଙ୍କୁ ମହାପ୍ରସାଦ ସେବାରେ ଆପ୍ୟାୟିତ କରାଯାଇଥିଲା।

## ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ

**ପୁରୀ (ବ୍ୟୁରୋ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ, ପୁରୀ ପରିସରରେ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ୨୦୨୬-୨୭ର ଉଦ୍ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ରୂପେ ଭଗବତୀ ମହାବିଦ୍ୟାଳୟ କୋଣାର୍କର ପୂର୍ବତନ ଅଧ୍ୟକ୍ଷ ଅବତାର ମିଶ୍ରଙ୍କ କରକମଳରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରାଯାଇଥିଲା। ବିଦ୍ୟାଳୟର ନୂତନ ପରିଚାଳନା ସମିତିର ସଭାପତି ମାନନୀୟ ଶ୍ରୀଯୁକ୍ତ ରତ୍ନାକର ସାହୁ ମହୋଦୟ, ଉପସଭାପତି ମାନନୀୟ ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ସାହୁ ମହୋଦୟ, ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ସରୋଜ କୁମାର ସେଠୀ ମହୋଦୟ, ସହ ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ବେଉରା ମହୋଦୟ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ପ୍ରଧାନ ମହୋଦୟ, ସଭ୍ୟା ନିବେଦିତା ମହାନ୍ତି ମହୋଦୟା, ଅନ୍ୟତମ ସଦସ୍ୟା ମଧୁସ୍ମିତା ବୈଠାରୁ ମହୋଦୟା, ପୂର୍ବ ପରିଚାଳନା ସମିତିର ଯୁଗ୍ମ ସମ୍ପାଦିକା ଦୀପ୍ତି ମିଶ୍ର ମହୋଦୟା, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ମିଶ୍ର ମହୋଦୟ ପ୍ରମୁଖ ମଂଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିଶୁ ଭାଇ/ ଭଉଣୀମାନେ ବନ୍ଦନା ଓ ପ୍ରାର୍ଥନା ଏବଂ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ସହ- ପ୍ରଧାନ ବିଷ୍ଣୁ ପ୍ରସାଦ ପାଣି ମହୋଦୟ ଅତିଥିମାନଙ୍କ ପରିଚୟ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଆଚାର୍ଯ୍ୟ ମହେଶ୍ୱର ଜେନା ପ୍ରତିଭାଗୀ ଶିଶୁ ଭାଇ । ଭଉଣୀ ମାନଙ୍କୁ ପୁରସ୍କାର ଦେବା କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ।



ସେହିପରି ଉଦ୍‌ଯାପନ ଉତ୍ସବରେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳର ପୂର୍ବତନ ଅଧ୍ୟକ୍ଷ ମାନନୀୟ ସତ୍ୟଶିବ ସୁନ୍ଦର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ମାନନୀୟ ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ପାଣି ମହୋଦୟ ଅତିଥିମାନଙ୍କର ପରିଚୟ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ତପସ୍ୱିନୀ ପଟ୍ଟନାୟକ ମହୋଦୟା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବ କନିଷ୍ଠବର୍ଗ, କନିଷ୍ଠ ବର୍ଗ, ଶିଶୁ ବର୍ଗ, ବାଲ ବର୍ଗ, କିଶୋର ବର୍ଗ ଏହିପରି ବିଭିନ୍ନ ବର୍ଗରେ ପ୍ରାୟ ୨୦୦ ଶିଶୁ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଥିଲେ।

## ବିଦ୍ୟୁତ୍ କର୍ମଚାରୀ ମିଳିତମଞ୍ଚ ପକ୍ଷରୁ ଟିପିସିଓଡିଏଲ୍ ଓ ଶ୍ରମ କାର୍ଯ୍ୟାଳୟ ଘେରାଉ

**ପୁରୀ (ବ୍ୟୁରୋ):** ଟିପିସିଓଡିଏଲ୍ ପୁରୀ ବିଦ୍ୟୁତ ବିଭାଗ ରେ ବିଭିନ୍ନ ଏଜେନ୍ସି ଜରିଆରେ ପାଞ୍ଚ ଶହରୁ ଅଧିକ କର୍ମଚାରୀ ଦୀର୍ଘ ୧୫ ବର୍ଷରୁ ଅଧିକ ଦିନ ଧରି କାର୍ଯ୍ୟ କରିଆସୁଥିବା ବେଳେ ପ୍ରତ୍ୟେକ ବର୍ଷ ଏଜେନ୍ସି ବଦଳେଇବା ସହ କିଛି କିଛି କର୍ମଚାରୀ ମାନଙ୍କୁ ଛଟେଇ କରାଯାଉଛି। ମିଟର ରିଡିଙ୍ଗ ଓ ବିଲ ଆଦାୟ କାର୍ଯ୍ୟ ନେଇଥିବା ଏଜେନ୍ସି ର ଅବଧି ଜୁଲାଇ ମାସ ୩୧ ତାରିଖ ରେ ସରିବା ପରେ ନୂଆ ଟେଣ୍ଡର କରାଯାଇଛି। ଏହି ଟେଣ୍ଡର ଅନୁସାରେ କିଛି କର୍ମଚାରୀ ଛଟେଇ ହେବା ସହ ଶ୍ରମ ଆଇନ ଅନୁସାରେ ଦରମା ମିଳିବା ବଦଳ ରେ ପିସ ରେଟ ହିସାବ ରେ କାର୍ଯ୍ୟ କରିବା ପାଇଁ ଟିପିସିଓଡିଏଲ୍ ତରଫରୁ ନିଷ୍ପତ୍ତି କରାଯାଇଛି ଯାହାକି ବେଆଇନ ଅଟେ। ଏହିଭଳି ଭାବେ ପୂର୍ବରୁ ୧୫



ଜଣ ଛଟେଇ ହୋଇଥିବା ବେଳେ ଗଲା ନଭେମ୍ବର ୨୦୨୫ ରେ ୯ ଜଣ ଛଟେଇ ହୋଇଛନ୍ତି। ଏହି ବିଷୟ ମଣ୍ଡଳ ଶ୍ରମ ଅଧିକାରୀ ପୁରୀ ନିକଟରେ ବିଚାରଧୀନ ରହିଥିବା ବେଳେ ଓଡିଶା ଉଚ୍ଚ ନ୍ୟାୟାଳୟରେ ମଧ୍ୟ ବିଚାରଧୀନ ରହିଛି। କିନ୍ତୁ ଟାଟା ପାୱାର ଅଧିକାରୀମାନେ ସମସ୍ତ ନ୍ୟାୟିକ ବ୍ୟବସ୍ଥାକୁ ବେଖାତିର କରି ନିଜ ମନମୁଖୀ କାର୍ଯ୍ୟ କରିଚାଲିଛି। ଏହି ବିଷୟ ନେଇ ପୁରୀ ବିଦ୍ୟୁତ କର୍ମଚାରୀ ମିଳିତ ମଞ୍ଚ ତରଫରୁ ଶ୍ରମ ବିଭାଗ ଓ ଟିପିସିଓଡିଏଲ୍ ପୁରୀ ଅଧିକାରୀଙ୍କୁ ୩୧,୦୭,୨୦୨୬ ରୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପ୍ରକାର ସମାଧାନ ନହେବାରୁ ଆଜି ମିଳିତ ମଞ୍ଚ ତରଫରୁ ସାଧାରଣ ସମ୍ପାଦକ ନୃସିହ ଚରଣ ଦାସ, ମନୋଜ କୁମାର ରାଉତରାୟ, ବିମଳ ନାୟକଙ୍କ ନେତୃତ୍ୱରେ ଶତାଧିକ ମିଟର ରିଡର ଓ ବିଲ କଲେକ୍ଟର ମାନେ ଟିପିସିଓଡିଏଲ୍ ଅଫିସ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟକୁ କିଛି ସମୟ ପାଇଁ ଘେରାଉ କାର୍ଯ୍ୟକ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୂର୍ଯ୍ୟନାରାୟଣ ଦାଶ, ଲୋକନାଥ ଗଡ଼ନାୟକ, ଶରତଚନ୍ଦ୍ର ଦାଶ ,ପୁରୁଷୋତମ ମିଶ୍ର, ଶାନ୍ତନୁ ମିଶ୍ର, ଗୋପାଳ ସ୍ୱାଇଁ, ନିରଞ୍ଜନ ବେହେରା ମଧୁସୂଦନ ଆଚାରୀ, ବଦ୍ରି ମହାନ୍ତି ଶେଷଦେବ ରାୟ ପ୍ରମୁଖ ପରିଚାଳନା କରିବା ସହ ତୁରନ୍ତ ଏହାର ସମାଧାନ କରାନଗଲେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ସମାଧାନ ହେଲା ପର୍ଯ୍ୟନ୍ତ ଅହୋରାତ୍ର ଧାରଣା ଦିଆଯିବ ଏଥିପାଇଁ ଯାହା ଅସୁବିଧା ସୃଷ୍ଟି ହେବ। ଟିପିସିଓଡିଏଲ୍ ଅଧିକାରୀ ଓ ଶ୍ରମ ବିଭାଗ ଦାୟୀ ରହିବେ।

## କୋଲକାତାର ୧୦୦ ଟଙ୍କିଆ ପୋଷାକ, ସରକାରୀ ଖାତାରେ ୫୦୦ !

- ସ୍କୁଲ ୟୁନିଫର୍ମ ବଣ୍ଟନରେ ବଡ଼ ଦୁର୍ନୀତି
- ଶସ୍ତା ଡ୍ରେସ୍ ବଣ୍ଟନ
- ଏସ୍ଏଚ୍ଜି ନାଁରେ ଦୋକାନୀଙ୍କ ରାଜ୍
- ଅଧିକାରୀଙ୍କ ସହଯୋଗ ଅଭିଯୋଗ





**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ପିଲାଙ୍କ ପାଇଁ ସରକାର ଦେଉଥିବା ମାଗଣା ୟୁନିଫର୍ମ ଏବେ ଦୁର୍ନୀତିର ଆଡ୍ଡା ପାଲଟିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ୨୦୨୫-୨୬ ଓ ୨୦୨୬-୨୭ ଶିକ୍ଷାବର୍ଷରେ ସ୍କୁଲ ଓ ଅଙ୍ଗନବାଡି ପୋଷାକ ବଣ୍ଟନରେ ବ୍ୟାପକ ଅନିୟମିତାର ଅଭିଯୋଗ ସାମ୍ନାକୁ ଆସିଛି। ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ, ଅଙ୍ଗନବାଡିରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ପିଲାଙ୍କୁ ବାର୍ଷିକ ୨ ହଳ ପୋଷାକ ମିଳିବା କଥା। ଏଥିପାଇଁ ପ୍ରି-ସ୍କୁଲ ଛାତ୍ରଙ୍କୁ ୩୫୦ଟଙ୍କା,ଛାତ୍ରୀଙ୍କୁ ୪୫୦, ପ୍ରଥମରୁ ଅଷ୍ଟମକୁ ୫୦୦ ଏବଂ ନବମ-ଦଶମକୁ ୫୫୦ ଟଙ୍କା ପ୍ରଦାନ କରାଯାଉଛି। ଏହି ପୋଷାକ ଉତ୍କୃଷ୍ଟ ମାନର ହେବ ଏବଂ ଏମଏସଏମଇ ଓ ଯୋଗ୍ୟତା ପ୍ରାପ୍ତ ଏସଏଚଜି ନିଜେ ତିଆରି କରି ଯୋଗାଇବେ ବୋଲି ନିର୍ଦ୍ଦେଶ ରହିଛି। କିନ୍ତୁ ଅଭିଯୋଗ ଅନୁଯାୟୀ, କିଛି ନିର୍ଦ୍ଦିଷ୍ଟ ଦୋକାନୀ କୋଲକାତାରୁ ଶସ୍ତା ଓ ନିମ୍ନ ମାନର ପୋଷାକ ଆଣୁଛନ୍ତି। ସେମାନେ ପ୍ରି-ସ୍କୁଲ ପୋଷାକ ୨ ହଳକୁ ଛାତ୍ର ପିଛା ୧୦୦ ଟଙ୍କା ଓ ଛାତ୍ରୀ ପିଛା ୧୩୦ ଟଙ୍କାରେ ଏବଂ ପ୍ରଥମରୁ ଅଷ୍ଟମକୁ ୨୫୦ ଓ ନବମ-ଦଶମକୁ ୩୫୦ ଟଙ୍କାରେ ଯୋଗାଉଛନ୍ତି। ଯାହା ପିନ୍ଧିବା ଯୋଗ୍ୟ ନୁହେଁ ବୋଲି ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ କିଛି ରାଜନେତା ଓ କୁଜି ନେତାଙ୍କ ସହଯୋଗରେ କିଛି ଲୁଗା ଦୋକାନୀ ଏମଏସଏମଇ କାଗଜପତ୍ର ଦେଖାଇ କମିଟିରୁ କାର୍ଯ୍ୟାଦେଶ ହାତେଇ ନେଉଛନ୍ତି। ସେହିପରି କିଛି ଡ୍ରେସ୍ ଦୋକାନୀ ଏସଏଚଜି ନାଁରେ ଟେଣ୍ଡର ହାତେଇ ପୋଷାକ ଯୋଗାଣ କରୁଛନ୍ତି। ଅର୍ଥାତ କାଗଜରେ ଏସଏଚଜି, ବାସ୍ତବରେ ଦୋକାନୀ। ଏଥିରେ କମିଟିରେ ଥିବା ଜଣେ ଅଧିକାରୀ ମଧ୍ୟସ୍ଥି ସାଜୁଥିବା ଅଭିଯୋଗ ହୋଇଛି। ଏସଏଚଜିମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର ଏହି ଦାୟିତ୍ୱ ଦେଇଥିଲେ, କିନ୍ତୁ ସେମାନେ ନିଜେ ପୋଷାକ ତିଆରି ନକରି ବାହାରୁ ଶସ୍ତା ପୋଷାକ କିଣି ଆଣି ବିଦ୍ୟାଳୟକୁ ଦେଉଛନ୍ତି। ଗୁଣବତ୍ତା ଖରାପ ଥିବାରୁ ଅନେକ ଅଭିଭାବକ ବାଧ୍ୟ ହୋଇ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ନୂଆ ୟୁନିଫର୍ମ କିଣୁଛନ୍ତି। ସରକାର ଯେଉଁ ଉଦ୍ଦେଶ୍ୟରେ ମାଗଣା ପୋଷାକ ଦେଉଛନ୍ତି ସେଇଟା ଏବେ ଅଭିଭାବକଙ୍କ ଉପରେ ଅତିରିକ୍ତ ବୋଝ ପାଲଟିଛି। ଏହି ଘୋଟାଲାର ସମ୍ପୂର୍ଣ୍ଣ ରହସ୍ୟ ଉନ୍ମୋଚନ ପାଇଁ ସ୍ଥାନୀୟ ଅଭିଭାବକମାନେ ରାଜ୍ୟ କିମ୍ବା ଜିଲ୍ଲାସ୍ତରରୁ ସ୍ୱତନ୍ତ୍ର ତଦନ୍ତ ଟିମ୍ ଗଠନ କରିବାକୁ ଦାବୀ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ତଦନ୍ତ ହେଲେ ପୋଷାକ ଅର୍ଥ କିପରି ବାଟମାରଣା ହେଉଛି ଏବଂ କେତେ କୁଜି ନେତା କେତେ ଟଙ୍କା ନେଉଛନ୍ତି ସ୍ପଷ୍ଟ ହୋଇଯିବ। ପୋଷାକ ଯୋଗାଣରୁ ନିଜ ପକେଟ ମୁଣି ଭରୁଥିବା ଅଧିକାରୀଙ୍କ ସହିତ କିଛି ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ଏଥିରେ ସାମିଲ ଥିବା ଅଭିଯୋଗ ହୋଇଛି। ତେଣୁ ସମ୍ପୂର୍ଣ୍ଣ କମିଟିର ଯାଞ୍ଚ ହେଉ ଏବଂ ନିୟମ ଅନୁଯାୟୀ ପୋଷାକ ବଣ୍ଟନ ହେଉ ବୋଲି ସେମାନେ ଦାବୀ କରିଛନ୍ତି। ପିଲାଙ୍କ ଶିକ୍ଷା ପାଇଁ ଆସୁଥିବା ଟଙ୍କାକୁ ଯେଉଁମାନେ ଭାଗବଣ୍ଟା କରୁଛନ୍ତି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ। ନଚେତ 'ମାଗଣା ୟୁନିଫର୍ମ' କେବଳ କାଗଜରେ ରହିଯିବ।

## ପୁଣି ଶ୍ରୀମନ୍ଦିର ଭିତର ଭିଡିଓ ଭାଇରାଲ

**ପୁରୀ (ବ୍ୟୁରୋ):** ଶ୍ରୀମନ୍ଦିର ଭିତର ବେଢ଼ାରୁ ନୀଳଚକ୍ର ପତିତପାବନ ବାନା ପରିବର୍ତ୍ତନ ସମୟର ଭିଡିଓ କରି ସୋସିଆଲ ମିଡିଆ ଇନଷ୍ଟାଗ୍ରାମରେ ଭାଇରାଲ କରାଯାଇଛି। କୁର୍ତ୍ତିକାପକ୍ରେପ ୨୦୧୭ ନାମକ ଆଇଡିରୁ ଭିଡିଓ ଭାଇରାଲ କରାଯାଇଛି। ଏନେଇ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ କହିଛନ୍ତି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନେବୁ। ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ କହିଛନ୍ତି ଯେ, ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବାର ଖବର ଆମ ପାଖରେ ନାହିଁ। ତେବେ ଆପଣଙ୍କ ଠାରୁ ଏହି ଖବର ପାଇବା ପରେ ଏନେଇ ଆମେ ତଦନ୍ତ କରିବୁ। ଯାହା ଆଇନଗତ ଦିଗ ରହିଛି ସେ ନେଇ କାର୍ଯ୍ୟାନୁଷ୍ଠାନ ହେବ। ଶ୍ରୀମନ୍ଦିର ସୁରକ୍ଷା କଡ଼ାକଡ଼ି ରହିଛି। ତେବେ ଭକ୍ତଙ୍କୁ ଆମେ ଅନୁରୋଧ କରୁଛୁ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଯାହା ଗାଇଡ ଲାଇନ ଅଛି ତାହା ପାଳନ କରନ୍ତୁ। ନହେଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଶ୍ରୀମନ୍ଦିର ଭିତରକୁ ମୋବାଇଲ କିଭଳି ଗଲା ଏବଂ ଭିଡିଓ କିଭଳି ଉତ୍ତୋଳନ ହେଲା ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

## କଣ୍ଟିକାଜ ପରିଦର୍ଶନ ସହ ଜଳବନ୍ଦୀ ପରିବାରଙ୍କୁ ଭେଟିଲେ ରାଜସ୍ୱ ମନ୍ତ୍ରୀ

**ପିପିଲି(ଅମୃତ ମିଡିଆ):** ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷା ପରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ। ବୁଧବାର ପୂର୍ବାହ୍ନରେ ପିପିଲି ବ୍ଲକର କଣ୍ଟି ପଞ୍ଚାୟତ ଗସ୍ତ କରିବା ସହ ଦୟା ନଦୀର ବନ୍ୟା ଜଳ ନିଷ୍କାସନ ପ୍ରକ୍ରିୟା ଏବଂ ବନ୍ୟାପ୍ରଭାବିତ ଅଞ୍ଚଳର ସ୍ଥିତି ସେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିଥିଲେ। ମନ୍ତ୍ରୀ ପ୍ରଥମେ ଦୟା ନଦୀର କଣ୍ଟି କାଜ ପରିଦର୍ଶନ କରି ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ। ଏହି ଅବସରରେ ଦୟା ନଦୀରେ ମିଶୁଥିବା ଗଙ୍ଗୁଆ ନାଳର ଜଳନିଷ୍କାସନ ସମସ୍ୟା ସମ୍ପର୍କରେ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ପରେ କାକୁଡ଼ିଆ ନିକଟ ଦୟା ନଦୀ ପଠାରରେ ବସବାସ କରୁଥିବା ମୁଣ୍ଡାସାହିର ଜଳବନ୍ଦୀ ଅଞ୍ଚଳକୁ ଯାଇ ୧୦ଟି ପରିବାରର ୩୦ ଜଣ ସଦସ୍ୟଙ୍କୁ ଭେଟି ସେମାନଙ୍କ ଦୁଃଖଦୁର୍ଦ୍ଦଶା



ବିଷୟରେ ପଚାରି ବୁଝିବା ସହ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ। ଦୀର୍ଘଦିନ ଧରି ଭୂମିହୀନ ଅବସ୍ଥାରେ ରହୁଥିବା ଏହି ପରିବାରଗୁଡ଼ିକ ସରକାରୀ ସହାୟତା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ମନ୍ତ୍ରୀ ପିପିଲି ତହସିଲଦାରଙ୍କୁ ଘଟଣାର ତଦନ୍ତ କରି ଯୋଗ୍ୟ ପରିବାରଗୁଡ଼ିକୁ ସରକାରୀ ଯୋଜନାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରି ଚାଷୀ ମାନଙ୍କ କ୍ଷୟକ୍ଷତି ଆକଳନ କରିବାକୁ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ମନ୍ତ୍ରୀ। ଏହି ଗସ୍ତରେ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମପ୍ରକାଶ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଶରତଚନ୍ଦ୍ର ବେହେରା, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝୀ, ପିପିଲି ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



## ରାସ୍ତାକଡ଼ରେ ବିତୁଛି ନୀଳାଚଳଙ୍କ ଜୀବନ

# ଘରଖଣ୍ଡିଏ ପାଇଁ ସରକାରଙ୍କୁ ନିବେଦନ

**ବ୍ରହ୍ମପୁର (ଅମୃତ ମିଡିଆ):** ଗରିବ ଜନ ସାଧାରଣଙ୍କ ପାଇଁ ସରକାର କେତେ କଣ ଯୋଜନା କରିଛନ୍ତି । କିନ୍ତୁ କିଛି ଯୋଜନା ଲୋକଙ୍କ ପାଖରେ ପହଞ୍ଚି ପାରୁନି । ଜନ ପ୍ରତିନିଧି ଓ ପ୍ରଶାସନର ଉଦାସନିୟତା ଯୋଗୁ ଅସୁବିଧା ଭୋଗ କରୁଛନ୍ତି ନିଷ୍ପେସିତ ପରିବାର ।ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ବ୍ଲକ ଲୁଙ୍ଗୁରି ଗ୍ରାମରେ। ଖାଇବାକୁ ଦିନକୁ ଦୁଇ ମୁଠା ମିଳିଲେ ମଧ୍ୟ ରହିବାପାଇଁ ବାସସ୍ଥାନ ଟିଏ ନାହିଁ । ଯାହା ଫଳରେ ଦିଗଭରା ପାଲଟିଛି ନୀଳାଚଳଙ୍କ ଜୀବନ । ଏହି ଘଟଣା କଉ ଆଦିବାସୀ ଅଞ୍ଚଳର ନୁହଁ କିମ୍ବା କଉ ବଣ ପାହାଡ଼ ଅଞ୍ଚଳର ନୁହଁ ,



ଏହି ଘଟଣା ହେଉଛି ଖୋଦ ଗଞ୍ଜାମ ବ୍ଲକ ମଳାଡ ପଞ୍ଚାୟତ ଅନ୍ତର୍ଗତ ଲୁଙ୍ଗୁରୀ ଗ୍ରାମର । ଦୀର୍ଘ ୨୦ ବର୍ଷରୁ ଅଧିକ ଦିନ ନୀଳାଚଳ ସାହୁ ଲିଙ୍ଗୁରି ଗ୍ରାମର ରାସ୍ତାକଡରେ ଗୋଟିଏ ନଡ଼ିଆ ବଙ୍ଗା ଓ ଜରି ପାଲ କରି ବିତାଉଛନ୍ତି ଜୀବନ। ପରିବାର କହିଲେ ସ୍ୱାମୀ ସ୍ତ୍ରୀ ଓ ଦୁଇ ଝିଅ ଏହି ରାସ୍ତା କଡ଼ରେ ସେମାନେ ତାଙ୍କର ପରିବାର ପ୍ରତିପୋଷଣ କରିବା ପାଇଁ ଦିନକୁ ଦୁଇ ଓଳା ଦୁଇ ମୁଠା ଖାଇବା ପାଇଁ ଜଳଖିଆ ଦୋକାନ କରି ନିଜ ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି । କିନ୍ତୁ ଏହି ପରିବାର ଉପରେ କାହାର ନଜର ପଡୁନାହିଁ । ଆଜିର ଦିନରେ ଖାଲି ଖାଇବାକୁ ମିଳିଗଲେ ହେବ ନାହିଁ ରହିବା ପାଇଁ ଘର ଖଣ୍ଡେ ମିଳିଲେ ଭଲ ହୋଇଥାନ୍ତା ବୋଲି ନୀଳାଚଳଙ୍କ ମନରେ ପ୍ରଶ୍ନ । ଖରା ବର୍ଷାରେ ସେଇ ପାଲ କୁଡ଼ିଆ ତାଙ୍କର ଜୀବନ। ଘରଟିଏ ପାଇଁ ସେ ବହୁ ଥର ପଞ୍ଚାୟତ କାର୍ଯ୍ୟାଳୟ ହେଉ କିମ୍ବା ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ଯାଇ ଘର ପାଇଁ ଆବେଦନ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ପୂର୍ବ ସରକାରରେ ମଧ୍ୟ ସେ ଘର ଖଣ୍ଡିଏ ପାଇଁ ଅଭିଯୋଗ କରିଥିଲେ କିନ୍ତୁ ଏଥିପ୍ରତି କେହି ଦୃଷ୍ଟି ଦେଉନଥିବା ନୀଳାଚଳ କହିଛନ୍ତି । ଶେଷରେ ଦିଗହରା ହୋଇ ଦୀର୍ଘ ବର୍ଷ ହେଲା ପରେ ବି କୌଣସି ବିଧାୟକ ଶୁଣି ନାହାଁନ୍ତି । ତାଙ୍କ ଦୁଃଖ ଶୁଣିବାକୁ ସେ ନିବେଦନ କରିଛନ୍ତି । ତେଣୁ ସେ ଗଞ୍ଜାମ ଜିଲାପାଳ ଓ ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରି କହିଛନ୍ତି, ଘର ଖଣ୍ଡେ ଦେଲେ ଅଧା ଦୁଃଖ ଚାଲିଯିବ।

## ଖଲ୍ଲିକୋଟ ରାଣୀଙ୍କ ୮୯ ତମ ଜନ୍ମ ଦିବସ

## ବେଗୁନିଆପଡ଼ାଠାରେ ମେଗା ରକ୍ତଦାନ ଶିବିର



**କୋଦଳା (ଅମୃତ ମିଡିଆ):** ଖଲ୍ଲିକୋଟ ରାଣୀ ସାହେବା ସ୍ୱର୍ଗତଃ ଭି ସୁଜ୍ଞାନ କୁମାରୀ ଦେଓଙ୍କ ୮୯ ତମ ଜନ୍ମ ଦିବସରେ ଏକ ମେଗା ରକ୍ତଦାନ ଶିବିର ବେଗୁନିଆପଡ଼ା ସ୍ଥିତ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତଃ ଭି ସୁଜ୍ଞାନଙ୍କ ବହୁ ସମର୍ଥକ ଓ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ରହି ରକ୍ତଦାନ କରିଥିବା ଦେଖିବାକୁ ମିଳିଛି। ଭି ସୁଜ୍ଞାନ ଦେଓ ସ୍ମୃତି ପରିଷଦ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସ୍ୱର୍ଗତଃ ରାଣୀ ସାହେବାଙ୍କ ଜନ୍ମ ଦିବସରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ବେଗୁନିଆପଡ଼ା ବ୍ଲକ ଅଧ୍ୟକ୍ଷା ରେଣୁ ଗୌଡ଼ ଏହି ଶିବିରକୁ ଉଦଘାଟନ କରିଥିଲେ । ଆବାହକ ତ୍ରିନାଥ ଭୂୟାଁଙ୍କ ତତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ସମାଜସେବୀ ପ୍ରମୋଦ କୁମାର ପଣ୍ଡା,ସାକେତ ରାମାରାଓ,ଅଧ୍ୟକ୍ଷ ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ବେଗୁନିଆପଡ଼ା ବିଡ଼ିଓ ସୁନୀଲ ସାମନ୍ତ, ସାହିତ୍ୟିକ ମହେଶ୍ୱର ବରାଡ଼, ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ରଥ,କବିସୂର୍ଯ୍ୟନଗର ବିଜେଡି ସଭାପତି ଭଗବାନ ସ୍ୱାଇଁ, ସୁରଥ ପ୍ରଧାନ,ନୀଳାଞ୍ଚଳ ପଲେଇ,ପୂର୍ବତନ ବିଜେଡି ବ୍ଲକ ସଭାପତି ସିମାଞ୍ଚଳ ସାମଲ, ଘୋଡାପଡା ସରପଞ୍ଚ ନୃସିଂହ ପ୍ରଧାନ, ମର୍ଦ୍ଦକୋଟ ସରପଞ୍ଚ ସନ୍ତୋଷ କୁମାର ବିଶ୍ୱାଳ, ଆସିକା ସମବାୟ ନିର୍ଦ୍ଦେଶକ ହୃଷିକେଶ ମେହେଣା,ଶିବରାମ ମାଝୀ, ବିଜୟ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏଥିରେ ମୋଟ ୮୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ବ୍ରହ୍ମପୁର ବଡ଼ ମେଡିକାଲର ରକ୍ତ ଭଣ୍ଡାରରୁ ଆସିଥିବା କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ରକ୍ତ ଅଭାବରୁ କୌଣସି ଲୋକର ଜୀବନ ଚାଲି ନ ଯାଉ। ଏହାକୁ ପାଥେୟ କରି ପ୍ରତିବର୍ଷ ରାଣୀଙ୍କ ଜନ୍ମ ଦିବସରେ ରକ୍ତଦାନ ଶିବିର ବେଗୁନିଆପଡ଼ା ଓ ଖଲ୍ଲିକୋଟ ଅଞ୍ଚଳରେ ଅନୁଷ୍ଠିତ ହେଉଛି। ରକ୍ତଦାନ ମହତ୍ ଦାନ ଅଟେ। ଏଣୁ ପ୍ରତ୍ୟେକ ବ୍ୟକ୍ତି ରକ୍ତଦାନ କରନ୍ତୁ ଏବଂ ଅନ୍ୟର ଜୀବନ ବଞ୍ଚାଇବାରେ ସହାୟକ ହୁଅନ୍ତୁ ବୋଲି କହିଛନ୍ତି ରାଣୀଙ୍କ ସମର୍ଥକ ।ଉକ୍ତ ଶିବିରରେ ସ୍ଥାନୀୟ କଲେଜ ଛାତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ୫ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ

# ୫ ଗିରଫ, ୨ ଫେରାର



**ଭଞ୍ଜନଗର (ଅମୃତ ମିଡିଆ):** ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସକୁ ନିଶା କାରବାର ବିରୋଧୀ ଅଭିଯାନରେ ବୁଧବାର ପୁଣି ଏକ ସଫଳତା ମିଳିଛି। ମଙ୍ଗଳବାର ପୋଲିସ ପାଟ୍ରୋଲିଂ ସମୟରେ ବୁଦୁଲି ରାସ୍ତାରେ ସନ୍ଦେହଜନକ ଭାବେ ଯାଉଥିବା ଏକ କାର୍ ଓ ଏକ ମୋଟରସାଇକେଲକୁ ଅଟକାଇ ଯାଞ୍ଚ କରିବାବେଳେ ସେଥିରୁ ୪୪ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ସମ୍ପୃକ୍ତ ୫ ଯୁବକଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ବ୍ରାଉନସୁଗାର ସହ ଏକ ଫୋର୍ଡ ଇକୋସ୍ପୋର୍ଟ କାର୍, ଏକ ହୋଣ୍ଡା ୟୁନିକର୍ଣ୍ଣ ମୋଟରସାଇକେଲ, ୪ଟି ମୋବାଇଲ ଓ ନଗଦ ୧୪,୬୦୦ ଟଙ୍କା ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଉଁଶଲୁଣ୍ଡିର ଅମିତ୍ କୁମାର ବେହେରା, ଚଢ଼େୟାପଲ୍ଲୀର ସରୋଜ ମହାନ୍ତି, ଲଣ୍ଡାଜୁଆଳିର ମାନସ ରଞ୍ଜନ ଜେନା, କାହ୍ନୁ ଚରଣ ଜେନା ଓ ଭଞ୍ଜନଗରର ଏ.ଆର ମହାନ୍ତି। ଘଟଣାସ୍ଥଳରୁ ପୋଲିସ କିଛି ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ତଦନ୍ତ କରି ୫ ଜଣଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ଆଉ ୨ ଜଣ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ମଧ୍ୟ ଗିରଫ ପାଇଁ ଚେଷ୍ଟା ଚାଲିଛି ବୋଲି ଥାନା ଅଧିକାରୀ ଜୀବନାନନ୍ଦ ଜେନା ଏଠାରେ କହିଛନ୍ତି।

ଏନେଇ ଭଞ୍ଜନଗର ଥାନାରେ ଏନ୍‌ଡିପିଏସ୍ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଥିବାବେଳେ ଗିରଫ ୪ ଅଭିଯୁକ୍ତଙ୍କୁ ଡାକ୍ତରୀ ପରୀକ୍ଷା ପରେ ସ୍ଥାନୀୟ ଅଦାଲତକୁ ଚାଲାଣ କରାଯାଇଛି। ଭଞ୍ଜନଗର ଏସ୍ ?ଡିପିଓ ଡ. ଦୀପକ କୁମାର ମିଶ୍ର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ମାମଲାରେ ଆଉ କିଛି ବ୍ୟକ୍ତି ମଧ୍ୟ ଜଡ଼ିତ ଅଛନ୍ତି। ସେମାନଙ୍କୁ ମଧ୍ୟ ଗିରଫ ପାଇଁ ପୋଲିସ ଚେଷ୍ଟା ଚଳାଇଛି। ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏସ୍ ?ଆଇ ସମୀର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦାରିଙ୍ଗବାଡ଼ି ଲୁଟ୍ ଘଟଣାରେ ଜୋରଦାର ତଦନ୍ତ

# ସ୍ଥିତି ଅନୁଧ୍ୟାନ କଲେ ବାଲିଗୁଡା ଏସଡିପିଓ

**ଦାରିଙ୍ଗବାଡି (ଅମୃତ ମିଡିଆ):** କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଦାରିଙ୍ଗବାଡି ବଜାରରେ ଲୁଗା ବ୍ୟବସାୟୀ ଅଶୋକ କୁମାର ସାହୁଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ୍ ଘଟଣାରେ ପୋଲିସ ଜୋରଦାର ତଦନ୍ତ ଜାରି ରଖିଛି ।

ତଦନ୍ତର ଦ୍ୱିତୀୟ ଦିନରେ ବାଲିଗୁଡା ଏସଡିପିଓ ତଥା ଆଇପିଏସ ଶୁଭମ ଭୋସଲେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ସେ ଲୁଟ୍ ହୋଇଥିବା ଆଲିମିରା, ଘରର ଫାଟକ ଓ କଟାଯାଇଥିବା ତାଲା ଓ ଅନ୍ୟାନ୍ୟ ତଦନ୍ତ କରିବା ସହ ଲୁଟର ଶୀକାର ହୋଇଥିବା ବ୍ୟବସାୟୀ ଅଶୋକ ସାହୁଙ୍କୁ ପଚରାଉଚରା କରିଥିଲେ । ଏଥିସହ ଘଟଣା କିଭଳି କେଉଁ ପରିସ୍ଥିତି ରେ ଘଟିଥିଲା ସେ ସମ୍ପର୍କରେ ତନ ତନ ଯାଞ୍ଚ କରିଥିଲେ । ଏଥିସହ ଏସଡିପିଓଙ୍କ ସାଥିରେ ରହିଥିବା ଦାରିଙ୍ଗବାଡି ଆଇଆଇସି ସଂଗ୍ରାମ କେଶରୀ ଜେନାଙ୍କ ସହ ଏସମ୍ପର୍କରେ ଥାନା ରେ ସମୀକ୍ଷା କରିଥିଲେ ।

ଅନ୍ୟପଟେ ପୂର୍ବରୁ ଦାରିଙ୍ଗବାଡି ଅଞ୍ଚଳରେ ହୋଇଥିବା ଲୁଟ୍ ଘଟଣାର ମଧ୍ୟ ତଦନ୍ତ କରିଥିଲେ । ସୂଚନା ଯୋଗ୍ୟ ଯେ ଶୁକ୍ରବାର ସନ୍ଧ୍ୟାରେ ବ୍ୟବସାୟୀ ଜଣଙ୍କ ପରିବାର ସହ ଘର ତାଲା ପକାଇ କୌଣସି କାର୍ଯ୍ୟରେ ବ୍ରହ୍ମପୁର ଯାଇଥିଲେ । ରବିବାର ସକାଳ ୧୦ ଟା ରେ ସେ ବ୍ରହ୍ମପୁରରୁ ଫେରିଲା ପରେ ଘରର ମୁଖ୍ୟ ଫାଟକର ତାଲା ଖୋଲିଥିଲେ ଓ ଘର ଭିତରକୁ ଯିବା ବେଳେ ଘରର ୨ଟି ଫାଟକର ତାଲା ଓ ଗେଡା କଟାଯାଇଥିବା ଦେଖିଥିଲେ । ପରେ ଘରେ ପଶି ଦେଖିଲେ ତାଙ୍କ ବେଡ ରୁମରେ ରହିଥିବା ଆଲିମିରା ଭାଙ୍ଗି ତା ଭିତରେ ରହିଥିବା ସମସ୍ତ ସୁନା ଗହଣା, ରୁପା ଅଳଙ୍କାର, ନଗଦ ଟଙ୍କା ଆଦି ଲୁଟ ହୋଇଥିବା ଜାଣିଥିଲେ । ଏହାପରେ ଦାରିଙ୍ଗବାଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା ରୁଜୁ କରି ଆଇଆଇସି ସଂଗ୍ରାମ କେଶରୀ ଜେନାଙ୍କ ନେତୃତ୍ୱରେ ତଦନ୍ତକାରୀ ଅଧିକାରୀ ସବଇନ୍ସପେକ୍ଟର ଲକ୍ଷ୍ମୀ ମାଝୀ, ଏଏସଆଇ ଅର୍ଜୁନ ଶବର ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ରବିବାର ସନ୍ଧ୍ୟାରେ ସନ୍ଧାନୀ କୁକୁର ପହଞ୍ଚି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବାକୁ ସନ୍ଧାନ କରିଥିଲା।

## ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଆନନ୍ଦପୁର ରିଂରୋଡ୍‌ର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ



**ଆନନ୍ଦପୁର (ଅମୃତ ମିଡିଆ):** ଆନନ୍ଦପୁର ନିର୍ବାଚନମଣ୍ଡଳୀର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ତଥା ଆନନ୍ଦପୁର ରିଂ ରୋଡ଼୍‌କୁ ଆଜି ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବିନ୍ଦ୍ର କୁମାର ନାୟକ ପରିଦର୍ଶନ କରି କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ରିଂ ରୋଡ଼୍‌ର ବର୍ତ୍ତମାନ ସ୍ଥିତି, ମରାମତି କାର୍ଯ୍ୟ ଏବଂ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ସେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ଆଲୋକ ସେଠୀଙ୍କ ସମେତ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ସେହିପରି ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ପରିଦର୍ଶନ ଅବସରରେ କ୍ଷତିଗ୍ରସ୍ତ ରିଂ ରୋଡ଼୍‌ର ଶୀଘ୍ର ମରାମତି ସହ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ପାଇଁ ସ୍ଥାନୀୟ ଲୋକମାନେ ଦାବି ଜଣାଇଥିଲେ।

## ଓଡ଼ିଶା ଜନତା କଂଗ୍ରେସ କମିଟି ବୈଠକ

**ଚଣ୍ଡିଖୋଲ (ଅମୃତ ମିଡିଆ):** ବଡ଼ଚଣା ନିର୍ବାଚନ ମଣ୍ଡଳୀର ୧୬ ନମ୍ବର ଜୋନର ଓଡ଼ିଶା ଯୁବ ଜନତା କଂଗ୍ରେସ ପାର୍ଟି ସାଙ୍ଗଠନିକ ବୈଠକ ମହାବିନାୟକ ପୀଠରେ ଯୁବନେତା ବିଶ୍ୱଜିତ୍ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ରାୟ,ବରିଷ୍ଠ ନେତା ସୁରେଶ ସାହାଣୀ,ପ୍ରଦୀପ କୁମାର ଧଳ,ଯୁବ ନେତା ତଥାଗତ ମହାନ୍ତି,ଅନ୍ୟ ମାନଙ୍କ ମଧ୍ୟରେ ସମ୍ଭିତ୍ ରାଉତ,ତ୍ରିଲୋଚନ ରାଉତ, କମଳ ଲୋଚନ ଦାସ, ପ୍ରସଂଜିତ୍ ରାଉତ,ରାଜେଶ ବାରିକ,ଗଗନ ରାଉତ ଓ ବହୁ ଯୁବ ନେତା ସଂଘଠନ ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ,ଆଗାମୀ ଏନଏସି ନିର୍ବାଚନକୁ ସାମନା କରିବା ପାଇଁ ରଣ କୌଶଳ ପ୍ରସ୍ତୁତି ପାଇଁ ଆଲୋଚନା କରିଥିଲେ।

## ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି



**ଫୁଲବାଣୀ (ଅମୃତ ମିଡିଆ):** ଚଳିତ ବର୍ଷ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନକୁ ସୁଚାରୁରୂପେ ଓ ଗରିମାମୟ ଭାବେ ଆୟୋଜନ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଜିଲ୍ଲାପାଳ ତଥା ଉତ୍ସବ ପାଳନ କମିଟିର ଅଧକ୍ଷ ବେଦଭୂଷଣଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ସ୍ୱାଧୀନତା ଦିବସ ପାଳନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ବୈଠକରେ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୫ ଅଗଷ୍ଟ ସକାଳ ୯.୦୦ ଘଟିକାରେ କନ୍ଧମାଳ ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ ପାଳନ କରାଯିବ। ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିବେ। ପ୍ୟାରେଡ୍ ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।ସ୍ୱାଧୀନତା ଦିବସ ଅବସରରେ ଭୋର ସମୟରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ସହ ପ୍ରଭାତଫେରୀ ଅନୁଷ୍ଠିତ ହେବା ସହ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସକାଳ ୭.୩୦ ଘଟିକାରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସେହିପରି ଉତ୍ସବର ପୂର୍ବଦିନ ସମସ୍ତ ସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଆଲୋକମାଳାରେ ସଜାଇବା ପାଇଁ ଅନୁରୋଧ କରାଯିବ ।ପ୍ୟାରେଡ୍ ଅଭିବାଦନ ଗ୍ରହଣ ପରେ ମୁଖ୍ୟ ଅତିଥି ଜିଲ୍ଲା କାରାଗାର ପରିଦର୍ଶନ କରି ଅନ୍ତେବାସୀମାନଙ୍କୁ ସାକ୍ଷାତ କରିବେ। ପରେ ଗୋପବନ୍ଧୁ ବାଳାଶ୍ରମ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀ ଏବଂ ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କୁ ଫଳ ବଣ୍ଟନ କରାଯିବ। ଏଥିସହ ଫୁଲବାଣୀ ରକ୍ତଭଣ୍ଡାରଠାରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରାଯିବ। ସନ୍ଧ୍ୟାରେ ସାଂସ୍କୃତିକ ବିଭାଗ ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରାଯିବ ।ଚଳିତ ବର୍ଷ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ ପୂର୍ବବର୍ଷଗୁଡ଼ିକ ପରି ମାଦିକୁଦା ପୋଲିସ ପଡ଼ିଆରେ ନୁହେଁ, ବରଂ କନ୍ଧମାଳ ଷ୍ଟାଡିୟମଠାରେ ଆୟୋଜିତ ହେବ। ଏହି ପ୍ରସ୍ତୁତି ବୈଠକରେ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ ଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ଅତିରିକ୍ତ ନାଇକାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ସଂଗଠନର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



## ବାଲିଅନ୍ତା ସୌମ୍ୟରଞ୍ଜନ ମର୍ଡର କେସ

# ଚାର୍ଜଶିଟ୍ ଦାଖଲ କଲା କ୍ରାଇମ୍‌ବ୍ରାଞ୍ଚ

**ବାଲିଅନ୍ତା (ଅମୃତ ମିଡିଆ):** ବାଲିଅନ୍ତା କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟାକାଣ୍ଡ ଘଟଣାରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି କ୍ରାଇମବ୍ରାଞ୍ଚ। ୭୬୭ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଥିବାବେଳେ ୧୧ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି କ୍ରାଇମବ୍ରାଞ୍ଚ। ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ ହୋଇଛି। ୯ ଅଭିଯୁକ୍ତଙ୍କୁ ଚାର୍ଜଶିଟ୍ ?ରୁ ବାଦ୍ ? ଦେଇଛି କ୍ରାଇମବ୍ରାଞ୍ଚ। ଏବେ ସୁଦ୍ଧା କିଛି ଅଭିଯୁକ୍ତ ଫେରାରଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି।

ଚାର୍ଜଶିଟ୍ ?ରେ ଉଲ୍ଲେଖ କରାଯାଇଥିବା ୧୧ ଜଣ ଅଭିଯୁକ୍ତ ହେଉଛନ୍ତି ଯୁଧିଷ୍ଠିର ଜେନା, ରଞ୍ଜିତ ପାତ୍ର, ରଞ୍ଜିତ ରାଣା ପଞ୍ଚାନନ ବଡ଼ଜେନା, ବିନୋଦ କୁମାର ବେହେରା, ପ୍ରଦୀପ ଚନ୍ଦ୍ର ମଙ୍ଗରାଜ, ଅଶୋକ କୁମାର ଜେନା, ବିଭୂତି ଭୂଷଣ ପରିଡ଼ା, ସୁବାସ ଭୋଇ, ସ୍କାଏଲାବ ପତି ଏବଂ ବିସ୍ମୟ ମହାନ୍ତି। ପୂର୍ବରୁ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ମୋଟ୍ ? ୨୦ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଏହି ୧୧ ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ମେ' ୭ ତାରିଖରେ ବାଲିଅନ୍ତା ଥାନା ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। ତଦନ୍ତକାରୀ ଅଧିକାରୀ ଡିଏସ୍ ?ପି ରତ୍ନପ୍ରଭା ଶତପଥୀ ସମସ୍ତ ପ୍ରତ୍ୟକ୍ଷଦର୍ଶୀ ସାକ୍ଷ୍ୟ, ପ୍ରମାଣ, ବୈଜ୍ଞାନିକ ଓ ପାରିପାର୍ଶ୍ୱିକ ପ୍ରମାଣ ସଂଗ୍ରହ କରିବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ଇଘଝ), ୨୦୨୩ର ଦଫା ୧୦୩(୧), ୧୯୧(୨), ୧୯୧(୩), ୧୮୯(୪), ୧୯୦, ଏବଂ ୧୨୭(୨) ଅଧୀନରେ ମାମଲା ରୁଜୁ କରାଯାଇଛି। ପୂର୍ବରୁ ବାଲିଅନ୍ତା ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ଅନ୍ୟ ୯ ଜଣ ବ୍ୟକ୍ତି ସନ୍ତୋଷ ପତି ଓରଫ ମଣ୍ଟୁ, ସୁରଜ ଓଝା, ସଂଗ୍ରାମ ଭୋଇ, ପ୍ରମୋଦ ଜେନା, ବଣ୍ଟି ଜେନା, ସୁରଜିତ ରଣା, ଅଭିଷେକ କର, ସଦାନନ୍ଦ ଖୁଣ୍ଟିଆ, ଏବଂ ବିକ୍ରମ କେଶରୀ ଦାସଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଉପରୋକ୍ତ ବ୍ୟକ୍ତିମାନଙ୍କ ଘଟଣା ସମ୍ପର୍କରେ ସମ୍ପୃକ୍ତି ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହି ୯ ଜଣଙ୍କର ମାମଲାରେ ସକ୍ରିୟ ଭୂମିକା ନେଇ ପର୍ଯ୍ୟାପ୍ତ ପ୍ରମାଣ ମିଳିନାହିଁ। ତେଣୁ ବର୍ତ୍ତମାନ ସେମାନଙ୍କ ବିରୋଧରେ ପ୍ରାଥମିକ ମାମଲା ଗ୍ରହଣଯୋଗ୍ୟ ହୋଇନାହିଁ ବୋଲି କ୍ରାଇମବ୍ରାଞ୍ଚ ଚାର୍ଜଶିଟ୍ ?ରେ ଦର୍ଶାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ଇଘଝଝ), ୨୦୨୩ର ଧାରା ୧୯୩(୯) ଅନୁଯାୟୀ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି। ଫରେନ୍ସିକ ରିପୋର୍ଟ ଏବଂ ଅନ୍ୟାନ୍ୟ ସୂତ୍ରରୁ ଅଧିକ ସାକ୍ଷ୍ୟ ପ୍ରମାଣ ମିଳିବା ପରେ ଆବଶ୍ୟକ ଅନୁସାରେ ଅଦାଲତରେ ସପ୍ଲିମେଣ୍ଟାରୀ (ଅତିରିକ୍ତ) ଚାର୍ଜଶିଟ୍ ଦାଖଲ କରାଯିବ। ଘଟଣାରେ ସଂପୃକ୍ତ ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




**ହିନ୍ଦୋଳ (ଅମୃତ ମିଡିଆ):** ହିନ୍ଦୋଳ ବ୍ଲକ୍ ପରିସର ମଧ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଶିବିରରେ ଉପଖଣ୍ଡର ସମସ୍ତ ଅଞ୍ଚଳରୁ ବିଭିନ୍ନ ସମସ୍ୟାରେ ଜଡ଼ିତ ବିଭାଗ ଯଥା : ଶାରୀରିକ ଅକ୍ଷମତା -୬୯, ଚକ୍ଷୁ ଅନଗ୍ରସର-୨୨, ଶ୍ରବଣ ବାଧିତ -୨୮,ମାନସିକ ଅନଗ୍ରସର -୩୫ ଓ ମେଡ଼ିସିନ୍ ବିଭାଗରେ ମୋଟ୍ ୧୭୦ ଜଣ ବ୍ୟକ୍ତି ନାମ ପଞ୍ଜିକରଣ କରିଥିଲେ। ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରା, ବିଡିଓ କଲ୍ୟାଣ ସୌରଭ ଦାସ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ଓ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରୋହିତ କୁମାର ପ୍ରଧାନ ପ୍ରମୁଖ ଶିବିରର ଦାୟିତ୍ୱ ନିର୍ବାହ କରିଥିଲେ।




# ଯାଜପୁର ବନ୍ୟାଞ୍ଚଳ ଗସ୍ତରେ ଉପ-ମୁଖ୍ୟମନ୍ତ୍ରୀ

## ବିଶୋଧନ ଓ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ



**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ଏବଂ ପରବର୍ତ୍ତୀ ସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଯାଜପୁର ଜିଲ୍ଲା ଗସ୍ତ କରିଛନ୍ତି। ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ, ସେ ପ୍ରଥମେ ବଡ଼ଚଣା ବ୍ଲକର ଗୋପାଳପୁର ଗ୍ରାମପଞ୍ଚାୟତରେ ପହଞ୍ଚି ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକ ବୁଲି ଦେଖିଥିଲେ। ଏହାପରେ ସେ ଦଶରଥପୁର ବ୍ଲକର କସପା ପଞ୍ଚାୟତ ସ୍ଥିତ ପାଟଣା ଗ୍ରାମ ଏବଂ ତାରପଡ଼ା ପଞ୍ଚାୟତର ବିଭିନ୍ନ ବନ୍ୟାପ୍ଲାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ପରଖି ଥିଲେ। ପରିଦର୍ଶନ ସମୟରେ ବନ୍ୟାଜନିତ କ୍ଷୟକ୍ଷତି, ରିଲିଫ୍ ବଣ୍ଟନ, ଉଦ୍ଧାର ଏବଂ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସ୍ଥାନୀୟ ବନ୍ୟା ବିପନ୍ନମାନଙ୍କ ସହ ଆଲୋଚନା କରି ସେମାନଙ୍କ ଦୁଃଖଦୁର୍ଦ୍ଦଶା ସମ୍ପର୍କରେ ପଚାରି ବୁଝିଥିଲେ। ବନ୍ୟା ସମୟରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା, ରିଲିଫ୍ ଏବଂ ଅନ୍ୟାନ୍ୟ ଜରୁରୀ ସହାୟତା ସମ୍ପର୍କରେ ସେ ଲୋକଙ୍କୁ ଅବଗତ କରାଇଥିଲେ। ଏଥିସହିତ ପ୍ରଭାବିତ ଜନସାଧାରଣଙ୍କୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ସହିତ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ ପ୍ରମୁଖ ବନ୍ୟାଞ୍ଚଳ ଗସ୍ତ କରିଥିଲେ। ବନ୍ୟାଞ୍ଚଳ ଗସ୍ତ ଶେଷ କରିବା ପରେ, ଉପ-ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରି ଜିଲ୍ଲାର ସାମ୍ପ୍ରତିକ ବନ୍ୟା ସ୍ଥିତି, କ୍ଷୟକ୍ଷତି ଏବଂ ରିଲିଫ ବଣ୍ଟନର ପ୍ରଗତି ସମ୍ପର୍କରେ ଉପ-ମୁଖ୍ୟମନ୍ତ୍ରୀ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ବନ୍ୟା ଜଳ ଛାଡ଼ିବା ପରେ ଜଳବାହିତ ରୋଗ ଓ ମହାମାରୀ ବ୍ୟାପିବାର ଆଶଙ୍କା ଥିବାରୁ ଗାଁ ଗାଁରେ ଥିବା ସମସ୍ତ ପାନୀୟ ଜଳ ଉତ୍ସ ଗୁଡିକୁ ତୁରନ୍ତ ଏବଂ ସଠିକ୍ ଭାବରେ ବିଶୋଧନ କରିବାକୁ ପରାମର୍ଶ ଦେଇଥିଲେ। ରାସ୍ତାଘାଟ ଏବଂ ନଦୀବନ୍ଧର ଘାଇ ମରାମତି କାର୍ଯ୍ୟର ସ୍ଥିତି ଉପରେ ବିଶେଷ ଗୁରୁତ୍ୱ ଦେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ମୋବାଇଲ ମେଡିକାଲ ଟିମ୍ ମାଧ୍ୟମରେ ଘରେ ଘରେ ଚିକିତ୍ସା ଓ ଆବଶ୍ୟକୀୟ ଔଷଧ ଯୋଗାଇଦେବା ସହ ବିଶୁଦ୍ଧ ପାନୀୟ ଜଳ ଟ୍ୟାଙ୍କର ପହଞ୍ଚାଇବା ନିଶ୍ଚିତ କରିବାକୁ କହିଥିଲେ। ଏହା ସହ ଜଳବାହିତ ରୋଗର ପ୍ରତିରୋଧ ପାଇଁ ପର୍ଯ୍ୟାପ୍ତ ଔଷଧ ଯୋଗାଣ, ସ୍ୱାସ୍ଥ୍ୟସେବା ନିଶ୍ଚିତ କରିବା ଏବଂ କ୍ଷୟକ୍ଷତିର ସଠିକ୍ ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର ଜିଲ୍ଲାରେ ବାତ୍ୟା ଜନିତ ପରିସ୍ଥିତି, ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ବନ୍ୟାଜନିତ କ୍ଷୟକ୍ଷତିର ସଠିକ୍ ଓ କ୍ଷେତ୍ରୀୟ ଆକଳନ କରି ତୁରନ୍ତ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ ପୂର୍ବକ ସରକାରଙ୍କ ନିକଟକୁ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟାପ୍ଲାବିତ ଅଞ୍ଚଳରେ ରିଲିଫ ବଣ୍ଟନ ଓ ସ୍ୱାସ୍ଥ୍ୟସେବା ଯୋଗାଣରେ ଯେପରି କୌଣସି ଅବହେଳା କିମ୍ବା ଅନିୟମିତତା ନହୁଏ ସେଥିପ୍ରତି ଜିଲ୍ଲା ପ୍ରଶାସନକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଉପମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ସଚିବ ଆଶୁତୋଷ ରାଉତ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



# ୧୫ ଲିଟର ଦେଶୀମଦ ଓ ୯ ଲିଟର ବିୟର ଜବତ, ୨ଗିରଫ




**ବାଲୁଗାଁ (ଅମୃତ ମିଡିଆ) :** ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ବୁଧବାର ଦିନ ବାଣପୁର ଥାନା ଅନ୍ତର୍ଗତ କୁରୁଞ୍ଜିପୁର ରୋଡ ଓ ନୀଳାଦ୍ରିପ୍ରସାଦ ରୋଡ ଅଞ୍ଚଳରେ ଚଢାଉ କରି ୧୫ ଲିଟର ଦେଶୀମଦ ଓ ୯.୧ ଲିଟର ବିୟର ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି ବାଲୁଗାଁ ଅବକାରୀ ପୋଲିସ। ସମସ୍ତ ଜବତ ସାମଗ୍ରୀର ଆନୁମାନିକ ମୁଲ୍ୟ ୫ ହଜାର ୯୩ ଟଙ୍କା ହେବ ବୋଲି ଜଣାପଡିଛି। ଅଭିଯୁକ୍ତ ବାଣପୁର ଅନ୍ତର୍ଗତ କୁରୁଞ୍ଜିପୁର ଗ୍ରାମର ଗଣେଶ ପ୍ରଧାନଙ୍କ (୭୧) ନିକଟରୁ ୧୫ ଲିଟର ଦେଶୀମଦ ଓ ନୀଳାଦ୍ରିପ୍ରସାଦ ଗ୍ରାମର ସୁରେନ୍ଦ୍ର ନାୟକଙ୍କ (୫୧) ନିକଟରୁ ୯.୧ ଲିଟର ବିୟର ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୁଦ୍ଧରେ କେଶ ନଂ ୧୨୦ ଓ ୧୨୧/୨୬-୨୭ ରେ ମାମଲା ରୁଜୁକରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଙ୍ଗୀ ଅବକାରୀ ଅଧିକାରୀ ଶ୍ରୀ ପାତ୍ର କହିଛନ୍ତି। ଉକ୍ତ ଚଢ଼ାଉରେ ବାଲୁଗାଁ ଅବକାରୀ ଅଧିକାରୀ ସୋମ୍ୟ ରଞ୍ଜନ ବେହେରା, ଏଏସଆଇ, ରାମଚନ୍ଦ୍ର ଜେନା, କନେଷ୍ଟବଳ ରଞ୍ଜିତ ପଟେଲ, ସତ୍ୟବନ୍ତ ମାଝୀ, ସସ୍ମିତା ସେଠୀ ପ୍ରମୁଖ ସାମିଲ ଥିଲେ।

# ଶ୍ରଦ୍ଧା ଓ ବିଶ୍ୱାସ ହିଁ ସମର୍ପଣର ଲକ୍ଷଣ: ପଣ୍ଡିତ ଶ୍ୟାମସୁନ୍ଦର



**ନୀଳଗିରି (ଅମୃତ ମିଡିଆ) :** ବ୍ୟକ୍ତିକୁ ସାବଧାନ ହୋଇ କୁସଙ୍ଗ ତ୍ୟାଗ କରିବାକୁ ହେବ। କୁସଙ୍ଗ ବେଦଜ୍ଞାନରେ ଅଜ୍ଞ ଅଟନ୍ତି। ପ୍ରାରବ୍ଧ କର୍ମର ଫଳ ବ୍ୟକ୍ତିକୁ ମିଳେ। ଭାଗବତୀୟ ଚେତନା କାଳ୍ପନିକ ନୁହେଁ, ଦିବ୍ୟ ଅଟେ। ଦିବ୍ୟଚେତନାର ଉପଲବ୍ଧି କେବଳ ସାଧକ କରିପାରେ। ତତ୍ତ୍ୱଦର୍ଶୀ ହିଁ ଆଦର୍ଶ ସ୍ଥାନୀୟ ବ୍ୟକ୍ତି ଅଟେ। ଭକ୍ତ ମୋକ୍ଷ ଚାହେଁ ନାହିଁ। ହରିକଥା ବିନା ଭକ୍ତି ଜାଗ୍ରତ ହୁଏ ନାହିଁ। ଦୃଢ଼ ଭକ୍ତିଯୋଗରୁ ସମର୍ପିତ ଭାବ ନିର୍ମାଣ ହୁଏ। ହିନ ମନ୍ୟତାର ଭାବ ବ୍ୟକ୍ତିକୁ ପତନ କରାଏ। ସାଧକ ସର୍ବଦା ଚରଣାଶ୍ରିତ ହେବାରେ ବ୍ୟସ୍ତ ଥାଏ। ଗୀତାର ପ୍ରୟୋଗାତ୍ମକ ବିଦ୍ୟା ହେଉଛି ଭାଗବତ। ଆଧାତ୍ମିକ ମାର୍ଗ ଆତ୍ମଦର୍ଶୀ କରେ। ସମ୍ମାନବୋଧ ହିଁ ସୌନ୍ଦର୍ଯ୍ୟବୋଧର ବିକାଶ କରେ। ଶ୍ରଦ୍ଧା ଓ ବିଶ୍ୱାସ ହିଁ ସମର୍ପଣର ଲକ୍ଷଣ ଅଟେ । ସର୍ବୋପରି ସକଳ ଭେଦ ଓ ସଂକୀର୍ଣ୍ଣତା ଦୂରେଇଲେ ମାନବବାଦୀ ଚେତନା ଜନ୍ମ ନିଏ ବୋଲି ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୧୦୯ ତମ ଭା ଭାଗବତୀୟ ସନ୍ଧ୍ୟାରେ ପଞ୍ଚମ ସ୍କନ୍ଧର ପଞ୍ଚଦଶ ଅଧ୍ୟାୟ ବିଶ୍ଳେଷଣ ପରିପ୍ରେକ୍ଷୀରେ ବଲାଙ୍ଗୀରର ପଣ୍ଡିତ ଶ୍ୟାମସୁନ୍ଦର ଦାଶ ଓ ଶୁଭେଚ୍ଛା ବାର୍ତ୍ତାରେ ଥିବା ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ର ପ୍ରକାଶ କରିଥିଲେ। ପ୍ରାରମ୍ଭରେ ପରିବାରର ବରିଷ୍ଠ ସଦସ୍ୟ ପଣ୍ତିତ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଶ୍ରୀମାନ ଯଜ୍ଞଦୀପ ମିଶ୍ର ଓଁ କାରଧ୍ୱନି ପାଠ କରିଥିବାବେଳେ କୁମାରୀ ଜୟଶ୍ରୀ ପଣ୍ଡା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ କୁମାରୀ ସ୍ମିତିପ୍ରଜ୍ଞା ମହାନ୍ତି କୃତଜ୍ଞତା ପ୍ରକାଶ କରିଥିବାବେଳେ ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ଶ୍ରୀଯୁକ୍ତ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ। ଏହି ଆସରରେ ସମଗ୍ର ଓଡ଼ିଶାରୁ ବହୁ ଶ୍ରୋତା ଯୋଗଦାନ କରିଥିଲେ।

# ସୌମ୍ୟରଞ୍ଜନ ହତ୍ୟା ମାମଲା

## ୧୧ ଅଭିଯୁକ୍ତଙ୍କ ବିରୋଧରେ ୭୬୭ ପୃଷ୍ଠାର ଚାର୍ଜସିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ

**କଟକ (ବ୍ୟୁରୋ) :** ରାଜଧାନୀ ଉପକଣ୍ଠ ବାଲିଅନ୍ତାର ବହୁ ଚର୍ଚ୍ଚିତ ଜିଆରପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ଆଜି (ବୁଧବାର) ଚାର୍ଜସିଟ୍ ଦାଖଲ କରିଛି। ୧୧ ଜଣ ଅଭିଯୁକ୍ତଙ୍କ ବିରୋଧରେ ଭୁବନେଶ୍ୱର ଏସଡିଜେଏମଙ୍କ ଅଦାଲତରେ ୭୬୭ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ମିଳିଛି। ତେବେ ସବୁଠାରୁ ବଡ଼ କଥା ହେଉଛି, ଏହି ମାମଲାରେ ମୋଟ ୨୦ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ବାଲିଅନ୍ତା ପୋଲିସ ଗିରଫ କରିଥିବା ଆଉ ବାକି ୯ ଜଣ ଅଭିଯୁକ୍ତଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ମିଳିନଥିବାରୁ ଚାର୍ଜସିଟ୍ ଦାଖଲ କରାଯାଇନାହିଁ। ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଚାର୍ଜସିଟରେ ନାମ ଥିବା ଅଭିଯୁକ୍ତମାନେ ହେଲେ ଯୁଧିଷ୍ଠିର ଜେନା, ରଞ୍ଜିତ ପାତ୍ର, ରଞ୍ଜିତ ରାଣା, ପଞ୍ଚାନନ ବଡ଼ଜେନା, ବିନୋଦ କୁମାର ବେହେରା, ପ୍ରଦୀପ ଚନ୍ଦ୍ର ମଙ୍ଗରାଜ, ଅଶୋକ କୁମାର ଜେନା, ବିଭୂତି ଭୂଷଣ ପରିଡ଼ା, ସୁବାସ ଭୋଇ, ସ୍ୱାଏଲାବ୍ ପତି ଏବଂ ବିସ୍ମୟ ମହାନ୍ତି। ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଦଫା ୧୦୩(୧), ୧୯୧(୨), ୧୯୧(୩), ୧୮୯(୪), ୧୯୦, ଏବଂ ୧୨୭(୨) ଅଧିନରେ ଚାର୍ଜସିଟ୍ କରାଯାଇଛି। ଗତ ମେ ୭ ତାରିଖରେ ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର-କାଜ ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। ତଦନ୍ତକାରୀ ଅଧିକାରୀ ଡିଏସପି ରତ୍ନପ୍ରଭା ଶତପଥୀ ସମସ୍ତ ପ୍ରତ୍ୟେକ୍ଷଦର୍ଶୀ ସାକ୍ଷ୍ୟ, ପ୍ରମାଣ, ବୈଜ୍ଞାନିକ ଓ ପାରିପାର୍ଶ୍ୱିକ ପ୍ରମାଣ ସଂଗ୍ରହ କରିବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ କୋର୍ଟରେ ଚାର୍ଜସିଟ୍ (ଫାଇନାଲ ଫର୍ମ ନଂ-୩୫) ଦାଖଲ କରିଛନ୍ତି। ପୂର୍ବରୁ ବାଲିଅନ୍ତା ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ଅନ୍ୟ ୯ ଅଭିଯୁକ୍ତ ସନ୍ତୋଷ ପତି ଓରଫ ମଣ୍ଟୁ, ସୁରଜ ଓଝା, ସଂଗ୍ରାମ ଭୋଇ, ପ୍ରମୋଦ ଜେନା, ବଣ୍ଟି ଜେନା, ସୁରଜିତ ରଣା, ଅଭିଷେକ କର, ସଦାନନ୍ଦ ଖୁଣ୍ଟିଆ, ବିକ୍ରମ କେଶରୀ ଦାସଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଏହି ୯ ଜଣ ଅଭିଯୁକ୍ତ ସୌମ୍ୟରଞ୍ଜନ ହତ୍ୟା ଘଟଣାରେ ସମ୍ପୃକ୍ତି ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଯାଞ୍ଚ କରାଯାଇଥିଲା। ହେଲେ ପ୍ରାଥମିକ ତଦନ୍ତରୁ ଏହି ୯ ଜଣଙ୍କର ମାମଲାରେ ସକ୍ରିୟ ଭୂମିକା ନେଇ ପର୍ଯ୍ୟାପ୍ତ ପ୍ରମାଣ ମିଳିନାହିଁ। ତେଣୁ ଏବେ ସେମାନଙ୍କ ବିରୋଧରେ ପ୍ରାଥମିକ ମାମଲା ଗ୍ରହଣଯୋଗ୍ୟ ହୋଇନାହିଁ। ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ର ଧାରା ୧୯୩(୯) ଅନୁଯାୟୀ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି। ଫରେନ୍ସିକ ରିପୋର୍ଟ ଏବଂ ଅନ୍ୟାନ୍ୟ ସୂତ୍ରରୁ ଅଧିକ ସାକ୍ଷ୍ୟ ପ୍ରମାଣ ମିଳିବା ପରେ ଆବଶ୍ୟକ ଅନୁସାରେ ଅଦାଲତରେ ସପ୍ଲିମେଣ୍ଟାରୀ (ଅତିରିକ୍ତ) ଚାର୍ଜସିଟ୍ ଦାଖଲ କରାଯିବ। ଘଟଣାରେ ସମ୍ପୃକ୍ତ ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସର ଚଢ଼ାଉ ଜାରି ରଖିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବାଲିଅନ୍ତା ପୋଲିସ ୯ ଅଭିଯୁକ୍ତଙ୍କୁ ବିନା କୌଣସି ପର୍ଯ୍ୟାପ୍ତ ପ୍ରମାଣରେ ଗିରଫ କରିଥିବା ସ୍ପଷ୍ଟ ହୋଇଛି। ଯାହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ସଂଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟଙ୍କ କାଉଡି ଭଜନ ମୁକ୍ତିଲାଭ




**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡ଼ା ଜିଲ୍ଲା ଖଣ୍ଡାୟତ ମହାସଙ୍ଘର କାର୍ଯ୍ୟକାରୀ ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ଶରତ ପଟ୍ଟନାୟକଙ୍କ ପ୍ରଯୋଜନାରେ ଶ୍ରେଷ୍ଠ ଶ୍ରାବଣ ମାସର ପ୍ରଥମ ସୋମବାରରେ ଦୁଇଟି ଶିବ ଭଜନ କାଉଡ଼ିଆଙ୍କ ଉଦ୍ଦେଶ୍ୟରେ ମୁକ୍ତି ଲାଭ କରିଛି। ପ୍ରଥମ ଭଜନ ଶ୍ରାବଣ ଯାତ୍ରାରେ କଣ୍ଠ ଦାନ କରି ଛନ୍ତି ଓଡ଼ିଶାର ଲୋକ ପ୍ରିୟ ଭଜନ ଗାୟକ ଶ୍ରୀଚରଣ ମହାନ୍ତି ଓ ଦ୍ୱିତୀୟ ଭଜନ କାନ୍ଧରେ କାଉଡ଼ି ଭାର ଗୀତରେ କଣ୍ଠ ଦାନ କରିଛନ୍ତି ଓଡ଼ିଶା ଚଳଚ୍ଚିତ୍ର ଜଗତରର ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ।ଗୀତ ଗୁଡ଼ିକୁ ଖୁବ୍ ସୁନ୍ଦର ଭାବେ ଲେଖିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଆକାଶବାଣୀ ସିକୃତିପ୍ରାପ୍ତ ଗୀତିକାର ଇତିଶ୍ରୀ ମହାନ୍ତି। ଭଜନ ଗୁଡ଼ିକୁ ସ୍ୱରରେ ସଜେଇଛନ୍ତି ଜିଲ୍ଲା ତଥା ରାଜ୍ୟରେ ପ୍ରତିଷ୍ଠା ଲାଭ କରିଥିବା ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସ। କଟକର ପୁରାତନ ସାଆ ଷ୍ଟୁଡିଓରେ ଭଜନ ଦୁଇଟି ରେକର୍ଡ଼ିଂ କରାଯାଇଛି। ଆଶା ଓ ବିଶ୍ୱାସ ଭଜନଟିକୁ ଶ୍ରୋତା ମାନଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି କହିଛନ୍ତି ଶ୍ରୀ ଦାସ।

# ଦାଦନ ଖଟିବାକୁ ଯାଇ ମହିଳା ଶ୍ରମିକ ତାମିଲନାଡୁରେ ମୃତ

## ଗାଁ'କୁ ଶବ ଆଣିବା ପାଇଁ ପ୍ରଶାସନର ସହଯୋଗ ଦାବି

**ଫୁଲବାଣୀ (ଅମୃତ ମିଡିଆ) :** କାମଧନ୍ଦା ଅଭାବରୁ ଓ ଅଧିକ ରୋଜଗାର ଆଶାରେ ପରିବାର ପ୍ରତିପୋଷଣ ପାଇଁ କନ୍ଧମାଳର ବହୁ ଯୁବକଯୁବତୀ ଦାଦନ ଯିବାକୁ ବାଧ୍ୟ ହେଉଥିବା ଦେଖାଯାଉଛି। ପ୍ରତି ସପ୍ତାହରେ ରାଇକିଆ, ଦାରିଙ୍ଗବାଡିରୁ ନିୟମିତ ବସ କେରଳ ଓ ତାମିଲନାଡୁ ଅଭିମୁଖେ ଶ୍ରମିକଙ୍କୁ ନେଇ ଯାତ୍ରା କରୁଛି। ଦାଦନ ନେଇ ଯାଉଥିବା ଖବର ଜିଲ୍ଲା ଶ୍ରମ ବିଭାଗ ପାଖରେ ନାହିଁ।ଅଧିକ ରୋଜଗାର ଆଶାରେ ଯାଉଥିବା ଯୁବକଯୁବତୀମାନଙ୍କ ମଧ୍ୟରୁ ପ୍ରତି ମାସରେ ପ୍ରାୟ ଜଣେ ଦୁଇଜଣଙ୍କର ମୃତ୍ୟୁ ହେଉଛି। ଦାଦନ ଖଟିବାକୁ ଯାଉଥିବା ଶ୍ରମିକ, ଏହି ଯୁବକ ଯୁବତୀଙ୍କୁ ରାଜ୍ୟ ବାହାରକୁ ନେଇ ଯାଉଥିବା ଠିକାଦାରଙ୍କର ସରକାର ନିୟମ ଅନୁଯାୟୀ ଶ୍ରମିକ ଆଇନ ପଞ୍ଜିକରଣ ନ ହୋଇ ଥିବାରୁ ଶ୍ରମ ବିଭାଗ ପାଖରେ କିଛି ଖବର ରହୁନାହିଁ। ଦାଦନ ଖଟିବାକୁ ଯାଇଥିବା ଯୁବକ ଯୁବତୀ ଶ୍ରମିକ ମାନଙ୍କର ସେଠାରେ ମୃତ ହେଲେ ସେମାନଙ୍କର ମୃତଦେହ ଆଣିବା ପରିବାର ବହୁ ଅସୁବିଧା ର ସମ୍ମୁଖୀନ ହୋଇଥାନ୍ତି। ପରିବାର ଲୋକ ମାନେ ବିଭିନ୍ନ ସମୟରେ ଜମି ବାଡ଼ି ବିକ୍ରି କରି ଶବ ଗାଁକୁ ଆଣି ଥିବା ନଜିର ରହିଛି। ସୂଚନା ଯୋଗ୍ୟ ବର୍ତ୍ତମାନ୍ ମଧ୍ୟ କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ୍ ଅନ୍ତର୍ଗତ ସିର୍ତିଗୁଡ଼ା ପଂଚାୟତର ଗୁଞ୍ଜିଗାଁର କୁଶ ପ୍ରଧାନଙ୍କ ଝିଅ କସ୍ତୁରୀ ପ୍ରଧାନ ୩୦ ନାମକ ଜଣେ ମହିଳା ଦାଦନ ଶ୍ରମିକ ଭାବେ ତାମିଲ୍‌ନାଡୁ କାମ କରିବାକୁ ଯାଇଥିଲା। ସୁଦୂର ତାମିଲନାଡୁରେ ସେହି ମହିଳାର ମୃତ୍ୟୁ ଘଟିଛି। କସ୍ତୁରୀ ଗ୍ରାମରେ କାମ ଧନ୍ଦା ଅଭାବରୁ ରୋଜଗାର ପାଇଁ ସୁଦୂର ତାମିଲନାଡୁର କୋଏମ୍ବକ୍ଷଟୁରର ଅନୁରରେ ଥିବା ସିଏସି ସୂତାକଳରେ କାର୍ଯ୍ୟ କରୁଥିଲେ। ସେଠାରେ କସ୍ତୁରୀର ମୃତ୍ୟୁ ହୋଇଥିବା ଖବର ପରିବାର ଲୋକଙ୍କୁ କମ୍ପାନୀପକ୍ଷରୁ ତାପସ ଓ ଶୁଭମ୍ ଅମକ୍ଷୟତ୍ ଜଣାଇବା ସହ ଶବ ବିମାନରେ ଭୁବନେଶ୍ୱରକୁ ଆଣିବା ପାଇଁ ୫୦/୬୦ହଜାର ଟଙ୍କା ପଡ଼ିବ କହିଥିଲେ। କସ୍ତୁରୀର ବାପା ମାଆ ଗରିବ ହୋଇଥିବାରୁ ଏତେ ଟଙ୍କା ଯୋଗାଡ କେଉଁଠୁ କରିବେ ବୋଲି କହିଛନ୍ତି। ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ପରିବାର ଲୋକେ ଅନୁରୋଧ କରିଛନ୍ତି। ପ୍ରଶାସନ ପକ୍ଷରୁ ସହିଯୋଗ କଲେ ଗରିବ ମହିଳା ଶ୍ରମିକର ଶବ ଗାଁକୁ ପହଞ୍ଚିପାରିବ। ତେଣୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

# ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତକୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି କେନ୍ଦ୍ରାପଡା ଆଡହକ ଫାଷ୍ଟଟ୍ରାକ ସ୍ୱତନ୍ତ୍ର କୋର୍ଟର ବିଚାରପତି ତ୍ରିବିକ୍ରମ କେଶରୀ ଚିନ୍ନାରା ଅଭିଯୁକ୍ତକୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ଅଭିଯୁକ୍ତକୁ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୫ ମସିହାରେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ଏକ ଗ୍ରାମର ଜଣେ ନାବଳିକାଙ୍କୁ ସେହି ଅଞ୍ଚଳର ଦିପ୍ତୀ ରଞ୍ଜନ ମଲ୍ଲିକଙ୍କ ପୁଅ ମନୋଜ ମଲ୍ଲିକ ଓରଫ ସୋନୁ(୧୯)ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସେହି ଅଭିଯୋଗକୁ ଭିତ୍ତିକରି ଥାନା କେଶ ନମ୍ବର ୩୭୦/୨୦୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ପୋଲିସ କୋର୍ଟରେ ଅଭିଯୋଗପର୍ଦ୍ଧ ଦାଖଲ କରିବା ପରେ ଜି.ଆର. କେଶ ନମ୍ବର ୯୮/୨୦୨୫ରେ ମାମଲାର ବିଚାର ଚାଲିଥିଲା। ସମସ୍ତ ସାକ୍ଷ ପ୍ରମାଣକୁ ବିଚାର କରି କେନ୍ଦ୍ରାପଡା ଆଡହକ ଫାଷ୍ଟଟ୍ରାକ ସ୍ୱତନ୍ତ୍ର କୋର୍ଟର ଜଜ ଅଭିଯୁକ୍ତ ମନୋଜ ମଲ୍ଲିକକୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ କୋର୍ଟ ଜିଲ୍ଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ ପୀଡିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୁରଣ ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସମର କେଶରୀ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

# ଆବାସ ଯୋଜନାରେ ମହାଘୋଟାଲା

## ଏ ଯାଏଁ ହିନ୍ଦୋଳ ବ୍ଲକର କୌଣସି ପଞ୍ଚାୟତରେ ଲାଗିନି ତାଲିକା

**ହିନ୍ଦୋଳ (ଅମୃତ ମିଡିଆ) :** ଘର ଖଣ୍ଡିଏ ପାଇବା ପାଇଁ ଗ୍ରାମାଞ୍ଚଳର ହିତାଧିକାରୀ କେତେ ସ୍ୱପ୍ନ ଦେଖିଥାଏ। କେବେ ଆବାସ ଯୋଜନାରେ ଘରଖଣ୍ଡିଏ ମିଳିବ ତାକୁ ଚାତକ ପରି ଚାହିଁ ରହିଛନ୍ତି ହିତାଧିକାରୀ। ଅଥଚ ଘରଖଣ୍ଡିଏ ମିଳିବା ତ ଦୂରର କଥା ଏପର୍ଯ୍ୟନ୍ତ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ମଧ୍ୟ ପ୍ରକାଶ କରାଯାଉନାହିଁ। ସୂଚନା ଅନୁଯାୟୀ ହିନ୍ଦୋଳ ଉପଖଣ୍ଡରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏବେ ମହାଘୋଟାଲା ଦେଖିବାକୁ ମିଳିଛି। ଆବାସ ଯୋଜନାରେ ଘର ପାଇବା ପାଇଁ ଦୀର୍ଘଦିନ ହେବ ହିତାଧିକାରୀ ଦରଖାସ୍ତ କରିଥିଲେ। ବ୍ଲକ୍ ଅଧିକାରୀଙ୍କ ଦ୍ୱାରା ହିତାଧିକାରୀଙ୍କ ତଦନ୍ତ କରାଗଲା। ଆରମ୍ଭରୁ କିଛି ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ କିଛି ଅଯୋଗ୍ୟ ହିତାଧୀକାରୀଙ୍କୁ ସାମିଲ୍ କରାଯାଇଥିବାର ଅଭିଯୋଗ ହେଲା। ତାଲିକା ମାରିଲା ବେଳକୁ ଯୋଗ୍ୟ ହିତାଧିକାରୀଙ୍କ ନାମ ନଥିବାରୁ ହିନ୍ଦୋଳ ବ୍ଲକ୍ ଯାଇ ବହୁ ହିତାଧିକାରୀ ଅଭିଯୋଗ କରିବା ସହ କାର୍ଯ୍ୟାଳୟରେ ତୁମ୍ବିତୋଫାନ୍ କରିଥିଲେ। ତାଲିକାକୁ ପୁନର୍ବାର ବ୍ଲକ୍ ପ୍ରଶାସନ ପକ୍ଷରୁ ଜଣେ ପଞ୍ଚାୟତ ଅଧିକାରୀ ଓ ୨ଜଣ ଏଡିଓଙ୍କ ଦ୍ୱାରା ଯାଞ୍ଚ କରାଗଲା। ଗତ ୨୦ ତାରିଖ ପଞ୍ଚାୟତ କାର୍ଯ୍ୟାଳୟରେ ତାଲିକା ଲଗାଇବା ପାଇଁ ସ୍ପଷ୍ଟ ସରକାରୀ ନିର୍ଦ୍ଦେଶ ଥିବାବେଳେ ଉକ୍ତଦିନ ଗ୍ରାମସଭା ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ନାମ ଘୋଷଣା କରାଯିବ ବୋଲି ବ୍ଲକ୍ ପକ୍ଷରୁ ନୋଟିସ୍ କରାଗଲା। ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କ ଭିଡ଼ ଜମିଥିଲା। କିନ୍ତୁ ଦିନସାରା ଅପେକ୍ଷା କରିବା ପରେ ମଧ୍ୟ ତାଲିକା ପ୍ରକାଶ କରାଗଲା ନାହିଁ। ପଞ୍ଚାୟତରେ ଉପସ୍ଥିତ ଲୋକମାନଙ୍କର କେବଳ ଦସ୍ତଖତନେଇ ଗ୍ରାମସଭା ସାରିଦିଆଗଲା। ଫଳରେ ହିତାଧିକାରୀ ଅସନ୍ତୋଷ ପ୍ରକାଶ କରିବା ସହ ନିରାଶହୋଇ ପୁରୁଣା ତାଲିକା ଦେଖି ଘରକୁ ଫେରିଥିଲେ। ରାଜ୍ୟର ବିଭିନ୍ନ ପଞ୍ଚାୟତରେ ଗତ ୨୦ ତାରିଖରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ କରି ଗ୍ରାମସଭା ମାଧ୍ୟମରେ ଘୋଷଣା କରାଯାଇଥିବାବେଳେ ହିନ୍ଦୋଳ ବ୍ଲକର କୌଣସି ପଞ୍ଚାୟତରେ କିପରି ଗ୍ରାମସଭା ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ନାମ ଘୋଷଣା କରାଗଲା ନାହିଁ ତାକୁ ନେଇ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ଅଯୋଗ୍ୟ ହିତାଧୀକାରୀଙ୍କୁ ତାଲିକାରେ ଯୋଗ କରିବା ପାଇଁ ହିନ୍ଦୋଳ ବ୍ଲକରେ ଗୁପ୍ତମନ୍ତ୍ରଣା ଚାଲିଥିବା ସାଧାରଣରେ ଆଲୋଚନା ହେଉଛି। ଏପରିକି କିଛି ରାଜନୈତିକ ଦଳର କିଛି ନେତାଙ୍କ ସୁପାରିଶରେ ଅଯୋଗ୍ୟଙ୍କୁ ଯୋଗ୍ୟ କରିବାକୁ ମସୁଧା ଚଳାଇ ଗୁପ୍ତମନ୍ତ୍ରଣା ଚାଲିଥିବା ମଧ୍ୟ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଆଲୋଚନା ହେଉଛି। ଏହିସବୁ କାର୍ଯ୍ୟରେ ହିନ୍ଦୋଳ ବ୍ଲକର ବିଡିଓ ପୂର୍ଣ୍ଣ



ସହଯୋଗ କରୁଥିବାର କଥା ମଧ୍ୟ ଚା ଖଟିଠାରୁ ଆରମ୍ଭ କରି ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ଆଲୋଚନା ହେଉଛି। ବିଭିନ୍ନ ଗ୍ରାମରେ କିଛି ଦଲାଲ୍ ବୁଲି ଘର କରାଇଦେବା ନାମରେ ଟଙ୍କା ଆଦାୟ କରୁଥିବା ଭଳି ସାଂଘାତିକ ଅଭିଯୋଗ ମଧ୍ୟ ହେଉଛି। କିଛିଦିନ ପୂର୍ବରୁ ମଧ୍ୟ ଅନ୍ତୋଦୟ ଗୃହ ଯୋଜନାରେ ମହାଘୋଟାଲା ହୋଇଥିଲା। କେବଳ ସ୍ୱଚ୍ଛଳ ବର୍ଗର ତଥା କୋଠାଘର ଥିବା ଲୋକଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ଅନ୍ତୋଦୟ ଗୃହ ବଣ୍ଟନ କରାଯାଇଥିଲା। ଏ ନେଇ ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। କିନ୍ତୁ ଏତେସବୁ ଅଭିଯୋଗ ପରେ ମଧ୍ୟ କୌଣସି ତଦନ୍ତ ହେଲାନାହିଁ କି ସତ୍ୟାସତ୍ୟ ଉନ୍ମୋଚନ କରାଗଲା ନାହିଁ। ତେବେ ଉଚ୍ଚସ୍ତରୀୟ ତଦନ୍ତ କରି କିପରି ଗ୍ରାମାଞ୍ଚଳର ଯୋଗ୍ୟ ହିତାଧିକାରୀ ଆବାସ ଗୃହ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି। ୨୦ ତାରିଖ ଗ୍ରାମସଭା ମାଧ୍ୟମରେ ବିଭିନ୍ନ ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀଙ୍କ ନାମ ପ୍ରକାଶ କରିବା ପାଇଁ ନୋଟିସ୍ କରାଯାଇଥିବାବେଳେ ଏଯାଏଁ କାହିଁକି ପ୍ରକାଶ କରାଯାଇନାହିଁ ସେ ସଂପର୍କରେ ପ୍ରତିକ୍ରିୟା ପାଇଁ ହିନ୍ଦୋଳ ବିଡ଼ିଓଙ୍କୁ ବାରମ୍ବାର ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।




### ୨୦୨୭ ଦିନିକିଆ ବିଶ୍ୱକପ୍‌କୁ ନେଇ କାର୍ଯ୍ୟସୂଚୀ ଘୋଷଣା

# ୨୨ ଫେବୃଆରୀ ୨୦୨୭ରୁ ଆରମ୍ଭ, ୨୩ ମାର୍ଚ୍ଚରେ ଶେଷ



**ନୂଆଦିଲ୍ଲୀ,୫।୮:** ୨୦୨୭ ODI ବିଶ୍ୱକପର କାର୍ଯ୍ୟସୂଚୀକୁ ନେଇ ଏକ ବଡ଼ ଅପଡେଟ ପ୍ରକାଶ ପାଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ICC) ଟୁର୍ଣ୍ଣାମେଣ୍ଟର ଯୋଗ୍ୟତା ପର୍ଯ୍ୟାୟ ପାଇଁ ତାରିଖ ଘୋଷଣା କରିଛି। ୧୦ଟି ଦଳକୁ ନେଇ ଯୋଗ୍ୟତା ପର୍ଯ୍ୟାୟ ୨୨ ଫେବୃଆରୀରୁ ୨୩ ମାର୍ଚ୍ଚ, ୨୦୨୭ ମଧ୍ୟରେ ଅନୁଷ୍ଠିତ ହେବ। ତାରିଖ ଘୋଷଣା କରାଯାଇଥିଲେ ମଧ୍ୟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ପାଇଁ ସ୍ଥାନ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ଏହା ଉଲ୍ଲେଖନୀୟ ଯେ ଆଗାମୀ ବିଶ୍ୱକପ ୧୪ ଦଳକୁ ନେଇ ଏକ ନୂତନ ଫର୍ମାଟ ଅନୁଯାୟୀ ଖେଳାଯିବ। ଯୋଗ୍ୟତା ପର୍ଯ୍ୟାୟରୁ ବିଜେତା ଦଳ ୧୪-ଦଳୀୟ ଲାଇନଅପରେ ସିଧାସଳଖ ସ୍ଥାନ ସୁରକ୍ଷିତ କରିବ। ଯୋଗ୍ୟତା ପର୍ଯ୍ୟାୟରେ ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରୁଥିବା ଦଳଗୁଡ଼ିକ ମଧ୍ୟରେ ଏକ 'ସୁପର ସିରିଜ' ଖେଳାଯିବ; ଏହା ବିଶ୍ୱକପର ପ୍ରଥମ ପର୍ଯ୍ୟାୟ ଭାବରେ କାର୍ଯ୍ୟ କରିବ। ଏହି ପର୍ଯ୍ୟାୟର ବିଜେତା ଶ୍ରେଷ୍ଠ ୧୨ରେ ସ୍ଥାନ ସୁରକ୍ଷିତ କରିବ। ବିଶ୍ୱକପ ତିନୋଟି ଦେଶ ଦ୍ୱାରା ମିଳିତ ଭାବରେ ଆୟୋଜନ କରାଯିବ: ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମ୍ବିଆ। ମ୍ୟାଚ ୧୨ଟି ଭିନ୍ନ ଷ୍ଟାଡିୟମରେ ଅନୁଷ୍ଠିତ ହେବ, ଯେଉଁଥିରେ ଦକ୍ଷିଣ ଆଫ୍ରିକା ସର୍ବାଧିକ ସଂଖ୍ୟକ ଭେନ୍ୟୁ (ଆଠଟି) ଆୟୋଜନ କରିବ। ଜିମ୍ବାୱେ ତିନୋଟି ସ୍ଥାନ ଆୟୋଜନ କରିବ ଏବଂ ନାମ୍ବିଆ ଗୋଟିଏ ସ୍ଥାନ ଆୟୋଜନ କରିବ। ବିଶ୍ୱକପ ଅକ୍ଟୋବର ୪ ରୁ ନଭେମ୍ବର ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଦଶଟି ଦଳ ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିବେ। ଏଥିରେ ସେପ୍ଟେମ୍ବର ୩୦, ୨୦୨୬ ସୁଦ୍ଧା ODI ରାଙ୍କିଙ୍ଗରେ ସବୁଠାରୁ ନିମ୍ନରେ ଥିବା ଦୁଇଟି 'ପୂର୍ଣ୍ଣ ସଦସ୍ୟ' ଦଳ (ଆୟୋଜକ, ଦକ୍ଷିଣ ଆଫ୍ରିକା ଏବଂ ଜିମ୍ବାୱେକୁ ବାଦ ଦେଇ), CWC ଲିଗ ୨ ର ଶୀର୍ଷ ଚାରିଟି ଦଳ ଏବଂ ବିଶ୍ୱକପ ଯୋଗ୍ୟତା ପ୍ଲେ-ଅଫର ଶୀର୍ଷ ଚାରିଟି ଦଳ ଅନ୍ତର୍ଭୁକ୍ତ ହେବେ। ୱେଷ୍ଟଇଣ୍ଡିଜ କ୍ୱାଲିଫାୟରରେ ବାଦ ପଡ଼ିବା ପରେ ପୂର୍ବ ODI ବିଶ୍ୱକପ (୨୦୨୩) ପାଇଁ ଯୋଗ୍ୟତା ହାସଲ କରିପାରି ନଥିଲା। ଏବେ, ପୁଣି ଥରେ ସେମାନଙ୍କ ଉପରେ ଯୋଗ୍ୟତା ପର୍ଯ୍ୟାୟ ଖେଳିବାର ବିପଦ ଘୋର ହୋଇପଡୁଛି। ଦଳ ବର୍ତ୍ତମାନ ODI ରାଙ୍କିଙ୍ଗରେ ୧୦ମ ସ୍ଥାନରେ ଅଛି। ସେପ୍ଟେମ୍ବର ୩୦ କଟ-ଅଫ ତାରିଖ ପୂର୍ବରୁ, କାରିବିଆନ ଦଳ ପାଖରେ ଖେଳିବାକୁ କେବଳ ଦୁଇଟି ODI ବାକି ଅଛି – ଉଭୟ ଭାରତ ବିପକ୍ଷରେ। ଏହା ସହିତ, ଆଫଗାନିସ୍ତାନ ଏବଂ ଆୟରଲ୍ୟାଣ୍ଡ ମଧ୍ୟରେ ODI ସିରିଜ ମଧ୍ୟ ୱେଷ୍ଟଇଣ୍ଡିଜ ଉପରେ ପ୍ରଭାବ ପକାଇବ। ଯଦି ଆୟରଲ୍ୟାଣ୍ଡ ଅତି କମରେ ୪-୧ କିମ୍ବା ୫-୦ ବ୍ୟବଧାନରେ ଜିତିଯାଏ, ଏବଂ ୱେଷ୍ଟଇଣ୍ଡିଜ ମଧ୍ୟ ଭାରତ ବିପକ୍ଷରେ ଦୁଇଟି ଦିନିକିଆ ଜିତିଯାଏ, ତେବେ ସେମାନଙ୍କର ଶ୍ରେଷ୍ଠ ଆଠଟିରେ ପ୍ରବେଶ କରିବାର ସୁଯୋଗ ରହିବ।

## ସୁନୀଲ ଗାଭାସ୍କରଙ୍କ ମନୋନୀତ ଦଳ



**ନୂଆଦିଲ୍ଲୀ,୫।୮:** ଆସନ୍ତା ବର୍ଷ (୨୦୨୭) ହେବାକୁ ଥିବା ଏକଦିବସୀୟ ବିଶ୍ୱକପ ପାଇଁ ଭାରତୀୟ ଦଳରେ କିଏ ସ୍ଥାନ ପାଇବ ସେ ବିଷୟରେ ଆଲୋଚନା ଆରମ୍ଭ ହୋଇସାରିଛି। ଇଂଲଣ୍ଡ ବିପକ୍ଷରେ ଭାରତର ସମ୍ପ୍ରତି ଏକଦିବସୀୟ ସିରିଜ ପରାଜୟ ଅନେକ ପ୍ରଶ୍ନ ଉଠାଇଛି। ଭାରତ ପାଇଁ ଏହାର ପ୍ରସ୍ତୁତି ମୂଲ୍ୟାଙ୍କନ କରିବା, ବିଭିନ୍ନ ବିକଳ୍ପ ପରୀକ୍ଷା କରିବା ଏବଂ ଆବଶ୍ୟକୀୟ ପରିବର୍ତ୍ତନ କରିବା ପାଇଁ ଏବେ ବି ସମୟ ଅଛି। ଏକ ପ୍ରମୁଖ ପ୍ରଶ୍ନ ହେଉଛି ଯେ ପରିଚାଳନା ମୁଖ୍ୟ ଦଳ ପାଇଁ ୧୫ ଜଣିଆ ଖେଳାଳିଙ୍କ ତାଲିକା ଚୂଡ଼ାନ୍ତ କରିଛି କି ନାହିଁ। ସମ୍ଭବତଃ ପ୍ରାୟ ୧୨ ରୁ ୧୩ ଜଣ ଖେଳାଳି ପୂର୍ବରୁ ନିଶ୍ଚିତ ହୋଇସାରିଛନ୍ତି, ଅନ୍ୟମାନେ ବିଚାରାଧୀନ ଅଛନ୍ତି, ପ୍ରଦର୍ଶନ ଉପରେ ଆଧାର କରି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏହି ସମୟରେ, ପୂର୍ବତନ କ୍ରିକେଟର ସୁନୀଲ ଗାଭାସ୍କର ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଦଳକୁ ଚୟନ କରିଛନ୍ତି। ସୁନୀଲ ଗାଭାସ୍କର ଶୁବମନ ଗିଲ ଏବଂ ରୋହିତ ଶର୍ମାଙ୍କୁ ଓପନର ଭାବରେ ଚୟନ କରିଥିଲେ। ଏହା ଉଲ୍ଲେଖନୀୟ ଯେ ରୋହିତ ବିଶ୍ୱକପରେ ଖେଳିବେ କି ନାହିଁ ସେ ବିଷୟରେ ଅନିଶ୍ଚିତତା ରହିଛି। କିଛି ଦିନ ପୂର୍ବରୁ ଏକ ରିପୋର୍ଟ ପ୍ରକାଶ ପାଇଥିଲା ଯେଉଁଥିରେ କୁହାଯାଇଛି ଯେ ମ୍ୟାନେଜମେଣ୍ଟ ତାଙ୍କୁ ବିଶ୍ୱକପ ଦଳରେ କଳ୍ପନା କରୁନାହିଁ। ସେ ଏକ ଚମତ୍କାର ଶତକ ମାରି ସମାଲୋଚକମାନଙ୍କୁ ଚୁପ କରିଥିଲେ, ହେଲେ ଏବେବି ପ୍ରଶ୍ନ ରହିଛି ଯେ ସତରେ କ'ଣ ସେ ଖେଳିବେ ? ଯଦିଓ ବିସିସିଆଇ ସ୍ପଷ୍ଟ କରିଥିଲା ଯେ ସେ ଲର୍ଡସ ମ୍ୟାଚ ପରେ ଖେଳିବା ଜାରି ରଖିବେ, ସେମାନେ ଏହା କହି ନାହାଁନ୍ତି ଯେ ସେ ୨୦୨୭ ବିଶ୍ୱକପ ଦଳର ଅଂଶ ହେବେ। ଯଶସ୍ୱୀ ଜୟସ୍ୱାଲ ମଧ୍ୟ ତାଙ୍କ ଶେଷ ତିନୋଟି ଦିନିକିଆ ଇନିଂସ ମଧ୍ୟରୁ ଦୁଇଟିରେ ଶତକ ହାସଲ କରି ଦଳରେ ସ୍ଥାନ ପାଇଁ ନିଜର ଦାବି ଦୃଢ଼ ଭାବରେ ଜାହିର କରିଛନ୍ତି; ତଥାପି, ଗାଭାସ୍କର ତାଙ୍କୁ ତାଙ୍କ ଦଳରେ ସାମିଲ କରି ନାହାଁନ୍ତି। ସେ ବିରାଟ କୋହଲି, ଶ୍ରେୟସ ଆୟର ଏବଂ କେଏଲ ରାହୁଲଙ୍କୁ ଚୟନ କରିଥିଲେ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ସମେତ ତିନି ଜଣ ଅଲରାଉଣ୍ଡରଙ୍କୁ ସାମିଲ କରିଥିଲେ। କିଛି ସମୟ ଧରି, ପ୍ରଶଂସକମାନେ ମହମ୍ମଦ ଶାମି ଏବଂ ଭୁବନେଶ୍ୱର କୁମାରଙ୍କୁ ଦଳରେ ଫେରାଇ ଆଣିବା ପାଇଁ ଦାବି କରିଆସୁଛନ୍ତି, ଯଦିଓ ଏବେ ଏହା ସାଧାରଣରେ ବିଶ୍ୱାସ କରାଯାଉଛି ଯେ ଉଭୟ ଖେଳାଳିଙ୍କ ଅନ୍ତର୍ଜାତୀୟ କ୍ୟାରିଅର ପ୍ରଭାବଶାଳୀ ଭାବରେ ଶେଷ ହୋଇଯାଇଛି। ଶ୍ରୀଲଙ୍କା ଗସ୍ତ ସମୟରେ ଜସପ୍ରିତ ବୁମରାହ ଆହତ ହେବା ଯୋଗୁ ବାଦ ପଡ଼ିବା ପରେ, ଆକିବ ନବିଙ୍କୁ ତାଙ୍କ ବଦଳ ଭାବରେ ବାଛିଥିଲେ, ଯାହା ସ୍ପଷ୍ଟ କରିଥିଲା ଯେ ଚୟନକର୍ତ୍ତାମାନେ ଶାମି କିମ୍ବା ଭୁବନେଶ୍ୱରଙ୍କୁ ବିଚାର କରୁନାହାଁନ୍ତି।

## ଜାତୀୟ କନିଷ୍ଠ ହକି: ସେମିରେ ଓଡ଼ିଶା



**କୋଏମ୍ବାଟୁର,୫।୮:** ଏଠାରେ ଚାଲିଥିବା ଜାତୀୟ କନିଷ୍ଠ ପୁରୁଷ ହକି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଓଡ଼ିଶା ପ୍ରବେଶ କରିଛି। ବୁଧବାର କ୍ୱାର୍ଟରଫାଇନାଲ୍‌ରେ ଲିଗ୍ ପର୍ଯ୍ୟାୟରେ ଅପରାଜେୟ ଥିବା ଓଡ଼ିଶା ୫-୧ ଗୋଲ୍‌ରେ ହରିୟାଣାକୁ ପରାସ୍ତ କରିଛି। ମ୍ୟାଚ୍‌ର ତୃତୀୟ ମିନିଟ୍‌ରେ ମନଦୀପ କେର୍କେଟାଙ୍କ ଫିଲ୍ଡ ଗୋଲ୍‌ରୁ ଓଡ଼ିଶା ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଲେଇସାନ ମିଞ୍ଜ (୧୫ ମିନିଟ୍ ?)ଙ୍କ ପେନାଲ୍‌ଟି ଗୋଲ୍‌ରେ ଓଡ଼ିଶା ପ୍ରଥମ କ୍ୱାର୍ଟରକୁ ୨-୦ରେ ନିଜ ପକ୍ଷରେ ରଖିଥିଲା। ୨୦ ଓ ୪୬ ମିନିଟ୍‌ରେ ଆଉ ଦୁଇ ପେନାଲ୍‌ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଲେଇସାନ ବ୍ୟକ୍ତିଗତ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଶେଷ ମିନିଟ୍‌ରେ ଅଧିନାୟକ ଦୀପକ ପ୍ରଧାନ ଫିଲ୍ଡ ଗୋଲ୍ ଦେଇ ଦଳର ବିଜୟ ବ୍ୟବଧାନକୁ ବଢ଼ାଇଥିଲେ। ବିପକ୍ଷ ଦଳର ପ୍ରିନ୍ସ (୪୧ ମିନିଟ୍) ଗୋଟିଏ ଗୋଲ୍ ଶୁଝିଥିଲେ। ଓଡ଼ିଶା ଗୁରୁବାର ସେମିଫାଇନାଲ୍‌ରେ ପଞ୍ଜାବକୁ ଭେଟିବ। ପଞ୍ଜାବ ୫-୨ ଗୋଲ୍‌ରେ କର୍ଣ୍ଣାଟକକୁ ପରାସ୍ତ କରିଛି।

## ସେଣ୍ଟ୍‌ଲୁଇସ ଗ୍ରାଣ୍ଡ ଚେସ୍: ପ୍ରଜ୍ଞାନନ୍ଦ ଶୀର୍ଷରେ



**ସେଣ୍ଟ୍‌ଲୁଇସ,୫।୮:** ଭାରତୀୟ ଗ୍ରାଣ୍ଡ ମାଷ୍ଟର ଆର ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ସେଣ୍ଟ୍‌ଲୁଇସ ରାପିଡ୍ ଓ ବ୍ଲିଜ୍ ପ୍ରତିଯୋଗିତାରେ ଶୀର୍ଷରେ ରହିଛନ୍ତି। ୧୮ ପଏଣ୍ଟ୍ ବିଶିଷ୍ଟ ରାପିଡ୍ ପରେ ସେ ୧୨ ପଏଣ୍ଟ୍ ଅକ୍ତିଆର କରି ଏହି ସ୍ଥାନରେ ରହି ଚଳିତ ବର୍ଷ ହେବାକୁ ଥିବା ଗ୍ରାଣ୍ଡ ଚେସ୍ ଟୁର (ଜିସିଟି) ଫାଇନାଲ୍ସ ଖେଳିବା ଆଶା ଉଜ୍ଜୀବିତ ରଖିଛନ୍ତି। ୨୦୨୬ ବିଶ୍ୱ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରି ପାରି ନଥିବା ଏହି ଭାରତୀୟ ଚମତ୍କାର ଖେଳି ୯ ରାଉଣ୍ଡ ବିଶିଷ୍ଟ ରାପିଡ ବର୍ଗରେ ବିଜେତା ହୋଇଛନ୍ତି। ଶେଷ ରାଉଣ୍ଡରେ ସେ ଡଚ୍ ଜିଏମ୍ ଜୋର୍ଡାନ ଭାନ୍ ଫରେଷ୍ଟ୍‌ଙ୍କଠୁ ହାରି ଯାଇଥିଲେ। ହେଲେ ୧ ପଏଣ୍ଟ ଅଗ୍ରଣୀ ସହ ଶୀର୍ଷରେ ରହିଥିଲେ। ତାଙ୍କ ପଛରେ ଉଜବେକିସ୍ତାନର ଜାଭୋଖିର ସିନ୍ଦାରୋଭ ଓ ଆମେରିକାର ୱେସ୍‌ଲେ ସୋ (୧୧ ପଏଣ୍ଟ୍) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ରାପିଡ୍ ପରେ ୧୮ ପଏଣ୍ଟ ବିଶିଷ୍ଟ ବ୍ଲିଜ୍ ଖେଳାଯିବ। ଏହାପର ବିଜେତା ନିର୍ଣ୍ଣୟ ହେବ। ଆମେରିକାର ଲେଭନ ଆରୋନିଆନ୍, ଲିନିଅର ଡୋମିନଗୁଏଜ ପେରେଜ, ନେଦରଲାଣ୍ଡ୍ସ ଅନିଶ ଗିରି, ଜର୍ମାନି ଭିନସେଣ୍ଟ୍ କେମର (ସମସ୍ତେ ୯ ପଏଣ୍ଟ୍) ଏବଂ ଆମେରିକାର ଫାବିଆନୋ କାରୁଆନା, ଫରେଷ୍ଟ୍ (୮ ପଏଣ୍ଟ୍) ଓ ଆମେରିକାର ଆଓ୍ୱଣ୍ଡର ଲିଓଙ୍ଗ (୫) ଯଥାକ୍ରମେ ଚତୁର୍ଥରୁ ଦଶମ ସ୍ଥାନରେ ରହିଛନ୍ତି।

## ବିବିଏଲ୍‌ର ସବୁଠାରୁ ଦାମୀ ଖେଳାଳି ହେବେ ଷ୍ଟୋକ୍‌ସ !



**ସିଡ୍‌ନୀ,୫।୮:** ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ବେନ୍ ଷ୍ଟୋକ୍‌ସ ବିଗ୍ ବାସ୍ ଲିଗ୍ (ବିବିଏଲ୍) ଇତିହାସରେ ସବୁଠାରୁ ଦାମୀ ଖେଳାଳି ହୋଇପାରନ୍ତି। ବିବିଏଲ୍‌ର ୨୦୨୬-୨୭ ସଂସ୍କରଣ ପୂର୍ବରୁ ଅଲ୍‌ରାଉଣ୍ଡର ଷ୍ଟୋକ୍‌ସଙ୍କୁ କିଣିବା ଦୌଡ଼ର ସର୍ବାଗ୍ରେ ରହିଛି ସିଡ୍‌ନୀ ସିକ୍ସର୍ସ। କିଛି ସପ୍ତାହ ତଳେ ୩୫ ବର୍ଷ ବୟସ୍କ ବେନ୍ ଷ୍ଟୋକ୍‌ସ ଆନ୍ତର୍ଜାତିକ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ। ଫଳରେ ଷ୍ଟୋକ୍‌ସ ସାରାବିଶ୍ୱରେ ଫ୍ରାଞ୍ଚାଇଜି କ୍ରିକେଟ୍ ଖେଳିବା ପାଇଁ ଯଥେଷ୍ଟ ସମୟ ପାଇବେ। ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ, କ୍ରିକେଟ୍ ଅଷ୍ଟ୍ରେଲିଆ ବିବିଏଲ୍‌ର ନିୟମରେ ପରିବର୍ତ୍ତନ କରିବାକୁ ଯାଉଛି। ଏହା ଅନୁସାରେ, ବିଦେଶୀ ଖେଳାଳିଙ୍କ ତାଲିକାରୁ ନୁହେଁ; ଏକ ଫ୍ରାଞ୍ଚାଇଜି ନିଜ ଆଡ଼କୁ ଜଣେ ବିଦେଶୀ ଖେଳାଳିଙ୍କ ସହ ଯୋଗାଯୋଗ କରି ତାଙ୍କ ସହ ଦଳର ପ୍ରମୁଖ ଖେଳାଳି ଭାବେ ଚୁକ୍ତି କରିପାରିବ। ଏକ ରିପୋର୍ଟ ଅନୁସାରେ, ବେନ୍ ଷ୍ଟୋକ୍‌ସଙ୍କୁ କିଣିବା ପାଇଁ ସିଡ୍‌ନୀ ସିକ୍ସର୍ସ ୬ ନିୟୁତ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୫ କୋଟି ୭୨ ଲକ୍ଷ ଟଙ୍କା) ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଅଛି। ଏପରି ହେଲେ ଷ୍ଟୋକ୍‌ସ ବିବିଏଲ୍ ଇତିହାସରେ ସବୁଠାରୁ ଦାମୀ ଖେଳାଳି ହେବେ। ସିଡ୍‌ନୀ ସିକ୍ସର୍ସ ଦଳ ଷ୍ଟୋକ୍‌ସଙ୍କୁ ନେବା ପାଇଁ ଯୋଜନା କରିଥିବା ବେଳେ ହୋବାର୍ଟ ହରିକେନ୍‌ସ ମଧ୍ୟ ତାଙ୍କୁ ନେବା ପାଇଁ ଆଗ୍ରହ ପ୍ରକାଶ କରିଛି। ଏହାସହ ନ୍ୟୁଜିଲାଣ୍ଡର ବିସ୍ଫୋରକ ଓପନର ଫିନ୍ ଆଲେନ୍‌ଙ୍କୁ ନେବା ପାଇଁ ବିବିଏଲ୍‌ର ଏକାଧିକ ଫ୍ରାଞ୍ଚାଇଜି ଆଗ୍ରହୀ ଅଛନ୍ତି। ଗତବର୍ଷ ପର୍ଥ ସ୍କର୍ଚର୍ସ ପାଇଁ ଖେଳି ଫିନ୍ ଆଲେନ୍ ୧୮୪.୧୮ ଷ୍ଟ୍ରାଇକ୍‌ରେଟ୍‌ରେ ସର୍ବାଧିକ ୪୬୬ ରନ୍ କରିଥିଲେ। ପୁଣି ଏକ ସଂସ୍କରଣରେ ଆଲେନ୍ ସର୍ବାଧିକ ଛକା ମାରିବାର କୀର୍ତ୍ତିମାନ ସ୍ଥାପନ କରିଥିଲେ। ଫଳରେ ପର୍ଥ ସ୍କର୍ଚର୍ସ ୬ଷ୍ଠ ଥର ବିବିଏଲ୍ ଚମ୍ପିଆନ୍ ହୋଇଥିଲା। ଏବେ ଇଂଲଣ୍ଡରେ ଚାଲିଥିବା ଦିନିକିଆ କପ୍‌ରେ ଷ୍ଟୋକ୍‌ସ ପ୍ରଭାବଶାଳୀ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଫର୍ମ ଓ ଅଭିଜ୍ଞତା ଯୋଗୁଁ ଷ୍ଟୋକ୍‌ସଙ୍କୁ ନେବା ପାଇଁ ବିବିଏଲ୍ ଫ୍ରାଞ୍ଚାଇଜି ଆଗ୍ରହୀ ଅଛନ୍ତି। ୨୦୧୪-୧୫ରେ ଷ୍ଟୋକ୍‌ସ ମେଲ୍‌ବୋର୍ଣ୍ଣ ରେନେଗେଡ୍‌ସ ପାଇଁ ବିବିଏଲ୍ ଖେଳିଥିଲେ ହେଁ ଭଲ ପ୍ରଦର୍ଶନ କରି ପାରିନଥିଲେ।

### ଅନ୍ତର୍ଜାତୀୟ ଓପନ କରାଟେ ଚାମ୍ପିୟନସିପ୍

## ଉତ୍କଳ କରାଟେ ସ୍କୁଲ୍‌କୁ ୭ ସ୍ୱର୍ଣ୍ଣ, ୨ ରୌପ୍ୟ, ୫ଟି କାଂସ୍ୟପଦକ



**ବାରିପଦା,୫।୮:** କୋଲକାତାର ଐତିହାସିକ ନେତାଜୀ ଇଣ୍ଡୋର ଷ୍ଟାଡିୟମରେ ୧୦ମ ଆନ୍ତର୍ଜାତୀୟ ଓପେନ କରାଟେ ଚ୍ୟାମ୍ପିୟନସିପ୍ ଆୟୋଜିତ ହୋଯାଇଥିବା ବେଳେ, ବାରିପଦାର ଉତ୍କଳ କରାଟେ ସ୍କୁଲର ପ୍ରତିଭାଶାଳୀ ଖେଳାଳି ମାନେ ପୁଣିଥରେ ଆନ୍ତର୍ଜାତୀୟ ମଞ୍ଚରେ ନିଜ ପ୍ରତିଭାର ଉତ୍କୃଷ୍ଟ ପ୍ରଦର୍ଶନ କରି ମୟୂରଭଞ୍ଜ ଜିଲ୍ଲାର ଗୌରବ ବଢ଼ାଇଛନ୍ତି । ବାରିପଦା ଦାର୍ଗା ।ଡାହି ସ୍ଥିତ ଯୁବ୍ଲି ମଣ୍ଡପ ନିକଟସ୍ଥ ଉତ୍କଳ କରାଟେ ସ୍କୁଲର ଖେଳାଳିମାନେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତି ନିଜର ଦମଦାର ପ୍ରଦର୍ଶନ କରିଛନ୍ତି । ଅଲ ଇଣ୍ଡିଆ ସେଶିନକାଇ ଶିତୋ ର୍‌ୟୁ କରାଟେ ଡୋ ଫେଡେରେସନର ତତ୍ତ୍ୱାବଧାନରେ ଆୟୋଜିତ ଏହି ତିନି ଦିନିଆ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ରେଂଶି ସୁଶାନ୍ତ ବାରିକ ଏବଂ କୋଚ ସାଇ ସୁନ୍ଦର ବାରିକଙ୍କ ତତ୍ତ୍ୱାବଧାନରେ ମୋଟ ୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୭ ଟି ସ୍ୱର୍ଣ୍ଣ, ୨ ଟି ରୌପ୍ୟ , ୫ ଟି କାଂସ୍ୟ ପଦକ ହାସଲ କରିଛନ୍ତି । ତନ୍ମଧ୍ୟରୁ କାତା ବିଭାଗରେରେ ଆଦିର ଦେ, ସମୀକ୍ଷା ବାରିକ, ବୈଭବ ପଟ୍ଟନାୟକ, ରିତିକା ରାଣୀ ବେହେରା , ତାନ୍ୟ ତାପ୍ତି ମହାନ୍ତି ସ୍ୱର୍ଣ୍ଣ ପଦକ, ଜିଜ୍ଞାସା ବାସୁରି ରୋପ୍ୟ ପଦକ, ଆରୋହି ମହାପାତ୍ର କାଂସ୍ୟ ପଦକ ଏବଂ କୁମିତେ ବିଭାଗରେ ଆଦିର ଦେ, ରିତିକା ରାଣୀ ବେହେରା ସ୍ୱର୍ଣ୍ଣ ପଦକ, ତାନ୍ୟା ତାପ୍ତୀ ମହାନ୍ତି, ସମୀକ୍ଷା ବାରିକ, ବୈଭବ ପଟ୍ଟନାୟକ, ଆରୋହି ମହାପାତ୍ର, ଜିଜ୍ଞାସା ବାସୁରୀ କାଂସ୍ୟ ପଦକ ହାସଲ କରି ସ୍କୁଲ ସହ ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି । ଏହି ସଫଳତା ପରେ ସ୍କୁଲ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପନିର୍ଦ୍ଦେଶକ କରୁଣାକର ହେମ୍ବ୍ରମ ଅତିଥି ଭାବେ ଯୋଗଦେଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ବୈଭବଙ୍କୁ ପ୍ରଥମେ ଆୟରଲ୍ୟାଣ୍ଡ ଗସ୍ତରେ ଡେବ୍ୟୁ କରାଯିବା ଉଚିତ୍ ଥିଲା : ମହମ୍ମଦ କୈଫ



**ନୂଆଦିଲ୍ଲୀ,୫।୮:** ଭାରତୀୟ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ପୁଣି ଥରେ ଚର୍ଚ୍ଚାରେ ଆସିଛନ୍ତି। ଏଥର ତାଙ୍କ ପ୍ରଦର୍ଶନ ଅପେକ୍ଷା ଅନ୍ତର୍ଜାତିକ କ୍ରିକେଟରେ ଡେବ୍ୟୁକୁ ନେଇ ଅଧିକ ଚର୍ଚ୍ଚା ହେଉଛି। ଭାରତର ପୂର୍ବତନ କ୍ରିକେଟର ମହମ୍ମଦ କୈଫଙ୍କ ମତରେ, ଟିମ ମ୍ୟାନେଜମେଣ୍ଟ ଯୁବ ବ୍ୟାଟରଙ୍କ କ୍ଷେତ୍ରରେ ତରବରିଆ ଏବଂ ଭୁଲ ରଣନୀତି ଅପଣାଇଥିଲା। ତାଙ୍କ କହିବା ଅନୁସାରେ, ବୈଭବଙ୍କୁ ପ୍ରଥମେ ଆୟରଲ୍ୟାଣ୍ଡ ଗସ୍ତରେ ଡେବ୍ୟୁ କରାଯିବା ଉଚିତ୍ ଥିଲା, ଯାହାଦ୍ୱାରା ସେ କମ ଚାପରେ ଆନ୍ତର୍ଜାତିକ କ୍ରିକେଟର ପରିବେଶ ସହ ନିଜକୁ ଖାପ ଖୁଆଇ ପାରିଥାନ୍ତେ। ବୈଭବ ଆଇପିଏଲ ୨୦୨୬ରେ ଦମଦାର ବ୍ୟାଟିଂ କରି ଅରେଞ୍ଜ କ୍ୟାପ ଜିତିଥିଲେ। ସମଗ୍ର ସିଜନରେ ସେ କ୍ରମାଗତ ଭାବେ ରନ ସଂଗ୍ରହ କରିବା ସହ ନିଜର ବିସ୍ଫୋରକ ବ୍ୟାଟିଂରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଏହି ପ୍ରଦର୍ଶନ ଆଧାରରେ ତାଙ୍କୁ ଆୟରଲ୍ୟାଣ୍ଡ ଓ ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଟି-୨୦ ଦଳରେ ସ୍ଥାନ ମିଳିଥିଲା। ତେବେ ଆୟରଲ୍ୟାଣ୍ଡ ଗସ୍ତରେ ତାଙ୍କୁ ଗୋଟିଏ ବି ମ୍ୟାଚ ଖେଳିବାର ସୁଯୋଗ ମିଳିନଥିଲା। ପରେ ଇଂଲଣ୍ଡ ଗସ୍ତରେ ସଞ୍ଜୁ ସାମସନଙ୍କ ଖରାପ ପ୍ରଦର୍ଶନ ପରେ ବୈଭବଙ୍କୁ ଡେବ୍ୟୁ କରାଯାଇଥିଲା। କିନ୍ତୁ ଇଂଲଣ୍ଡର ଶକ୍ତିଶାଳୀ ବୋଲିଂ ଆକ୍ରମଣ ସମ୍ମୁଖରେ ସେ ବଡ଼ ଇନିଂସ ଖେଳିପାରିନଥିଲେ ଏବଂ ତିନୋଟି ମ୍ୟାଚରେ ଯଥାକ୍ରମେ ୧୪, ୧୩ ଓ ୧୫ ରନ କରିଥିଲେ। ଏହାପରେ ତାଙ୍କୁ ଶେଷ ମ୍ୟାଚରୁ ବାଦ ଦିଆଯାଇଥିଲା। ମହମ୍ମଦ କୈଫ ନିଜ ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି ଯେ, ବୈଭବ ସୂର୍ଯ୍ୟବଂଶୀ କୌଣସି ସାଧାରଣ ଖେଳାଳି ନୁହଁନ୍ତି। ସେ ଆଇପିଏଲରେ କେବଳ ଗୋଟିଏ କିମ୍ବା ଦୁଇଟି ମ୍ୟାଚରେ ନୁହେଁ, ବରଂ ସମ୍ପୂର୍ଣ୍ଣ ସିଜିନରେ ଦମଦାର ପ୍ରଦର୍ଶନ କରି ଅରେଞ୍ଜ କ୍ୟାପ ହାସଲ କରିଥିଲେ। ଏଭଳି ଜଣେ ପ୍ରତିଭାଶାଳୀ ଖେଳାଳିଙ୍କୁ ଆରମ୍ଭରୁ ହିଁ ଦଳର ଭରସା ମିଳିବା ଉଚିତ ଥିଲା।

### ବରିଷ୍ଠ ଜାତୀୟ ଚେସ୍ ପାଇଁ ନୂଆ ତାରିଖ ଘୋଷଣା

## ନଭେମ୍ବର ୨୯ରୁ ଆରମ୍ଭ ପ୍ରତିଯୋଗିତା

**ନୂଆଦିଲ୍ଲୀ,୫।୮:** ସର୍ବ ଭାରତୀୟ ଚେସ୍ ମହାସଂଘ (AICF) ବୁଧବାର ବରିଷ୍ଠ ଜାତୀୟ ଚେସ୍ ପ୍ରତିଯୋଗିତା ପାଇଁ ସୂଚୀରେ ପରିବର୍ତ୍ତନ କରି ନୂଆ ତାରିଖ ଘୋଷଣା କରିଛି । ଆସନ୍ତା ନଭେମ୍ବର ୨୯ରୁ ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଉତ୍ତର ପ୍ରଦେଶର ପବିତ୍ର ସହର ବାରାଣାସୀଠାରେ ଅନୁଷ୍ଠିତ ହେବ । ପୂର୍ବରୁ AICF ଏହି ୨୦୨୬ ସଂସ୍କରଣ ପ୍ରତିଯୋଗିତାକୁ ୨୦୨୭ ମାର୍ଚ୍ଚ ୨୫ରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଆୟୋଜନ କରିବାକୁ ସ୍ଥିର କରିଥିଲା । ମାତ୍ର ଏହି ନିଷ୍ପତ୍ତିକୁ ନେଇ ଅର୍ଜୁନ ପୁରସ୍କାରପ୍ରାପ୍ତ ତଥା ୫ ଥରର ରାଜ୍ୟଗୋଷ୍ଠୀ ବିଜେତା ଗ୍ରାଣ୍ଡମାଷ୍ଟର ଅଭିଜିତ ଗୁପ୍ତା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଗଭୀର ଅସନ୍ତୋଷ ଓ ଚିନ୍ତା ପ୍ରକଟ କରିଥିଲେ । ଗ୍ରାଣ୍ଡମାଷ୍ଟର ଗୁପ୍ତା ନିଜ ପୋଷ୍ଟ୍‌ରେ ଲେଖିଥିଲେ ଯେ, ୨୦୨୬ର ଟୁର୍ଣ୍ଣାମେଣ୍ଟକୁ ୨୦୨୭ ମାର୍ଚ୍ଚରେ କରାଇବା କେତେଦୂର ଯୁକ୍ତିଯୁକ୍ତ ଏହାସହ ମାର୍ଚ୍ଚ ମାସରେ ଛାତ୍ରଛାତ୍ରୀମାନଙ୍କର ବାର୍ଷିକ ପରୀକ୍ଷା ଥିବାରୁ ଅନେକ ଉଦୀୟମାନ ଚେସ୍ ଖେଳାଳି ଏଥିରେ ଭାଗ ନେବାରୁ ବଞ୍ଚିତ ହେବେ ବୋଲି ସେ ଦର୍ଶାଇଥିଲେ । ଏହି ସମାଲୋଚନା ଓ ପ୍ରତିକ୍ରିୟା ପରେ ଇଓଉର ତୁରନ୍ତ ଏକ ଜରୁରୀ ବୈଠକ ଡାକି ପ୍ରମୁଖ ଅଂଶୀଦାରଙ୍କ ସହ ଆଲୋଚନା କରିଥିଲା । ସମସ୍ତଙ୍କ ସୁବିଧା ଓ ଖେଳାଳିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହାସଂଘ ନିଜ ନିଷ୍ପତ୍ତି ବଦଳାଇ ଚଳିତ ବର୍ଷ ଶେଷରେ ପ୍ରତିଯୋଗିତା ଆୟୋଜନ କରିବାକୁ ଚୂଡ଼ାନ୍ତ ନିଷ୍ପତ୍ତି ନେଇଛି ।

### କୋରିଆ ଓପନ୍: ଦ୍ୱିତୀୟ ରାଉଣ୍ଡରେ ତନ୍ୱୀ ଓ ଶ୍ରୀୟାଂଶୀ

## ପୁରୁଷ ଯୁଗଳରେ ବିପର୍ଯ୍ୟୟ ସୃଷ୍ଟି କଲେ ପୃଥ୍ୱୀ-କ୍ରୀଷ୍ଣା



**ନୂଆଦିଲ୍ଲୀ,୫।୮:** ଚଳିତ କୋରିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ୧୭ ବର୍ଷୀୟା ଉଦୀୟମାନ ଖେଳାଳି ତନ୍‌ଭୀ ଶର୍ମା ଚମତ୍କାର ବିଜୟ ସହ ଆରମ୍ଭ କରିଛନ୍ତି । ମହିଳା ଏକକ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ତାଇପେଇ ଓପନ୍ ବିଜୟିନୀ ତଥା ଟୁର୍ଣ୍ଣାମେଣ୍ଟର ତୃତୀୟ ମାନ୍ୟତାପ୍ରାପ୍ତ ତନ୍‌ଭୀ ସାଧାସଳଖ ୨୧-୧୬, ୨୧-୧୫ ସେଟ୍‌ରେ ଚୀନ୍‌ର ୟୁଆନ ଆନ୍ କ୍ୱିଙ୍କୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପରବର୍ତ୍ତୀ (ଦ୍ୱିତୀୟ) ରାଉଣ୍ଡରେ ତନ୍‌ଭୀ ନିଜ ଦେଶ ଭାରତର ଶ୍ରୀୟାଂଶୀ ଭାଲିସେଟ୍ଟୀଙ୍କୁ ଭେଟିବେ । ଶ୍ରୀୟାଂଶୀ ମଧ୍ୟ ପ୍ରଥମ ରାଉଣ୍ଡରେ ଦମ୍‌ଦାର ପ୍ରଦର୍ଶନ କରି ୨୧-୧୫, ୨୧-୧୪ ଗେମ୍‌ରେ ଚାଇନିଜ୍ ତାଇପେଇର ପାଇ ୟୁ-ପୋଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ଫଳରେ ଦ୍ୱିତୀୟ ରାଉଣ୍ଡରେ ଦୁଇ ଭାରତୀୟ ଖେଳାଳିଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ । ଅନ୍ୟପଟେ ପୁରୁଷ ଯୁଗଳ ବର୍ଗରେ ଭାରତର ପୃଥ୍ୱୀ କ୍ରୀଷ୍ଣାମୂର୍ତ୍ତି ରୟ ଓ କ୍ରୀଷ୍ଣା ପ୍ରସାଦ ଗରାଜା ପ୍ରଥମ ରାଉଣ୍ଡରେ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି । ଏହି ଭାରତୀୟ ଯୋଡ଼ି ୨୧-୧୬, ୨୧-୧୮ ସେଟ୍‌ରେ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ମାନ୍ୟତାପ୍ରାପ୍ତ ଥାଇଲାଣ୍ଡର ଶକ୍ତିଶାଳୀ ଯୋଡ଼ି ଓରାପୋଲ ଥୋଙ୍ଗସା-ଙ୍ଗା ଓ ଚାଲୋଇମ୍ପନ ଚାରୋଇଏଙ୍କିତାମୋର୍ନଙ୍କୁ ପରାସ୍ତ କରି ଆଗାମୀ ରାଉଣ୍ଡରେ ନିଜ ସ୍ଥାନ ପକ୍କା କରିଛନ୍ତି ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085/86 (News), 9040003050 (Advt.)

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra




# ଗୋରୁ ସହ ପିକ୍‌ଅପ ଓ ବାଇକ୍ ଜବତ, ଜଣେ ଗିରଫ






**ବାରିପଦା /କରଞ୍ଜିଆ (ଅମୃତ ମିଡିଆ) :** କରଞ୍ଜିଆ ପୋଲିସ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଏକ ବଡ଼ଧରଣର ବେଆଇନ ଗୋଚାଲାଣ ରାକେଟ୍‌ର ପର୍ଦ୍ଦାଫାଶ ହୋଇଛି । ଘଟଣାରେ ୯ଟି ଗୋରୁ, ଦୁଇଟି ପିକ୍‌ଅପ୍ ଭ୍ୟାନ୍ ଓ ଏକ ମୋଟରସାଇକେଲ୍ ଜବତ କରାଯାଇଥିବା ବେଳେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଅନ୍ୟ କିଛି ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଛନ୍ତି । ପୋଲିସ ସୂଚନା ଅନୁଯାୟୀ, ଗତ ୩ ଅଗଷ୍ଟ ରାତିରେ କରଞ୍ଜିଆ ଥାନାର ଏଏସ୍ ?ଆଇ ଅମ୍ବିକା ମହାନ୍ତଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ତାଟୋ, କୁଡୁମା, ଅଙ୍କୁରା ଓ କେନ୍ଦୁମୁଣ୍ଡି ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲେ । ୪ ଅଗଷ୍ଟ ଭୋର ପ୍ରାୟ ୨ଟା ସମୟରେ କେନ୍ଦୁମୁଣ୍ଡି ନିକଟରେ ଆସନବଣୀ ପଟୁ ଆସୁଥିବା ଦୁଇଟି ଧଳା ରଙ୍ଗର ପିକ୍‌ଅପ୍ ଭ୍ୟାନ୍ ଉପରେ ସନ୍ଦେହ ହେବାରୁ ପୋଲିସ ସେଗୁଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲା । ଅଭିଯୋଗ ଅନୁଯାୟୀ, ଗାଡ଼ି ଚାଳକମାନେ ପୋଲିସକୁ ଧକ୍କା ଦେଇ ଖସି ପଳାଇବା ପାଇଁ ଦ୍ରୁତ ଗତିରେ ଗାଡ଼ି ଚଳାଇଥିଲେ । ପୋଲିସ କର୍ମଚାରୀମାନେ କୌଶଳକ୍ରମେ ନିଜ ଜୀବନ ରକ୍ଷା କରିବା ସହ ଗାଡ଼ିକୁ ପିଛା କରି କେନ୍ଦୁମୁଣ୍ଡି ସାପ୍ତାହିକ ହାଟ ନିକଟରେ ଅଟକାଇଥିଲେ । ସେତେବେଳେ ଗାଡ଼ିରେ ଥିବା ୩ରୁ ୪ ଜଣ ବ୍ୟକ୍ତି ଧାନ କ୍ଷେତ ଦେଇ ଫେରାର ହୋଇଯାଇଥିବା ବେଳେ ପୋଲିସ ଜଣେ ଚାଳକଙ୍କୁ କାବୁ କରିଥିଲା । ସେ ନିଜ ପରିଚୟ ଯଶିପୁର ଥାନା ଅନ୍ତର୍ଗତ ବକଳା ଗ୍ରାମର ମହାରଥୀ କାଳନ୍ଦୀ (୨୪) ବୋଲି ଜଣାଇଥିଲେ । ତଲାସି ସମୟରେ ପୋଲିସ ଦେଖିଥିଲା ଯେ, ଦୁଇଟି ପିକ୍‌ଅପ୍ ଭ୍ୟାନ୍‌ରେ ୯ଟି ଗୋରୁଙ୍କୁ ଅତ୍ୟନ୍ତ ଅମାନବିକ ଓ ନିର୍ଦ୍ଦୟ ଭାବେ ଗୋଡ଼ ଓ ମୁହଁ ବାନ୍ଧି କୌଣସି ଖାଦ୍ୟ, ପାଣି କିମ୍ବା ଚିକିତ୍ସା ସୁବିଧା ବିନା ପରିବହନ କରାଯାଉଥିଲା । ଗୋଚାଲାଣ ସମ୍ପର୍କିତ କୌଣସି ବୈଧ କାଗଜପତ୍ର ମଧ୍ୟ ଅଭିଯୁକ୍ତମାନେ ଦେଖାଇ ପାରିନଥିଲେ । ପୋଲିସର କହିବା ଅନୁଯାୟୀ, ପଚରାଉଚରା ବେଳେ ଗିରଫ ଅଭିଯୁକ୍ତ ଫେରାର ଅନ୍ୟ ଦୁଇ ଅଭିଯୁକ୍ତଙ୍କ ନାମ ପିଣ୍ଟୁ କାଳନ୍ଦୀ ଓ ସ୍ୱରୂପ କାଳନ୍ଦୀ ବୋଲି ପ୍ରକାଶ କରିଥିଲେ । ସେମାନଙ୍କ ସହ ଏକ ମୋଟରସାଇକେଲ୍‌ରେ ଏସ୍କର୍ଟ କରୁଥିବା ଅନ୍ୟ ଜଣେ ଅଭିଯୁକ୍ତ ମଧ୍ୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ତେବେ ସେ ବ୍ୟବହାର କରୁଥିବା ମୋଟରସାଇକେଲ୍‌ଟି ପୋଲିସ ଜବତ କରିଛି । ପ୍ରାଥମିକ ତଦନ୍ତରୁ ଏହା ମଧ୍ୟ ସାମ୍ନାକୁ ଆସିଛି ଯେ, ଅଭିଯୁକ୍ତମାନେ ଦୀର୍ଘଦିନ ଧରି ଏକ ସଂଗଠିତ ଗୋଚାଲାଣ ରାକେଟ୍‌ରେ ସକ୍ରିୟ ରହି ବିଭିନ୍ନ ଅଞ୍ଚଳ ଓ ହାଟରୁ ଗୋରୁ ସଂଗ୍ରହ କରି ବେଆଇନ ଭାବେ ବଧଶାଳାକୁ ଚାଲାଣ କରୁଥିଲେ । ପୋଲିସ ଅଭିଯୋଗ ଅନୁଯାୟୀ, ରାକେଟ୍‌ର ମୁଖ୍ୟ ସଂଚାଳକମାନେ ପୋଲିସ କିମ୍ବା ଅନ୍ୟ କେହି ବାଧା ଦେଲେ ଗାଡ଼ି ଚଢ଼ାଇ ଫେରାର ହେବାକୁ ନିର୍ଦ୍ଦେଶ ଦେଇଥିବା କଥା ମଧ୍ୟ ପଚରାଉଚରାରେ ଜଣାପଡ଼ିଛି । ପୋଲିସ ଏହି ଦିଗକୁ ମଧ୍ୟ ଗୁରୁତ୍ୱର ସହ ତଦନ୍ତ କରୁଛି । ଘଟଣାସ୍ଥଳରୁ ପୋଲିସ ଓଡ଼-୨୨ଉ-୬୦୭୨ ଓ ଓଡ଼ଜ-୧୧ଔ-୫୫୪୫ ନମ୍ବର ବିଶିଷ୍ଟ ଦୁଇଟି ପିକ୍‌ଅପ୍ ଭ୍ୟାନ ବିଶିଷ୍ଟ ଏକ ହିରୋ ଏଚ୍‌ଏଫ୍ ଡିଲକ୍ସ ମୋଟରସାଇକେଲ୍ ଏବଂ ୯ଟି ଗୋରୁ ଜବତ କରିଛି । ଗିରଫ ଅଭିଯୁକ୍ତକୁ କରଞ୍ଜିଆ ଥାନାରେ ଅଟକ ରଖି ବିଭିନ୍ନ ସଂପୃକ୍ତ ଧାରାରେ ମାମଲା ରୁଜୁ କରାଯାଇଥିବା ବେଳେ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି ।



## ସରକାରୀ କାମରେ ଉପରେ ଚିକଣ ଭିତରେ ଫମ୍ପା

# ୩ ମାସରେ ଭୁଶୁଡ଼ିବାକୁ ବସିଲା ନୂଆପୋଲ



**ବାରିପଦା/ସାହାରପଡା (ଅମୃତ ମିଡିଆ) :** କେନ୍ଦୁଝର ଜିଲ୍ଲା, ସାହାରପଡା ବ୍ଲକରେ ପୁଣି ସରକାରୀ କାମର ଗୁଣବତ୍ତାକୁ ନେଇ ବଡ଼ ପ୍ରଶ୍ନ ଉଠିଛି । ମାଛଗଡ଼ ରାସ୍ତାର ଚୁନୁସାହିରୁ ଗୋରାଣ୍ଡିଯୋଡ଼ି ଛକ ପର୍ଯ୍ୟନ୍ତ ୨୨୦ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ଉପରେ ନିର୍ମିତ ନୂଆ ପୋଲ ମାତ୍ର ତିନି ମାସ ମଧ୍ୟରେ ଭାଙ୍ଗିବାକୁ ଆରମ୍ଭ କରିଛି । ପୋଲର ପାର୍ଶ୍ୱରୁ ପ୍ଲାଷ୍ଟର ଖସିଯିବା ସହ ଭିତରେ ନିମ୍ନମାନର ଗାଁଥୁଣି ଓ ଫମ୍ପା ଅଂଶ ଦେଖାଯାଉଥିବାରୁ ନିର୍ମାଣ କାର୍ଯ୍ୟକୁ ନେଇ ସନ୍ଦେହ ବଢ଼ିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ, ନିର୍ମାଣ ସମୟରେ ଗୁଣାତ୍ମକ ସାମଗ୍ରୀ ବ୍ୟବହାର ନକରି ବଡ଼ ବଡ଼ ପଥରକୁ ଅଳ୍ପ ସିମେଣ୍ଟ ଓ ବାଲିରେ ଯୋଡ଼ି ଉପରୁ ପ୍ଲାଷ୍ଟର କରାଯାଇଥିଲା । ବର୍ଷା ଆରମ୍ଭ ହେବା ପରେ ପ୍ଲାଷ୍ଟର ଖସି ଭିତରର ପ୍ରକୃତ ଚିତ୍ର ସାମ୍ନାକୁ ଆସିଛି । ଯଦି ସମୟ ଥାଉଥାଉ ଏହାର ଯାଞ୍ଚ ନହୁଏ, ଭବିଷ୍ୟତରେ ପୋଲଟି ବିପଦଜନକ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ସବୁଠାରୁ ଚିନ୍ତାଜନକ କଥା ହେଉଛି, କାମ ସରିବାର ତିନି ମାସ ବିତିଥିଲେ ମଧ୍ୟ କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନାହିଁ । କେଉଁ ବିଭାଗ, କେଉଁ ଯୋଜନା, କେତେ ଅର୍ଥ ବ୍ୟୟ ଏବଂ କେଉଁ ଠିକାଦାର ଦ୍ୱାରା କାମ ହୋଇଛି, ସେ ସମ୍ପର୍କରେ ଲୋକଙ୍କ ପାଖରେ କୌଣସି ସୂଚନା ନାହିଁ । ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହି କାମରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ଚର୍ଚ୍ଚା ଚାଲିଥିବା ବେଳେ, ପ୍ରକୃତ ବ୍ୟୟ କେତେ ହୋଇଛି ତାହା ସରକାରୀ ଭାବେ ସ୍ପଷ୍ଟ କରାଯାଇନାହିଁ । ଗତ ୨୭ ଜୁଲାଇରେ ଗଣମାଧ୍ୟମରେ ଏହି ଘଟଣା ପ୍ରକାଶ ପାଇବା ପରେ ବିଡିଓ ରଣଜିତ ମହାନ୍ତଙ୍କ ସମେତ ବ୍ଲକ କର୍ମଚାରୀମାନେ କାର୍ଯ୍ୟସ୍ଥଳ ପରିଦର୍ଶନ କରିଥିଲେ । କିନ୍ତୁ ସ୍ଥାନୀୟ ଅଧିବାସୀ ଙ୍କ ଅଭିଯୋଗ, କେବଳ ଔପଚାରିକ ପରିଦର୍ଶନରେ ସୀମିତ ରହିଥିଲା ଏବଂ ପୋଲ ଓ ରାସ୍ତାର ବୈଷୟିକ ଯାଞ୍ଚ କରାଯାଇନଥିଲା । ଏହି ଘଟଣାକୁ ନେଇ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି ଜୋର ଧରିଛି । ସ୍ୱାଧୀନ ବୈଷୟିକ ଟିମ୍ ଦ୍ୱାରା ସମ୍ପୂର୍ଣ୍ଣ ତଦନ୍ତ କରି ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ସଂପୃକ୍ତ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି । ଏହି ଘଟଣା ସାହାରପଡା ବ୍ଲକରେ ସରକାରୀ ଉନ୍ନୟନ କାମର ସ୍ୱଚ୍ଛତା ଓ ଗୁଣବତ୍ତାକୁ ନେଇ ପ୍ରଶ୍ନବାଚୀ ହୋଇଛି ।



# ପୁରାତନ ବ୍ୟବସାୟୀଙ୍କ ଦେହାନ୍ତ



**ପାରାଦୀପ (ଅମୃତ ମିଡିଆ)** ପାରାଦୀପ ବଡ଼ପଡ଼ିଆ ବିଜୟା ମାର୍କେଟର ପୁରାତନ ବ୍ୟବସାୟୀ ଧରଣୀଧର ପାତ୍ର (୭୫)ଙ୍କ ଗତ ରବିବାର ରାତିରେ ପରଲୋକ ହୋଇଯାଇଛି । ଦୀର୍ଘ ୫୫ ଧରି ସେ ବ୍ୟବସାୟ କରି ଆସୁଥିଲେ ଏବଂ ଜଣେ ଅମାୟିକ ବ୍ୟକ୍ତି ଥିଲେ । ସେ କିଛିଦିନ ହେବ ଚିକିତ୍ସିତ ହୋଇ ନିଜ ଘରେ ରହୁଥିଲେ । ତାଙ୍କର ଚାରି ପୁଅ ଥିବା ବେଳେ ପୂର୍ବରୁ ତାଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଯାଇଛି । ତେବେ ତାଙ୍କ ବିୟୋଗରେ ପାରାଦୀପ ବଣିକ ସଂଘର ସଭାପତି ଅମୀୟ କୁମାର ପାଣି, ପୂର୍ବତନ ସଭାପତି ତଥା ବରିଷ୍ଠ ବ୍ୟବସାୟୀ କ୍ଷୀରୋଦ କୁମାର ସ୍ୱାଇଁ, ଶରତ ସାହୁ, ଶମ୍ଭୁନାଥ ଖୁଣ୍ଟିଆ, ରତ୍ନାକର ଜେନା, ପ୍ରବୋଧ ଦାସ, ଗୋଲେଖ ସାହୁ, ସୁକାନ୍ତ ମହାନ୍ତି, ଜୀବନ ମହାନ୍ତି ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ତେବେ ତାଙ୍କ ବିୟୋଗରେ ମାର୍କେଟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ସ୍କର୍ପିଓ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ, ମହିଳା ଓ ନାବାଳକ ଗୁରୁତର

**ବାରିପଦା (ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲା, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଳା ବ୍ଲକର ବଡାମତଳିଆ- ବିଜାତଳା ବ୍ଲକ ରାସ୍ତା ଦାମୁଡିଗଡା ଛକରେ ମଙ୍ଗଳବାର ଅପରାହ୍ନରେ ଏକ ସ୍କୋର୍ପିଓ ସହ ବାଇକ ଧକ୍କା ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିବା ଭଳି ଦୁଃଖଦ ଘଟଣା ଘଟିବା ସହ ମହିଳା ଏବଂ ଜଣେ ନାବାଳକ ଗୁରୁତର ହୋଇଛନ୍ତି । ମୃତକ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ଚୁଲିଭଙ୍ଗା ଗ୍ରାମର ପାଣ୍ଡର କିସ୍କୁ । ଆହତମାନେ ହେଲେ ସୀତାମଣୀ ସୋରେନ୍ ଏବଂ ନାବାଳକ ଆନନ୍ଦ କିସ୍କୁ । ସୂଚନା ଅନୁଯାୟୀ, ପାଣ୍ଡର କିସ୍କୁ ତାଙ୍କ ଝିଅଙ୍କୁ ବଳରାମପୁର ଛାତ୍ରାବାସରେ ଦେଖାକରି ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ । ସ୍କୋର୍ପିଓ ଗାଡି ନମ୍ବର ହେଲା ଓଡ଼୧୧ଔ ୨୩୪୩ ବୋଲି ଜଣାପଡିଛି । ରାଇରଙ୍ଗପୁର ଗ୍ରାମାଞ୍ଚଳ ପୋଲିସ ତଦନ୍ତ ଜାରି ରଖିଛି । ଦୁର୍ଘଟଣା ପରେ ତୁରନ୍ତ ଆମ୍ବୁଲାନ୍ସ ସେବା ଉପଲବ୍ଧ ନ ହେବାରୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହୋଇଥିଲା । ଖବର ପାଇ ବଡାମତଳିଆ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପାଣ୍ଡର କିସ୍କୁଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଆହତଙ୍କ ଚିକିତ୍ସା ଜାରି ରହିଛି । ଖବର ପାଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାଧିକାରିଣୀ ବବିତା ରାଣୀ ପୁହାଣ,ଏସ ଆଇ ଆଲୋକ ସିଂ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଓ ସ୍କୋର୍ପିଓ ଗାଡ଼ିକୁ ଜବତ କରିବା ସହ କେଶ ନମ୍ବର ୧୨୮/୨୬ ମୂଳେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛନ୍ତି । ଆଜି ମୃତକର ଶବ ବ୍ୟବଚ୍ଛେଦ କରାଯାଇଥିବାର ପ୍ରକାଶ ।

# ସ୍ୱାଧୀନତା ଦିବସ-୨୦୨୬ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା



**ବାରିପଦା (ଅମୃତ ମିଡିଆ) :** ରାଇରଙ୍ଗପୁର ଉପଖଣ୍ଡସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ-୨୦୨୬ ମହାସମାରୋହରେ ପାଳନ କରାଯିବ । ଉକ୍ତ ଉତ୍ସବ ପାଳନ ଅବ୍ୟବହିତ ପୂର୍ବରୁ ଏହି ଉପଲକ୍ଷେ ରାଇରଙ୍ଗପୁର ସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଥମ ଶ୍ରେଣୀ ଠାରୁ ମହାବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶ୍ରେଣୀ ଆଧାରରେ ପ୍ରଥମ ରୁ ପଞ୍ଚମ, ଷଷ୍ଠ ରୁ ଅଷ୍ଟମ, ନବମରୁ ଦଶମ ଏବଂ ଯୁକ୍ତ ଦୁଇରୁ ଯୁକ୍ତ ତିନି ଏହିପରି ୪ଟି ବର୍ଗରେ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ଓ ଦେଶାତ୍ମବୋଧ ସଂଗୀତ ପ୍ରତିଯୋଗିତା ଆୟୋଜିତ ହୋଇଛି ।ପ୍ରବନ୍ଧ ଓ ବକ୍ତୃତା ପୃଥକ ପୃଥକ ଭାବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ କରାଯାଇଥିଲା । ଆସନ୍ତା ୧୦ତାରିଖ ସ୍ଥାନୀୟ ଆସେକା କାର୍ଯ୍ୟାଳୟ ଠାରେ ସାନ୍ତାଳୀ(ଅଲଚିକି ଲିପି ) ଭାଷାରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ ।ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ, ଜାତୀୟତାବୋଧ ଓ ସୃଜନଶୀଳତାର ବିକାଶ ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତାଗୁଡ଼ିକ ଗତକାଲି ଓ ଆଜି ଦୁଇ ଦିନ ଧରି ଆୟୋଜିତ ହୋଇଥିଲା । ଦୁଇ ଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ ରାଇରଙ୍ଗପୁର ବ୍ଲକ ଓ ସହରାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଉପଯୁକ୍ତ ବିଚାରକ ମଣ୍ଡଳୀ ଦ୍ୱାରା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଚୟନ କରାଯାଇଥିଲା । କୃତୀ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଧୀନତା ଦିବସ ଅବସରରେ ୧୫ ଅଗଷ୍ଟରେ ସ୍ଥାନୀୟ ଷ୍ଟାଡିଅମ ପଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ଆନୁଷ୍ଠାନିକ ଉତ୍ସବରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ କରାଯିବ । ଗୋଷ୍ଠୀ ଶିକ୍ଷାଧିକାରୀ, ରାଇରଙ୍ଗପୁରଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା ଏବଂ ରାଇରଙ୍ଗପୁର ଏ୍ବି ଇ ଓ ଶ୍ରୀ ହେମ ମାଝୀ, କାର୍ତ୍ତିକ ଚନ୍ଦ୍ର କାରୁଆ ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ହରିଶ ମହାପାତ୍ର, ସଂଗ୍ରାମ ବିଶ୍ୱାଳ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ୧୦କୋଟି ନିଶାମୁକ୍ତ ଶପଥ ମହାଭିଯାନ



**ବାରିପଦା (ଅମୃତ ମିଡିଆ) :** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଦ୍ୱାରା ବାରିପଦାସ୍ଥ ରଘୁନାଥପୁର ଆଶ୍ରମରେ ୧୦କୋଟି ନିଶା ମୁକ୍ତ ଶପଥ ମହାଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଚାଳିକା ରାଜ ଯୋଗିନୀ ବିକେ ଉମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିକେ ଡଃ ଦେବବ୍ରତ ସ୍ୱାଇଁ, ସଦଭାବନା ସମିତିର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ବାରିପଦା ମଣ୍ଡଳ କାରାଗାରର ଅଧ୍ୟକ୍ଷ ଶଶୀକାନ୍ତ ମହାଳିକ, ଭଉଣୀ ରାଜାରାଣୀ ଦାସ, ସିଏ, କରପସନ୍ ଫ୍ରୀ ଓଡ଼ିଶାର ସମ୍ପାଦକ ହରିହର ଦାସ, ଗଡ଼ିଆ କଲେଜର ଅବସର ପ୍ରାପ୍ତ ଅଧ୍ୟକ୍ଷ ସନ୍ଦୀପ ଚାନ୍ଦ, ବିକେ ସଂଗୀତା ଯୋଗ ଦେଇଥିଲେ । ପ୍ରାରମ୍ଭରେ ବି କେ ଗୀତା ଏହି ମହାଭିଯାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଏବଂ ଶିଶୁ ଶିଳ୍ପୀ ଅନନ୍ୟା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଅତିଥିମାନେ ନିଶା ସେବନର ଅପକାରିତା ତଥା ସମାଜ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ବିକେ ବିନୋଦିନୀ ଉପସ୍ଥିତ ସମସ୍ତଙ୍କୁ ନିଶା ମୁକ୍ତିର ଶପଥ ପାଠ କରାଇଥିଲେ ଏବଂ ବିକେ ଲକ୍ଷ୍ମୀ ରାଜଯୋଗ ଅଭ୍ୟାସ କରାଇଥିଲେ । ଶେଷରେ ବିକେ ଜୟନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ବିକେ ଭାଇଭଉଣୀ, ପୂର୍ଣ୍ଣଚନ୍ଦ୍ର ରେସିଡେନସିଆଲ କଲେଜ ଓ ସ୍କୁଲର ଛାତ୍ରଛାତ୍ରୀ, ଜନ ସାଧାରଣ ଯୋଗ ଦେଇଥିଲେ ।

# ପାଚିକା ଓ ସହାୟିକାଙ୍କ ପାଇଁ ପ୍ରଶିକ୍ଷଣ ଶିବିର

## ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତାକୁ ଗୁରୁତ୍ୱ

**ଖୋର୍ଦ୍ଧା (ଅମୃତ ମିଡିଆ) :** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷାବିଭାଗ ଅଧୀନରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଆନୁକୂଲ୍ୟରେ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ମୋନାଲିସା ନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ଖୋର୍ଦ୍ଧା ବ୍ଲକର ୧୩ଟି କ୍ଲଷ୍ଟରରେ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣରେ ୨୯୪ ଜଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣରେ ୬୫ ଜଣ ପାଚିକା ଓ ସହାୟିକା ମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ କ୍ଲଷ୍ଟରରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନଙ୍କ ନେତୃତ୍ୱରେ ଏହି ଶିବିର ସଫଳ ରୂପାୟନ ନେଇଛି । ପ୍ରାୟ ୩୫୯ ଜଣ ରୋଷେଇୟା ଏଥିରେ ପ୍ରଶିକ୍ଷିତ ହୋଇ ବିଦ୍ୟାଳୟ ସ୍ତରରେ ଏସବୁ ଉଚିତ୍ ଭାବରେ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ମଧ୍ୟାହ୍ନ ଭୋଜନ ଯୋଜନାକୁ ଅଧିକ ସ୍ୱଚ୍ଛ ତଥା ଉନ୍ନତ ମାନର କରିବା ପାଇଁ ଏହା ଏକ ସୁନ୍ଦର ପ୍ରୟାସ ଅଟେ । ପରିଷ୍କାର ପରିଚ୍ଛନ୍ନତା ଠାରୁ ଆରମ୍ଭ କରି ଫର୍ଟିଫାଏଡ୍ ଚାଉଳ ବିଷୟରେ ବହୁମୂଲ୍ୟ ତଥ୍ୟ ଏହି ପ୍ରଶିକ୍ଷଣରେ ଭିଡିଓ ମାଧ୍ୟମରେ ପ୍ରଦାନ କରାଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ମୋନାଲିସା ନାୟକ ନିଜେ କିଛି ଶିବିରକୁ ଯାଇ ଏହି କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିବା ସହ ରୋଷେଇୟାମାନଙ୍କୁ ଆବଶ୍ୟକୀୟ ଉପଦେଶ ପ୍ରଦାନ କରିଛନ୍ତି ।ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଲକ୍ଷ୍ମୀପ୍ରିୟା ନାୟକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ମଧ୍ୟ ବିଭିନ୍ନ ବିଦ୍ୟାଳୟକୁ ଯାଇ ରୋଷେଇୟା ମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଛନ୍ତି । ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ସିଆରସିଙ୍କ ମିଳିତ ସହାୟତାରେ ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇଯାଇଛି ।

# ପାରାଦୀପ ବିଜେପି ମହିଳା ମୋର୍ଚ୍ଚା କମିଟି ଗଠିତ

**ପାରାଦୀପ (ଅମୃତ ମିଡିଆ) :** ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏବଂ ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନଙ୍କ ଅନୁମୋଦନ କ୍ରମେ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରୀତି ରେଖା ନାୟକ ତାଙ୍କର ନୂତନ ଟିମ ଘୋଷଣା କରିଛନ୍ତି । ଏହି କ୍ରମରେ ଉପସଭାନେତ୍ରୀ ଭାବେ ସଂଯୁକ୍ତା ବରାଳ, ଟୁନିପ୍ରଭା ରାଉତ, କନକଲତା ସାହୁ ମନୋନୀତ ହୋଇଥିବା ବେଳେ ସାଧାରଣ ସମ୍ପାଦିକା ଭାବେ ପାରିଷଦ ସୌଦାମିନୀ ସାହୁ ଏବଂ ମମତା ସ୍ୱାଇଁଙ୍କୁ ମନୋନୀତ କରାଯାଇଛି । ସେହିପରି ସମ୍ପାଦକ ଭାବେ ବିଷ୍ଣୁପ୍ରିୟା ଶତପଥୀ, ଶ୍ରୀଷ୍ଟି ନାୟକ ଓ ସୁଚିତ୍ରା ସାହୁ, କୋଷଦକ୍ଷ ଭାବେ ସଂଯୁକ୍ତା ଜେନା ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ ସଦସ୍ୟା ଭାବେ ମଧୁସ୍ମିତା ସେନାପତି, ବବିତା ପରିଡା, ଦୀପ୍ତିମୟୀ ସାମନ୍ତରାୟ, ସୂର୍ଯ୍ୟସିଖା ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ନାୟକ, ମାହେଶ୍ୱରୀ ଦାଶ, ଶର୍ମିଷ୍ଠା ଭୂୟାଁ, ପିଙ୍କି ମଣ୍ଡଳ, ଚିନ୍ମୟୀ ମୁଦୁଲି, ସୁମିତ୍ରା ସାହୁ, ରୁପାଲୀ ସରକାର, ମାନସୀ ରାଉତ, ଲିପିକା ସାହୁ, ହରପ୍ରିୟା ସାହୁ, ମମତା ଦାସ, ସୁଜାତା ମଣ୍ଡଳ, ରଶ୍ମିତା ସାହୁ, ବେବି ମଙ୍ଗରାଜ, ସରସ୍ୱତୀ ପଣ୍ଡା, ଅର୍ଣ୍ଣପୂର୍ଣ୍ଣା ନାୟକ, ଆରତୀ ପରିଡା, ଜ୍ୟୋସ୍ନା ବାରିକ, ତୁଳସୀ ମିର୍ଦ୍ଧା, ଜୟନ୍ତୀ ଛୁଆଳସିଂ, ଶ୍ରାବଣୀ ଦାସ ପ୍ରମୁଖ ଏହି କମିଟିରେ ସ୍ଥାନ ପାଇଛନ୍ତି । ଆଗାମୀ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଦକ୍ଷ ମହିଳାମାନଙ୍କୁ ନେଇ କମିଟି ଗଠନ କରାଯାଇଥିବା ଜଣାପଡିଛି ।

# ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ତରଫରୁ ଜ୍ଞାନ ବିଜ୍ଞାନ ମେଳା




**ଯାଜପୁର (ଅମୃତ ମିଡିଆ) :** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଯାଜପୁର ନଗର ତରଫରୁ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଭାଗୀ ଭାଇ ଭଉଣୀ ଅଂଶ ଗ୍ରହଣ କରି ସଫଳତା ପୂର୍ବକ ସଙ୍କୁଳକୁ ଚୟନୀତ ହୋଇଛନ୍ତି । କାର୍ଯ୍ୟକ୍ରମ ଆରମ୍ଭରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବିଜ୍ଞାନ ଶିକ୍ଷକ ଆଶୁତୋଷ ବଳ ମା ସରସ୍ୱତୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ କୁ ଶୁଭ ଉଦ୍ଘାଟନ କରିବା ସହିତ କୁନି କୁନି ବୈଜ୍ଞାନିକ ମାନଙ୍କୁ ବିଜ୍ଞାନର ଉପକାରିତା ବିଷୟରେ ମାର୍ଗ ଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଶୀର୍ବଚନ ପ୍ରଦାନ କରିଥିଲେ ବିଦ୍ୟାଳୟର ସଭାପତି କହ୍ନାଇ ଚରଣ ମହାନ୍ତି । ସଭାରେ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୃତ୍ତିବାସ ରାଉତ ମହୋଦୟ ।ଧନ୍ୟବାଦ ଅର୍ପଣ କରିଥିଲେ ସହ ପ୍ରଧାନ ଆଚାର୍ଯ୍ୟ ଗ ଦା ଧର ଧଳ । ବିଦ୍ୟାଳୟର ବିଜ୍ଞାନ ଆଚାର୍ଯ୍ୟ ସୂର୍ଯ୍ୟମଣି ପଣ୍ଡା, ଅରୁଣ ମହାନ୍ତି, ସୌମ୍ୟ ରଞ୍ଜନ ମହାନ୍ତି ଏବଂ ଆଚାର୍ଯ୍ୟା ପ୍ରତୀକ୍ଷା ମହାନ୍ତି ତଥା ଅନ୍ୟାନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟ କ୍ରମଟି ସରସ ସୁନ୍ଦର ହୋଇପାରିଥିଲା । ପରିଚାଳନା ସମିତିର ସମ୍ପାଦକ ଜଗଦେବ ଶତ୍ରୁଞ୍ଜୟ ଗଡନାୟକ ସଦସ୍ୟ ରାଧାମୋହନ ପଣ୍ଡା, ଯୁଗ୍ମ ସମ୍ପାଦିକା ମନୋଜା ମଞ୍ଜରୀ ରାୟ, ଉପସଭାପତି ଡକ୍ଟର ଦାମୋଦର ବେହେରା, ସଦସ୍ୟା ନିବେଦିତା ବେହେରା ତଥା ଅନ୍ୟାନ୍ୟ ସଦସ୍ୟ ସଦସ୍ୟାଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ମେଳା ସୁଚାରୁରୂପେ ଅନୁଷ୍ଠିତ ହୋଇଥିଲା । ସର୍ବଶେଷରେ କୃତୀ ପ୍ରତିଭାଗୀ ମାନଙ୍କୁ ପୁରସ୍କାର ବିତରଣ ସହିତ କାର୍ଯ୍ୟକ୍ରମଟି ସମାପନ ହୋଇଥିଲା ।

## ୨୨୦ନମ୍ବର ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

# ଟ୍ରକ ଓ ହାଇୱା ଡମ୍ଫର ଧକ୍କା



**ବାରିପଦା (ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲା, ବାଦାମପାହାଡ଼ ଥାନା ଅନ୍ତର୍ଗତ ରାଇରଙ୍ଗପୁର ଯଶିପୁର ଜାତୀୟ ରାଜପଥ ୨୨୦ ନମ୍ବର ଦଲକି ଛକ ନିକଟରେ ମଙ୍ଗଳବାର ଦିନ ଏକ ସଡ଼କ ଦୁର୍ଘଟଣା ଘଟିଯାଇଛି । ଦୁଇ ଡ୍ରାଇଭର ଗାଡ଼ିରେ ଥିବା ଷ୍ଟିଅରିଂ ଏବଂ କ୍ୱେନ ମଝିରେ ଚାପି ହୋଇ ଜୀବନ ସହିତ ଲଢୁଥିଲେ । ଜଣେ ଡ୍ରାଇଭର ଚେତାଶୂନ୍ୟ ହୋଇ ମୁମୁର୍ଷୁ ଅବସ୍ଥାରେ ଥିଲେ । ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଧକ୍କା ହେବା ମାତ୍ରେ ଉଭୟ ଗାଡ଼ିର ଆଗପଟ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିଲା । ଖବର ପାଇ ବାଦାମପାହାଡ଼ ପୋଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୁଇ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ କରିବା ସହ ଗୁରୁତର ଦୁଇଜଣଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ଗୁରୁତର ଆହତ ଟ୍ରକ ଡ୍ରାଇଭର ଜଣକ ବାଦାମପାହାଡ଼ ବୁରୁଡି ଗ୍ରାମର ମଦନ ହେମ୍ବ୍ରମ ଏବଂ ହାଇୱା ଡମ୍ଫର ଡ୍ରାଇଭର ଜଣକ ଅନୁଗୁଳ ଜିଲ୍ଲା ପାଲଲହଡାର ବଳରାମ ମୁଣ୍ଡା ବୋଲି ଜଣାପଡିଛି । ପରେ ପରିସ୍ଥିତି ଗୁରୁତର ହେବାରୁ ସେମାନଙ୍କୁ ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ମେଡିକାଲ କଲେଜକୁ ପଠାଇଥିଲେ । ବାଦାମ ପାହାଡ଼ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.108, Thursday, 6 August 2026, Puri, Pages - 20, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୦୮, ଗୁରୁବାର, ୬ ଅଗଷ୍ଟ ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



